ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଫେବୃୟାରୀ ୨୨/୨୦୨୧ (୧୬ ପୃଷ୍ଠା) | Sambalpur, Monday, February 22/2021 | ★★
୧୭ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



**ଚର୍ଚ୍ଚାରେ ଦିଶା ପଟାନୀ**

ବୋଲ୍ଡ ଫଟୋ ଶୁଟ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ଏଥର ପୁରୁଷବନ୍ଧୁ ଟାଇଗର ଶ୍ରଫ୍‌ଙ୍କ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ୧୪

୧୩ **ଜୋକୋଭିଚ୍‌ଙ୍କୁ ପୁରୁଷ ସିଙ୍ଗଲ୍ସ ଟାଇଟଲ**

ସର୍ବିୟାର ନୋଭାକ୍ ଜୋକୋଭିଚ୍ ୯ମ ଥର ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।



# ସରକାରଙ୍କୁ ସମ୍ବଳ ଚିନ୍ତା

**ଆଜି ବଜେଟ**

- କୋଭିଡ୍-୧୯ କ୍ଷତି ଭରଣା ପାଇଁ ହେବ ପ୍ରୟାସ
- ସ୍ୱାସ୍ଥ୍ୟ, ଜୀବନଜୀବିକା, ଭିତ୍ତିଭୂମି, କୃଷି ଉପରେ ଫୋକସ୍



ଭୁବନେଶ୍ୱର,୨୧।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରିଛନ୍ତି। ସୋମବାର ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଆସନ୍ତା ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ଇ-ବିଧାନସଭା ବ୍ୟବସ୍ଥା ହେବା ପରେ ପ୍ରଥମ ଥର ଲାଗି କାଗଜବିହୀନ(ପେପରଲେସ୍) ବଜେଟ ଉପସ୍ଥାପନ ହେବାକୁ ଯାଉଛି।

କୋଭିଡ୍ ମହାମାରୀ ଯୋଗୁ ରାଜ୍ୟର ରାଜସ୍ୱ ଆଦାୟ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଆସନ୍ତା ବଜେଟର ଆକାରକୁ ଗତ ବଜେଟ ତୁଳନାରେ ପ୍ରାୟ ୧୩ ପ୍ରତିଶତ ବୃଦ୍ଧି କରିଛନ୍ତି। କୋଭିଡ୍ ଯୋଗୁ ରାଜ୍ୟ ଅର୍ଥନୀତି ଦେବାଳିଆ ଅବସ୍ଥାରେ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ମୁଣ୍ଡପିଛା ଆୟ ତଳମୁହାଁ ହୋଇଛି। ଅଧିକାଂଶ ଲୋକ ଜୀବନଜୀବିକା ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ରାଜକୋଷର ସିଂହଭାଗ ଆସୁଥିବା କୃଷି, ଶିଳ୍ପ, ପର୍ଯ୍ୟଟନ ଭଳି କ୍ଷେତ୍ର ଗଭୀର ଭାବେ ପ୍ରଭାବିତ ହୋଇଛି। ହୋଟେଲ ଶିଳ୍ପଠାରୁ ଆରମ୍ଭ କରି ପରିବହନ, ସେବା କ୍ଷେତ୍ର ତଳିତଳାନ୍ତ ହୋଇଛି। ଅଧିକ ନିଯୁକ୍ତି ଯୋଗାଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ(ଏମ୍‌ଏସ୍‌ଏମ୍‌ଇ) ଉଦ୍ୟୋଗ କୋଭିଡ୍ ଯୋଗୁ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। କରୋନା କାଳରେ ରାଜ୍ୟରେ ୩୨୦୭ଟି ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବନ୍ଦ ହୋଇଛି। ସେଥିରୁ ବାଲେଶ୍ୱର ଜିଲାରେ ସର୍ବାଧିକ ୫୬୭ଟି ୟୁନିଟ୍ ବନ୍ଦ ହୋଇଥିବା ବେଳେ ଗଞ୍ଜାମ ୪୮୪, ସମ୍ବଲପୁର ୩୨୧, ବଲାଙ୍ଗୀର ୨୮୮, ଭୁବନେଶ୍ୱର ୨୮୪, ସୁନ୍ଦରଗଡ଼ ୨୭୨, କଳାହାଣ୍ଡି ୧୮୭, ବୌଦ୍ଧ ୧୮୫, ରାୟଗଡା ୧୭୧, ଝାରସୁଗୁଡା ୧୭୦ ଏବଂ ଭଦ୍ରକରେ ୧୫୭ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ବନ୍ଦ ରହିଛି। ଯେଉଁ କେତେକ ବଞ୍ଚି ରହିଛି ସେଗୁଡିକ ଆର୍ଥିକ ସହାୟତାକୁ ଚାହିଁ ରହିଛନ୍ତି। ଯଦିଓ ରାଜ୍ୟ ସରକାର ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇଗୁଡିକୁ ୨୮୯ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରି ପୁନର୍ଜୀବିତ କରିବାକୁ ଉଦ୍ୟମ କରିଛନ୍ତି ତାହା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ବ୍ୟାଙ୍କଗୁଡିକ ଋଣ ସହାୟତା ଦେଉ ନ ଥିବାରୁ ରାଜ୍ୟ ସରକାର ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଋଣ ସହାୟତା ଯୋଗାଉ ନ ଥିବା ବ୍ୟାଙ୍କଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିକଟରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ବଜେଟରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଜଳସେଚନ, ପାନୀୟ ଜଳ, ସାମାଜିକ ସୁରକ୍ଷା, ଶିକ୍ଷା ଆଦିକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ବଜେଟରେ ନୂତନ ଯୋଜନାର ସେତେଟା ଝଲକ ଦେଖିବାକୁ ମିଳିବ ନାହିଁ। ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ସହ ଅତ୍ୟାବଶ୍ୟକ କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ବଜେଟରେ ବ୍ୟୟବରାଦ କରାଯାଇଥିବା ଜଣାପଡିଛି। ବଜେଟରେ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ଯୋଜନା କରାଯାଇଛି। ଲୋକମାନଙ୍କ ଜୀବନ ବଞ୍ଚାଇବା ରାଜ୍ୟ ସରକାରଙ୍କ ପ୍ରାଥମିକତା ହେବ । ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବାକୁ ବଜେଟରେ ମୋଟା ଅଙ୍କର ବ୍ୟୟବରାଦ ହୋଇଥିବା ସୂଚନା ମିଳିଛି । ମେଡିକାଲ କଲେଜ ସହ ଜିଲା ଓ ସବ୍‌ଡିଭିଜନ ସ୍ତରରେ ଥିବା ହସ୍ପିଟାଲଗୁଡିକର ଭିତ୍ତିଭୂମିକୁ ସୁଦୃଢ କରିବାକୁ ପ୍ରୟାସ କରାଯାଇଛି।

ତେବେ ଉକ୍ତ ଖର୍ଚ୍ଚ ତୁଲାଇବାକୁ ସରକାରଙ୍କୁ ସମ୍ବଳ ଚିନ୍ତା ଘାରିଛି। ନୂତନ ଟିକସ ଲଗାଇବାର ଯୋଜନା ନ ଥିବାରୁ କେବଳ ଜିଏସ୍‌ଟି ଓ ଖଣି ରାଜସ୍ୱ ଉପରେ ସରକାର ଭରସା କରିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ଇସ୍ପାତର ମାନ୍ଦାବସ୍ଥା ଥିବା ଯୋଗୁ ଖଣି ରାଜସ୍ୱ ମଧ୍ୟ ପୂର୍ବାବସ୍ଥାକୁ ☞ପୃଷ୍ଠା-୪

# କୋଭିଡ୍ ପୁନଃ ସଂକ୍ରମଣ ଆଶଙ୍କା

- ସତର୍କ ରହିବାକୁ ଏସ୍‌ଆରସିଙ୍କ ଚେତାବନୀ
- ଗାଇଡ୍‌ଲାଇନ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳ, ଏସ୍‌ପିଙ୍କୁ ନିର୍ଦ୍ଦେଶ
- ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ କିଛିଦିନ ଥମି ଯାଇଥିବା ବେଳେ ଏବେ ପୁଣି ମହାରାଷ୍ଟ୍ର ଓ କେରଳ ଭଳି କେତେକ ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ୍ୟ ସତର୍କ ହୋଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା ରବିବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଏସ୍‌ପିମାନଙ୍କୁ ଚିଠି ଲେଖିଛନ୍ତି। ଦୀର୍ଘ ବର୍ଷେ କାଳ ମହାମାରୀ ସହ ଲଢେଇ କରି ସଂକ୍ରମଣ ହାରକୁ ହ୍ରାସ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଲୋକମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି କୋଭିଡ୍ କଟକଣା କୋହଳ କରାଯାଇଛି। ଅଧିକାଂଶ ସ୍ଥାନରେ ☞ପୃଷ୍ଠା-୪



## ଫେରିପାରେ କଟକଣା

ନୂଆଦିଲ୍ଲୀ, ୨୧।୨

ଗତ ୭ ଦିନ ମଧ୍ୟରେ କରୋନା ଭୂତାଣୁରେ ୮୬,୭୧୧ ଜଣ ସଂକ୍ରମିତ ହୋଇଥିବାରୁ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ସଂକ୍ରମଣର ଦ୍ୱିତୀୟ ଲହର ନେଇ ଆଶଙ୍କା ପ୍ରକାଶ ପାଇଥିବାବେଳେ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ନିୟମକୁ ପୁଣି ଥରେ କଡ଼ାକଡ଼ି କରାଯାଉଛି। କେବଳ ରବିବାର ୧୪,୨୬୪ ନୂଆ ମାମଲା ସାମ୍ନାକୁ ଆସିଛି। ଗତ ଜାନୁୟାରୀ ୨୯ରେ ୧୮,୮୫୫ ଜଣ ସଂକ୍ରମିତ ହୋଇଥିବାବେଳେ ପରେ ସଂକ୍ରମଣ ହ୍ରାସ ପାଇଥିଲା। ତେବେ ଗତ ୭ ଦିନ ମଧ୍ୟରେ ୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ୨୦ରୁ ୬୯% ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ଆସନ୍ତା ସପ୍ତାହରେ କେତେକ ପଦକ୍ଷେପ ନେବାକୁ ଯାଉଛନ୍ତି। ସେଗୁଡ଼ିକ ହେଲା: **୧.** ସୋମବାର ରାତି ୧୧ଟା ୫୯ରୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ପାଇଁ ନୂଆ ନିୟମ ଲାଗୁ କରାଯିବ। ଦେଶରେ ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲରୁ ଆସିଥିବା ଏସ୍‌ଏଆର୍‌ଏସ୍-କୋଭ୍-୨ର ନୂଆ ରୂପ ଦେଖାଦେବା ପରେ ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ☞ପୃଷ୍ଠା-୪

**ସପ୍ତାହରେ ୮୭ ହଜାର ସଂକ୍ରମିତ**

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୋନିଆ**

# ତେଲ ଦର ଇତିହାସରେ ସର୍ବୋଚ୍ଚ

ନୂଆଦିଲ୍ଲୀ,୨୧।୨(ପି.ଟି.)

ତେଲ ଓ ରନ୍ଧନ ଗ୍ୟାସ୍ ଦର ଆକାଶଛୁଆଁ ହୋଇଥିବାବେଳେ ରବିବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏନେଇ ପତ୍ର ଲେଖିଛନ୍ତି। ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ମୂଲ୍ୟ ଇତିହାସରେ ସର୍ବାଧିକ ହୋଇଛି, ଯାହାକି ଆଉ ସହ୍ୟ କରିବା ଅବସ୍ଥାରେ ନାହିଁ। ସରକାର ଲୋକଙ୍କ ଦୁର୍ଦ୍ଦଶାରୁ ଫାଇଦା ଉଠାଉଛନ୍ତି। ଏହି ଅତ୍ୟାବଶ୍ୟକ ଇନ୍ଧନ ଦର ତୁରନ୍ତ ହ୍ରାସ କରାଯାଉ ବୋଲି ସୋନିଆ ଦାବି କରିଛନ୍ତି। ☞ପୃଷ୍ଠା-୪



"ଲୋକଙ୍କ ବୋଝ ହାଲୁକା କରିବା ପାଇଁ ସରକାର ନିର୍ବାଚିତ ହୋଇଥାଆନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ପରିପନ୍ଥୀ କାର୍ଯ୍ୟ କରିବା ନିନ୍ଦନୀୟ। ଦେଶର ଅନେକ ସ୍ଥାନରେ ପେଟ୍ରୋଲ ଦର ୧୦୦ ଟଙ୍କା ଛୁଇଁଲାଣି। ତେଣୁ ସରକାର ସମାଧାନର ବାଟ ବାହାର କରନ୍ତୁ।
-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା




## ମୁଖ୍ୟ ଅଭିଯୁକ୍ତ ପୂର୍ବତନ ଅନ୍ତେବାସୀ ଗିରଫ

**ଜଲେଶପଟା ଆଶ୍ରମ ମୁଖ୍ୟ ସ୍ୱାମିଜୀଙ୍କୁ ହତ୍ୟା ଧମକ ଘଟଣା**

- ରାୟଗଡ଼ା ବିଷମକଟକରୁ ଗିରଫ କଲା ପୋଲିସ
- ସ୍ୱାମିଜୀଙ୍କ ସହ ମତାନ୍ତର ଯୋଗୁ ଦେଇଥିଲେ ଧମକ

ବାଲିଗୁଡା/ତୁମୁଡ଼ିବନ୍ଧ, ୨୧।୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଜଲେଶପଟା ସଂସ୍କୃତ କନ୍ୟାଶ୍ରମ ମୁଖ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦଙ୍କୁ କେହି ଦୁର୍ବୃତ୍ତ ଶନିବାର ଅପରାହ୍ନରେ ଫୋନ୍ କରି ହତ୍ୟା ଧମକ ଦେଇଥିଲେ। ପୁଣି ରବିବାର ସକାଳେ ମଧ୍ୟ ସମାନ ନମ୍ବରରୁ ଆଉଥରେ ହତ୍ୟା ଧମକ ମିଳିଥିଲା। ଧମକ ଦେଇଥିବା ଅଭିଯୁକ୍ତଙ୍କୁ ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରୁ କନ୍ଧମାଳ ପୋଲିସ ଗିରଫ କରିଥିବା ଏସ୍‌ପି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## କେବଳ ଦଳ ନୁହେଁ

**ଆଜିର ମନ୍ତବ୍ୟ**

"ଭାରତ ଓ ପାକିସ୍ତାନ ମଧ୍ୟରେ ଆଲୋଚନା ଜରିଆରେ ହିଁ ଜମ୍ମୁ-କଶ୍ମୀର ପ୍ରସଙ୍ଗର ସମାଧାନ ସମ୍ଭବ।
-ମେହବୁବା ମୁଫ୍ତି, ପିଡିପି ମୁଖ୍ୟ



**'ମହାମାରୀ ମୁକାବିଲାରେ ବିଶ୍ୱର ନେତୃତ୍ୱ ନେଇଛି ଭାରତ'**

କରୋନା ମହାମାରୀ ବିରୋଧରେ ସାରା ବିଶ୍ୱ ସଂଗ୍ରାମ ଚଳାଇଥିବାବେଳେ ଭାରତ ଏହାର ନେତୃତ୍ୱ ନେଇଆସିଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ବିଶ୍ୱ ବଜାରକୁ କୋଭିଡ୍-୧୯ ଟିକା ଆଣିବାରେ ଭାରତର ଉଦ୍ୟମକୁ ଗୁଟେରେସ୍ ପ୍ରଶଂସା କରିଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ଦେଶକୁ ଭାରତ କୋଭିଡ୍ ଟିକାଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଔଷଧ, ଡାଇଗ୍ନୋଷ୍ଟିକ୍ କିଟ୍, ଭେଣ୍ଟିଲେଟର ଏବଂ ପିପିଇ କିଟ୍ ଯୋଗାଇଦେଇଛି।

## ସଂକ୍ଷେପରେ

### ରାଜସ୍ଥାନ କଂଗ୍ରେସରେ ଫାଟ

**ଜୟପୁର, ୨୧।୨:** ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ବରିଷ୍ଠ ନେତା ସଚିନ ପାଇଲଟଙ୍କ ମଧ୍ୟରେ ବିବାଦ ଗତବର୍ଷ ହାଇକମାଣ୍ଡଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଥିଲା। ଏବେ ପୁଣିଥରେ ସେମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଛି। ରାହୁଲ ଗାନ୍ଧୀଙ୍କ ପରାମର୍ଶକ୍ରମେ ଦଳ ପକ୍ଷରୁ କୃଷକ ଆନ୍ଦୋଳନକୁ ସମର୍ଥନ ଯୋଗାଇଦିଆଯାଉଛି। ରାଜସ୍ଥାନରେ କଂଗ୍ରେସ ପକ୍ଷରୁ ଅନେକ ଥର କୃଷକ ରାଲି କରାଗଲାଣି। ଏହି ର୍ୟାଲି ବେଳେ ଦଳ ମଧ୍ୟରେ ଫାଟ ପଦାକୁ ଆସିଛି। ଶୁକ୍ରବାର ଜୟପୁର ନିକଟରେ ସଚିନ ପାଇଲଟଙ୍କ ଦ୍ୱାରା ଆୟୋଜିତ ବିଶାଳ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପର କୌଣସି ନେତାଙ୍କୁ ଦେଖିବାକୁ ମିଳି ନ ଥିଲା। ବିଦ୍ରୋହ ସମୟରେ ପାଇଲଟଙ୍କ ସହ ଥିବା ୧୭ ସଦସ୍ୟ ଏହି ସଭାରେ ଉପସ୍ଥିତ ଥିଲେ। ସେହିପରି ଏହାର ଦିନକ ପରେ ଜୟପୁର କଂଗ୍ରେସ ପକ୍ଷରୁ ଆୟୋଜିତ ବିଶାଳ ରାଲିରେ ପାଇଲଟଙ୍କ କୌଣସି ସମର୍ଥକ ଯୋଗ ଦେଇ ନ ଥିଲେ। ଫଳରେ କଂଗ୍ରେସର ଦୁଇଗୋଷ୍ଠୀ ମଧ୍ୟରେ ଦୂରତା ବଢୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

### ପୁଣି କ୍ଷମା ଆବେଦନ କଲେ ଶବ୍ନମ



**ଲକ୍ଷ୍ନୌ, ୨୧।୨(ଆଇଏଏନ୍ଏସ୍):** ପରିବାରର ୭ ଜଣଙ୍କୁ ହତ୍ୟା କରିବା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଶବ୍ନମ ଅଲି ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ ଏବଂ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟରେ ସାନି କ୍ଷମା ଆବେଦନ କରିଛନ୍ତି। ରାମପୁର ଜେଲ୍‌ରେ ଥିବା ଶବ୍ନମ ତାଙ୍କ ଓକିଲ ଜରିଆରେ ରାଜ୍ୟପାଳଙ୍କ ନିକଟକୁ କ୍ଷମା ଆବେଦନ ପଠାଇଥିବା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ଦିନକ ପୂର୍ବରୁ ତାଙ୍କର ୧୨ ବର୍ଷର ପୁଅ ସୋସିଆଲ ମିଡିଆ ଜରିଆରେ ତାଙ୍କ ମାଆଙ୍କ କ୍ଷମା ଆବେଦନର ପୁନର୍ବିଚାର ପାଇଁ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ସଲିମଙ୍କ ସହ ଶବ୍ନମଙ୍କ ସମ୍ପର୍କକୁ ତାଙ୍କ ପରିବାର ବିରୋଧ କରୁଥିଲେ। ଫଳରେ ସେ ସଲିମ୍‌ଙ୍କ ସହ ମିଶି ୨୦୦୮ ଏପ୍ରିଲ୍ ୧୪ ରାତିରେ ନିଜର ମାଆ, ବାପା, ୨ ଭାଇ, ଭାଉଜ, ସମ୍ପର୍କୀୟ ଭାଇ ଓ ୧୦ ମାସର ପୁତୁରାଙ୍କୁ କ୍ଷୀରରେ ନିଶା ଦେଇ ତଣ୍ଟିକାଟି ହତ୍ୟା କରିଥିଲେ। ୨୦୧୦ରେ ଆମ୍ରୋହା ସେସନ୍ସ କୋର୍ଟ ଉଭୟଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ୨୦୧୩ରେ ଆଲ୍ଲାହାବାଦ ହାଇକୋର୍ଟ ଏବଂ ୨୦୧୫ ମେ'ରେ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିଲେ। ୨୦୧୫ ସେପ୍ଟେମ୍ବରରେ ଉତ୍ତରପ୍ରଦେଶ ରାଜ୍ୟପାଳ ରାମ ନାଏକ ଏବଂ ୨୦୧୬ ଅଗଷ୍ଟରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କ୍ଷମା ଆବେଦନକୁ ଖାରଜ କରିଦେଇଥିଲେ।

### ଅପହୃତ ତୈଳ କମ୍ପାନୀ କର୍ମଚାରୀଙ୍କୁ ମ୍ୟାନ୍ମାର ନେଲା ଉଲ୍‌ଫା

**ଗୁଆହାଟୀ, ୨୧।୨(ଆଇଏଏନ୍ଏସ୍):** ୟୁନାଇଟେଡ୍ ଲିବରେଶନ ଫ୍ରଣ୍ଟ ଅଫ୍ ଆସାମ (ଉଲ୍‌ଫା) ତୈଳ କମ୍ପାନୀ କ୍ୱିପୋ ଅଏଲ୍ ଆଣ୍ଡ ଗ୍ୟାସ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃର ଦୁଇଜଣ କର୍ମଚାରୀଙ୍କୁ ଅପହରଣ କରିବା ପରେ ମ୍ୟାନ୍ମାରକୁ ନେଇଯାଇଛି। ଅପହୃତ କର୍ମଚାରୀଙ୍କୁ ପଣବନ୍ଦୀ ରଖି ସେମାନଙ୍କୁ ଛାଡ଼ିବା ପାଇଁ ଅର୍ଥ ଦାବି କରିଥିଲା ଉଲ୍‌ଫା। ଏଥିପାଇଁ ଧାର୍ଯ୍ୟ ସମୟସୀମା ଶୁକ୍ରବାର ଶେଷ ହେବା ପରେ ଉକ୍ତ କର୍ମଚାରୀମାନଙ୍କୁ ସୀମା ପାର କରି ମ୍ୟାନ୍ମାର ନିଆଯାଇଛି।



ସେନା ସବୁବେଳେ ଦେଶର ନାଗରିକଙ୍କୁ ସୁରକ୍ଷା ଦେଇଥାଏ। ହେଲେ ମ୍ୟାନ୍ମାରରେ ସାମରିକ ଶାସନ ବିରୋଧରେ ଆନ୍ଦୋଳନରତ ଲୋକଙ୍କ ଜୀବନ ନେଇ ସେମାନଙ୍କ ପାଇଁ ଘାତକ ସାଜିଛି ସେନା। ସାମରିକ ବଳର ଗୁଳିମାଡ଼ରେ ୨ ବିକ୍ଷୋଭକାରୀଙ୍କ ପ୍ରାଣହାନି ଘଟିଥିବାବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହାକୁ ନିନ୍ଦା କରି ଆନ୍ଦୋଳନକାରୀ ମିନ୍ ତେନ୍ ନେଙ୍ଗ୍ କହିଛନ୍ତି, ଆମେ ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀ। ମୁଁ ଗଣମାଧ୍ୟମ ଜରିଆରେ ଏକଛତ୍ରବାଦୀଙ୍କୁ କହିବାକୁ ଚାହେଁ ଯେ ଗଣହତ୍ୟା ବନ୍ଦ କରନ୍ତୁ। ଘାତକ ଅସ୍ତ୍ର ବ୍ୟବହାର ବନ୍ଦ କରନ୍ତୁ।

# ଘାତକ ସାଜିଲା ସେନା

## ମ୍ୟାନ୍ମାର ଅଶାନ୍ତ: ଗୁଳିମାଡ଼ରେ ୨ ବିକ୍ଷୋଭକାରୀ ନିହତ



ମ୍ୟା ଥ୍ୱେଟ୍ ଥ୍ୱେଟ୍ ଖିନେ

**ୟାଙ୍ଗୁନ/ନେପିଡାଓ,୨୧।୨**

ମ୍ୟାନ୍ମାରରେ କ୍ଷମତା ପରିବର୍ତ୍ତନ ପରେ ସାମରିକ ସରକାରଙ୍କ ଦମନମୂଳକ ଆଭିମୁଖ୍ୟ ସତ୍ତ୍ୱେ ଆନ୍ଦୋଳନ ଜାରି ରହିଛି। ବିକ୍ଷୋଭ ପ୍ରଦର୍ଶନକାରୀମାନେ ପଛଘୁଞ୍ଚା ଦେଇନାହାନ୍ତି କି ଧୈର୍ଯ୍ୟ ହରାଇନାହାନ୍ତି। ଦେଶର ଦ୍ୱିତୀୟ ବଡ଼ ସହର ମାଣ୍ଡଲେରେ ସୁରକ୍ଷା ବଳ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହାର ପ୍ରତିବାଦରେ ରବିବାର ଅନେକ ସହରରେ ବିକ୍ଷୋଭକାରୀ ଏକାଠି ହୋଇଛନ୍ତି। ଏହି ସମୟରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ଜଣେ ଯୁବକଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସେନାର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିବା ସହ ସଂଯମ ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

ଫେବୃୟାରୀ ୧ରେ ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାଙ୍ଗ୍ ସ୍ୟୁ ଚୀ'ଙ୍କ ସରକାରକୁ ସେନା ହଟାଇଦେଇ ଶାସନ କ୍ଷମତା ନିଜ ହାତକୁ ନେଇଥିଲା। ସେବେଠାରୁ ମ୍ୟାନ୍ମାରରେ ରାଜନୈତିକ ସଙ୍କଟ ଲାଗିରହିଛି। ହଜାର ହଜାର ଲୋକ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ସୈନ୍ୟମାନେ ରବର ବୁଲେଟ୍, ୱାଟର କ୍ୟାନନ୍ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଆସୁଥିବା ସେନା ଏବେ ଗୁଳି ଚଳାଇବା ଆରମ୍ଭ କରିଛି।

> ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବା ଲୋକଙ୍କ ଉପରେ ସାମରିକ ବଳର ଗୁଳିମାଡ଼ ନିନ୍ଦନୀୟ। ଗଣତନ୍ତ୍ରକୁ ପଦଦଳିତ କରିଥିବା ମ୍ୟାନ୍ମାର ସେନା ବିରୋଧରେ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆମେ ବିଚାର କରିବୁ।
> **-ଡୋମିନିକ୍ ରାବ୍, ବ୍ରିଟେନର ବହିର୍ବ୍ୟାପାର ସଚିବ**

ଏହି ଆନ୍ଦୋଳନରେ ଖାସ ଦେଇ ପ୍ରାଣ ହରାଇଥିବା ପ୍ରଥମ ଯୁବତୀ ହେଲେ ମ୍ୟା ଥ୍ୱେଟ୍ ଥ୍ୱେଟ୍ ଖିନେ। ୨୦ତମ ଜନ୍ମଦିନ ପାଳନ କରିବାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୯ରେ ରାଜଧାନୀ ନେପିଡାଓରେ ବିକ୍ଷୋଭ ପ୍ରଦର୍ଶନ ବେଳେ ସେନାର ଗୁଳି ତାଙ୍କ ଦେହରେ ବାଜିଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଖିନେଙ୍କ ମୃତଦେହକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିବା ହସ୍ପିଟାଲ ବାହାରେ ପ୍ରାୟ ୧,୦୦୦ ଲୋକ ଗାଡ଼ି ଓ ବାଇକ୍‌ରେ ଆସି ଏକତ୍ରିତ ହୋଇଥିଲେ। ୟାଙ୍ଗୁନରୁ ଆସିଥିବା ତାଙ୍କ ଆଇ ଓ ଅଜାଙ୍କୁ ମଧ୍ୟ ହସ୍ପିଟାଲକୁ ଛଡ଼ାଯାଇ ନ ଥିଲା। ତାଙ୍କ ମୃତଦେହ ହସ୍ତାନ୍ତର କରାଯିବା ସମୟରେ ହସ୍ପିଟାଲରୁ ଶ୍ମଶାନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାନବାହନଗୁଡ଼ିକର ଲମ୍ବା ଲାଇନ ଲାଗିଥିଲା। ୟାଙ୍ଗୁନରେ ମଧ୍ୟ ହଜାର ହଜାର ବିକ୍ଷୋଭକାରୀ ରାସ୍ତାକଡ଼ରେ ଛିଡ଼ାହୋଇ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ।




ସେନାର ଏକଛତ୍ରବାଦୀ ଶାସନ ବିରୋଧରେ ୟାଙ୍ଗୁନରେ ବିକ୍ଷୋଭ।

### ସେନାର ପେଜ୍ ହଟାଇଲା ଫେସ୍‌ବୁକ୍

ମ୍ୟାନ୍ମାର ସେନା ପକ୍ଷରୁ ଖୋଲାଯାଇଥିବା ପେଜ୍‌କୁ ଫେସ୍‌ବୁକ୍ ଡିଲିଟ୍ କରିଦେଇଛି। ଆମର ବିଶ୍ୱସ୍ତରୀୟ ନୀତି ଅନୁସାରେ 'ତଟମାଡାଓ ଟ୍ରୁ ନ୍ୟୁଜ୍ ଇନ୍‌ଫର୍ମେଶନ ଟିମ୍ ପେଜ୍'କୁ ଆମେ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ହଟାଇଦେଇଛୁ ବୋଲି ରବିବାର ଫେସ୍‌ବୁକ୍ ଏକ ବିବୃତି ଜାରି କରି କହିଛି। ସେନା ହିଂସା ଉସୁକାଉଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଏଥିରେ ଦର୍ଶାଯାଇଛି।

## ସୈଫିନାଙ୍କ ଦ୍ୱିତୀୟ ପୁତ୍ରସନ୍ତାନ

**ମୁମ୍ବାଇ, ୨୧।୨**



ବଲିଉଡ୍ ଅଭିନେତ୍ରୀ କରିନା କପୁର ଓ ଅଭିନେତା ସୈଫ୍ ଅଲି ଖାନ୍‌ଙ୍କର ରବିବାର ସକାଳେ ଦ୍ୱିତୀୟ ପୁତ୍ର ସନ୍ତାନ ଜନ୍ମ ହୋଇଛି। ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ସକାଳ ୯ଟାରେ କରିନା ସନ୍ତାନ ଜନ୍ମ କରିଥିବା ରଣଧୀର କପୁର ଗଣମାଧ୍ୟମକୁ ଜଣାଇଥିଲେ। ଉଭୟ ମାଆ ଓ ଶିଶୁପୁତ୍ର ଭଲ ଥିବା ସେ କହିଥିଲେ। ପରେ ସୈଫ୍ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇ ଏକ ବାର୍ତ୍ତା ଛାଡ଼ିଥିଲେ। ବିଭିନ୍ନ ମହଲରୁ ସେମାନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସୈଫ-କରିନାଙ୍କର ପ୍ରଥମ ସନ୍ତାନ ତୈମୁରଙ୍କୁ ୪ ବର୍ଷ। ସେମାନଙ୍କର ଦ୍ୱିତୀୟ ସନ୍ତାନ ହେବା ନେଇ ଗତବର୍ଷ ଅଗଷ୍ଟରେ ଉଭୟ ଘୋଷଣା କରିଥିଲେ।

## ଗ୍ଲେସିୟର ହ୍ରଦର ଗଭୀରତା ମାପୁଛି ନୌସେନା ଟିମ୍

**ନୂଆଦିଲ୍ଲୀ, ୨୧।୨**

ଉତ୍ତରାଖଣ୍ଡର ତପୋବନରେ ଗ୍ଲେସିୟର ଭାଙ୍ଗି ସୃଷ୍ଟି ହୋଇଥିବା ବିରାଟ ହ୍ରଦର ଗଭୀରତା ମପାଯାଉଛି। ଏଥିରେ ନୌସେନାର ବୁଡ଼ାଳି ଏବଂ ବାୟୁସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ବୁଡାଳିମାନେ ୧୪ ହଜାର ଫୁଟ ଉଚ୍ଚରୁ ଇକୋ ସାଉଣ୍ଡର ସହାୟତାରେ ହ୍ରଦର ଗଭୀରତା ମପାଯାଉଛି। ଚଳିତ ମାସ ୭ ତାରିଖରେ ହିମସ୍ଖଳନ ଯୋଗୁ ଉତ୍ତରାଖଣ୍ଡରେ ହଠାତ୍ ବନ୍ୟା ଆସି ୬୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏବେ ବି ୧୩୯ ଜଣଙ୍କ ପତ୍ତା ମିଳିନାହିଁ।

## ଆସ୍ଥାଭୋଟ ପୂର୍ବରୁ ୨ ବିଧାୟକଙ୍କ ଇସ୍ତଫା

**ପୁଡୁଚେରୀ, ୨୧।୨**

ଆସ୍ଥା ଭୋଟ୍‌ର ଦିନକ ପୂର୍ବରୁ ପୁଡୁଚେରୀର ଆଉ ଦୁଇଜଣ ବିଧାୟକ ଇସ୍ତଫା ଦେଇଛନ୍ତି। ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା କଂଗ୍ରେସ ବିଧାୟକ ଲକ୍ଷ୍ମୀନାରାୟଣନ ଇସ୍ତଫା ଦେବା ସହ ଦଳ ଛାଡ଼ିବେ ବୋଲି କହିଛନ୍ତି। ଏଥିସହିତ ସହଯୋଗୀ ଦଳ ଡିଏମ୍‌କେର ବିଧାୟକ ଭେଙ୍କଟେଶ ମଧ୍ୟ ରବିବାର ଇସ୍ତଫା ପ୍ରଦାନ କରିଛନ୍ତି। ଫଳରେ ୨୬ ସଦସ୍ୟ ବିଶିଷ୍ଟ ପୁଡୁଚେରୀ ବିଧାନସଭାରେ କଂଗ୍ରେସ ସରକାରଙ୍କ ବିଧାୟକ ସଂଖ୍ୟା ୧୨କୁ ହ୍ରାସ ପାଇଛି। ବରିଷ୍ଠ ନେତା ହୋଇ ମଧ୍ୟ ତାଙ୍କୁ ମନ୍ତ୍ରୀପଦ ମିଳିଲାନି। ତେଣୁ ସରକାର ସଂଖ୍ୟାଲଘୁରେ ପରିଣତ ହେବା ପାଇଁ ସେ ଦାୟୀ ନୁହନ୍ତି ବୋଲି ଲକ୍ଷ୍ମୀନାରାୟଣନ୍ କହିଛନ୍ତି। ଏପରିକି ନିକଟରେ କଂଗ୍ରେସ ସଭାପତି ପଦରୁ ନମଶିବାୟମଙ୍କ ଇସ୍ତଫା ପରେ ମଧ୍ୟ ତାଙ୍କୁ ଦଳ ମୁଖ୍ୟ କରାଗଲା ନାହିଁ। ନମଶିବାୟମ କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିବାବେଳେ ଲକ୍ଷ୍ମୀନାରାୟଣନ୍ ମଧ୍ୟ ଉକ୍ତ ଦଳକୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସମର୍ଥକମାନଙ୍କ ସହ ଆଲୋଚନା ପରେ ସେ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।



ଲକ୍ଷ୍ମୀନାରାୟଣନ

**ପୁଡୁଚେରୀ କଂଗ୍ରେସରେ ବଢୁଛି ସଙ୍କଟ**

## ୨୩ରୁ ଜୋର୍‌ଦାର ହେବ ଚାଷୀ ଆନ୍ଦୋଳନ

**ନୂଆଦିଲ୍ଲୀ, ୨୧।୨(ପି.ଟି.)**



ନୂଆ କୃଷି ଆଇନ ବିରୋଧରେ ଜାରି ରହିଥିବା ଚାଷୀ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ। ଏଥିପାଇଁ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଏକାଧିକ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ସରକାର ଆନ୍ଦୋଳନକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ସେମାନେ ରଣକୌଶଳ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଅନୁଯାୟୀ ଫେବୃୟାରୀ ୨୩କୁ 'ପଗଡ଼ି ସମ୍ଭାଳ ଦିବସ', ୨୪କୁ 'ଦମନ ବିରୋଧୀ ଦିବସ' ଭାବେ ପାଳନ କରାଯିବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସେହିପରି ୨୬ରେ 'ଯୁବ କିଷାନ ଦିବସ' ଏବଂ ୨୭ରେ 'ମଜଦୁର କିଷାନ ଏକତା ଦିବସ' ପାଳନ କରାଯିବ।

## ପୁଣେକୁ ଫେରିଲା ନାଇଟ୍ କର୍ଫ୍ୟୁ

**ମୁମ୍ବାଇ/ପୁଣେ, ୨୧।୨**

- ୨୮ ଯାଏ ସ୍କୁଲ୍, କଲେଜ ବନ୍ଦ
- ଅମରାବତୀରେ ଲକ୍‌ଡାଉନ

ମହାରାଷ୍ଟ୍ରର ପୁଣେରେ କୋଭିଡ୍-୧୯ ପଜିଟିଭ୍ ହାର ବଢ଼ିଚାଲିଥିବାରୁ ଜିଲା କର୍ତ୍ତୃପକ୍ଷ ସେଠାରେ ସ୍କୁଲ୍ କଲେଜ ବନ୍ଦ ଘୋଷଣା କରିବା ସହ ରାତ୍ରକାଳୀନ ଯାତାୟାତ ଉପରେ କଟକଣା ଲଗାଇଛନ୍ତି। ସେହିପରି ଅମରାବତୀ ଜିଲାରେ ସୋମବାର ସନ୍ଧ୍ୟାରୁ ସପ୍ତାହେ ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ କେବଳ ଅତ୍ୟାବଶ୍ୟକ ସେବା ଜାରି ରହିବ ବୋଲି କ୍ୟାବିନେଟ ମନ୍ତ୍ରୀ ଯଶୋମତୀ ଠାକୁର କହିଛନ୍ତି। ଲୋକେ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ ନ କଲେ ଲକ୍‌ଡାଉନକୁ ଆହୁରି ବଢ଼ାଯିବ। ଲକ୍‌ଡାଉନ ଘୋଷଣା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ବରିଷ୍ଠ ଅଧିକାରୀମାନଙ୍କ ସହ ଅମରାବତୀ ଜିଲାର କୋଭିଡ୍ ସ୍ଥିତି ଅନୁଧ୍ୟାନ କରିଥିଲେ।

ଦୁଇ ସପ୍ତାହ ମଧ୍ୟରେ ପୁଣେରେ ସଂକ୍ରମଣ ହାର ୧୦ ପ୍ରତିଶତ ବୃଦ୍ଧି ପାଇଛି। ୧୫ ଦିନ ପୂର୍ବରୁ ସେଠାରେ ସଂକ୍ରମଣ ହାର ୪.୫ରୁ ୫ ପ୍ରତିଶତ ମଧ୍ୟରେ ରହିଥିଲା। ରବିବାର ସମୀକ୍ଷା ବୈଠକ ପରେ ଡିଭିଜନାଲ କମିଶନର ସୌରଭ ରାଓ ନୂଆ ଗାଇଡ୍‌ଲାଇନ ଏବଂ ଭ୍ରମଣ କଟକଣା ଜାରି କରିଛନ୍ତି। ଶୁକ୍ରବାର ସ୍ଥିତି ସମୀକ୍ଷା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ସେ କହିଛନ୍ତି। ରବିବାର ଜାରି ହୋଇଥିବା ନୂଆ ଏସ୍‌ଓପି ଅନୁଯାୟୀ ଜିଲାର ସମସ୍ତ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟର ଫେବୃୟାରୀ ୨୮ ଯାଏ ବନ୍ଦ ରହିବ। ସୋମବାରଠାରୁ ପ୍ରତିଦିନ ରାତି ୧୧ରୁ ସକାଳ ୬ ପର୍ଯ୍ୟନ୍ତ ରାତ୍ରକାଳୀନ କର୍ଫ୍ୟୁ ଜାରି କରାଯିବ। ଏହି ସମୟରେ ସୀମିତ ଗାଡ଼ି ଚଳାଚଳକୁ ଅନୁମତି ମିଳିବ। ଖବରକାଗଜ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ କଟକଣାମୁକ୍ତ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୧୮,୦୫,୭୫୦ | ୨୪,୭୪,୮୭୩ | ୮,୭୧,୦୧,୮୭୯ |
| ଭାରତ | ୧,୧୦,୦୪,୭୯୫ | ୧,୫୬,୪୧୧ | ୧,୦୬,୯୬,୭୯୬ |
| ଓଡ଼ିଶା | ୩,୩୬,୫୭୮ | ୧୯୧୪(+୫୩) | ୩,୩୪,୧୦୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜୟ୍ ନାରାୟଣ ପଙ୍କଜ କେନ୍ଦ୍ରାଞ୍ଚଳ ଡିଆଇଜି

**ଭୁବନେଶ୍ୱର,୨୧।୨(ବ୍ୟୁରୋ):** ୨୦୦୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ତଥା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଜୟ୍ ନାରାୟଣ ପଙ୍କଜଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଗୃହବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ କୁମାର ସିଂଙ୍କୁ ଅଚାନକ ବଦଳି କରାଯାଇ ରାଜ୍ୟ ଅବକାରୀ କମିଶନର ଭାବେ ଅବସ୍ଥାପିତ କରାଯାଇଛି। ସିଂଙ୍କ ସ୍ଥାନରେ ପଙ୍କଜଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସ୍ଥାୟୀ ନିଯୁକ୍ତି ନ ହେବା ଯାଏ ବା ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସେ ଏସ୍‌ଟିଏଫ୍ ଡିଆଇଜି ସମେତ କେନ୍ଦ୍ରାଞ୍ଚଳ ପୋଲିସ ମୁଖ୍ୟ ଭାର ସମ୍ଭାଳିବେ।

### ଲ୍ୟାଣ୍ଡମାଇନ ବିସ୍ଫୋରଣରେ ବିଏସ୍‌ଏଫ୍ ଯବାନ ଗୁରୁତର

**ମାଲକାନଗିରି,୨୧।୨ (ଡି.ଏନ୍.ଏ.):** ମାଓବାଦୀମାନେ ପୁଣି ପୋଲିସକୁ ଟାର୍ଗେଟ୍ କରିଛନ୍ତି। ସେମାନଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନରେ ଜଣେ ଯବାନ ଗୁରୁତର ଆହତ ହେବାପରି ଘଟଣା ଏବେ ଘଟିଛି। ମାଲକାନଗିରି ଜିଲା ଛତିଶଗଡ ସୀମାନ୍ତ ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ନିକଟ ରାସ୍ତାରେ ଏପରି ଘଟିଛି। ସବୁଦିନ ଭଳି ରବିବାର ସକାଳେ କର୍ତ୍ତନପାଲିସ୍ଥିତ ୧୬୦ ବିଏସ୍‌ଏଫ୍ ବାଟାଲିୟନର ଯବାନମାନେ କୋମ୍ବିଂ ଅପରେଶନ କରିବାକୁ ଯାଇଥିଲେ। ଅପରେଶନ ସାରି କ୍ୟାମ୍ପକୁ ଫେରୁଥିବା ବେଳେ କର୍ତ୍ତନପାଲି ଜଙ୍ଗଲ ରାସ୍ତାରେ ମାଓବାଦୀଙ୍କ ଦ୍ୱାରା ବିଛା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏଥିରେ ଯବାନ ଧର୍ମେନ୍ଦ୍ର ସାହୁ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ହେଲିକପ୍ଟର ଯୋଗେ ରାୟପୁର ପଠାଯାଇଛି। ଏହି ଘଟଣା ପରେ ପୋଲିସ ଓ ବିଏସ୍‌ଏଫ୍ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି କୋମ୍ବିଂ ଅପରେଶନକୁ ଜୋରଦାର କରିଥିବା ଜଣାପଡିଛି।

# ଯାଜପୁର ଜିଲାପାଳଙ୍କ ଉପରେ ଲୋକାୟୁକ୍ତ କ୍ଷୁବ୍ଧ

**ଯାଜପୁର ଅଫିସ,୨୧।୨**



**କଳାପଥର ଖାଦାନରେ ପିଲର ପୋତାରେ ଅନିୟମିତତା ମାମଲା**

**ଧର୍ମଶାଳା ତହସିଲଦାରଙ୍କ ରିପୋର୍ଟ ରହସ୍ୟାତ୍ମକ**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବିଭିନ୍ନ କଳାପଥର ଖାଦାନଗୁଡିକର ଏରିଆ ଚିହ୍ନଟ କରି ପିଲର ପୋତାରେ ଆର୍ଥିକ ଅନିୟମିତତା ଅଭିଯୋଗ ଉପରେ ଲୋକାୟୁକ୍ତ ଜିଲାପାଳଙ୍କ ଆଚରଣକୁ ଭର୍ତ୍ସନା କରିଛନ୍ତି। ୧୨୪୯/୨୦୨୦ ନମ୍ବର ମାମଲାରେ ଗତ ୧୮ ତାରିଖରେ ହୋଇଥିବା ନିର୍ଦ୍ଦେଶ ପତ୍ରରେ ଲୋକାୟୁକ୍ତ ଅଧକ୍ଷ ଜଷ୍ଟିସ ଅଜିତ୍ ସିଂ କ୍ଷୋଭ ପ୍ରକାଶ କରିଛନ୍ତି। ଯାଜପୁର ଜିଲାପାଳଙ୍କୁ ଜବାବ ଦାଖଲ କରିବାକୁ ନୋଟିସ ହୋଇଥିଲେ ହେଁ ତାହାର ଅନୁପାଳନ ହୋଇନାହିଁ ବୋଲି ଉକ୍ତ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। ଜିଲାପାଳଙ୍କୁ ସବିଶେଷ ତଥ୍ୟ ସହ ଜବାବ ଦେବାକୁ ଲୋକାୟୁକ୍ତ ଅଧକ୍ଷ ଏକ ସୁଯୋଗ ଦେଇଛନ୍ତି। ଏହାସହ ସ୍ପଷ୍ଟ କରିଛନ୍ତି ଯେ, ପରବର୍ତ୍ତୀ ଶୁଣାଣି ଅର୍ଥାତ୍ ଆସନ୍ତା ମାର୍ଚ୍ଚ ୮ ସୁଦ୍ଧା ଜିଲାପାଳଙ୍କ ଦ୍ୱାରା ଉତ୍ତର ଦାଖଲ କରା ନ ଗଲେ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରାଯିବ। ସେହିପରି ଧର୍ମଶାଳା ତହସିଲଦାରଙ୍କ ଦ୍ୱାରା ଦାଖଲ ହୋଇଥିବା ଉତ୍ତର ରହସ୍ୟାତ୍ମକ ଓ ଅନିର୍ଦ୍ଦିଷ୍ଟ ଅଟେ। ଏହାକୁ ରେକର୍ଡରେ ନିଆଯାଉଛି ବୋଲି ଲୋକାୟୁକ୍ତ ଅଧକ୍ଷ ତାଙ୍କ ନିର୍ଦ୍ଦେଶରେ ପ୍ରକାଶ କରିଛନ୍ତି।

କଳାପଥର ଚୋରା କାରବାରକୁ ରୋକିବାକୁ ଖାଦାନ ଚିହ୍ନଟ କରି ପିଲର ପୋତିବା ଓ ପରିବହନ ଖର୍ଚ୍ଚ ବାବଦକୁ ଧର୍ମଶାଳା ତହସିଲ ପକ୍ଷରୁ ୧,୮୦,୧୮୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ମାନବାଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ୨।୧୧।୨୦୨୦ରେ ଏକ ମାମଲା ରୁଜୁ କରିଥିଲେ। ଏହିକ୍ରମରେ ଯାଜପୁର ଜିଲାପାଳ, ଉପଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଜବାବ ଦାଖଲ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଧର୍ମଶାଳା ତହସିଲଦାର ୧୦।୨।୨୦୨୦ରେ ଦାଖଲ କରିଥିବା ଉତ୍ତରରେ ଦର୍ଶାଯାଇଛି ଯେ, ୨୦୧୮ରେ ପିଲର ପୋତିବାକୁ ଜାରକାସ୍ଥିତ ଗାୟତ୍ରୀ ମାର୍ବଲ ମାଲିକ ସୁକାନ୍ତ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାର ଖର୍ଚ୍ଚ ବାବଦକୁ ୧୯।୧୧।୨୦୧୮ରେ ତାଙ୍କୁ ଚେକ୍ ଜରିଆରେ ପ୍ରାପ୍ୟ ପ୍ରଦାନ କରାଯାଇଛି। ତେବେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଓ ରାଜସ୍ୱ ପର୍ଯ୍ୟବେକ୍ଷକ(ଆରଏସ୍)ଙ୍କ କ୍ଷେତ୍ର ତଦନ୍ତ ରିପୋର୍ଟରେ ଖାଦାନଗୁଡିକରେ ପୋତା ଯାଇଥିବା ପିଲର ପ୍ରାୟ ଧ୍ୱଂସ ହୋଇଯାଇଛି। ଏହି ରିପୋର୍ଟକୁ ଲୋକାୟୁକ୍ତ ରହସ୍ୟାତ୍ମକ ବୋଲି ବିବେଚନା କରିଛନ୍ତି।

ଲଘୁ ଖଣିଜ ଦ୍ରବ୍ୟ ବେଆଇନ ଖନନ ଯୋଗୁ ବ୍ୟାପକ ରାଜସ୍ୱ ହାନି ଏବଂ ଉଙ୍କାରୀ ପାହାଡ ଗୁମର ଖୋଲିଲା ପରେ କାର୍ଯ୍ୟାନୁଷ୍ଠାନ କେବେ ସମ୍ପର୍କରେ ୨୦।୧୧।୨୦୧୯ରେ ବିଧାୟକ ବିଷ୍ଣୁଚରଣ ସେଠୀ, ସୁକାନ୍ତ ନାୟକ, ମୁକେଶ ମହାଲିଙ୍ଗ ଓ ମୋହନ ଚରଣ ମାଝୀ ମୁଲତବୀ ପ୍ରସ୍ତାବ ଆଣିଥିଲେ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ୯ ଦଫା ଉତ୍ତର ରଖିଥିଲେ। ଏଥିରେ ଜିଲା, ସବ୍‌ଡିଭିଜନ ଓ ତହସିଲସ୍ତରରେ ସ୍କ୍ୱାଡ୍ ବା ଟାସ୍କଫୋର୍ସ ଗଠନ କରାଯାଇ ବେଆଇନ ଚାଲାଣକାରୀଙ୍କ ଉପରେ ଚଢାଉ କରାଯାଉଛି, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେଉଛି ବୋଲି ଦର୍ଶାଇଥିଲେ। ଗୃହ ବିଭାଗର ଅନୁମୋଦନ କ୍ରମେ ୮ ଜିଲାର ୮ ସମ୍ବେଦନଶୀଳ ତହସିଲ ଓ ୨ ସବ୍‌ଡିଭିଜନ ଅଞ୍ଚଳରେ ୧ ସେକ୍ସନ ଏପିଆର ପୋଲିସ ଫୋର୍ସ ମୁତୟନ କରାଯାଇଥିବା ମନ୍ତ୍ରୀ ଉତ୍ତରରେ ଦର୍ଶାଇଥିଲେ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୫ କୋଟି, ୨୦୧୯-୨୦ ବର୍ଷରେ ୪ କୋଟି ୬୩ ଲକ୍ଷ ୬୮ ହଜାର ୫୦୦ ଟଙ୍କା ବଜେଟ ମଞ୍ଜୁର କରାଯାଇ ସମସ୍ତ ଜିଲାପାଳଙ୍କୁ ଦିଆଯାଇଛି। ଖଣିଜ ପଦାର୍ଥ ଉତ୍ସର ପିଲର ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ତରଫରୁ ୧ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ ହୋଇଛି ଏବଂ ତଦାରଖ ପାଇଁ ଲଘୁ ଖଣିଜ ପଦାର୍ଥ ନିର୍ଦ୍ଦେଶାଳୟ ଖୋଲାଯିବା ନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ ପ୍ରକାଶ କରିଥିଲେ। କିନ୍ତୁ ଯାଜପୁର ଜିଲାରେ ମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତର ଅନୁସାରେ ପ୍ରାୟ କାର୍ଯ୍ୟକାରୀ ହେଉ ନ ଥିବା ଆବେଦନକାରୀ ବେହୁରା ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ପଚାରିବାରେ ସେ କହିଛନ୍ତି, ପିଲର ପୋତା ସଂକ୍ରାନ୍ତରେ ଲୋକାୟୁକ୍ତଙ୍କ ନିକଟରେ ଉତ୍ତର ରଖାଯାଇଛି। ଲୋକାୟୁକ୍ତଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ଏ ସଂକ୍ରାନ୍ତରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରେ ସେ କହିଛନ୍ତି, ପିଲର ପୋତା ମାମଲା ସମ୍ପର୍କରେ ତାଙ୍କୁ କିଛି ଜଣା ନାହିଁ। ସେ ଲୋକାୟୁକ୍ତଙ୍କଠାରୁ କୌଣସି ନୋଟିସ ଏଯାଏ ପାଇନାହାନ୍ତି। କୌଣସି ସୂଚନା ବିନା ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ସାହାଣ ରୋଗ ଯୋଗୁ ହାତୀର ମୃତ୍ୟୁ ଘଟିଛି



ଭବାନୀପାଟଣାରେ କେନ୍ଦ୍ରୀୟ ଟିମ୍ ବିଶେଷଜ୍ଞମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

**କର୍ଲାପାଟ ହାତୀ ମୃତ୍ୟୁ ଘଟଣା**

**୫ ସ୍ଥାନରୁ ସାମ୍ପୁଲ ନେଇଛନ୍ତି କେନ୍ଦ୍ରୀୟ ଟିମ୍**

**କେସିଙ୍ଗା/ଭବାନୀପାଟଣା, ୨୧।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟରେ ହାତୀ ମୃତ୍ୟୁ ଘଟଣାର ଅନୁଧ୍ୟାନ ପାଇଁ ଆସିଥିବା ୩ ଜଣିଆ କେନ୍ଦ୍ରୀୟ ଟିମ ରବିବାର ଦିଲ୍ଲୀ ଫେରି ଯାଇଛନ୍ତି। ଏହି ଟିମ୍ ହାତୀ ମୃତ୍ୟୁ ସ୍ଥାନ ତେନ୍ତୁଳିପଦର ଓ ଘୁଷୁରିଗୁଡି ସହ ବିଭିନ୍ନ ଗାଁକୁ ଯାଇ ତଦନ୍ତ କରିଥିଲେ। ହାତୀ ମୃତ୍ୟୁର କାରଣ ହ୍ୟୁମରେଜିକ ସେପ୍‌ଟିସେମିଆ ବା ସାହାଣ ରୋଗ ବୋଲି ସ୍ପଷ୍ଟ ହେବା ପରେ ଏହା କିପରି ଅଭୟାରଣ୍ୟର ହାତୀ ସଂକ୍ରମିତ ହେଲେ ୫ଟି ସ୍ଥାନରୁ ସାମ୍ପୁଲ ନେଇଛନ୍ତି କେନ୍ଦ୍ରୀୟ ଟିମ। ରବିବାର ସନ୍ଧ୍ୟାରେ ଭବାନୀପାଟଣାରେ କେନ୍ଦ୍ରୀୟ ଟିମ ବିଶେଷଜ୍ଞମାନେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଡ. କରିକାଳନ ମାଥେସ, ବୈଜ୍ଞାନିକ ସେଣ୍ଟର ଅଫ୍ ୱାଇଲଡ୍ ଲାଇଫ, ଡ. ପି.ପି. ପଣ୍ଡା କୋଅର୍ଡିନେଟର ନ୍ୟାଶନାଲ ଏଲିଫ୍ୟାଣ୍ଟ ସେଣ୍ଟର, ପ୍ରଫେସର ଡ. ନିରଞ୍ଜନ ସାହୁ, କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧିକାରୀ ଟି. ଅଶୋକ କୁମାର, ଅତିରିକ୍ତ ନିର୍ଦ୍ଦେଶକ ପଶୁ ସମ୍ପଦ ଓ ପ୍ରାଣୀ ଚିକିତ୍ସକ ପ୍ରତାପ କିଶୋର ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ ଯେ, କେନ୍ଦ୍ରୀୟ ଟିମ ମୃତ୍ୟୁ ସ୍ଥାନ ପରିଦର୍ଶନ ବେଳେ ଶନିବାର ଆଉ ଏକ ଶାବକ ହାତୀର ଗଳିତ ମୃତଦେହ ଠାବ କରାଯାଇଥିଲା। ଫଳରେ ଏହାକୁ ମିଶାଇ ଗତ ୨୦ ଦିନରେ ହାତୀ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି।






# ମମତାଙ୍କ ପୁତୁରାବୋହୂଙ୍କୁ ସିବିଆଇ ନୋଟିସ

**କୋଇଲା ଚୋରାଚାଲାଣ ମାମଲା**

**ନୂଆଦିଲ୍ଲୀ, ୨୧।୨**

କୋଇଲା ଚୋରାଚାଲାଣ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରବିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସ୍ତ୍ରୀ ରୁଜିରାଙ୍କୁ ସମନ ଜାରି କରିଛି। ସିବିଆଇର ଏକ ଟିମ୍ ରବିବାର ସକାଳେ ଅଭିଷେକଙ୍କ ଦକ୍ଷିଣ କୋଲକାତାସ୍ଥିତ ବାସଭବନରେ ପହଞ୍ଚି ରୁଜିରାଙ୍କୁ ତଦନ୍ତରେ ସାମିଲ ହେବା ଲାଗି ନୋଟିସ ଦେଇଥିଲେ। ତାଙ୍କୁ କୋଇଲା ଦୁର୍ନୀତି ମାମଲା ସମ୍ପର୍କରେ ଜେରା କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡିଛି। ଏଥିସହିତ ଟିଏମ୍‌ସି ଏମ୍‌ପି ଅଭିଷେକଙ୍କ ଶାଳୀ ମେନକା ଗମ୍ଭୀରଙ୍କୁ ମଧ୍ୟ ନୋଟିସ ଜାରି କରାଯାଇ ସୋମବାର ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ସିବିଆଇ କାର୍ଯ୍ୟାନୁଷ୍ଠାନକୁ ନେଇ ଟିଏମ୍‌ସି ଏବଂ ଭାଜପା ପରସ୍ପରକୁ ଟାର୍ଗେଟ କରିଛନ୍ତି। ସିବିଆଇ ନୋଟିସ୍‌କୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଟିଏମ୍‌ସି କହିଛି। ଅନ୍ୟ ପକ୍ଷରେ ଆଇନ ତା ବାଟରେ ଯିବ, ଘଟଣାର ରାଜନୀତିକରଣ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି।

କୋଇଲା ଚୋରା କାରବାର ଦୁର୍ନୀତି ମାମଲାରେ ସିବିଆଇ ଟିମ୍ ଗତ ଶୁକ୍ରବାର ୪ ଜିଲାର ୧୩ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରିଥିଲା। ଗତବର୍ଷ ନଭେମ୍ବରରେ କୋଇଲା ଚୋରାଚାଲାଣ ଅଭିଯୋଗରେ ସିବିଆଇ ଅନୁପ ମାଜ୍ଝି ଓରଫ ଲାଲା, ଇଷ୍ଟର୍ନ କୋଲ୍‌ଫିଲ୍ଡ ଲିଃ (ଇସିଏଲ୍)ର ସାଧାରଣ ପରିଚାଳକ ଅମିତ୍ କୁମାର ଧର୍ ଏବଂ ଜୟେଶ ଚନ୍ଦ୍ର ରାୟଙ୍କ ସମେତ ଇସିଏଲ୍ ସୁରକ୍ଷା ମୁଖ୍ୟ ତନ୍ମୟ ଦାସ ପ୍ରମୁଖଙ୍କ ନାଁରେ ଏତଲା ଦାଏର କରିଥିଲା।

# ଆଜିଠୁ ଆନ୍ଦୋଳନକୁ ଓହ୍ଲାଇବେ ଯାତ୍ରା କଳାକାର

**ଭୁବନେଶ୍ୱର, ୨୧।୨ (ବ୍ୟୁରୋ)**

- ଯାତ୍ରା ପାଇଁ ଅନୁମତି ଦାବିକଲା କଳାକାର ଓ କର୍ମଚାରୀ ସଂଘ
- ୨ହଜାର ଦର୍ଶକରେ ସବୁପ୍ରକାର କଳା ପରିବେଷଣ କରାଯାଉ

ଯାତ୍ରା ପରିବେଷଣ ପାଇଁ ଅନୁମତି ଦେବାକୁ ସୋମବାରଠାରୁ ଆନ୍ଦୋଳନକୁ ଓହ୍ଲାଇବେ ଯାତ୍ରା କଳାକାର। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ। ଏଥିସହ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ଏଥିରେ ବିଭିନ୍ନ ବର୍ଗର କଳାକାର ସାମିଲ ହେବେ ବୋଲି ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଚେତାବନୀ ଦେଇଛି।

ରବିବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ ଯାତ୍ରା କଳାକାରଙ୍କ ଦୁଃଖ ବଖାଣିବା ସହ ଗୁରୁତର ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଦୀର୍ଘ ୧୧ମାସର କୋଭିଡ୍ କଟକଣା କାରଣରୁ କୌଣସି ଯାତ୍ରା ପରିବେଷଣ କରାଯାଉନାହିଁ। ଫଳରେ ଓଡ଼ିଶା ଯାତ୍ରା କଳାକାର ଓ ସେମାନଙ୍କ ପରିବାରର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଅନେକ କଳାକାର ବାଧହୋଇ ଦାଦନ ଖଟିବାକୁ ଚାଲି ଯାଇଥିବାବେଳେ ଶହ ଶହ କଳାକାର ବାହାର ରାଜ୍ୟରେ ଡ୍ୟାନ୍ସ କରିବାକୁ ଯାଇ ସେଠାରେ ନିଜ ପିଲା ପରିବାର ସହିତ ବନ୍ଧା ପଡ଼ି ନିର୍ଯାତନାର ଶିକାର ହେଉଛନ୍ତି। ପୁଣି କେତେଜଣ କଳାକାର ରୋଗଗ୍ରସ୍ତ ହୋଇ ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁବରଣ ମଧ୍ୟ କରିଛନ୍ତି। ତେବେ ରାଜ୍ୟ ସରକାର ଫେବୃୟାରୀ ମାସ କୋଭିଡ୍ ଗାଇଡ୍ ଲାଇନରେ ୫ଶହ ଲୋକଙ୍କୁ ନେଇ ଯାତ୍ରା କରିବାକୁ ଅନୁମତି ଦେଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ବାଧକ ସାଜିଛି। ୫ଶହ ଲୋକ ଏକାଠି ହେଲେ ଆଇନଶୃଙ୍ଖଳା ବ୍ୟାହତ ହେବ କହି ଏହାକୁ ଏଡାଇ ଯାଉଛନ୍ତି। ଯାତ୍ରା ବନ୍ଦ ଯୋଗୁ ହଜାର ହଜାର କଳାକାରଙ୍କ ପାଇଁ ମରିବା ବଞ୍ଚିବା ସମାନ ହୋଇଯାଇଛି। ସମସ୍ତଙ୍କ ପାଇଁ କରୋନା କଟକଣା କୋହଳ କରି ଦିଆଯାଇଥିବାବେଳେ ଯାତ୍ରା କଳାକାରଙ୍କୁ ଅନୁମତି ନ ଦେଇ ଅବିଚାର କରାଯାଉଛି ବୋଲି ଯାତ୍ରା କଳାକାର ଓ କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ୨ହଜାର ଦର୍ଶକରେ ସବୁ ବର୍ଗର କଳା ପରିବେଷଣ କରିବାକୁ ଅନୁମତି ପ୍ରଦାନ କରିବାକୁ ସଂଘ ଦାବି କରିଛି।

# ଓପିଟିସିଏଲ୍ ଗ୍ରୀଡ୍‌ରେ ଭୟାବହ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ଗ୍ରୀଡ୍ ଜଳୁଛି।

**ଢେଙ୍କାନାଳ ଅଫିସ, ୨୧।୨**

- ୧୪ କୋଟି ଟଙ୍କାର କ୍ଷତି ଆଶଙ୍କା
- ନିୟୋଜିତ ହୋଇଥିଲା ୧୦ ଦମକଳ
- ୨ ଘଣ୍ଟା ପରିଶ୍ରମରେ ଆୟତ୍ତ ହେଲା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ମେରାମଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେଶନରେ ରବିବାର ସକାଳ ସାଢ଼େ ୭ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଟ୍ରାନ୍ସଫର୍ମର, ବିଦ୍ୟୁତ୍ ସରଞ୍ଜାମ ସମେତ ମୂଲ୍ୟବାନ ଆନୁଷଙ୍ଗିକ ଉପକରଣ ନଷ୍ଟ ହୋଇଯାଇଛି, ଯାହାର ଆନୁମାନିକ ମୂଲ୍ୟ ହାରାହାରି ୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗ୍ରୀଡ୍ ଷ୍ଟେଶନର ୩୧୫ ଏମ୍‌ଭିଏ ଟ୍ରାନ୍ସଫର୍ମରରେ ଥିବା ଇନ୍‌ସୁଲେଟରରେ ଶର୍ଟସର୍କିଟରୁ ନିଆଁ ଲାଗି ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଟ୍ରାନ୍ସଫର୍ମରରେ ୧୨ହଜାର ଲିଟର ତେଲ ଥିବାରୁ ନିଆଁ ଖୁବ୍ କମ୍ ସମୟରେ ଆଖପାଖ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। କଳା ଧୂଆଁରେ ସମଗ୍ର ଅଞ୍ଚଳ ଛାଇ ଯାଇଥିଲା। ଏଭଳି ଅଗ୍ନିକାଣ୍ଡ ଦେଖି ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ। ସୂଚନା ପାଇ ଟାଟାଷ୍ଟିଲ୍ ବିଏସ୍‌ଏଲ୍, ଜିଏମ୍‌ଆର, ଜିନ୍ଦଲ, ହିନ୍ଦୋଳ ରୋଡ୍, ମେରାମଣ୍ଡଳୀ, ଅନୁଗୋଳ, ବଅଁରପାଳ ଆଦି ଅଞ୍ଚଳର ୧୦ ଦମକଳ ପହଞ୍ଚି ନିଆଁ ଲିଭାରେ ନିୟୋଜିତ ହୋଇଥିଲେ। ଦୀର୍ଘ ୨ଘଣ୍ଟା ପରିଶ୍ରମ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଆନ୍ତଃ ରାଜ୍ୟ ବିଦ୍ୟୁତ୍ ସରବରାହରେ ଓପିଟିସିଏଲ୍ ମେରାମଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଠାରୁ ଓଡ଼ିଶା ସମେତ ଦିଲ୍ଲୀ, ଉତ୍ତରପ୍ରଦେଶର କେତେକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଉଛି। ଅଗ୍ନିକାଣ୍ଡ ପରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଅଘଟଣ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ କେହି ଫୋନ୍ ଉଠାଇ ନ ଥିଲେ। ୨୦୧୬-୧୭ରେ ଅନୁରୂପ ଭାବେ ଉକ୍ତ ଗ୍ରୀଡ୍‌ରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଟାଟାଷ୍ଟିଲ ବିଏସ୍‌ଏଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୁରକ୍ଷା ବିଭାଗ ଏଭିପି ଆଶିଷ ପଣ୍ଡାଙ୍କ ନେତୃତ୍ୱରେ କମ୍ପାନୀର ଅଗ୍ନି ନିର୍ବାପକ ଦଳର ଡି.କେ. ସିଂ, ସଞ୍ଜୟ ସାମଲ, ଅମୂଲ୍ୟ ସେଠୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅନ୍ୟ କମ୍ପାନୀର ଅଗ୍ନିଶମ କର୍ମଚାରୀ ଏବଂ ଅଧିକାରୀଙ୍କ ସହାୟତାରେ ଦୀର୍ଘ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଥିଲା। ପ୍ରାୟ ୬ ହଜାର ଲିଟର ଫୋମ୍ ଓ ୧ଲକ୍ଷ ଲିଟର ପାଣି ବ୍ୟବହୃତ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ତ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାକୁ ଯେ**
**ବିରିକି ଚାଉଳ ଡିଣ୍ଡେଇ ଦେ।**

ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଲ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ସେହିପରି ଯିଏ ଯେମିତି ବ୍ୟବହାର ପାଇବାକୁ ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ ବୋଲିବୁ ବୋଲ**
**ମୁଁ ସେଇ ଗବ କାଠ ପୋଲା।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବରଯାତ୍ରୀ ଗାଡି ଓଲଟିଲା, ୧୨ ଆହତ

ବିନିକା, ୨୧।୨(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ଲଛିପୁର-ପଣ୍ଡକିଟାଲ ଆରଡି ମୁଖ୍ୟରାସ୍ତାର ନକଟାମୁଣ୍ଡା ନିକଟରେ ରବିବାର ସନ୍ଧ୍ୟାରେ ଏକ ବରଯାତ୍ରୀ ଗାଡି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡିରେ ଥିବା ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବିନିକା ବ୍ଲକ ବାଗଡିଆ ଗ୍ରାମରୁ ଏକ ବରଯାତ୍ରୀ ଦଳ ଲଛିପୁର ଫାଣ୍ଡି ଅନ୍ତର୍ଗତ ବାଘପାଲିକୁ ଏକ ଟାଟା ଏସିଇ(ନଂ.ଓଡି-୧୫-ଏ-୫୨୫୩)ରେ ଯାଉଥିଲା। ନକଟାମୁଣ୍ଡା ଜଙ୍ଗଲ ରାସ୍ତାରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଉକ୍ତ ଗାଡିରେ ୧୨ଜଣ ବରଯାତ୍ରୀ ଥିଲେ। ଖବର ପାଇ ଲଛିପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ।

## ସରକାରଙ୍କୁ ସମ୍ବଳ ...

ଫେରିବା ସମ୍ଭାବନା କ୍ଷୀଣ। ଇତିମଧ୍ୟରେ ରାଜ୍ୟର ଋଣ ଭାର ପ୍ରାୟ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ କୋଭିଡ୍ ଭଳି ବିଷମ ପରିସ୍ଥିତିରୁ ମୁକାବିଲା ଲାଗି ଋଣ ହିଁ ଏକମାତ୍ର ଭରସା। ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ ୪,୮୩୦ କୋଟି ଟଙ୍କା ଋଣ କରିଛନ୍ତି। ସେଥିରୁ ଖୋଲା ବଜାରରୁ ୩ ହଜାର କୋଟି ଟଙ୍କା ଉଠାଇଥିବା ବେଳେ ଓଡିଶା ଖଣି ଅଞ୍ଚଳ ଉନ୍ନୟନ ନିଗମ(ଓମବିଏଡିଏସି)ରୁ ୧,୮୩୦ କୋଟି ଋଣ ଉଠାଇଛନ୍ତି। ଚଳିତ ବର୍ଷ ଏହି ପରିମାଣ ଆହୁରି ବଢିବା ସମ୍ଭାବନା ରହିଛି। ଚଳିତ ବର୍ଷ ଯଦିଓ ବଜେଟ ଆକାର ସେତେଟା ବୃଦ୍ଧି କରାଯାଇ ନାହିଁ, ତେବେ ୧୩ ପ୍ରତିଶତ ବୃଦ୍ଧି ପାଇଁ ସମ୍ବଳ ଯୋଗାଡ କରିବା ସରକାରଙ୍କ ପକ୍ଷେ କାଠିକର ପାଠହେବ ବୋଲି ଅର୍ଥନୀତିଜ୍ଞ ମତ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

## କୋଭିଡ୍ ପୁନଃ ...

ସାମାଜିକ ଦୂରତା, ମାସ୍କ ପିନ୍ଧିବା, ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ କୋଭିଡ୍ ଗାଇଡ୍‌ଲାଇନକୁ କଡାକଡି ଭାବେ ପାଳନ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ସର୍ବସାଧାରଣ ସ୍ଥାନ ଏବଂ ଶିକ୍ଷାନୁଷ୍ଠାନରେ ମାସ୍କ ବ୍ୟବହାର ହେଉଛି କି ନାହିଁ ତାହାକୁ ଜିଲା ପ୍ରଶାସନ ଓ ପୋଲିସ କର୍ତ୍ତୃପକ୍ଷ ଯାଞ୍ଚ କରି ନିଶ୍ଚିତ କରିବେ। ହାଟ, ବଜାର ଓ ଅନ୍ୟାନ୍ୟ ଜନଗହଳି ସ୍ଥାନରେ ଡାକବାଜି ଯନ୍ତ୍ର ସହାୟତାରେ ସଚେତନତା ସୃଷ୍ଟି କରିବାକୁ ହେବ। ସରକାରୀ, ବେସରକାରୀ ଅନୁଷ୍ଠାନଗୁଡିକରେ କୋଭିଡ୍-୧୯ ଗାଇଡ୍‌ଲାଇନ ପାଳନ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ । ଜନସମାଗମ ଉପରେ କଟକଣା ଜାରି କରିବା ସହ ବିବାହ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ଯେପରି ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଲୋକଙ୍କ ସମାଗମ ନ ହେବ ସେଥିପ୍ରତି ଦୃଷ୍ଟିଦେବାକୁ କୁହାଯାଇଛି। ସ୍କୁଲ୍, କଲେଜ, ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପରିମଳ ବ୍ୟବସ୍ଥାକୁ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ଏଥିସହିତ ମାସ୍କ ଲଗାଇବା, ସାମାଜିକ ଦୂରତା ବଜାୟ ରଖିବା, ଥର୍ମାଲ ସ୍କ୍ରିନିଂ ଏବଂ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନେ ହ୍ୟାଣ୍ଡୱାଶ କିମ୍ବା ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାର ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନିଷେଧ କରାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ସର୍ବସାଧାରଣ ଖାଇବା ଜାଗାଗୁଡିକ ଉପରେ ନଜର ରଖିବାକୁ କୁହାଯାଇଛି। କୋଭିଡ୍-୧୯ ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଖାନା ନେବା ସହ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନେବାକୁ କୁହାଯାଇଛି। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍ଥାନ ଗସ୍ତ କରି କୋଭିଡ୍ ପ୍ରୋଟୋକଲ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବେ। ଏହାକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୨ ତାରିଖ ସୁଦ୍ଧା ଜିଲାପାଳମାନେ ଏ ନେଇ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ପ୍ରତି ସପ୍ତାହରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟକୁ ରିପୋର୍ଟ ଦେବାକୁ କୁହାଯାଇଛି।

## ଶିକ୍ଷା ବିଭାଗ ସତର୍କ ଅଛି: ଗଣଶିକ୍ଷା ମନ୍ତ୍ରୀ

ଦେଶରେ କରୋନା ସଂକ୍ରମଣ ବଢ଼ିବା ପରେ ଓଡ଼ିଶାରେ ଛନକା ପଶିଛି। ରାଜ୍ୟରେ କୋଭିଡ୍ ନିୟମ କଡ଼ାକଡି ମାନିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିବାବେଳେ ଏସ୍‌ଆର୍‌ସି ଏନେଇ ସବୁ ଜିଲା ଓ ମହାନଗର ନିଗମକୁ ଚିଠି କରିଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡି ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଶୋଧନ, ଥର୍ମାଲ ସ୍କ୍ରିନିଂ, ହ୍ୟାଣ୍ଡୱାଶ ଓ ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସେପଟେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାସ କହିଛନ୍ତି, ଓଡ଼ିଶାରେ ଯଦିଓ ଏବେ କରୋନା ଭୟାବହତା ନାହିଁ ତେବେ ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ। ସ୍କୁଲ ବନ୍ଦ କିମ୍ବା ଲକ୍‌ଡାଉନ ସମ୍ପର୍କରେ ବିଶେଷ ପରିସ୍ଥିତି ଆସିଲେ ଚିନ୍ତା କରାଯିବ। ବର୍ତ୍ତମାନ ଏସ୍‌ଓପି ଅନୁଯାୟୀ ସ୍କୁଲ ଚାଲିଛି। ନୋଡାଲ ଅଫିସରମାନେ ତଦାରଖ କରୁଛନ୍ତି। ମୁଁ ମଧ୍ୟ ଜିଲା ଗସ୍ତ ବେଳେ ଯାଇ ସ୍କୁଲରେ ଅନୁଧ୍ୟାନ କରୁଛି। ଆଗକୁ ସ୍ଥିତି ଦେଖି ବିଚାର କରାଯିବ। ଶିକ୍ଷା ବିଭାଗ ଏନେଇ ସତର୍କ ଥିବା ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୮ରୁ ଦଶମ ଓ ଦ୍ୱାଦଶ ଏବଂ ଗତ ୮ତାରିଖରୁ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି।

## ମୁଖ୍ୟ ଅଭିଯୁକ୍ତ ପୂର୍ବତନ ...

ଭିନୀତ ଅଗ୍ରୱାଲ ରବିବାର ଫୁଲବାଣୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବିଷମକଟକ ଥାନା ବାରିଗୁଡା ଗାଁର ମହାଦେବ ମହାରାଜ। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ସ୍ୱାମୀଜୀଙ୍କ ମୋବାଇଲ ନଂ.୯୪୩୯୨୨୩୮୪୧କୁ ଶନିବାର ଅପରାହ୍ନ ୪ଟାରେ ୯୧୭୮୨୪୬୬୬୩ ନମ୍ବରରୁ କେହିଜଣେ ଫୋନ୍ କରି ମାଓବାଦୀ ପରିଚୟ ଦେଇ ଆଗାମୀ ୪ଦିନ ମଧ୍ୟରେ ସ୍ୱାମିଜୀଙ୍କୁ ହତ୍ୟା କରାଯିବା ସହ ଆଶ୍ରମକୁ ଉଡାଇ ଦିଆଯିବ ବୋଲି ଧମକ ଦେଇ ଫୋନ୍ କାଟି ଦେଇଥିଲେ। ଏନେଇ ସନ୍ଧ୍ୟାରେ ସ୍ୱାମିଜୀ ଓ ଆଶ୍ରମ କର୍ତ୍ତୃପକ୍ଷ ତୁମୁଡ଼ିବନ୍ଧ ଥାନାରେ ଏତଲା ଦେବାପରେ ନଂ.୧୧/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୁଣି ରବିବାର ସମ୍ପୃକ୍ତ ବ୍ୟକ୍ତି ଫୋନ୍ କରି ହତ୍ୟା ଧମକ ଦେଇଥିଲେ। ପୋଲିସ ଟ୍ରାକିଂ କରି ଉକ୍ତ ନମ୍ବରଟି ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରେ ଥିବା ଜାଣିପାରିଥିଲା। କନ୍ଧମାଳର ଏକ ପୋଲିସ ଟିମ୍ ରାୟଗଡ଼ା ଯାଇ ବିଷମକଟକ ବ୍ଲକ ଚାଟିକଣା ଅଞ୍ଚଳରୁ ଅଭିଯୁକ୍ତ ମହାଦେବଙ୍କୁ ଗିରଫ କରି କନ୍ଧମାଳ ଆଣିଛି।


ମହାଦେବ ମହାରାଜ

ଅଭିଯୁକ୍ତ ଜଣକ ୨୦୧୯ରେ ଚକାପାଦ ଆଶ୍ରମରେ କାମ କରୁଥିଲେ। ପାଖାପାଖି ୫ରୁ ୬ ମାସ କାମ କରିବା ପରେ ସ୍ୱାମିଜୀଙ୍କ ସହ କୌଣସି କାରଣରୁ ମତାନ୍ତର ହୋଇଥିଲା। ଏହାପରେ ତୁମୁଡ଼ିବନ୍ଧ ସ୍ଥିତ ଜଲେଶପଟ୍ଟା କନ୍ୟାଶ୍ରମରେ ଆସି କାମ କରିଥିଲେ। ଏଠାରେ ମଧ୍ୟ ଅନୁରୂପ ଭାବେ ସ୍ୱାମିଜୀଙ୍କ ସହ ମତାନ୍ତର ହୋଇଥିଲା। ଏନେଇ ମହାଦେବ ଫୋନ୍ କରି ଧମକ ଦେଇଥିବା କନ୍ଧମାଳ ଏସ୍‌ପି ଅଗ୍ରୱାଲ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କଠାରୁ କଲ୍ କରିଥିବା ମୋବାଇଲ୍ ଜବତ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବାଲିଗୁଡ଼ା ଥାନାରେ ରଖି ପଚରାଉଚରା ଚାଲିଛି। କିଛି ମାସ ପୂର୍ବରୁ ମହାଦେବ ବାରିଗୁଡା ଆସି ଏକ ଆଶ୍ରମ ନିର୍ମାଣ କରି ଯୁବକମାନଙ୍କୁ ଯୋଗ ଶିକ୍ଷା ଦେଉଥିବା ଜଣାପଡ଼ିଛି।

ଅନ୍ୟ ପକ୍ଷରେ ରାଜ୍ୟର ଏକ ୭ ଜଣିଆ ଭାଜପା ଟିମ୍ ସୁରମା ପାଢ଼ୀଙ୍କ ନେତୃତ୍ୱରେ ଜଲେଶପଟ୍ଟା ଆଶ୍ରମ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ୨୦୦୮ରେ ମଧ୍ୟ ଅନୁରୂପ ଭାବେ କେହିଜଣେ ଅଜଣା ବ୍ୟକ୍ତି ତତ୍କାଳୀନ ସ୍ୱାମୀ ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କୁ ଫୋନ୍ କରି ହତ୍ୟା ଧମକ ଦେଇଥିଲେ। ଏହାପରେ ତାଙ୍କୁ ହତ୍ୟା କରାଯାଇଥିବାରୁ ଭାଜପା ଟିମ୍ ଉଦ୍‌ବେଗ ପ୍ରକାଶ କରିଥିଲା। ଆଶ୍ରମକୁ ୨୪ ଘଣ୍ଟିଆ କଡା ସୁରକ୍ଷା ଯୋଗାଇ ଦେବାକୁ ଭାଜପା ନେତ୍ରୀ ପାଢ଼ୀ କନ୍ଧମାଳ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଡ. ମୁକେଶ ମହାଲିଙ୍ଗ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ବିରଞ୍ଚି ତ୍ରିପାଠୀ, ଶିଶିର ମିଶ୍ର ଏବଂ ପୂର୍ବତନ ବାଲିଗୁଡା ବିଧାୟକ କରେନ୍ଦ୍ର ମାଝି ପ୍ରମୁଖ ଥିଲେ।

## ଫେରିପାରେ କଟକଣା...

ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁୟର(ଏସ୍‌ଓପି) ଜାରି କରାଯାଇଛି।

**୨.** ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ ଦକ୍ଷିଣ ଆଫ୍ରିକା ଭେରିଆଣ୍ଟର ୪ ମାମଲା ଓ ବ୍ରାଜିଲର ଗୋଟିଏ ମାମଲା ଭାରତରେ ଚିହ୍ନଟ ହୋଇଛି। ସେହିପରି ବ୍ରିଟେନର ଭେରିଆଣ୍ଟର ୧୫୦ରୁ ଊର୍ଦ୍ଧ୍ୱ ମାମଲା ମଧ୍ୟ ଚିହ୍ନଟ ହୋଇସାରିଛି। ତେବେ ସେଥିରୁ କୌଣସି ମାମଲା ଏଯାଏ ଘାତକ ହୋଇନାହିଁ।

**୩.** ମହାରାଷ୍ଟ୍ରରେ ଚଳିତ ସପ୍ତାହରେ ୬,୦୦୦ରୁ ଅଧିକ ଦୈନିକ ମାମଲା ଦେଖିବାକୁ ମିଳିଥିବାବେଳେ ଶନିବାର କେରଳରେ ୪,୬୫୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

**୪.** ମହାରାଷ୍ଟ୍ରରେ ଶୁକ୍ରବାର ୬,୧୧୨ ଓ ଶନିବାର ୬,୨୮୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜଧାନୀ ମୁମ୍ବାଇ ସମେତ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର ଲକ୍‌ଡାଉନ୍ ଜାରି ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ଅନେକ ସ୍ଥାନରେ କଟକଣା ଜାରି କରାଯାଇଛି।

**୫.** ପଞ୍ଜାବ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ମଧ୍ୟ ସଂକ୍ରମଣ ବଢୁଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚିନ୍ତାବ୍ୟକ୍ତ କରିଛି।

**୬.** ରବିବାର ସକାଳ ସୁଦ୍ଧା ଭାରତରେ ୧୧ ନିୟୁତ କୋଭିଡ୍ ଯୋଦ୍ଧାଙ୍କୁ ଭାକ୍ସିନ ଦିଆଯାଇଛି। ଆସନ୍ତା ସପ୍ତାହରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇପାରେ।

**୭.** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଦେଶରେ କୋଭିଡ୍-୧୯ ମୁକାବିଲା ପାଇଁ ନୂଆ ନିୟମ ଘୋଷଣା କରିପାରେ। ମହାରାଷ୍ଟ୍ର ସମେତ ଅନ୍ୟ କେତେକ ରାଜ୍ୟ କୋଭିଡ୍ ନିୟମ ଅନୁସାରେ ଲକ୍‌ଡାଉନ୍ ଅବଧି ବଢ଼ାଇପାରନ୍ତି।

**୮.** ଚଳିତ ସପ୍ତାହରେ ଭାରତରେ ୮୬,୭୧୧ ନୂଆ ମାମଲା ଚିହ୍ନଟ ହୋଇଛି। ସଂକ୍ରମିତଙ୍କ ସଂଖ୍ୟା ୮,୩୧୪ ଅର୍ଥାତ୍ ୧୦.୩୫% ବଢ଼ିଛି। ଗତ ସପ୍ତାହରେ ୬୩୭ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ଚଳିତ ସପ୍ତାହରେ ଏହି ସଂଖ୍ୟା ୬୬୦ରେ ପହଞ୍ଚିଛି।

## ତେଲ ଦର ଇତିହାସରେ...

ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇଥିବା ଚିଠିରେ ସୋନିଆ ଲେଖିଛନ୍ତି, ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ନିମ୍ନଗାମୀ ହେବାରେ ଲାଗିଥିବାବେଳେ ଗ୍ୟାସ୍, ଡିଜେଲ ଓ ପେଟ୍ରୋଲ ଦର ବୃଦ୍ଧି ଉପରେ ଅଙ୍କୁଶ ଲାଗିପାରୁନାହିଁ। ଏହାକୁ ନେଇ ପ୍ରତ୍ୟେକ ନାଗରିକଙ୍କଠାରେ ଅସନ୍ତୋଷ ଓ ଦୁର୍ଦ୍ଦଶା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଭାରତରେ ନିଯୁକ୍ତି, ମଜୁରି ଓ ପରିବାର ଆୟ କ୍ଷେତ୍ରରେ ନିୟମିତ ଅବକ୍ଷୟ ଚାଲିଛି। ମଧ୍ୟବିତ୍ତ ଓ ସମାଜର ତଳସ୍ତରର ଲୋକେ ସଂଗ୍ରାମ କରୁଛନ୍ତି। ଏଭଳି ସମୟରେ ମୁଦ୍ରାସ୍ଫୀତିରେ ହ୍ରାସ ଏବଂ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜରୁରୀ ସାମଗ୍ରୀ ଦରଦାମରେ ଅଭୂତପୂର୍ବ ବୃଦ୍ଧି ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଛି। ଏଭଳି ଅନଟନ ସମୟରେ ଲୋକଙ୍କ ଦୁର୍ଦ୍ଦଶା ଓ ଯନ୍ତ୍ରଣାରୁ ଲାଭ ଉଠାଇବା ପାଇଁ ପସନ୍ଦ କରିଛନ୍ତି, ଯାହାକି ଅତି ଦୁର୍ଭାଗ୍ୟଜନକ ବୋଲି ସୋନିଆ କହିଛନ୍ତି। ଦେଶର ଅନେକ ସ୍ଥାନରେ ପେଟ୍ରୋଲ ଦର ୧୦୦ ଟଙ୍କାରୁ ଅଧିକ ହେଲାଣି। ଡିଜେଲ ଦର ବୃଦ୍ଧି କୃଷକମାନଙ୍କ କ୍ଷତକୁ ବଢ଼ାଇଦେଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇଛି। ୟୁପିଏ ସରକାର ଅମଳରେ ଅଶୋଧିତ ତେଲ ଦର ଯେତିକି ଥିଲା ଏବେ ତା'ର ପ୍ରାୟ ଅଧାକୁ ଖସିଛି। କିନ୍ତୁ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଯୋଗୁ ଫେବୃୟାରୀ ୨୦ ସୁଦ୍ଧା କ୍ରମାଗତ ୧୨ ଦିନ ତେଲ ଦର ବୃଦ୍ଧି ପାଇବା ମୁନାଫାଖୋର ମନୋଭାବକୁ ଦର୍ଶାଉଛି। ସବୁଠୁ ଦୁଃଖର କଥା ହେଉଛି ଏହି ସରକାର ୭ ବର୍ଷ ଧରି କ୍ଷମତାରେ ରହିବା ପରେ ମଧ୍ୟ ନିଜ ଆର୍ଥିକ କୁପରିଚାଳନା ପାଇଁ ପୂର୍ବ ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି।

କେନ୍ଦ୍ର ସରକାର ୨୦୨୦-୨୧ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ ବେଳେ ପେଟ୍ରୋଲ ଉପରେ ୨.୫ ଓ ଡିଜେଲ ଉପରେ ୪ ଟଙ୍କା କୃଷି ଭିତ୍ତିଭୂମି ସେସ୍ ଲଗାଇଥିଲେ। ଉପଭୋକ୍ତାଙ୍କ ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସେତେବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଫେଇ ଦେଇଥିଲେ। ଇତିମଧ୍ୟରେ ତେଲ ଦର ନିୟମିତ ଭାବେ ବଢ଼ିବାରେ ଲାଗିଛି। ଭୁବନେଶ୍ୱରରେ ପେଟ୍ରୋଲ ୯୧.୩୦ ଟଙ୍କା ଓ ଡିଜେଲ ୮୮.୨୪ ଟଙ୍କାରେ ପହଞ୍ଚିଛି। ଦେଶର କେତେକ ସହରରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇବା ଆରମ୍ଭ ହୋଇଥିବାରୁ ନେପାଳ ଓ ଶ୍ରୀଲଙ୍କା ଭଳି ପଡ଼ୋଶୀ ଦେଶରେ ପେଟ୍ରୋଲ ଓ ଡିଜେଲ ଶସ୍ତାରେ ମିଳୁଛି। ହେଲେ ଭାରତରେ ତେଲ ଦର କାହିଁକି ଆକାଶ ଛୁଉଁଛି ବୋଲି କେବଳ ବିରୋଧୀ ନୁହନ୍ତି, ବରଂ ସାଧାରଣ ଉପଭୋକ୍ତା ମଧ୍ୟ ପ୍ରଶ୍ନ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । କେତେକ ସମସ୍ୟାକୁ କେନ୍ଦ୍ରକରି ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଈର୍ଷା ପରାୟଣ ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ି ନ ପାରନ୍ତି ।

**ବୃଷ** – ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରି ଶୁଭ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ସମାଲୋଚିତ ହେବେ। ପ୍ରଶାସନ, ଆଇନ ଅଦାଲତ ଓ କଳା, ସାହିତ୍ୟରେ ଉନ୍ନତି କରିବେ।

**ମିଥୁନ** – କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି । ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିଯୁକ୍ତ ହେଲେ କିଛି ଅସୁବିଧା ହେବନି। ଆକସ୍ମିକ ଭାବରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ । ପାଖରେ ନ ଥିବା ଜିନିଷଟି ପାଇଁ ଘରେ ତର୍କ ଓ ବିବାଦ ବଢ଼ିପାରେ ।

**କର୍କଟ** – ଆତ୍ମୀୟସ୍ୱଜନଙ୍କ ସହଯୋଗରେ ସକାଳୁ ସକାଳୁ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ଦକ୍ଷତା ଓ ସଚ୍ଚୋଟତା ହେତୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ସିଂହ** – ସରକାରୀ କାମରେ ଆଜି ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାହାଯ୍ୟ କରିବାକୁ ଯାଇ ପର ପାଇଁ ନିଜେ ହଇରାଣରେ ପଡ଼ିପାରନ୍ତି। ମାନସିକ ଅସ୍ଥିରତା କାରଣରୁ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** – କୌଣସି କ୍ଷେତ୍ରରେ ବିବାଦୀୟ ବିଷୟକୁ ନେଇ ମୁଣ୍ଡ ନ ପୂରାଇବା ଭଲ ହେବ । ବାରମ୍ବାର କାନକୁହା କଥା ଶୁଣି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବାର ଆଶଙ୍କା ରହିଛି । ବ୍ୟବସାୟରେ ସମସ୍ୟା ଗୁରୁତର ଆକାର ଧାରଣ କରିପାରେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦିତ ହେବେ ।

**ତୁଳା** – ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟା ଆଜି ହଠାତ୍ ସମାଧାନ ହେବ । ମାଙ୍ଗଳିକ କାର୍ଯ୍ୟରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଧ୍ୟ ବାଧକତାରେ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁଁ ମାନସିକ ସୁସ୍ଥତା ବ୍ୟାହତ ହେବ ।

**ବିଛା** – କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ । ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ । ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି ।

**ଧନୁ** – ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ । ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । କଚେରି ମାମଲାରେ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କ୍ଷତିର ଆଶଙ୍କା ରହିଛି ।

**ମକର** – ମାନସିକ ଅସ୍ଥିରତା କାରଣରୁ ଭଲ କଥାକୁ ଭୁଲ୍ ବୁଝିପାରନ୍ତି । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି । ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ ।

**କୁମ୍ଭ** – ପାରିବାରିକ ଶୃଙ୍ଖଳା ରକ୍ଷା କରିବା ପାଇଁ ବନ୍ଧୁମାନଙ୍କ ସାହାଯ୍ୟ ଦରକାର ପଡ଼ିପାରେ । କର୍ମକ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ଅପରାହ୍ନରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ପଡ଼ୋଶୀଙ୍କ ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ ।

**ମୀନ** – ଆକସ୍ମିକ ଭାବରେ ଅନ୍ୟର କାମରେ ବାହାରକୁ ଯିବାକୁ ପଡ଼ିପାରେ । ଅତୀତ କଥାକୁ ନେଇ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ । ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ । ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ ।

ଆଜି ମାଘ ଶୁକ୍ଳ ଦଶମୀ ସୋମବାର, ଫେବୃୟାରୀ ୨୨ ତାରିଖ, ମୌଲାନା ଅବୁଲ୍‌କଲାମ୍ ଆଜାଦ୍‌ଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା.ଘ.୧୦।୫୬ ଗତେ, ଆର୍ଦ୍ରା/ମିଥୁନ, କନ୍ୟା ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୫ ଗତେ ଘ.୦୭।୪୭ ମଧ୍ୟେ, ଘ୧୦।୫୧ ଗତେ ଘ.୦୧।୦୯ ମଧ୍ୟେ ଅମୃତବେଳା। ଦିବା ଘ.୦୩।୨୭ ଗତେ ଘ.୦୪।୫୯ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୭।୪୧ ଗତେ ଘ.୦୯।୦୭ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883. D-70193

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227. D-19978

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834. D-70188

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




House at Nayapalli near DAV/Stewart School, family. 9438490107, 8895096862 D-70430

4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997




Refreshing your mind & body with best therapy at Lotus SPA. 8018234866. D-59978

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Swarna SPA newly open positively health benefits with expert therapist. 9556978408. D-70533

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70534




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**1st Birthday**



**Bhabyasree Jena (Trisha)**

ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଆମର ବଡ଼ ଠାକୁରଙ୍କ ପାଖରେ ପ୍ରାର୍ଥନା
ପିତା- ବିରେନ୍ କୁମାର ଜେନା,
ମାତା- ଲିଜାରାଣୀ ଜେନା,
-:ଶୁଭେଚ୍ଛା ସହ:-
ଜେଜେବାପା, ଜେଜେମାଆ, ଦାଦା, ଭାଇ, ଭଉଣୀ ଓ ପରିବାରବର୍ଗ ।
ଧ-୨୦୦୦୨

# ଜୈବବିବିଧତା ସନ୍ତୁଳନରେ ଲାଲ କଙ୍କଡ଼ା

ମହାକାଳପଡ଼ା,୨୧।୨(ଡି.ଏନ୍.ଏ.)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦଳି ବେଳାଭୂମିରେ ଲାଲ କଙ୍କଡା ଦଳ।

ସାମୁଦ୍ରିକ ବିରଳ ଜୀବ ମଧ୍ୟରେ ଲାଲ କଙ୍କଡା ଜୈବବିବିଧତା ଓ ପ୍ରାକୃତିକ ପରିବେଶ ସନ୍ତୁଳନ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ସମୁଦ୍ରରୁ ଭାସି ଆସୁଥିବା ବର୍ଜ୍ୟବସ୍ତୁ ଓ ଛୋଟ ଛୋଟ ସରୀସୃପ, ପଚା କଇଁଛ, ମାଛକୁ ଖାଇବା ସହ ଅନ୍ୟ ପଦାର୍ଥକୁ ନିଜ ଗାତରେ ସାଇତି ରଖିଥାନ୍ତି। ବାଲୁକା ଶଯ୍ୟାରେ ଗାତ କରିବା ଦ୍ୱାରା ଏଥିରେ ପବନ ପଶି ଉର୍ବରତା ବୃଦ୍ଧିରେ ସହାୟକ ହୋଇଥାଏ। ଏମାନେ ସମୁଦ୍ର ବାଲୁକା ଶଯ୍ୟା ଓ ବିସ୍ତୀର୍ଣ୍ଣ ବେଳାଭୂମିରେ ଦଳଦଳ ହୋଇ ବହୁସଂଖ୍ୟାରେ ଖୁବ୍ ପ୍ରଖର ବେଗରେ ବିଚରଣ କରିଥାନ୍ତି। ଶତ୍ରୁକୁ ଦେଖିଲେ ନିଜ ସୁରକ୍ଷିତ ଗଭୀର ଗାତ ମଧ୍ୟକୁ ଚାଲି ଯାଇଥାନ୍ତି। ପରେ ବିଷାକ୍ତ ଶିଙ୍ଗରେ ଆକ୍ରମଣ କରିଥାନ୍ତି। ଏହି କଙ୍କଡାକୁ ଖାଦ୍ୟ ରୂପେ ଗ୍ରହଣ କରାଯାଇ ନ ଥାଏ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ମତ୍ସ୍ୟଜୀବୀମାନେ ସମୁଦ୍ରରେ ମାଛ ଧରିବା ବେଳେ ପ୍ଲାଷ୍ଟିକ ଗାଞ୍ଜି ଜାଲରେ ପଡି ଏମାନେ ମୃତ୍ୟୁ ମୁଖରେ ପଡନ୍ତି। ସ୍ଥାନୀୟ କଳକାରଖାନା ବିଷାକ୍ତ ବର୍ଜ୍ୟବସ୍ତୁ ସମୁଦ୍ରକୁ ଛାଡ଼ିବା ଦ୍ୱାରା ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଏମାନଙ୍କ ସୁରକ୍ଷା ଲାଗି ଲୋକଙ୍କୁ ସଚେତନ କରିବା ଜରୁରୀ ହୋଇପଡିଛି ବୋଲି ପରିବେଶ ପ୍ରେମୀ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ଗହୀରମଥା ଅଭୟାରଣ୍ୟ ବେଳାଭୂମିରେ ଏମାନେ ଶତାଧିକ ଦେଖିବାକୁ ମିଳିଥାନ୍ତି। ବିଶେଷକରି ଅଗରନାଶି, ମାଦଳୀ, ହେଟାମୁଣ୍ଡିଆ, ଷୋଳ ମୁହାଣ, ଲଞ୍ଚ ଘୋଲା ସମେତ ମହାନଦୀ ତ୍ରିକୋଣ ଭୂମି ହେନ୍ତାଳ ଜଙ୍ଗଲ ଅଞ୍ଚଳରେ ଲାଲ କଙ୍କଡ଼ା ଦେଖିବାକୁ ମିଳିଥାଏ। ଏହି କଙ୍କଡା ସାଧାରଣତଃ ଲାଲ ଓ ହଳଦିଆ ଦୁଇଟି ରଙ୍ଗରେ ଦେଖିବାକୁ ମିଳନ୍ତି। ଏମାନଙ୍କର ଗୋଟିଏ ଗୋଡ ବଡ ଥିଲାବେଳେ ଅନ୍ୟ ଗୋଡଟି ସାନ ଥାଏ। ଏମାନେ ସଂଘବଦ୍ଧ ଭାବେ ବସବାସ କରିବାକୁ ପସନ୍ଦ କରିଥାନ୍ତି। ପ୍ରାକୃତିକ ଦୁର୍ବିପାକ ପୂର୍ବରୁ ଏମାନେ ସଂଘବଦ୍ଧ ଭାବେ ସ୍ଥଳ ଭାଗକୁ ଉଠି ପିଣ୍ଡୁଳା ଭାବେ ମେଳି ବାନ୍ଧି ଥାନ୍ତି। ବନ୍ୟା, ବାତ୍ୟା ସମୟରେ ନିଜ ଗାତ ଛାଡ଼ି ଅନ୍ୟ ଏକ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେଇଥାନ୍ତି।

### ସୁରକ୍ଷା, ସଚେତନତା ଜରୁରୀ

ସମୁଦ୍ର ନିଷିଦ୍ଧାଞ୍ଚଳରେ ଟ୍ରଲର, ବୋଟ୍‌ର ମତ୍ସ୍ୟଜୀବୀମାନେ ବୋଟ ରଖି ରୋଷେଇ କରିବା ଦ୍ୱାରା ଏମାନେ ଉକ୍ତ ସ୍ଥାନକୁ ଆସି ନ ଥାନ୍ତି। ଯାହାଦ୍ୱାରା ଏମାନେ ପୂର୍ବ ସ୍ଥାନ ଛାଡିବା ଦ୍ୱାରା ବିପଦରେ ପଡିଥାନ୍ତି। ଏମାନେ ସମୁଦ୍ର କୂଳର ବାଲିଆ ସ୍ଥାନରେ ଗାତ ଖୋଳି ପଚାଶଢ଼ା ବର୍ଜ୍ୟବସ୍ତୁ ରଖିବା ଦ୍ୱାରା ଏହା ମୃତ୍ତିକା ଉର୍ବରତାରେ ସହାୟ ହୋଇଥାଏ। ଫଳରେ ହେନ୍ତାଳ, ଗୁଆଁ, ରାଇ, ସୁନ୍ଦରୀ, କେରୁହଁ, ଝାଉଁ, କାଳିଆ ଖାଡି, ବନୀ ଆଦି ବୃକ୍ଷଗୁଡ଼ିକ ବଢ଼ିବାରେ ସହାୟକ ହୋଇଥାଏ। ତେବେ ପର୍ଯ୍ୟଟକମାନେ ଏହି ସ୍ଥାନକୁ ଆସି ସମୁଦ୍ର ବେଳାଭୂମିରେ ବିଚରଣ କରୁଥିବା ନାଲି କଙ୍କଡା ଦଳ ଦୃଶ୍ୟ ଦେଖିବାକୁ ପସନ୍ଦ କରିଥାନ୍ତି।

# ଶିକ୍ଷାରେ ସମାଜ ପ୍ରତିଷ୍ଠା ଲକ୍ଷ୍ୟ

**ସାର୍ଟିଫିକେଟରେ ଶିକ୍ଷା ସୀମିତ ନୁହେଁ। ଅନାବିଷ୍କୃତ ଜ୍ଞାନକୁ ଠାବ କରିବା ହେଉଛି ଜୀବନର ମୂଳ ପାଠ। ଏହି ଉପଲବ୍ଧି ସହ ମୂଲ୍ୟଭିତ୍ତିକ ଶିକ୍ଷାଦାନ ଜରିଆରେ ସମାଜ ଗଢ଼ିବାର ଲକ୍ଷ୍ୟ ରଖନ୍ତି ଓଡିଏମ୍ ଏଜୁକେଶନାଲ ଗ୍ରୁପ୍ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମୀନକେତନ। କେନ୍ଦ୍ରାପଡ଼ାରୁ କାଲିଫର୍ନିଆ, ଉଚ୍ଚାରଣରୁ ଆଚରଣ ବାରି ହୋଇପଡ଼େ ତାଙ୍କ ମହତ୍ ଉଦ୍ଦେଶ୍ୟ। ଜଣାଶୁଣା ଶିକ୍ଷାବିତ୍, ଲେଖକ, ସୁବକ୍ତା ଓ ସାମାଜିକ କର୍ମୀ ଡ. ମୀନକେତନ ଏଭଳି ଏକ ପଥ ନିର୍ମାଣ କରନ୍ତି, ଯହିଁରେ ସୁଯୋଗ ଓ ସଫଳତା ଛାତ୍ରୀଛାତ୍ରଙ୍କ ଯାତ୍ରାର ସହଯାତ୍ରୀ ହୁଏ। ୧୯୮୯ରେ ଓଡିଏମ୍ ପବ୍ଲିକ୍ ସ୍କୁଲର ମୂଳଦୁଆ ପଡ଼ିବାଠାରୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଧରିତ୍ରୀ ସହ ଆଳାପ।**



**ଶିକ୍ଷା ଉପରେ କରୋନାର ପ୍ରଭାବ କିପରି ରହିଛି?**

୨୦୧୯-୨୦ ଶିକ୍ଷାବର୍ଷ ଶେଷ ବେଳକୁ ମହାମାରୀର ପ୍ରଭାବ ରାଜ୍ୟରେ ପରିଲକ୍ଷିତ ହୋଇଥିଲା। ୨୦୨୦-୨୧ ଶିକ୍ଷାବର୍ଷ ଆରମ୍ଭରୁ ଶିକ୍ଷାଦାନ ଓ କ୍ଲାସ୍‌ରୁମ ବ୍ୟବସ୍ଥାକୁ ନେଇ ଆମେ ଚିନ୍ତିତ। ଆମ ପାଖରେ ଅତ୍ୟାଧୁନିକ ବ୍ୟବସ୍ଥା ରହିଥିବାରୁ ଶିକ୍ଷାଦାନରେ କୌଣସି ଅସୁବିଧା ହୋଇ ନ ଥିଲେ ମଧ୍ୟ ଏହି ଶିକ୍ଷାବର୍ଷ ସ୍ମୃତି ହୋଇ ରହିବ। ଛାତ୍ରୀଛାତ୍ର-ଶିକ୍ଷକ-କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ପାଇଁ କ୍ୟାମ୍ପସ ପରିବେଶ ଏକ ନିଆରା ଅନୁଭୂତି।

**୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଯୋଜନା କ'ଣ?**

ଗତ ବର୍ଷ (୨୦୨୦-୨୧) ଅପେକ୍ଷା ଚଳିତ ବର୍ଷ (୨୦୨୧-୨୨)ର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଅତ୍ୟାଧୁନିକ କରାଯିବ। ସବୁ ଠିକ ରହିଲେ ଭୁବନେଶ୍ୱର ସମେତ ସାରା ଓଡ଼ିଶା ଏପରିକି ଭାରତ ବର୍ଷ ଓଡିଏମ୍ ପବ୍ଲିକ୍ ସ୍କୁଲର ପ୍ରଦର୍ଶନ ଦେଖିବ। ଏହି ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ଶିକ୍ଷା କହିଲେ କେବଳ ପାଠପଢ଼ା-ପରୀକ୍ଷା-ରେଜଲ୍ଟକୁ ବୁଝେନାହିଁ। ପାଠପଢ଼ା କେବଳ ଚାକିରି ପାଇଁ ନୁହେଁ। ସମାଜ ପ୍ରତିଷ୍ଠା ପାଇଁ ଭଲ ମଣିଷଙ୍କ ଆବଶ୍ୟକତା ରହିଛି, ଯାହାକି ଓଡିଏମ୍ ଗ୍ରୁପ୍ ଅଫ ଏଜୁକେଶନ ପୂରଣ କରିବ। ଅଭିଭାବକଙ୍କ ଭରସା ଓ ଭଲ ପାଇବାକୁ ପୁଞ୍ଜି କରି ଆଗକୁ ଯାତ୍ରା କରିବା ପାଇଁ ଯୋଜନା ରହିଛି।

**ଓଡିଏମ୍ ପରିବାର ମହାମାରୀ ସମୟରେ କିଭଳି ପ୍ରଭାବିତ ହୋଇଥିଲା?**

୩ ଶିକ୍ଷକ ଓ ୩୦ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଶିକ୍ଷାନୁଷ୍ଠାନରେ ଆଜି ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ୨୦୦ରୁ ଅଧିକ କର୍ମଚାରୀ। ଏମାନଙ୍କ ସହ ପ୍ରାୟ ୫ ହଜାର ବିଦ୍ୟାର୍ଥୀଙ୍କୁ ନେଇ ଓଡିଏମ୍ ପରିବାର। ମୁରବି ହୋଇଥିବାରୁ ଭଲ ମଣିଷ ଗଢ଼ିବା ମୋ କର୍ତ୍ତବ୍ୟ ଓ ଦାୟିତ୍ୱ। ମହାମାରୀରେ ପିଲାଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଇଥିଲା। କରୋନା ଯୋଗୁ କିଛି ମାସ ପାଇଁ ଦୂରତା ବଢ଼ିଯାଇଥିଲା, ଏବେ ପୁଣି ସ୍ୱାଭାବିକ ସ୍ଥିତି ଫେରୁଛି।

**ଏଥର ବଜେଟରେ ଶିକ୍ଷା ପାଇଁ କ'ଣ ଅଛି?**

୨୦୨୧-୨୨ ସାଧାରଣ ବଜେଟ ଏକ ବହୁମୁଖୀ ବଜେଟ। ଏହା ଗୁଣାତ୍ମକ ଶିକ୍ଷାକୁ ଗତିଶୀଳ କରିବ। ଏଥିରୁ ନୂତନ ନିୟମାବଳୀ ଓ ଶିକ୍ଷା ବ୍ୟବସ୍ଥା କିପରି ହେଉଛି ତା' ଉପରେ ନଜର ରଖିବା ହେଉଛି ଶିକ୍ଷାବିତ୍‌ଙ୍କ କର୍ତ୍ତବ୍ୟ। ସରକାର ଦେଶର ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ବ୍ୟବସାୟ ଓ ବଜାର ଚାହିଦାକୁ ପୂରଣ କରିବା ଲାଗି ମହତ୍ତ୍ୱାକାଂକ୍ଷୀ ନିଷ୍ପତ୍ତି ନେଇଛନ୍ତି।

**ଭୁବନେଶ୍ୱରରେ ଅନେକ ପ୍ରମୁଖ ବିଦ୍ୟାଳୟ ରହିଛି, ସେସବୁକୁ କିପରି ଦେଖୁଛନ୍ତି?**

ସ୍କୁଲର ସଂଜ୍ଞା ଜାଣିଥିବା ଲୋକେ ପ୍ରତିଦ୍ୱନ୍ଦ୍ୱୀ ନ ହୋଇ ନିଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ଶିକ୍ଷାର ମାନବୃଦ୍ଧି ପାଇଁ କଠିନ ପରିଶ୍ରମ କରୁଛନ୍ତି। ବରଗଛ ହେବାଠାରୁ ଦୁବଘାସ ହେବା ଭଲ। ଦୁବଘାସ ଆଉ ବରଗଛ ଭିତରେ ଥିବା ଫରକ୍ ବ୍ୟବସାୟୀ ନୁହନ୍ତି, ବିଦ୍ୱାନମାନେ ଖୋଜି ପାଇବେ। କିଏ କ'ଣ କଲେ ତାକୁ ଲକ୍ଷ୍ୟ ନ କରି ମୁଁ କ'ଣ କରିପାରିବି ସେ ବିଷୟରେ ଚିନ୍ତା କଲେ ସଫଳତା ଓ ସୁନାମ ମିଳେ।

**ସଫଳତାର ଶ୍ରେୟ କାହାକୁ ଦେବେ?**

ସାମୂହିକ ଉଦ୍ୟମରେ ସଂସ୍ଥାକୁ ସଫଳତା ମିଳେ। ଓଡିଏମ୍‌ର ସଫଳତା ପଛରେ ମୋ ସହଧର୍ମିଣୀଙ୍କ ଶତ ଚେଷ୍ଟା ଓ ସହଯୋଗ ରହିଛି। ଏହି ଶ୍ରେୟ ତାଙ୍କୁ ଉତ୍ସର୍ଗୀକୃତ। ଓଡିଏମ୍ ପରିବାର ପ୍ରତି କର୍ମଚାରୀଙ୍କ ଭଲ ପାଇବା, ଭରସା ଓ ନିଷ୍ଠାପରତା ସାଙ୍ଗକୁ ଅଭିଭାବକଙ୍କ ସହଯୋଗ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଛି।

**ଶିକ୍ଷା, ସମାଜସେବା, କଳା ଓ ସ୍ୱାସ୍ଥ୍ୟସେବା ଏସବୁରେ ସମନ୍ୱୟ କିପରି ରଖନ୍ତି?**

ବଳ ବୟସ ଓ ଭଲ ସମୟ ଅଛି ବୋଲି ସବୁକିଛି କରିପାରୁଛି। ଛୋଟ ଗାଁରୁ ଆସି ବଡ଼ ସହରରେ ରହିଥିଲେ ମଧ୍ୟ କଳା, ସଂସ୍କୃତି, ସ୍ୱାସ୍ଥ୍ୟସେବା ଓ ସାମାଜିକ କାର୍ଯ୍ୟକ୍ରମ କରିବା ଜଣେ ଭଲ ମଣିଷର ପରିଚୟ। ସମାଜ ଆମକୁ ସବୁକିଛି ଦେଇଥିବାରୁ ସମାଜକୁ ସମୟ ଦେବା ଆମ କର୍ତ୍ତବ୍ୟ। ସାମାଜିକ ପରିବର୍ତ୍ତନ ପାଇଁ ଶିକ୍ଷା ହିଁ ସବୁ କିଛି। ଭଲ ମଣିଷ ତିଆରି କରି ସମାଜ ପ୍ରତିଷ୍ଠା କରିବା ପାଇଁ ମୁଁ ଦୃଢ଼ ସଂକଳ୍ପବଦ୍ଧ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ଚାଉଳ ବୋଝେଇ ଟ୍ରକ୍ ଓଲଟି ୨ ମୃତ

କୋଡ଼ିଙ୍ଗା/ନବରଙ୍ଗପୁର,୨୧।୨(ଡି.ଏନ୍.ଏ./ବି.ପ୍ର.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା-ଦୁରାଗାଁ ରାସ୍ତା ଡଙ୍ଗାପଖନା ନିକଟରେ ରବିବାର ଅପରାହ୍ନରେ ଏକ ଚାଉଳ ବୋଝେଇ ଟ୍ରକ୍ ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ନବରଙ୍ଗପୁର ବ୍ଲକ୍ ଟିର୍ଲିଆମ୍ବଗୁଡ଼ା ଗ୍ରାମର ନବ ହରିଜନ(୪୦) ଏବଂ ସରାଦୁ ଭତରା(୩୫)।




ସୂଚନା ଅନୁଯାୟୀ, ନବରଙ୍ଗପୁରରୁ ଏକ ମିନି ଟ୍ରକ୍(ଓଡି୧୦ ଏମ୍ ୭୧୦୮) ମଧ୍ୟାହ୍ନଭୋଜନ ଚାଉଳ ନେଇ କୋଷାଗୁମୁଡ଼ା ବ୍ଲକ୍‌କୁ ଯାଉଥିଲା। ଗାଡ଼ିରେ ୧୮୦ ବସ୍ତା ଚାଉଳ ବୋଝେଇ ହୋଇଥିବାବେଳେ ଡଙ୍ଗାପଖନା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଟ୍ରକ୍‌ରେ ଥିବା ଦୁଇ ଶ୍ରମିକ ନବ ଏବଂ ସରାଧୁଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ କୋଡ଼ିଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ଗୁରୁଡ଼ିଝାଟିଆ ସେବା ସମବାୟ ସମିତି ପିଅନ ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର,୨୧।୨(ବ୍ୟୁରୋ)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ଆଠଗଡ଼ ଶାଖା ଅଧୀନରେ ଥିବା ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ କୃଷି ଋଣ ଜାଲିଆତି ଓ ଆର୍ଥିକ ଅନିୟମିତତା ଘଟଣାରେ ଗୁରୁଡ଼ିଝାଟିଆ ସେବା ସମବାୟ ସମିତିର ପିଅନ ପ୍ରବୋଧ ରଞ୍ଜନ ପରିଡ଼ାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଚାଷୀମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଜାଲିଆତି ଓ ହେରଫେର ଅଭିଯୋଗର ତଦନ୍ତ ରିପୋର୍ଟରେ ତାଙ୍କ କାର୍ଯ୍ୟରେ ଅସଦ ଆଚରଣ ଓ ଗୁରୁତର ଦୁର୍ନୀତି ହୋଇଥିବା ବିଷୟ ଉଲ୍ଲେଖ ରହିଥିବା ଦୃଷ୍ଟିରୁ ଏବଂ ସେବା ସମବାୟ ପରିଚାଳନା ନିଷ୍ପତ୍ତି କ୍ରମେ ପ୍ରବୋଧ ରଞ୍ଜନ ପରିଡ଼ାଙ୍କୁ ସମବାୟ ବିଭାଗ ଦ୍ୱାରା କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏହି ବହିଷ୍କାର ଆଦେଶ ତୁରନ୍ତ ଲାଗୁ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ପୂର୍ବରୁ କୃଷି ଋଣ ଜାଲିଆତି ପ୍ରସଙ୍ଗରେ ପ୍ରବୋଧଙ୍କୁ ନିଲମ୍ବନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ଚାଷୀଙ୍କ ନାମରେ ବ୍ୟାପକ କୃଷି ଋଣ ଦୁର୍ନୀତି ଅଭିଯୋଗ ଆସିବା ପରେ ସମବାୟ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତ ପରେ ସେବା ସମବାୟ ସମିତିର ସମ୍ପାଦକଙ୍କ ସମେତ ଅନ୍ୟ କେତେକ କର୍ମଚାରୀ ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଆଠଗଡ଼ ଶାଖାର କେତେକ ଅଧିକାରୀ, କର୍ମଚାରୀଙ୍କ ସମେତ ୯ ଜଣଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଘଟଣାର ଉପଯୁକ୍ତ ତଦନ୍ତ ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭୁବନେଶ୍ୱରସ୍ଥିତ ସିଆଇଡି, କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାକୁ ନିବନ୍ଧକ, ସମବାୟ ସମିତି ସମୂହଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଏହାର ସବିଶେଷ ତଦନ୍ତ କରାଯାଉଛି। ଏହା ପୂର୍ବରୁ ଗୁରୁଡ଼ିଝାଟିଆ ସେବା ସମବାୟ ସମିତିର ନିଲମ୍ବିତ ସମ୍ପାଦକ ବିଜୟ କୁମାର ଦାସଙ୍କୁ ତାଙ୍କ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ପରିଚାଳନା ପରିଷଦ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ ପରେ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା।

# ୧୩ରେ ଚଣ୍ଡିଖୋଲରେ ହେବ ମହାପଞ୍ଚାୟତ




ଚଣ୍ଡିଖୋଲ,୨୧।୨(ଡି.ଏନ୍.ଏ.)

କେନ୍ଦ୍ରସରକାରଙ୍କ ୩ କୃଷିଆଇନକୁ ବିରୋଧ କରି ନୂଆଦିଲ୍ଲୀରେ ଚାଲିଥିବା କୃଷକଙ୍କ ଆନ୍ଦୋଳନ ୮୮ ଦିନ ଅତିକ୍ରମ କଲାଣି। ତୁରନ୍ତ କୃଷି ଆଇନକୁ ପ୍ରତ୍ୟାହାର ଦାବି କରି ଆସନ୍ତା ମାର୍ଚ୍ଚ ୧୩ରେ ଚଣ୍ଡିଖୋଲ ଛକରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ମହାପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ରବିବାର ଚଣ୍ଡିଖୋଲ ନିକଟ ନୂଆ ସୁଙ୍ଗୁଡ଼ାଠାରେ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀମାନଙ୍କ ଦାବିକୁ ସରକାର ନ ମାନିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଘୋଷଣା କରିଥିଲେ। ୧୩ ତାରିଖରେ ହେବାକୁ ଥିବା ମହାପଞ୍ଚାୟତରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କୃଷକ ସଙ୍ଗଠନ କର୍ମକର୍ତ୍ତା ଯୋଗଦେବେ ବୋଲି ଅକ୍ଷୟ ସୂଚନା ଦେଇଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ରାଜନୈତିକ ଦଳମାନେ କୃଷକମାନଙ୍କୁ ଅସ୍ତ୍ର କରି ଭୋଟ ହାତେଇବାରେ ବ୍ୟସ୍ତ ରହୁଥିବାବେଳେ ସେମାନଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଉଛନ୍ତି। ତେଣୁ ଦେଶରୁ କୃଷି ଆଇନ ନ ହଟିବା ପର୍ଯ୍ୟନ୍ତ କୃଷକମାନେ ପଛକୁ ହଟିବେ ନାହିଁ ବୋଲି ନନ୍ଦ ଘୋଷଣା କରିଥିଲେ। ଗ୍ରାମସ୍ତରରେ ଚାଷୀମାନଙ୍କୁ ସଚେତନ କରାଯିବା ସହ କିଭଳି ସେମାନେ ଉଚିତ ନ୍ୟାୟ ପାଇବେ ସେନେଇ ଲଢେଇ ଜୋରଦାର କରାଯିବ ବୋଲି ବୈଠକରେ ଘୋଷଣା କରାଯାଇଥିଲା।

# ଭଡ଼ାଘରେ ସେକ୍ସ ର୍‍ୟାକେଟ୍

## ୪ ମହିଳା ଉଦ୍ଧାର, ୨ ପୁରୁଷ ଗିରଫ

ଭଦ୍ରକ ଅଫିସ, ୨୧।୨

ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଡଗମୁଣ୍ଡସ୍ଥିତ ଏକ ଭଡ଼ାଘରେ ଶନିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ସେକ୍ସ ର୍‍ୟାକେଟ୍ ଠାବ କରିଛି। ସହରରେ ଦୀର୍ଘଦିନ ଧରି ଏହି କାରବାର ଚାଲି ଆସୁଥିବା ବେଳେ ଏଥିରେ ସମ୍ପୃକ୍ତ ୪ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୨ ପୁରୁଷଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୮୩/୨୧) ରୁଜୁ ହୋଇଛି। ଉଦ୍ଧାର ହୋଇଥିବା ମହିଳାଙ୍କ ମଧ୍ୟରେ ନିକଟରେ ବହିଷ୍କୃତ ହୋଇଥିବା ଜଣେ ହୋମ୍‌ଗାର୍ଡ ଅଛନ୍ତି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଟାଉନ ଥାନାଧିକାରୀ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ଭଡ଼ାଘରେ କିଛିମାସ ହେବ କେତେଜଣ ମହିଳା ରହୁଥିଲେ। ଏହି ଘରକୁ ବହୁ ମହିଳା ଓ ପୁରୁଷ ଯିବାଆସିବା କରୁଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ କରି ଟାଉନ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ଚଢ଼ାଉ କରି ସନ୍ଦେହଜନକ ଭାବେ ସେମାନଙ୍କୁ ଥାନାକୁ ଉଠାଇ ନେଇଥିଲା। ଦୀର୍ଘ ସମୟ ତନାଘନା ପରେ ସେକ୍ସ ର୍‍ୟାକେଟ୍ ସମ୍ପର୍କରେ ପୋଲିସକୁ ତଥ୍ୟ ମିଳିଥିଲା। ତେବେ ଭଦ୍ରକ ମୁଖ୍ୟ ସହରଠାରୁ ମାତ୍ର କେଇ ମିଟର ଦୂରରେ ଏଭଳି ସେକ୍ସ ର୍‍ୟାକେଟ୍ ଚାଲିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ଭଦ୍ରକ ଡଗମୁଣ୍ଡସ୍ଥିତ ଭଡ଼ାଘରେ ଚଢ଼ାଉ କରୁଛି ପୋଲିସ।

# ହୋଟେଲରୁ ୧୭୪ ଗ୍ରାମ୍ ବ୍ରାଉନସୁଗାର ଜବତ: ୨ ଗିରଫ

ଆଠଗଡ଼,୨୧।୨(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ଥାନା ଅଧୀନ ରାଧାପତିପୁରସ୍ଥିତ ପାରିଜାତ ହୋଟେଲରୁ ରବିବାର ୧୭୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏସ୍‌ଟିଏଫ୍ (ସ୍ୱତନ୍ତ୍ର ଟାସ୍କ ଫୋର୍ସ)ଟିମ୍ ପକ୍ଷରୁ ଚଢ଼ାଉ କରି ହୋଟେଲ ମାଲିକଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। କୋଭିଡ୍ ଟେଷ୍ଟ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହୋଟେଲ ମାଲିକ ପ୍ରଶାନ୍ତ କୁମାର ସାହୁ ଏବଂ ତାଙ୍କ ସହଯୋଗୀ ବିକାଶ କୁମାର ସ୍ୱାଇଁ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି। ଏନେଇ ଆଠଗଡ଼ ଥାନାରେ ଧାରା ୨୧ (ବି) ଏନ୍ ଡି ପିଏସ୍ ଆକ୍ଟ ଅନୁସାରେ ମାମଲା (ନଂ.୩୪/୨୧)ରୁଜୁ ହୋଇଛି। ଗତ କିଛି ଦିନ ହେବ ଆଠଗଡ଼ ଅଞ୍ଚଳରେ ଚୋରା ଗଞ୍ଜେଇ ଓ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଏନେଇ ଏସ୍‌ଟିଏଫ୍ ପୂର୍ବରୁ ଏହି ଅଞ୍ଚଳ ଉପରେ ନଜର ରଖିଥିଲା। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏହାର ସ୍ୱତନ୍ତ୍ର ଟିମ୍ ହଠାତ୍ ପାରିଜାତ ହୋଟେଲ ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନଙ୍କଠାରୁ ୨ଟି ମୋବାଇଲ ଫୋନ୍ ଓ ଗୋଟିଏ ଓଜନ ମେଶିନ ସମେତ ନଗଦ ୬୩୮୦ ଟଙ୍କା ଜବତ କରାଯାଇଛି। କାରବାରରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ଆଠଗଡ଼ ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି, ଏସ୍‌ଟିଏଫ୍ ଅଭିଯୁକ୍ତମାନଙ୍କୁ ଆଠଗଡ଼ ପୋଲିସକୁ ହସ୍ତାନ୍ତର କରିବା ପରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।



ଜବତ ବ୍ରାଉନ୍‌ସୁଗାର, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

# ବିବାହ ଭୋଜି ଖାଇ ୫୪ ଅସୁସ୍ଥ, ୩ ଗୁରୁତର

## ଖାଦ୍ୟ ବିଷକ୍ରିୟା ଯୋଗୁ ଝାଡ଼ାବାନ୍ତି

ପଟ୍ଟାମୁଣ୍ଡାଇ,୨୧।୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗାଁର ଏକ ବରଯାତ୍ରୀ ଦଳ ଶନିବାର ରାତିରେ ରାଜନଗର କେରାଡାଗଡ ଗାଁକୁ ଯାଇଥିଲେ। ସେଠାରେ ଭୋଜିଖାଇ ରାତିରେ ଘରକୁ ଫେରିଥିଲେ। ହେଲେ ରବିବାର ସକାଳୁ ଖାଦ୍ୟ ବିଷକ୍ରିୟା ଯୋଗୁ ଅଧିକାଂଶ ବରଯାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତୁରନ୍ତ ଗାଁର କେତେଜଣ ଯୁବକଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେମାନଙ୍କ ଚିକିତ୍ସା କରିବା ସହ ସାଲାଇନ୍ ଓ ଔଷଧ ପ୍ରଦାନ କରିଥିଲେ। ଡାକ୍ତରଖାନା ସୂତ୍ରରୁ ଜଣାପଡିଛି ଗାଁର ୫୭ ଜଣ ଅସୁସ୍ଥ ହୋଇ ଚିକିତ୍ସା ଲାଗି ଆସିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ରକ୍ତବାନ୍ତି କରି ଗୁରୁତର ହୋଇପଡିଥିଲେ। ସେମାନେ ହେଲେ ଶଙ୍ଖଦତ୍ତ ମଳିକ(୨୫), ପ୍ରତୀକ ମଳିକ (୩୦) ଓ ବାୟା ମଳିକ (୨୫)। ଡାକ୍ତର ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇ ଦେଇଥିଲେ। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ପ୍ରମୋଦିନୀ ମଳିକ (୧୮), ରିଙ୍କି ମଳିକ (୧୪), ମଣ୍ଟୁ ମଳିକ (୨୩), ବିଷ୍ଣୁ ମଳିକ(୧୮), ରମାକାନ୍ତ ମଳିକ (୬୦), ଆନନ୍ଦ ମଳିକ (୧୮), ଜୟଶ୍ରୀ ମଳିକ (୨୩), ଗଣେଶ ମଳିକ (୫୦), ଅନିଲ ମଳିକ (୧୫), ପ୍ରଦୀପ ମଳିକ (୨୩), ବଳରାମ ମଳିକ(୨୧), ପ୍ରକାଶ ମଳିକ(୨୧), ଦିଲ୍ଲୀପ ମଳିକ ପ୍ରମୁଖ ସୁସ୍ଥ ହେଲା ପରେ ଘରକୁ ଛାଡି ଦିଆଯାଇଛି। ବିବାହ ଭୋଜିଖାଇ ଖାଦ୍ୟ ବିଷକ୍ରିୟା ଯୋଗୁ ଝାଡାବାନ୍ତି ହୋଇଛି ବୋଲି ଡାକ୍ତର ଚନ୍ଦ୍ରଶେଖର ଦାସ କହିଛନ୍ତି।



ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ।

ଅତିମାନବ କିଏ ? ଯେ ଏହି ଜଡମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇ ପାରେ- ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। -ଶ୍ରୀଅରବିନ୍ଦ



# କେବଳ ଦଳ ନୁହେଁ

ଗଣତନ୍ତ୍ରର ଏକ ମୌଳିକ ଆବଶ୍ୟକତା ହେଉଛି ନିର୍ବାଚନ। ନିର୍ବାଚନ ପରେ ଗଠିତ ସରକାର ଦଳର ସୀମା ପରିସର ଭିତରେ ରହିବା ପରିବର୍ତ୍ତେ ସାଧାରଣ ନାଗରିକଙ୍କ ମଙ୍ଗଳ ଚିନ୍ତା କରିବା କଥା। ୨୦ ଫେବୃୟାରୀରେ ନୀତି ଆୟୋଗ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ମତ ଦେବା ପରେ ତାହା ରାଜନୈତିକ ପରିମଣ୍ଡଳରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ନବୀନ କେଉଁ ଦଳକୁ ଇଙ୍ଗିତ କରି କହିଛନ୍ତି ତାହା ବେଶ୍ ବୁଝାପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଗତ କିଛି ସମୟ ଧରି ନବୀନ ପଟ୍ଟନାୟକ କୌଣସି ରାଜନୈତିକ ମନ୍ତବ୍ୟ ଦେଉ ନ ଥିଲେ। ଅପରପକ୍ଷରେ ଫେବୃୟାରୀ ୯ରେ ଓଡ଼ିଶା କ୍ୟାବିନେଟ୍ ବୈଠକରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଦୁଇଗୁଣା କରିବା ଲାଗି କେନ୍ଦ୍ର ପାଖରେ ଦାବି ଏବଂ ୨୦୧୯ ନିର୍ବାଚନଠାରୁ ଆଜି ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିବା କାଳିଆ ଯୋଜନାକୁ ୧,୨୭୨ କୋଟି ଟଙ୍କା ଦେଇ ପୁନର୍ଜୀବିତ କରାଇବା ଫଳରେ ବୁଝାପଡୁଛି ଯେ, କୃଷକଙ୍କ ସମର୍ଥନରେ ରହିଛନ୍ତି ବୋଲି ନବୀନ ସ୍ପଷ୍ଟ ବାର୍ତ୍ତା ଦେଉଛନ୍ତି।

ଦେଖାଯାଉଛି ଯେ, ଅନ୍ୟ ରାଜନୈତିକ ଦଳ ସହ ଜଡ଼ିତ ଥିବା ଲୋକଙ୍କୁ ଶାସକ ଦଳ ନେତାମାନେ ହଇରାଣ ହରକତ କରିଥାଆନ୍ତି। ଏବେକାର ସ୍ଥିତିରେ କେବଳ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହଇରାଣ କରାଯିବା ନୁହେଁ, ସାଧାରଣ ନାଗରିକ, ଛାତ୍ରୀଛାତ୍ର, ପ୍ରତିବାଦକାରୀ, ସାମାଜିକ କର୍ମୀଙ୍କୁ ମଧ୍ୟ ପୋଲିସ ଜୁଲମ, ପିଟିକରି ମାରିଦେବା ଏବଂ କୋର୍ଟ ମାଧ୍ୟମରେ ଦଣ୍ଡିତ କରାଯାଉଥିବା ଦେଖିବାକୁ ମିଳୁଛି। ଏହାବ୍ୟତୀତ ନବୀନ ସହଯୋଗପୂର୍ଣ୍ଣ ସଂଘୀୟବାଦ (କୋଅପରେଟିଭ୍ ଫେଡ଼୍‌ରାଲିଜମ୍) ସମ୍ପର୍କରେ ଉଲ୍ଲେଖ କରି ଅନେକ ଦିଗକୁ ଇଙ୍ଗିତ କରିଛନ୍ତି। କେତେକ ମହଲରେ ଆଲୋଚନା କରାଯାଉଛି ଯେ, ରାଜ୍ୟ ସରକାରଙ୍କ ହାତଗୋଡ଼ ବାନ୍ଧିଦେବା କେନ୍ଦ୍ର ପାଇଁ ଅତି ସହଜ ହୋଇପଡୁଛି। ଉଦାହରଣ ସ୍ୱରୂପ, କରୋନା ପାଣ୍ଡେମିକ୍ ସମୟରେ ଜିଏସ୍‌ଟି ଅଂଶ ହସ୍ତାନ୍ତର ବନ୍ଦ କରିଦେଇ ରାଜ୍ୟଗୁଡ଼ିକୁ ସ୍ଥାଣୁ କରିଦିଆଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକୁ ଋଣ ଉଠାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଠାରେ ମନେପକାଇ ଦିଆଯାଇପାରେ, କେନ୍ଦ୍ର ଠୁଳ କରୁଥିବା ଅର୍ଥ ହେଉଛି କରଦାତାଙ୍କର। କେବଳ ଆୟକରଦାତାଙ୍କୁ କରଦାତାର ଆଖ୍ୟା ଦେବା ଅନୁଚିତ ହେବ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କିଣାବିକାରେ ଟିକସ ଦେଉଥିବା ପ୍ରତ୍ୟେକ ନାଗରିକ ଟିକସଦାତାଭାବେ ନିଜକୁ ଚିନ୍ତା କରିବା ଦରକାର। ସେଥିପାଇଁ ଭାରତରେ ଥିବା ସହଯୋଗପୂର୍ଣ୍ଣ ସଂଘୀୟବାଦକୁ ସୁଦୃଢ଼ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ନବୀନଙ୍କ କଥାରୁ ଏହା ବୁଝାପଡୁଛି ଯେ, ଓଡ଼ିଶା ସରକାରଙ୍କର ମଧ୍ୟ ହୁଏତ ଭିତିରି ଅପଡ଼ କେନ୍ଦ୍ର ସହିତ ଆରମ୍ଭ ହେଲାଣି।

ଭୋଟ୍ ରାଜନୀତି ସର୍ବୋଚ୍ଚରେ ରହୁଥିବାରୁ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏକ ସୁସ୍ଥ ଗଣତନ୍ତ୍ର ସକାଶେ ଏହା ଆଦୌ ଶୁଭଙ୍କର ନୁହେଁ। ଗୋଟିଏପଟେ ନବୀନଙ୍କ କଥାକୁ ପ୍ରଶଂସା କଲାବେଳକୁ ପ୍ରକୃତ ସ୍ଥିତିକୁ ଅନୁଧ୍ୟାନ କରିବା ଦରକାର। ଆମେରିକା ଭଳି ଭାରତ ଦୁଇ ଦଳ ମଧ୍ୟରେ ସୀମିତ ନୁହେଁ। ଅଧିକାଂଶ ରାଜ୍ୟରେ ଆଞ୍ଚଳିକ ଦଳ ଥିବାବେଳେ ଜାତୀୟ ଦଳଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଉଛି। ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ ନିର୍ବାଚନ ହେଉଥିବାରୁ ନିର୍ବାଚନୀ ବାତାବରଣ ସବୁବେଳେ ରହୁଛି। ସେଥିପାଇଁ ସବୁ ଦଳ ମଧ୍ୟରେ ତିକ୍ତତା ଲାଗିରହୁଛି। ଏଭଳି ବାତାବରଣରେ ବିକାଶ ଘଟିବା ସମ୍ଭବପର ହେଉନାହିଁ, ଯାହା ହେଉଛି ସମୁଦ୍ରକୁ ଶଙ୍ଖେ। ଏହାର ଅର୍ଥ ନୁହେଁ ଯେ, ଭାରତରେ ଏକ ସମୟରେ ସବୁ ନିର୍ବାଚନ ହେଲେ ସମସ୍ୟାର ସମାଧାନ ହେବ। ଏଥିସହିତ ଏହା ମଧ୍ୟ କୁହାଯାଇପାରିବ ନାହିଁ ଯେ, ସବୁ ଦଳ ସବୁ ପ୍ରସଙ୍ଗରେ ଗୋଟିଏ ମତ ରଖିବେ। ସେଥିପାଇଁ କେବଳ ଦଳ କଥା ଚିନ୍ତା କରିବାକୁ ଛାଡ଼ି ନେତାମାନେ ସାମୂହିକ ମଙ୍ଗଳର ଭାବନା ଅତ୍ୟନ୍ତ କଷ୍ଟକର ହେଲେ ମଧ୍ୟ ଚିନ୍ତା କରିବା ଦରକାର।



# ମହାମନ୍ତ୍ରର ମଧୁର ସଙ୍ଗୀତ

ଚିତ୍ର-ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମହାମାରୀ କରୋନା ସଙ୍କଟରେ ବ୍ୟକ୍ତି ଜୀବନଠୁଁ ଆରମ୍ଭ କରି ସାମାଜିକ ଜୀବନଯାଏଁ ଗୁରୁତର ପ୍ରଭାବିତ ହୋଇଥିଲାବେଳେ ନାନା କାଇଦା କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି ଆମ ଦେଶର ବାସ୍ତରିତମ ଗଣତନ୍ତ୍ର ଦିବସ । ସେଦିନ ସକାଳେ ଚା' ପାନ ସହ ଖବରକାଗଜ ଉପରେ ଆଖି ପକାଉଥିଲାବେଳେ ଅଚାନକ ଛ' ବର୍ଷୀୟା ନାତୁଣୀ ଦୀକ୍ଷାର ତାଗିଦାରେ ସଂବିତ୍ ଫେରି ପାଇ ଚେୟାରରୁ ଉଠି ଛିଡ଼ା ହେବାକୁ ବାଧ୍ୟ ହୋଇଥିଲା ଏ ଲେଖକ। କଥା ହେଲା, ରାଜଧାନୀର ମହାତ୍ମା ଗାନ୍ଧୀ ମାର୍ଗ ଉପରେ ସୁସଜ୍ଜିତ ମଞ୍ଚରେ ଛିଡ଼ା ହୋଇ ଜାତୀୟ ପତାକା ଉତ୍ତୋଳନ କରି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ସମେତ ସମବେତ ନାଗରିକବୃନ୍ଦ ଜାତୀୟ ସଙ୍ଗୀତ ଗାନ କରୁଥିଲାବେଳେ ଅନ୍ୟମନସ୍କ ହୋଇ ଛିଡ଼ା ହେବାକୁ ଭୁଲି ଯାଇଥିଲା ସେ । ଟିଭି ପରଦା ଉପରେ ଭାସି ଆସୁଥିବା ଜାତୀୟ ସଙ୍ଗୀତ ପ୍ରତି ସମ୍ମାନ ଜଣାଇ ଛିଡ଼ା ହେବା ଯେ ଏକ ଜାତୀୟ କର୍ତ୍ତବ୍ୟ, ଏହା ସମ୍ଭବତଃ ତା' ମା'ବାପାଙ୍କଠାରୁ ଶିକ୍ଷା କରିଥିବା ଦୀକ୍ଷା ତା' ପରିଣତ ବୟସ୍କ ଜେଜେକୁ ବି ଶିଖାଇ ଦେଇଥିଲା। ଜାତିର ଗୌରବୋଦୀପ୍ତ ସ୍ୱାଭିମାନର ପ୍ରତୀକ ହୋଇ ପରଦା ଉପରେ ଫରଫର ଉଡୁଥିବା ଜାତୀୟ ପତାକାକୁ ଅନାଇ ଜାତୀୟ ସଙ୍ଗୀତ ଗାନ କରିବା ଯେଉଁ ମୁଗ୍ଧ ଅନୁଭବ, ତହିଁରୁ ବଞ୍ଚିତ ହେବାକୁ ଯାଉଥିଲାବେଳେ କଅଁଳ ଶିଶୁଟିର କୋମଳ କଣ୍ଠର ତାଗିଦା ସେଦିନ ଫେରାଇ ନେଇଥିଲା ପ୍ରାୟ ତିନି ଦଶନ୍ଧି ତଳର ଏକ ଅଭୁଲା ଅତୀତକୁ। '୧୯୪୨- ଏ ଲଭ୍ ଷ୍ଟୋରି' ନାମକ ଏକ ଦେଶାତ୍ମବୋଧକ ହିନ୍ଦୀ ଫିଲ୍ମ ପ୍ରଦର୍ଶିତ ହେଉଥିଲା ରାଜଧାନୀର ଏକ ପ୍ରମୁଖ ପ୍ରେକ୍ଷାଳୟରେ । ଛବିଟିରେ ମହାନ୍ ଅଗଷ୍ଟ ବିପ୍ଳବର ଦେଶପ୍ରେମକୁ ପ୍ରେମ ରାଇଜର ଉପକଥା କେମିତି ଅବିଚାରିତ ଭାବେ ଘୋଡ଼ାଇ ପକାଇ ଥିଲେ ହେଁ ଏହାର ଶେଷ ଦୃଶ୍ୟଟି ଥିଲା ଅତ୍ୟନ୍ତ ରୋମାଞ୍ଚକର । ଅଗଷ୍ଟ ବିପ୍ଳବ ଯଜ୍ଞରେ ଆତ୍ମାହୁତି ଦେଇଥିବା ବିସ୍ମୃତ ଦେଶପ୍ରେମୀଙ୍କ ବଳିଦାନର ସ୍ମୃତିଚାରଣ କରି ଦେଶପ୍ରେମର ମୁଗ୍ଧ ଅନୁଭବରେ ଜଡ଼ସଡ଼ ହେବା ପାଇଁ ସେଇ ଦୃଶ୍ୟଟି ଥିଲା ଯଥେଷ୍ଟରୁ ଅଧିକ। ୟୁନିୟନ ଜ୍ୟାକ୍ ବଦଳରେ ଫରଫର ହୋଇ ଉଡୁଥିଲା ବିଜୟ ବୈଜୟନ୍ତୀ ତ୍ରିରଙ୍ଗା ପତାକା । କାଳେ ଦର୍ଶକ ପ୍ରେମ କାହାଣୀରେ ନିମଗ୍ନ ରହି ଜାତୀୟ ପତାକା ସହ ଜାତୀୟ ସଙ୍ଗୀତକୁ ସମୁଚିତ ସମ୍ମାନ ଦେବାକୁ ଭୁଲିଯିବେ, ସେହି ଆଶଙ୍କାରେ ପ୍ରଯୋଜକ ବଡ଼ ବଡ଼ ଅକ୍ଷରରେ ଜାତୀୟ ପତାକାକୁ ସମ୍ମାନ ଜଣାଇ ଛିଡ଼ା ହୋଇ ରହିବାକୁ ଦର୍ଶକମାନଙ୍କୁ ନମ୍ର ନିବେଦନ କରିଥିଲେ । ଅଥଚ ଏତେ ବଡ଼ ପ୍ରେକ୍ଷାଳୟଟିରେ କେବଳ ଅଳ୍ପ କେଇ ଜଣଙ୍କୁ ଛାଡ଼ି ବାକିସବୁ ଯିଏ ଯାହା ବାଟରେ ହଲ୍ ଛାଡ଼ିବାକୁ ଲାଗିଥିଲେ। ନିଜ ଲମ୍ବା ଜୀବନ କାଳର ମାତ୍ର ଦୁଇ ମିନିଟ୍ ସମୟ । ଏହି ଦୁଇ ମିନିଟ୍‌ର ସ୍ୱଳ୍ପ ସମୟ ରାଷ୍ଟ୍ରର ପ୍ରତ୍ୟକ୍ଷ ପ୍ରତୀକକୁ ପ୍ରଣତି ଜଣାଇବାର ଏକ ମାହେନ୍ଦ୍ର ଅବସର। ଅଥଚ ଏହି ମହାମନ୍ତ୍ରର ମଧୁର ସଙ୍ଗୀତକୁ ଅବଦମିତ କରୁଥିଲା ସିନେମା ଦର୍ଶକମାନଙ୍କ ଘର ବାହୁଡ଼ାର କୋଳାହଳ। ଜଣେ ଅନ୍ୟ ଜଣଙ୍କୁ ଟପି ଆଗକୁ ବଢ଼ିବାର ପ୍ରବଣତା ମଧ୍ୟରେ ମୂଲ୍ୟହୀନ ଭାବେ ମଉଳି ଯାଇଥିଲା ଦୁଇ ମିନିଟ୍ ମାତ୍ର ଛିଡ଼ା ହୋଇ ଜାତୀୟ ସଙ୍ଗୀତ ଗାନ କରିବାକୁ ପ୍ରଯୋଜକଙ୍କ ନମ୍ର ନିବେଦନ। ସବୁ କାଳରେ ନିଜ ଅଶିଷ୍ଟ ପୁଅର ଅସଭ୍ୟତାକୁ ମାଆଟିଏ କ୍ଷମା କରିଦେଲା ପରି ଦର୍ଶକଙ୍କ ଘରବାହୁଡ଼ା କୋଳାହଳକୁ ଖାତିର ନ କରି ପରଦା ଉପରେ କିନ୍ତୁ ଜାତୀୟ ପତାକା ଫରଫର ହୋଇ ଉଡ଼ି ଚାଲିଥିଲା, ସତେ ଯେମିତି ତା'ର ଅକୃତଜ୍ଞ ନାଗରିକଙ୍କର ସମସ୍ତ ଅବହେଳା ସତ୍ତ୍ୱେ ସେ କେବଳ ଉଡ଼ିବାକୁ ଶପଥ ନେଇଛି। ବଡ଼ ଅସହ୍ୟ ଥିଲା ସେହି ଅତୃପ୍ତିକର ଅନୁଭୂତି । ପରଦା ଉପରୁ ଭାସି ଆସୁଥିବା ଜାତୀୟ ସଙ୍ଗୀତକୁ ସମ୍ମାନ ଜଣାଇ ସେଦିନ ଏ ଲେଖକ ଛିଡ଼ା ହୋଇ ପ୍ରତିବେଦନ ଜଣାଉଥିଲାବେଳେ ଲକ୍ଷ୍ୟ କରିଥିଲା ପାଖ ସିଟ୍‌ରେ ବସିଥିବା ଜଣେ ଦର୍ଶକ ଚାଲି ଯାଉଛନ୍ତି। ଭଦ୍ର ଲୋକଙ୍କର ଜାତୀୟ ସଙ୍ଗୀତ ପ୍ରତି ଏହି ଇଚ୍ଛାକୃତ ଅବମାନନା ଦେଖି ସେ ଆଉ ସମ୍ଭାଳି ରହିପାରି ନ ଥିଲା। ଇଙ୍ଗିତରେ ସେ ତାଙ୍କୁ ଚାଲି ନ ଯାଇ ଜାତୀୟ ସଙ୍ଗୀତ ଗାନ କରିବାକୁ ଅନୁରୋଧ କରିଥିଲା। ଅଥଚ ତା'ର ନିବେଦନକୁ ଭ୍ରୂକ୍ଷେପ ନ କରି ସେ କେବଳ ଚାଲି ଯାଇ ନ ଥିଲେ, ବରଂ ଯିବାବେଳେ ତା'ର ଏହି ଅବାଞ୍ଛିତ ଦେଶପ୍ରେମକୁ ବିଦ୍ରୂପ କରି କହିଥିଲେ, ''ଏଣେ ଜାତୀୟ ସଙ୍ଗୀତ ପାଇଁ ଏଠାରେ ଛିଡ଼ା ହୋଇ ରହିଲେ ତେଣେ ଷ୍ଟାଣ୍ଡରୁ ସ୍କୁଟର କାଢ଼ିବା ପାଇଁ ଅଧଘଣ୍ଟାଏ ଡେରି ହୋଇଯିବ । କାହା ହାତରେ ଏତେ ସମୟ ଅଛି ଯେ!'' ଅହରହ ସ୍ୱାର୍ଥସେବାର ସଡ଼କରେ ବାଟ ଚାଲିଚାଲି ତଥାପି ଥକି ପଡ଼ି ନ ଥିବା ସ୍ୱାଧୀନୋତ୍ତର ଭାରତୀୟମାନଙ୍କର କି ବ୍ୟସ୍ତତା! ମାତ୍ର ଅଧଘଣ୍ଟାର ସମୟକୁ ଧରି ରଖିବାକୁ କି ବ୍ୟଗ୍ର ବ୍ୟାକୁଳତା! ଅଥଚ ଏହି ପତାକାଟିକୁ ଉଡ଼ାଇବା ପାଇଁ କେତେ ଭଗତ୍ ସିଂହ, ଚନ୍ଦ୍ରଶେଖର ଆଜାଦ୍, ଖୁଦିରାମ ଓ ମାତଙ୍ଗିନୀ ହାଜରା ବର୍ଷବର୍ଷ ଧରି କଠୋର ସାଧନା କରିନାହାନ୍ତି! ନିଜ ସଂସାର ସହ ସମ୍ପର୍କ ତୁଟାଇ ଫିରିଙ୍ଗୀ ସେନାର ସାମ୍ନା କରି କେତେ ନିର୍ଯାତନା ସାହିନାହାନ୍ତି! ସେମାନଙ୍କର ସମୟ ଆମର ଏହି ବ୍ୟସ୍ତ ସ୍କୁଟି ବାବୁଙ୍କ ସମୟ ତୁଳନାରେ ମୂଲ୍ୟହୀନ ଥିଲା ନିଶ୍ଚୟ। ତାହା ନ ହୋଇଥିଲେ କେତେ ବାଧାବିଘ୍ନ, ଯାତନା କଷଣ ସହି କାଳକାଳର ପ୍ରତୀକ୍ଷା ନେଇ ସେମାନେ କ'ଣ ଏକ ଅନିଶ୍ଚିତ ଯାତ୍ରାପଥରେ ଧାଇଁ ଚାଲିଥାନ୍ତେ! ପ୍ରକୃତରେ ଫଳ ଖାଉଥିବା ଲୋକମାନେ ସବୁବେଳେ ଏହିଭଳି। ସେମାନେ କାହୁଁ ବା ଜାଣନ୍ତେ ଗଛ ଲଗାଇଥିବା ତାଙ୍କ ପୂର୍ବପୁରୁଷଙ୍କ ସାଧନାର ସାର୍ଥକତା! ଏଇ ସାଧାରଣତନ୍ତ୍ର ଦିବସରେ କୃଷକ ଆନ୍ଦୋଳନକୁ ଆଳ କରି ଆମ ଜାତୀୟ ପତାକାକୁ ଯେମିତି ଅସମ୍ମାନ କରାଯାଇ ତା' ନିକଟରେ ଏକ ଧର୍ମୀୟ ପତାକା ଉଡ଼ାଇ ଦିଆଗଲା, ତାହା ସ୍ୱାଧୀନ ଭାରତର ଆତ୍ମାକୁ କେତେ କଲବଲ କରିଥିବ, ଏହା ସେହି ତଥାକଥିତ ଆନ୍ଦୋଳନକାରୀଙ୍କ ଅନୁଭବ ବାହାରେ। ନିଜ ଦେଶୀୟ ସରକାରଙ୍କ ବିରୋଧରେ କ୍ରୋଧ ପ୍ରକଟ କରୁଥିବା ଏ ସମୟର ଆନ୍ଦୋଳନକାରୀ ବିଦେଶୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ସେ ସମୟର ଆନ୍ଦୋଳନର ଉଷ୍ମତା ଅନୁଭବ କରି ପାରୁନାହିଁ। ଦେଶ ପାଇଁ ପ୍ରାଣବଳି ଦେଇଥିବା ତା' ପୂର୍ବପୁରୁଷଙ୍କ ମହାନତାରେ ମୁଗ୍ଧ ହେଉନାହିଁ। ସେଦିନର ସେହି କେଇଜଣଙ୍କ ଶରୀରର ରକ୍ତ ବିନିମୟରେ ଆଜି ଯେ ସେ ଟ୍ରାକ୍ଟର ରାଲିରେ ଆସି ରାଜଧାନୀର ରାଜମାର୍ଗରେ ଉଦ୍ଦଣ୍ଡ ଉନ୍ମତ୍ତ ଆଚରଣ କରି ପାରୁଛି, ଏହା ସେ ବୁଝିପାରୁ ନାହିଁ। ଦେଶପ୍ରେମ ଅନ୍ତରାତ୍ମାର ଏକ ସ୍ୱତଃସ୍ଫୂର୍ତ୍ତ ଆବେଦନ, ଏକ ସମ୍ମୋହିତ ସମର୍ପଣ। ବଳ ପ୍ରୟୋଗ କରି ବା ଦଣ୍ଡର ଭୟ ଦେଖାଇ ତାହା କାହା ପାଖରୁ ଜୋର କରି ଆଦାୟ କରାଯାଇପାରେନା। ଜାତୀୟ ପତାକା ବା ଜାତୀୟ ସଂଗୀତକୁ ସମ୍ମାନ ନ ଜଣାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରି ଦେଶର କୁଣ୍ଠିତ ନାଗରିକମାନଙ୍କୁ ଏହା କରିବାକୁ ବାଧ୍ୟ କରାଯାଇପାରେନା। ତାହା ଦେଶପ୍ରେମ ହେଉ କି ବିଭୁପ୍ରେମ, ପ୍ରେମ ଯେଉଁଠି ଅନ୍ତରର ଅବ୍ୟକ୍ତ ଆହ୍ୱାନ ନ ହୋଇ ବାଧ୍ୟବାଧକତା ହୋଇଥାଏ ; ସେଠି ପ୍ରେମ ବଦଳରେ ଅଦୃଶ୍ୟ ଭାବେ ପ୍ରକଟିତ ହୋଇଥାଏ ପ୍ରଚଣ୍ଡ ଘୃଣା, ଠିକ୍ ମୁସୋଲିନ୍‌ଙ୍କ ସ୍ତବଗାନ ପରି। ଇଟାଲୀର ଏକଛତ୍ର ଶାସକ ମୁସୋଲିନ୍‌ଙ୍କ ଆତ୍ମବନ୍ଦନା ହିଁ ଥିଲା ତାଙ୍କ ଶାସନକାଳର ଜାତୀୟ ସଂଗୀତ। ଥରେ ମୁସୋଲିନ୍ ସହର ମଧ୍ୟ ଦେଇ ଯାଉଥିବାବେଳେ ତାଙ୍କ ଯାନଟିରେ ଯାନ୍ତ୍ରିକ ତ୍ରୁଟି ଦେଖାଗଲା। ଡ୍ରାଇଭର ପାଖ ଗ୍ୟାରେଜ୍‌ରେ ଗାଡ଼ି ସଜାଡୁଥିବା ବେଳେ ସମୟ ବିତାଇବାକୁ ମୁସୋଲିନ୍ ନିକଟସ୍ଥ ଏକ ପ୍ରେକ୍ଷାଳୟକୁ ଯାଇ ସମସ୍ତଙ୍କ ଅଲକ୍ଷ୍ୟରେ ପଛରେ ବସିଗଲେ ଓ ନୀରବରେ ଚଳଚ୍ଚିତ୍ର ଉପଭୋଗ କରିବାରେ ଲାଗିଲେ। ଚଳଚ୍ଚିତ୍ର ଶେଷ ହେବା ବେଳକୁ ପରଦା ଉପରେ ଭାସି ଉଠିଲା ତାଙ୍କ ନିଜର ଚିତ୍ରପଟ ଓ ସଂଗୀତର ତାଳେତାଳେ ବାଜି ଉଠିଲା ତାଙ୍କ ଉପରେ ରଚିତ ସେହି ସରକାରୀ ସ୍ତବର ରେକର୍ଡ। ଆତ୍ମମନସ୍କ ମୁସୋଲିନ୍ ଆତ୍ମସନ୍ତୋଷ ସହ ସେମିତି ବସି ରହି ଉପଭୋଗ କରିଚାଲିଲେ ଆପଣାର ଆତ୍ମବନ୍ଦନା। ପ୍ରେକ୍ଷାଳୟର ସବୁ ଦର୍ଶକ ଛିଡ଼ା ହୋଇ ଜାତୀୟ ସଂଗୀତ ଗାନ କରୁଥିଲା ବେଳେ ଜଣେ ଦର୍ଶକଙ୍କୁ ଚୁପ୍‌ଚାପ୍ ବସିଥିବା ଦେଖି ଜଣେ କର୍ମଚାରୀ ଦୌଡ଼ି ଆସିଲା ଓ ତାଙ୍କୁ ଠିଆ କରାଇ କହିଲା- ''ଜାଣିଛ! ଏଇ ଉଦ୍‌ଯାପନୀ ସଂଗୀତକୁ ଅମର୍ଯ୍ୟାଦା କରିବାର ଔଦ୍ଧତ୍ୟ ପାଇଁ ତୁମକୁ କେତେ ମୂଲ୍ୟ ଦେବାକୁ ପଡ଼ିବ!'' ଛଦ୍ମବେଶରେ ଥିବା ମୁସୋଲିନ୍ ଆମୋଦିତ ହେଲେ ତାଙ୍କ ପ୍ରତି ଇଟାଲୀବାସୀଙ୍କ ସମ୍ମାନର ଗଭୀରତା ମାପି। ସଂଗୀତ ସରିବା ପରେ ସମସ୍ତଙ୍କ ଅଲକ୍ଷ୍ୟରେ ସେ ନିଷ୍କ୍ରାନ୍ତ ହେବାକୁ ଯାଉଛନ୍ତି। ସେହି କର୍ମଚାରୀଟି ତାଙ୍କୁ ଅଟକାଇ ଦେଲା ଓ ଦୁଃଖପ୍ରକାଶ କରି କହିଲା- ''ଭାଇ, ତୁମ ପ୍ରତି କଠୋର ଭାଷା ପ୍ରୟୋଗ କରିଥିବାରୁ ମୁଁ ମର୍ମାହତ। ତୁମ ପରି ଆମ କାହାରି ମନରେ ବି ସେ ଲୋକଟା ପାଇଁ ସାମାନ୍ୟ ଶ୍ରଦ୍ଧା ଟିକିଏ ନାହିଁ, ସମ୍ମାନ ତ ଦୂରର କଥା। କେବଳ ଜୀବନ ପ୍ରତି ଭୟ ଅଛି ବୋଲି ସିନା!'' ବୁଝିବା ପାଇଁ ଆଉ କିଛି ବାକି ନ ଥିଲା ମୁସୋଲିନ୍‌ଙ୍କ ପାଇଁ ନିଜ ପ୍ରସିଦ୍ଧି, ପ୍ରତିଷ୍ଠା ଓ ପ୍ରତିପତ୍ତି ବିଷୟରେ! ଅଥଚ ଆମ ଜାତୀୟ ସଙ୍ଗୀତ କେଡ଼େ ମଧୁର ସତେ! ଭାରତୀୟ ନାଗରିକଙ୍କ ଚେତନାରେ ମହାମନ୍ତ୍ରଟିଏ ହୋଇ ଆଜକୁ ପଞ୍ଚସ୍ତରି ବର୍ଷ ହେଲା ଦେଶପ୍ରେମର ଅନିର୍ବଚନୀୟ ଅନୁଭବରେ ଆମ ସଭିଙ୍କୁ ଜଡ଼ସଡ଼ କରି ରଖିଛି। ଗଣତନ୍ତ୍ରର ମାଦକୀୟ ମହାମନ୍ତ୍ରରେ ଅଭିମନ୍ତ୍ରିତ ଏହାର ପ୍ରତ୍ୟେକ ଶବ୍ଦ। ଜାତୀୟ ପତାକାର ଫରଫର ଶବ୍ଦରୁ ସୃଷ୍ଟି ହୁଏ ଏକ ସ୍ୱତନ୍ତ୍ର ସଙ୍ଗୀତ। ମାତ୍ର ଏହାକୁ ଫିଙ୍ଗି ଦେଇ ଅନ୍ୟ ଏକ ଧର୍ମୀୟ ବାନା ଉଡ଼େଇବାର ପାଗଳ ପ୍ରବଣତା ଯେ ଏହାର ଆତ୍ମାକୁ କେତେ କଲବଲ କରିଥିବ, ଏହା ଆମେ ବୁଝିପାରୁନା। ବୁଝିବାକୁ ଚେଷ୍ଟା ଯେ କରୁନା, ଏହା ହିଁ ବିଡ଼ମ୍ବନା।

- ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର-୧୦
ମୋ:୯୭୭୬୭୭୭୧୫୦

## ସାପ୍ତାହିକ ପଞ୍ଜିକା

**ଫେବୃୟାରୀ ୧୫:** ମହାରାଷ୍ଟ୍ରର ଜଲଗାଁଠାରେ ଏକ ଟ୍ରକ ଓଲଟି ୧୭ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ।
➢ଫିଙ୍ଗର ୪ ଖାଲିକଲା ଚାଇନା।
**ଫେବୃୟାରୀ ୧୬:** ପୁଡୁଚେରୀର ଉପରାଜ୍ୟପାଳ କିରଣ ବେଦୀ ବିଦା ହେଲେ।
➢ପ୍ରବଚନ ଦେବାକୁ ସାରଥିଙ୍କୁ ଅନୁମତି ।
➢ମଧ୍ୟପ୍ରଦେଶ ସିଦ୍ଧି ଜିଲାରେ ଏକ ବସ କେନାଲକୁ ଖସିପଡିବା ଯୋଗୁ ୪୫ ଜଣ ପ୍ରାଣ ହରାଇଛନ୍ତି ।
**ଫେବୃୟାରୀ ୧୭:** ଭାରତରେ ପେଟ୍ରୋଲ ୧୦୦ ଟଙ୍କା ଟପିଲା
➢ପ୍ରେମ ପାଇଁ ପରିବାରର ୭ ଜଣଙ୍କୁ ହତ୍ୟା କରିଥିବା ଉତ୍ତରପ୍ରଦେଶ ଅମରୋ ଜିଲାର ଶବନମ ଅଲ୍ଲୀ ଫାଶୀ ପାଇବେ ।
**ଫେବୃୟାରୀ ୧୮:** ଆଇପିଏଲ୍‌ର ୧୪ ତମ ସଂସ୍କରଣ ପାଇଁ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ ମୋରିସ ୧୬.୨୫ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି ।
**ଫେବୃୟାରୀ ୧୯:** ମଙ୍ଗଳ ମାଟିରେ ନାସାର ରୋଭର ।
**ଫେବୃୟାରୀ ୨୦:** କେରଳ, ମହାରାଷ୍ଟ୍ର, ପଞ୍ଜାବ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ କୋଭିଡ ସଂକ୍ରମଣ ବୃଦ୍ଧି ।
➢ଇଣ୍ଡୋନେସିଆ ସମୁଦ୍ର କୂଳରେ ୫୨ ତିମି ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | D | | 1 |
| C | | | B | | | | 4 | | | | | | | A |
| | 0 | | 7 | | 8 | | | 5 | B | | | 3 | | |
| 9 | | E | A | | | 0 | | | | | | | | B |
| | A | 3 | | | | | | 1 | | | | | 8 | |
| | 6 | | 9 | | | | 5 | E | | D | | | 2 | |
| 8 | | 0 | | 2 | | 3 | B | | | | | 4 | | C |
| | | | | A | | | | | 3 | | | 1 | B | |
| 5 | | 1 | | 4 | | 2 | | | C | | | 9 | D | |
| | 3 | 2 | 8 | C | | | | | A | 6 | | | | 0 |
| 3 | | | | | | | | | 8 | A | | | | |
| | 2 | 4 | | | 0 | | 7 | A | | 9 | | | 1 | 5 |
| | E | 5 | | | | 8 | | 6 | | 2 | | | | |
| A | | | D | 1 | E | | | | | | 7 | | 9 | |
| | 7 | 9 | 4 | | | | | | | 3 | C | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 6 | 2 | 4 | C | 3 | E | 7 | 8 | 9 | 1 | A | B | 5 | 0 |
| 1 | B | 4 | 8 | E | D | A | 9 | 2 | 0 | C | 5 | 3 | 7 | 6 |
| 7 | A | C | 9 | 2 | 5 | 1 | 0 | 6 | D | B | 3 | E | 8 | 4 |
| E | 9 | 3 | 0 | A | B | D | 4 | 5 | 8 | 7 | 6 | 2 | C | 1 |
| 0 | 8 | 5 | 7 | 6 | 1 | 3 | C | B | E | 4 | 2 | D | 9 | A |
| 4 | C | 6 | D | 3 | 0 | B | A | 9 | 1 | 2 | 8 | 7 | E | 5 |
| A | 7 | 1 | B | 8 | E | 5 | 2 | D | 4 | 0 | C | 9 | 6 | 3 |
| 5 | E | 9 | 6 | 4 | A | 7 | 8 | 1 | B | 3 | D | C | 0 | 2 |
| 2 | D | 8 | 5 | 7 | C | 0 | E | 3 | 6 | A | 9 | 4 | 1 | B |
| 3 | 0 | B | 1 | 9 | 2 | 4 | 6 | C | 7 | 5 | E | 8 | A | D |
| 8 | 3 | A | C | 1 | 4 | 6 | D | 0 | 2 | E | 7 | 5 | B | 9 |
| 6 | 2 | 7 | 3 | 0 | 8 | 9 | 5 | E | A | D | B | 1 | 4 | C |
| B | 5 | E | A | D | 7 | 2 | 1 | 4 | C | 9 | 0 | 6 | 3 | 8 |
| 9 | 4 | D | E | 5 | 6 | C | B | A | 3 | 8 | 1 | 0 | 2 | 7 |
| C | 1 | 0 | 2 | B | 9 | 8 | 3 | 7 | 5 | 6 | 4 | A | D | E |

ଗତକାଲିର ଉତ୍ତର



# ନାସାର ମଙ୍ଗଳ ମିଶନ

ଡ. ନରେନ୍ଦ୍ର ସେଠୀ

ମହାକାଶକୁ ତନ୍ନତନ୍ନ କରି ଖୋଜିବାର ଲାଳସା ମଣିଷକୁ ବାରମ୍ବାର ଚନ୍ଦ୍ର ଓ ମଙ୍ଗଳ ପରି ଗ୍ରହ ଉପଗ୍ରହ ଆଡ଼କୁ ଆକର୍ଷିତ କରିଛି ; ଯୋଉଥିପାଇଁ ପୃଥିବୀର ଅନେକ ଦେଶର ବୈଜ୍ଞାନିକମାନେ ମଙ୍ଗଳ କିମ୍ବା ଚନ୍ଦ୍ର ଉପରେ ଏପର୍ଯ୍ୟନ୍ତ ଗବେଷଣା ଜାରି ରଖିଛନ୍ତି। ନିକଟରେ ଆମ ଦେଶର ମହାକାଶ ସଂସ୍ଥା ମଧ୍ୟ ଚନ୍ଦ୍ରଯାନ ମିଶନ କରି ଅନେକ ପ୍ରଶଂସାର ପାତ୍ର ହୋଇଥିଲା। ତେବେ ଏହି ବିଜ୍ଞାନ ପ୍ରତିଯୋଗିତାରେ ସବୁଠୁ ଆଗରେ ଅଛି ଆମେରିକାର ମହାକାଶ ସଂସ୍ଥା ନାସା। ଷାଠିଏ ବର୍ଷ ପୂର୍ବେ ଚନ୍ଦ୍ର ପୃଷ୍ଠରେ ମଣିଷକୁ ଅବତରଣ କରେଇ ଇତିହାସ ସୃଷ୍ଟି କରିଥିବା ନାସା ପୁଣି ଆଉ ଏକ ଇତିହାସ ତିଆରି କରିଛି। ଏଥର ନାସାର ଲକ୍ଷ୍ୟରେ ଅଛି ଲୋହିତ ଗ୍ରହ ମଙ୍ଗଳ। ଫେବୃୟାରୀ ୧୮ ତାରିଖ ଦିନ ପୂର୍ବ ପ୍ରେରିତ ରୋଭରକୁ ସଫଳତାର ସହ ମଙ୍ଗଳ ଉପରେ ଅବତରଣ କରାଇ ପାରିଛି। ନାସାର ମାର୍ସ ଏକ୍ସପ୍ଲୋରେଶନ ରୋଭର ମିଶନ ମଣିଷର ମଙ୍ଗଳ ଗ୍ରହକୁ ଅଧିକ ଜାଣିବାର ଜିଜ୍ଞାସାକୁ ପୂରଣ କରିବାରେ ସହାୟକ ହେବ। ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଗବେଷଣା ଉପକରଣକୁ ନେଇ ଆମେରିକୀୟ ମହାକାଶ ଗବେଷଣା ଦ୍ୱାରା ପ୍ରେରିତ ଏହି ରୋଭର ୩୦ ଜୁଲାଇ ୨୦୨୦ରେ ଛଡ଼ା ଯାଇଥିଲା। ଏହି ଅତି ବ୍ୟୟବହୁଳ ରୋଭର ନିରାପଦରେ ମଙ୍ଗଳ ଗ୍ରହରେ ଅବତରଣ କଲା। ନାସା ତୃତୀୟ ଥର ପାଇଁ ଏହି ବିରଳ କୃତିତ୍ୱ ହାସଲ କରିଛି। ସୂଚନାଯୋଗ୍ୟ ଯେ, ଲୋହିତ ଗ୍ରହ ମଙ୍ଗଳ ପୃଥିବୀଠାରୁ ପ୍ରାୟ କୋଡ଼ିଏ କୋଟି କିଲୋମିଟର ଦୂରରେ ଅବସ୍ଥିତ। ଆଲୋକ ବେଗରେ ରେଡିଓ ତରଙ୍ଗ ପୃଥିବୀରୁ ମଙ୍ଗଳ ପର୍ଯ୍ୟନ୍ତ ଯିବା ପାଇଁ ୧୧ ମିନିଟ ସମୟ ଲାଗେ। ଅର୍ଥାତ୍ ମଙ୍ଗଳ ପକ୍ଷରୁ କୌଣସି ସୂଚନା ପାଇବା ଓ ପଠେଇବା ଭିତରେ ଅତି କମ୍‌ରେ ଏଗାର ମିନିଟ୍ ସମୟ ଲାଗିଯାଏ।

ମଣିଷ କ'ଣ ପାଇଁ ମଙ୍ଗଳ ପ୍ରତି ଏତେ ଅହେତୁକ ଉତ୍କଣ୍ଠା ପ୍ରକାଶ କରିଛି ? ଏହାର ପ୍ରଥମ କାରଣ ହେଲା ଭବିଷ୍ୟତରେ ମଣିଷ ପାଇଁ ଏକ ବିକଳ୍ପ ଜନବସତିର ସମ୍ଭାବନା। ଏଥିପାଇଁ ଏହି ରୋଭର ପ୍ରଥମେ ପାଣିର ସନ୍ଧାନ କରିବ । ଲୋହିତ ଗ୍ରହର ଚିତ୍ରକୁ ନିରୀକ୍ଷଣ କଲେ ସେଥିରେ ଅନେକ ଶୁଖି ଯାଇଥିବା ନଦୀ ସ୍ପଷ୍ଟ ବାରି ହୋଇଯାଏ। ତେଣୁ ହୁଏତ ସେଠି ପ୍ରବାହିତ ହେଉଥିବା ଜଳ ଥିଲା ଓ ସେତେବେଳେ କୌଣସି ଜୀବନ ଜାତିର ଅଭ୍ୟୁଦୟ ହୋଇଥିଲା ; ଯାହା ଏବେ ସୁଦୀର୍ଘ ଶୁଖିଲା ନଦୀ ଅବବାହିକା ଭଳି ମନେହେଉଛି। ତେଣୁ ନାସାର ଏହି ରୋଭରର ଆଉ ଏକ କାମ ହେଲା ସେଇ ଶୁଖିଲା ନଦୀ ପରି ଦିଶୁଥିବା ଜାଗାକୁ ଯାଇ ନିରୀକ୍ଷଣ କରିବା। ଅବତରଣ ପରେ ପରେ ଏହି ରୋଭର ନାସାର କଣ୍ଟ୍ରୋଲ ରୁମ୍ ସହିତ ସିଧାସଳଖ ବାର୍ତ୍ତା କରିବ ଓ ଧୀରେ ଧୀରେ ଚାଲିବା ଆରମ୍ଭ କରି ସେଠାକାର ଚିତ୍ର ସିଧାସଳଖ ପୃଥିବୀକୁ ପ୍ରେରଣ କରିବ ; ଯୋଉଥିପାଇଁ ଏଥିରେ ଏକ ଅତି ଆଧୁନିକ ମଷ୍ଟକ୍ୟାମ କ୍ୟାମେରା ଲାଗିଛି। ଏହା ଦୂରରେ ଥିବା ଜିନିଷକୁ ଜୁମ୍ କରି ମଧ୍ୟ ଦେଖାଇବାରେ ସକ୍ଷମ ହେବ। ଏହା ରୋଭରର ଆଖି ସଦୃଶ, ଯାହା ସବୁ ଜିନିଷକୁ ଦେଖିବା ସଙ୍ଗେ ସଙ୍ଗେ ଫଟୋ ଉଠାଇଥାଏ। ତା' ଛଡ଼ା ଆଖପାଖ ତାପମାତ୍ରା, ଆର୍ଦ୍ରତା, ପବନର ବେଗ ଏବଂ ବାୟୁମଣ୍ଡଳରେ ଥିବା କଣିକାଗୁଡ଼ିକର ଆକାର ମାପିବା ପାଇଁ ଏହି ରୋଭରରେ ଏକ ପାଣିପାଗ ଉପକରଣ ଲାଗିଛି। ଏଥିରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ହେଲା ମୋକ୍ସି ବା ସ୍ଥାନୀୟ ଅମ୍ଳଜାନ ଉପକରଣ ପରୀକ୍ଷାଗାର ; ଯାହା ଭବିଷ୍ୟତରେ ମାନବ ମିଶନ ପାଇଁ ଦରକାର ପଡୁଥିବା ଅମ୍ଳଜାନ ଲାଗି ସହାୟକ ହେବ। ଏହା ମଙ୍ଗଳ ଗ୍ରହର ବାୟୁମଣ୍ଡଳରୁ ଅମ୍ଳଜାନ ପ୍ରସ୍ତୁତ କରିବ। ଏହାଛଡ଼ା ଅନେକ ଉପକରଣ ଅଛି, ଯାହା ମଙ୍ଗଳ ଗ୍ରହର ମାଟିକୁ ତତ୍‌କ୍ଷଣାତ୍ ପରୀକ୍ଷା କରି ସେଥିରେ ଥିବା ଲବଣ ଓ ଅନ୍ୟାନ୍ୟ ତଥ୍ୟ ପ୍ରଦାନ କରିବ। ସର୍ବମୋଟ ଏଥିରେ ଅଠରଟି କ୍ୟାମେରା, ସାତଟି ଅତ୍ୟାଧୁନିକ ଯନ୍ତ୍ରପାତି ଓ ଦୁଇଟି ମାଇକ୍ରୋଫୋନ ଅଛି।

ରୋଭର ନିଜ ପାଖରେ ଏକ ଛୋଟିଆ ହେଲିକପ୍ଟର ରଖିଛି ; ଯାହା ପୃଥିବୀ ବାହାରେ ଅନ୍ୟ ଗ୍ରହରେ ଉଡ଼ି ପାରୁଥିବା ପ୍ରଥମ ଉଡ଼ାଣ କରୁଥିବା ଯନ୍ତ୍ର ହେବ। ଏହା ଦିନକୁ ପାଞ୍ଚ ଥର ଉଡ଼ାଣ କରି ବିଭିନ୍ନ ତଥ୍ୟ ନାସା କଣ୍ଟ୍ରୋଲ ରୁମ୍‌କୁ ପଠେଇବ। ଏହି ମିଶନ ମଙ୍ଗଳ ଗ୍ରହରେ ଜୀବନର ସନ୍ଧାନ କରିବା ପାଇଁ ପଥର ଭିତରେ ସୁରକ୍ଷିତ ଥିବା ଜୀବାଶ୍ମଗୁଡ଼ିକର ମଧ୍ୟ ସନ୍ଧାନ କରିବବ। ସେଠାକାର ମାଟି, ପଥର ଇତ୍ୟାଦିର ନମୁନା ସଂଗ୍ରହ କରିବ । ଏହି ମିଶନ ପ୍ରାୟ ଅଢ଼େଇ ବର୍ଷ ପର୍ଯ୍ୟନ୍ତ କାମ କରିପାରିବ। ଏକ ଛୋଟ କାର୍ ଆକାରର ଏହି ରୋଭରର ଓଜନ ହେଲା ଏକ ଟନ୍ ଓ ଏଥିରେ ଟିଟାନିୟମ ଟାୟାର ଥିବା ଛ'ଟି ଆଲୁମିନିୟମ ଚକ ଅଛି। ଆଉ ଗୋଟିଏ ଜାଣିବା କଥା ହେଲା ଉକ୍ତ ରୋଭରର ନାମ ପରସିଭିରେନ୍ସ ରଖାଯାଇଥିଲା, ଯାହା ସ୍କୁଲ ପିଲାମାନଙ୍କ ଦ୍ୱାରା ଏକ ନାମକରଣ ପ୍ରତିଯୋଗିତା କରିବା ପରେ ସପ୍ତମ ଶ୍ରେଣୀର ଜଣେ ଛାତ୍ର ଦ୍ୱାରା ନାମିତ କରାଯାଇଥିଲା। ମଙ୍ଗଳ ଗ୍ରହରେ ସଫଳତାର ସହ ଅବତରଣ କରେଇ ଭବିଷ୍ୟତରେ ମାନବ ମିଶନ କରିବାର ଆଶାକୁ ନାସା ଅଣ୍ଟା ଭିଡ଼ିଛି। ଏହା ମାନବ ଇତିହାସର ଏକ ବିରଳ କୃତି କହିଲେ ଭୁଲ୍ ହେବନି।

ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ, ମୋ-୭୦୦୪୦୬୮୧୧୦

## ଏଇ ଭାରତରେ

ପଞ୍ଜାବର ଜଣେ ଛତୁଚାଷୀଙ୍କ ବାର୍ଷିକ ଆୟ ବିଷୟରେ ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ଟଣ୍ଡା ଗାଁର ସଞ୍ଜୀବ ସିଂ ବର୍ଷକୁ ୨ ହଜାର ଟନ୍ ଛତୁ ଉତ୍ପାଦନ କରି ଆୟ କରୁଛନ୍ତି ୧.୨୫ କୋଟି ଟଙ୍କା । ଏଥିପାଇଁ ତାଙ୍କୁ ପଞ୍ଜାବ ସରକାର ପୁରସ୍କୃତ କରିଛନ୍ତି । ତାଙ୍କୁ ଲୋକେ ଡାକୁଛନ୍ତି 'ମସରୁମ୍ କିଙ୍ଗ୍ ଅଫ୍ ପଞ୍ଜାବ' ବା ପଞ୍ଜାବର ଛତୁ ରାଜା । ଏଭଳି ଉପାଧି ପାଇବାକୁ ସେ ଯୋଗ୍ୟ, କାରଣ ସେ ଚାଷରେ କେବଳ ଜୈବିକ ଖତ ଉପଯୋଗ କରୁଛନ୍ତି । ୨୫ ବର୍ଷ ବୟସରୁ ସେ ଛତୁଚାଷ ଆରମ୍ଭ କରିଥିଲେ ତାଙ୍କ ଅଗଣାରେ । ପରେ ଏହାକୁ ବଢାଇ ଏବେ ୧୫୦୦ ବର୍ଗଫୁଟ (ପାଖାପାଖି ୨ ଏକର) ଜମିରେ ଚାଷ କରୁଛନ୍ତି । ସେ ଏହି ପରିମିତ ଜମିରେ ନିର୍ମିତ କୋଠାଘରେ ଷ୍ଟିଲ ର୍ୟାକ ଲଗାଇ ସେଥିରେ ଭର୍ଟିକାଲ ଫାର୍ମିଂ ବ୍ୟବସ୍ଥା କରିଛନ୍ତି । ସଞ୍ଜୀବଙ୍କ ବୟସ ୫୪ । ୧୯୯୧ରେ ଆରମ୍ଭ କରିଥିବା ଏହି ଛତୁଚାଷ ଉପରେ ଗବେଷଣା କରିବା ସହ ମଞ୍ଜି ପ୍ରସ୍ତୁତ କରିଛନ୍ତି ଓ ପଞ୍ଜାବ ସମେତ ପଡୋଶୀ ରାଜ୍ୟକୁ ଯୋଗାଉଛନ୍ତି। ଭର୍ଟିକାଲ ଫାର୍ମିଂ ପଦ୍ଧତିରେ ଚାଷ କରିବା ଯୋଗୁ ମାତ୍ର ୨ ଏକର ଜମିରୁ ଯେତିକି ଛତୁ ଉତ୍ପାଦନ କରୁଛନ୍ତି ତାହା ପାରମ୍ପରିକ ପଦ୍ଧତିରେ ୨୦୦ ଏକରରୁ ଉତ୍ପାଦନ ହେବ । ସେ ସ୍ଥାନୀୟ ଅଞ୍ଚଳରେ କମ୍ ଜମିରୁ ଅଧିକ ଉତ୍ପାଦନ ସମ୍ପର୍କରେ ଅନ୍ୟ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଫେବୃୟାରୀ ୧୯୯୬

- କେନ୍ଦ୍ର ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଆର୍.କେ. ଧାବନ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଛନ୍ତି।
- ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠୀଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ।
-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଷ୍ଠ କଲାଣି ଛାତିଥରା ଡିଜେ

ମହାଶୟ,

ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିଥିବାବେଳେ ଢେଙ୍କାନାଳ ଜିଲାରେ ବେ-ଧଡ଼କ ଭାବେ ଛାତିଥରା ଡିଜେ ସାଉଣ୍ଡ ବ୍ୟବହାର କରାଯାଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁସ୍ଥାନରେ ଏହାକୁ ବ୍ୟବହାର କରାଯାଉ ଥିବାରୁ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ଏବଂ ହୃଦ୍‌ରୋଗୀମାନେ ପ୍ରଭାବିତ ହେଉଛନ୍ତି। ବିଶେଷକରି ପୋଲିସ ଓ ପ୍ରଶାସନ ପକ୍ଷରୁ ସାଉଣ୍ଡ ଅନୁମତି ପ୍ରଦାନ କରାଯିବା ସମୟରେ ଆୟୋଜକମାନଙ୍କୁ ଉପଯୁକ୍ତ ତାଗିଦ୍ କରାଯାଉ ନ ଥିବାରୁ ଏହାର ଅପବ୍ୟବହାର ହେଉଛି। ଅନ୍ୟପକ୍ଷେ ବିବାହ ଶୋଭାଯାତ୍ରା ବେଳେ ଏହି ଡିଜେ ସାଉଣ୍ଡ କେବଳ ଅତିଷ୍ଠ କରୁନାହିଁ, ଏଥିସହିତ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଯଦ୍ୱାରା ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଆଇନ୍‌ତଃ ୬୫ ଡେସିବିଲ୍ ମାତ୍ରାରେ ଡିଜେ ସାଉଣ୍ଡକୁ ବ୍ୟବହାର କରା ନ ଯାଇ ଅଧିକ ମାତ୍ରାରେ ବ୍ୟବହାର କରାଯାଉଥିବାରୁ ସମସ୍ତ ସମସ୍ୟା ସୃଷ୍ଟି ହେଉଛି। କରୋନା କଟକଣା କୋହଳ ହେବା ପରେ ଏହାର ବ୍ୟବହାର କରାଯାଉଥିବାରୁ ସମସ୍ୟା ଆରମ୍ଭ ହୋଇଛି। ଟ୍ରାଫିକ୍ ସମସ୍ୟା ଯୋଗୁ ସାଧାରଣ ଯାତାୟାତ ଏବଂ ଆମ୍ବୁଲାନ୍ସ ପରି ଅତ୍ୟାବଶ୍ୟକ ସେବା ବାଧାପ୍ରାପ୍ତ ହେଉଛି। ଏଥିପାଇଁ ଥିବା ଆଇନ୍‌କୁ ପାଳନ କରାଯାଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଏଣୁ ପୋଲିସ ପ୍ରଶାସନ ଦୃଷ୍ଟିଦେବା ଉଚିତ।

-ବିଭୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପ୍ୟାକ୍ସରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧିନ ଧଣ୍ଡାମାଲ ପ୍ୟାକ୍ସରେ ରବିବାର ସକାଳେ ଜଣେ ବ୍ୟକ୍ତି ମାରଣାସ୍ତ୍ର ଧରି କର୍ମଚାରୀଙ୍କୁ ଭୟଭୀତ କରିବାସହ ଉନ୍ମତ୍ତ କାଣ୍ଡ କରିଥିବା ଅଭିଯୋଗ ହୋଇଛି । ପ୍ୟାକ୍ସ ସମ୍ପାଦକ ଭଗବାନ ଗଡତ୍ୟାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ସକାଳେ ଏଭଳି ଘଟଣା ଘଟିବା ପରେ ପ୍ୟାକ୍ସ ସମ୍ପାଦକ ଗଡତ୍ୟା ବିଭାଗୀୟ ଏଆରସିଏସଙ୍କୁ ଅବଗତ କରିବା ସହ ଦେଓଗାଁ ଥାନାରେ ଅନ୍ତର୍ଲା ଗ୍ରାମର ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଥିବା ଜଣାପଡିଛି ।

## ସଂକ୍ଷେପରେ

### ଅଗ୍ରଣୀ ଚାଷୀ ତାଲିମ ଶିବିର

ଖପ୍ରାଖୋଲ,୨୧।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବେନକେରାଠାରେ ଆତ୍ମା ବଲାଙ୍ଗୀର, ୱାସନ୍ ଏବଂ ୱାଆଇସିଡିଏର ମିଳିତ ଆନୁକୂଲ୍ୟରେ ଅଗ୍ରଣୀ ଚାଷୀମାନଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉନ୍ନତ ଜ୍ଞାନକୌଶଳ ସହ ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତି ଏବଂ ବ୍ୟବହାର ଉପରେ ତାଲିମ ଦିଆଯାଇଥିଲା। କମ୍ ଖର୍ଚ୍ଚରେ ଚାଷୀ କିପରି ଅଧିକ ଲାଭବାନ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ତାଲିମଦାତାଭାବେ ମାଖୁନୁ ଷାଣ୍ଡ, ବ୍ଲକ ସଂଯୋଜକ ହେମବତୀନନ୍ଦନ ବେହେରା, ଉମେଶ ଗୁପ୍ତା ତାଲିମ ପ୍ରଦାନ କରିଥିଲେ। ଫକୀର ସାହୁ, ବାସନ୍ତି ମୁଣ୍ଡା, ସଦାନନ୍ଦ ବାଗ, ପୁରନ୍ଦର ବନଛୋର, ଭୋଜରାଜ ବରିହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୟଙ୍ଗଷ୍ଟାର କ୍ରିକେଟ: ଚୁଲ୍ହାଦର୍ହ ଚାମ୍ପିୟନ

ବେଲପଡା, ୨୧।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଯୁବା ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ଖେଳପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଚୁଲ୍ହାଦର୍ହ ଓ ଯୁବା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିଣି ଯୁବା ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ଜବାବରେ ଚୁଲ୍ହାଦର୍ହ ୬.୩ଓଭରରେ ୭୨ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପଞ୍ଚାୟତ ସମିତି ଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ପୁଟା, ନିମାଇଁ ବାଗ, ପବିତ୍ର ପୁଟା, ଗଜିନ୍ଦ୍ର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଚୁଲ୍ହାଦର୍ହ ଦଳର ମଣ୍ଟୁ ମ୍ୟାନ ଅପ ଦ ମ୍ୟାଚ ଓ ଯୁବା ଦଳର ସୁରଜଙ୍କୁ ମ୍ୟାନ ଅପ ଦ ସିରିଜ ବିବେଚନା କରାଯାଇଥିଲା।

### ନରେଶ ମେମୋରିଆଲ କ୍ରିକେଟ: ବାଦିବାହାଲ ଚାମ୍ପିୟନ

ଲୋଇସିଂହା.୨୧।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ନେଗିପାଲି ଗ୍ରାମରେ ଚାଲିଥିବା ନରେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି । ମା' ଗ୍ରାମପତୀ କ୍ରିକେଟ କ୍ଲବ ଓ ଗ୍ରାମାବସୀଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲକୁ ବାଦିବାହାଲ ଓ କୁମୁଣ୍ଡେ ଦଳ ଯାଇଥିଲେ । ଏଥିରେ କୁମୁଣ୍ଡେକୁ ହରାଇ ବାଦିବାହାଲ ବିଜୟୀ ହୋଇଥିଲା । ବାଦିବାହାଲ ଦଳର ଶୁକ ଟୁର୍ନାମେଣ୍ଟ ଅଫ ଦ ସିରିଜି(ସାଇକେଲ) ଓ ବିନୟ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ ହୋଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୯ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା ।

# ବରଗଡ଼ରେ ହେବ କଳାକାର ମହାକୁମ୍ଭ

- ୫୦ହଜାର କଳାକାର ଯୋଗଦାନ ଲକ୍ଷ୍ୟ
- କାର୍ଯ୍ୟକ୍ରମ ସଫଳ ପାଇଁ ପ୍ରସ୍ତୁତି ଆରମ୍ଭ
- ପାରମ୍ପରିକ ନାଚ, ବାଦ୍ୟରେ ଶୋଭାଯାତ୍ରା

ବରଗଡ଼ ଅଫିସ,୨୧।୨

ବରଗଡ଼ ହେଉଛି ପଶ୍ଚିମ ଓଡ଼ିଶା କଳା, ସଂସ୍କୃତିର ପ୍ରାଣକେନ୍ଦ୍ର। ଏଠାରେ ଆଗାମୀ ଦିନରେ କଳାକାର ମହାକୁମ୍ଭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ହଜାରରୁ ଉର୍ଦ୍ଧ୍ୱ କଳାକାର ଯୋଗଦାନ କରିବାର ଲକ୍ଷ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଏବଂ ବଉଲଝୁପାର ମିଳିତ ଆନୁକୂଲ୍ୟରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ପ୍ରସ୍ତୁତି ବୈଠକ ଛେରଛେରା ଅନୁଷ୍ଠିତ ହୋଇଥିଲା।

ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ତଥା ବଉଲଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତି ଚୈତନ୍ୟ ପାଇକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜସେବୀ ଚନ୍ଦ୍ରଶେଖର ବାଗ, ସ୍ତ୍ରୀ କୁମୋଦିନୀ ବାଗ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାର ମହାସମ୍ମିଳନୀକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। କଳାକାର ଭୁବନ ଭୋଇ, ସୋମନାଥ ପଧାନ, ବାସୁଦେବ ପଧାନ, ବଉଲଝୁପା ଅନୁଷ୍ଠାନର ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନ, କଣ୍ଠଶିଳ୍ପୀ ବାଲେଶ୍ୱର କୁଅଁର, ଖଗେଶ୍ୱର ସାହୁ, ପ୍ରମୋଦ ଦାଶ, ସଙ୍ଗୀତଜ୍ଞ ଅନିରୁଦ୍ଧ ପାଇକ, ନୃତ୍ୟଗୁରୁ ରାଜେଶ ବାରିକ, ଜିତେନ୍ଦ୍ରୀୟ ସାହୁ, ପଞ୍ଚାନନ ମହାପାତ୍ର, ପୁରନ୍ଦର ସେଠ ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା ସମ୍ପ୍ରଦା, ସଞ୍ଚାର, କରମସାନୀ, ଖଞ୍ଜଣୀ, ସଂକୀର୍ତ୍ତନ୍ୟ, ଗଣ୍ଡାବାଜା, ଡଣ୍ଡାନୃତ୍ୟ, କଲଷ୍ଟୀ ନାଚ ଆଦି ପାରମ୍ପରିକ ନୃତ୍ୟ ପ୍ରଦର୍ଶନ ସହିତ କଳାକାରମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଲୋକକଳା ଭବନରୁ ବାହାରି ଅଗ୍ରଗାମୀ ଯୁବକ ସଂଘ ସଭା ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲେ। ରାଧେଶ୍ୟାମ ଭେସ୍ରା, ନିତ୍ୟାନନ୍ଦ ବାଗ, ବିଭୁଧେନ୍ଦୁ ମହାନନ୍ଦ, ସନ୍ତୋଷ ସାହୁ, ସଦାନନ୍ଦ ଜାଲ, ଡୋଲାମଣିଶତପଥି ସହଯୋଗ କରିଥିଲେ।



କଳାକାରଙ୍କ ଛେରଛେରା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କୋଶଳି ଭାଷା ଏକ ମହାନ୍ ସଂସ୍କୃତିର ଜନ୍ମଦାତା



ବୀରମହାରାଜପୁରରେ ବିଶ୍ୱ ମାତୃଭାଷା ଦିବସ ପାଳନରେ ମଞ୍ଚାସୀନ ଅତିଥି ।

### ବୀରମହାରାଜପୁରରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ଅମରପାଲି, ୨୧।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରିସଦନଠାରେ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋଶଳ ହେରିଟେଜ ଟ୍ରଷ୍ଟ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏକାଡେମୀ ସଭାପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଘାତାଙ୍କ ଅଧ୍ୟକ୍ଷତା କରି କୋଶଳି ଭାଷା ସଂସ୍କୃତ ଭାଷାଠାରୁ ମଧ ପ୍ରାଚୀନ ବୋଲି ମତବ୍ୟକ୍ତ କରିଥିଲେ। ଏକାଡେମୀ ମହାସଚିବ ଗୋରଖନାଥ ସାହୁ ପ୍ରାରମ୍ଭିକ ସୂଚନାରେ କୋଶଳି ଭାଷା ଏକ ମହାନ ସଂସ୍କୃତିକୁ ଜନ୍ମ ଦେଇଛି ବୋଲି କହିଥିଲେ। ଅତିଥିଭାବେ ଡ. ଅଟଳ ବିହାରୀ ପଣ୍ଡା, ବରିଷ୍ଠ ଆଇନଜୀବୀ ନିମାଇଁଚରଣ ନାଏକ, ପଦ୍ମଶ୍ରୀ ହଳଧର ନାଗ, ଡ. ଗୋବର୍ଦ୍ଧନ ସାହୁ, ଶିକ୍ଷାବିତ ବ୍ରଜମୋହନ ଦାନୀ, କବି ନିମାଇଁଚରଣ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ଉପଖଣ୍ଡୀୟ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଅଧ୍ୟାପକ ଡ. ଦେବାଶିଷ ପାଣ୍ଡିଆ, ଭାଷାକର୍ମୀ ସାକେଶ ଶ୍ରୀଭୂଷଣ ସାହୁ ପ୍ରମୁଖ ଯୋଗଦେଇ କୋଶଳି ଭାଷା ସଂସ୍କୃତିର ଉତ୍କର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ଲାଗି ନାଟ୍ୟକାର ତଥା ଅଭିନେତା ଡ. ଅଟଳ ବିହାରୀ ପଣ୍ଡା, ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତା ଓ ପ୍ରଧାପକ ଡ. ଗୋବର୍ଦ୍ଧନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଅଟଳବିହାରୀ ପଣ୍ଡାଙ୍କ ରଚିତ ଆତ୍ମଜୀବନୀ ବାନ୍ଧୁ ଉବାଚ ଭାଗ-୨, ଗୋରଖନାଥ ସାହୁ ଓ ଦାମୋଦର ହୋତାଙ୍କ ଦ୍ୱାରା ରଚିତ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦଗାତାଙ୍କ ହିନ୍ଦୀ ରୂପାନ୍ତରିତ ଅଦ୍ୱୟ ସିଦ୍ଧି, ଡ. ଗୋବର୍ଦ୍ଧନ ସାହୁଙ୍କ ରଚିତ କୋଶଳି/ ସମ୍ବଲପୁରୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାଷା (ଇଂରାଜୀ) ଏବଂ ଗୋରଖନାଥ ସାହୁଙ୍କ ଆମର ଘରର ମଜା କଥା ପୁସ୍ତକ ଲୋକାର୍ପିତ ହୋଇଥିଲା। ସଭା ପୂର୍ବରୁ କୋଶଳି ଭାଷାର ସାମ୍ବିଧାନିକ ମାନ୍ୟତା ଦାବି କରି ଏକ ଶୋଭାଯାତ୍ରା କରାଯାଇଥିଲା । ସଭାପରେ ଏକ କବିତା ଆସର ହୋଇଥିଲା । ଶେଷରେ ୨୦୨୧ ଜନଗଣନାରେ ମୋର ମାତୃଭାଷା କୋଶଳି ବୋଲି ଉଲ୍ଲେଖ କରିବାକୁ ସମସ୍ତେ ଶପଥ ପାଠ କରିଥିଲେ ।

# 'ମାତୃଭାଷା ଅନ୍ତର୍ବୋଧ, ସୂକ୍ଷ୍ମ ଚେତନାର ଅଭିବ୍ୟକ୍ତି'

ବଲାଙ୍ଗୀର ଅଫିସ, ୨୧।୨

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଶ୍ୱ ମାତୃଭାଷା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଭାଷା: ନିରାମୟ ଜୀବନ ଯାତ୍ରାର ସର୍ବୋତ୍ତମ ଆଧାର ଶୀର୍ଷକ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ନେପାଳ ଚନ୍ଦ୍ର ବାଗ, ମୁଖ୍ୟବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇଥିଲେ। ମୁଖ୍ୟଅତିଥି ବାଗ ତାଙ୍କ ବକ୍ତବ୍ୟରେ ମାତୃଭାଷା ହିଁ ମଣିଷର ଅନ୍ତର୍ବୋଧ ଓ ସୂକ୍ଷ୍ମ ଚେତନାର ଅଭିବ୍ୟକ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଛୁରିଆ ତାଙ୍କ ବକ୍ତବ୍ୟରେ ମାତୃଭାଷାରେ ସଂସ୍କୃତିର ସୁରକ୍ଷା ଓ ଭାଷାର ଯୋଜନା ଓ ରୂପାୟନ ପାଇଁ ସବୁଠି ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ପୁରୋହିତ ସଭାପତୀୟ ଅଭିଭାଷଣରେ ଆମେ ବହୁଭାଷୀ ହେବା ମାତ୍ର ନିଜ ଭାଷାକୁ ଭୁଲିଯିବା ନାହିଁ ବୋଲି କହିଥିଲେ । ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ଭାଷାବୃତ୍ତି ପାଇଥିବା ଛାତ୍ରୀ ମୀନାକ୍ଷୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଞ୍ଜିତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରମୋଦ ବିଶ୍ୱାଳ, ଅଶ୍ୱିନୀ ମହାଲିଙ୍ଗ, ତପନ ବୁଡେକ, ସୁଦାମ କୁମ୍ଭାର, ଜଗନ୍ନାଥ ଯୋଷୀ, ଅମୂଲ୍ୟ ଦୋରା, ଶିକ୍ଷୟିତ୍ରୀ ସୁବାସିନୀ ସେଠୀ, ନିରୋତ୍ତମା ବିଶ୍ୱାଳ, ରଶ୍ମିତା ନନ୍ଦ, ରଶ୍ମିତା ବିଶ୍ୱାଳ ସହଯୋଗ କରିଥିଲେ ।


ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଅତିଥି ଓ ଛାତ୍ରୀଛାତ୍ରମାନେ।

## ବଇଦପାଲି ସେତୁର ଭୂମି ପୂଜନ

ପଦ୍ମପୁର, ୨୧।୨(ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକ କନସିଂହା ଗ୍ରାମପଞ୍ଚାୟତର ବଇଦପାଲି ଠାରେ ସେତୁ ନିର୍ମାଣ ପାଇଁ ରବିବାର ଭୂମି ପୂଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁଦାମ ମହାନନ୍ଦଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ଲକ୍ଷ୍ମଣ ସାହୁ, ପ୍ରକୃତିବନ୍ଧୁ ମୀନକେତନ ସାହୁ, ଭିକାରୀ ଚରଣ ନାୟକ, ବିନୋଦ ବେହେରା, ସାମାଜିକ କର୍ମୀ ଦୀପା ବାରିକ, ଆଶିଷ ନାଥ, ଦିବସ ସାହୁ ପ୍ରମୁଖ ଅତିଥି ଭାବେ ସଞ୍ଚାସୀନ ଥିଲେ। ଏହି ଅବସରରେ ତିନିଜଣ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବାଞ୍ଛାନିଧି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରାମକୁ ଯାଇପାରିଲାନି ଆମ୍ବୁଲାନ୍ସ, ଷ୍ଟ୍ରେଚରରେ ବୁହା ହେଲେ ରୋଗୀ

ବଘିଆପଡା/ ବାଉଁଶୁଣୀ,୨୧।୨(ଡି.ଏନ.ଏ.)

ସରକାର ଗ୍ରାମଗୁଡିକର ବିକାଶ ତଥା ରାସ୍ତା ସଂଯୋଗୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ବୌଦ୍ଧ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକରେ ଗମନାଗମନ ସୁବିଧା ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରବିବାର ବୌଦ୍ଧ ବ୍ଲକ ବିଜାମାରୀ ଗ୍ରାମର ଜଣେ ରୋଗୀଙ୍କୁ ଷ୍ଟ୍ରେଚରରେ ପ୍ରାୟ ୧ କିଲୋମିଟର ବାଟ ବୋହିବାକୁ ପଡିଛି ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ । ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ, ଆମ୍ଭଝରୀ ଗ୍ରାମ ପଞ୍ଚାୟତ ଅଧୀନ ବିଜାମାରୀ ଗ୍ରାମର ପ୍ରଭାକର କହଁର(୪୫)ଙ୍କୁ ଭୀଷଣ ଜ୍ୱର ହୋଇଥିବାରୁ ପରିବାର ଲୋକ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନ୍ସର ସହାୟତା ପାଇଁ ଫୋନ କରିଥିଲେ। ସୂଚନା ପାଇ ଆମ୍ବୁଲାନ୍ସ ପହଞ୍ଚି ଥିଲେ ମଧ ରାସ୍ତା ନ ଥିବାରୁ ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଅଟକି ରହିଥିଲା। ଶେଷରେ ଫାର୍ମାସିଷ୍ଟ ସୁରଜ ମହାନନ୍ଦ, ଆମ୍ବୁଲାନସ ଡ୍ରାଇଭର ଯୁବରାଜ କହଁର, ଆଟେଣ୍ଡାଣ୍ଟ ଅନୀଲ କହଁର ଅନ୍ୟ ଉପାୟ ନ ପାଇ ସେଠାରୁ ପ୍ରାୟ ଏକ କିଲୋମିଟର ଦୂର ବିଜାମାରୀ ଗ୍ରାମକୁ ଷ୍ଟ୍ରେଚର ନେଇ ଯାଇଥିଲେ । ସେଠାରୁ ଷ୍ଟ୍ରେଚର ଯୋଗେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ପ୍ରଭାକରଙ୍କୁ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବୁର୍ଲା ପଠାଯାଇଥିବା ଜଣାପଡିଛି । ୧୦୮ ଅମ୍ବୁଲାନ୍ସ କର୍ମଚାରୀମାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ଜିଲା ସଦର ମହକୁମା ଠାରୁ ପ୍ରାୟ ୩୨ କିଲୋମିଟର ଓ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରୁ ୧୫ କିଲୋମିଟର ଦୂରରେ ଥିବା ଏହି ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ରୋଗୀ ଷ୍ଟ୍ରେଚରରେ ବୁହା ହୋଇ ଆସିବା ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।


ରୋଗୀଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚରରେ ବୋହି ଆଣୁଛନ୍ତି ।

OFFICE OF THE EXECUTIVE ENGINEER
RWS&S DIVISION, JAGATSINGHPUR
Tel.No.06724-223485, e-mail-eerwss_ictc@nic.in

e - Procurement Notice
Bid identification No. 39 of 2020-21

No.O-1115:- The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sump composite bids in Double Cover system /Percentage bids in Single Cover system in online mode for Execution of individual RPWS schemes/ Drilling of production well/Hand pump tube well on Turn key basis from eligible Class of contractors.

1. Name of work : Execution of individual RPWS Scheme/ 200mm dia production well work-
2. No. of work : 04 Nos.
3. Estimated Cost : Rs.6,85,065/-, Rs.7,30,057/- Rs.32,24,417/- & Rs.58,41,610/-
4. Cost of Tender paper : Rs. 4,000/-, Rs.6,000/- & Rs.10,000/-
5. Class of contractor : "D" , 'C", 'B' & 'A'
6. Availability of Tender in website : 24.02.2021 to 12.03.2021
7. Submission of Bid in online : 24.02.2021 to 12.03.2021
8. Date of seeking clarification : 24.02.2021 to 10.03.2021
9. Date of opening of bids : 15.03.2021 (11.00 A.M.)
10. Name and address of O.I.T. : Executive Engineer, RWS&S Division, Jagatsinghpur
11. All other details can be seen from the website : www.tendersorissa.gov.in
12. Bid cost and Bid security should be submitted in online mode.
13. Subsequent corrigendum/addendum if required shall only be appeared in above website.

Sd./- Executive Engineer,
RWS&S Divn., Jagatsinghpur
OIPR-25024/11/0014/2021

## ଗୁରୁଜୀମୁଣ୍ଡା ଡ୍ୟାମ୍ ନିର୍ମାଣ ନେଇ ଆନ୍ଦୋଳନ ଜୋର ଧରିଲା

### କିଷାନ ସଂଘର ସମାବେଶ

ବୌଦ୍ଧ/ବଘିଆପଡା,୨୧।୨ (ସ୍ୱ.ପ୍ର.): ପ୍ରସ୍ତାବିତ ଗୁରୁଜୀମୁଣ୍ଡା ଡ୍ୟାମ ନିର୍ମାଣ ପାଇଁ ରବିବାର ବୌଦ୍ଧ ଜିଲା ଭାରତୀୟ କିଷାନ ସଂଘ ପକ୍ଷରୁ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କିଷାନ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୌଦ୍ଧର ଗୁରୁଜୀମୁଣ୍ଡା ଠାରେ ଅନୁଷ୍ଠିତ ଏହି ସମାବେଶରେ ଯୁବ ଇଂ. ବିକାଶ ମହାକୁଲଙ୍କୁ ସଂପାଦକ ଭାବରେ ମନୋନୀତ କରାଯାଇଥିଲା । ଏଥିସହିତ ପ୍ରସ୍ତାବିତ ଡ୍ୟାମ ନିର୍ମାଣ ପର୍ଯ୍ୟନ୍ତ ଏହି ଲଢେଇ ଜାରି ରହିବ ବୋଲି ଚାଷୀ ନେତାମାନେ କହିଥିଲେ । ଏହି ସମାବେଶରେ ବରିଷ୍ଠ ଚାଷୀ ନେତା ନବୀନ କୁମାର ପ୍ରଧାନ, ଦୁତିବାହାନ କର୍ମଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ । ଚାଷୀମାନେ ଡ୍ୟାମ ନିର୍ମାଣ ପାଇଁ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଶପଥ ନେଇଥିଲେ। ବୌଦ୍ଧ ଏକ କୃଷିଭିତ୍ତିକ ଜିଲା । ଜିଲାର ୮୦ ପ୍ରତିଶତ ଅଧିବାସୀ ଜୀବନ ଜୀବିକା ପାଇଁ କୃଷି ଓ ଦିନ ମଜୁରୀ ଉପରେ ନିର୍ଭରଶୀଳ। ଧାନ ଏଠାରେ ମୁଖ୍ୟ ଆୟକାରୀ ଫସଲ ହୋଇଥିବା ବେଳେ ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନାହିଁ । ଫଳରେ ଚାଷୀମାନେ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଓ ମରୁଡିର ଶିକାର ହୋଇ ଆସୁଛନ୍ତି । ସାଲୁଙ୍କି ନଦୀ ଉପରେ ୫୦ ବର୍ଷ ତଳେ ନିର୍ମିତ ଏକ ଚେକ୍ ଡ୍ୟାମ, ବାଘନଦୀ ପ୍ରକଳ୍ପକୁ ବାଦ ଦେଲେ କିଛି ଅଞ୍ଚଳର ଚାଷୀ ଉଠାଜଳସେଚନ ଓ କ୍ଷୁଦ୍ର ଜଳସେଚନ ଦ୍ୱାରା ଉପକୃତ ହେଉଛନ୍ତି । ତେବେ ଜିଲାରେ ଚାଷ ଜମିର ପରିମାଣକୁ ଦେଖିଲେ ଏହି ଜଳସେଚନ ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ। ଏହାବ୍ୟତୀତ କୌଣସି ପ୍ରକଳ୍ପରେ ଜଳ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଆବଶ୍ୟକ ସମୟରେ ପ୍ରକଳ୍ପଗୁଡିକ କାର୍ଯ୍ୟରେ ମଧ ଲାଗିପାରୁନାହିଁ। ତେଣୁ ସାଲୁଙ୍କୀ ନଦୀ ଉପରେ ଗୁରୁଜୀମୁଣ୍ଡାଠାରେ ଡ୍ୟାମ ନିର୍ମାଣ ପାଇଁ ଜିଲା କିଷାନ ସଂଘ ପକ୍ଷରୁ ଦୀର୍ଘ ଦିନ ହେବ ଦାବି ହୋଇଆସୁଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ
ଆଡ୍‌ଭାନ୍ସ ୭୦ ଲକ୍ଷ
ଭଡ଼ା: 60,000
+ ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore , Karnataka-400021.
9485687401
8901064681

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନେସ୍କୋ ୟୁଟିଲିଟି
NESCO UTILITY

ସର୍ବସାଧାରଣଙ୍କ ନିମନ୍ତେ ନୋଟିସ

ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ତାଙ୍କର ବକେୟା ବିଦ୍ୟୁତ୍ ଦେୟ ତୁରନ୍ତ ପଇଠ କରନ୍ତୁ । ବକେୟା ଦେୟ ନେସ୍କୋ (NESCO)ର ଯେକୌଣସି ଅଫିସ୍ କିମ୍ବା ଆପଣଙ୍କ ଅଞ୍ଚଳକୁ ଯାଉଥିବା ସ୍ୱତନ୍ତ୍ର ଭ୍ରାମ୍ୟମାଣ ବିଲ୍ ଆଦାୟକାରୀ କିମ୍ବା ବିଦ୍ୟୁତ ଶୁଳ୍କ ଆଦାୟପାଇଁ ନିଯୁକ୍ତ ବିଭିନ୍ନ ବିଲିଂ ଏବଂ କଲେକସନ୍ ଏଜେନ୍ସି (RCS / MPOS / HDFC e-Wallet ମେସିନ୍ ଦ୍ୱାରା) କିମ୍ବା ଅନଲାଇନ୍ (www.nescoodisha.com) ଜରିଆରେ ଏବଂ Paytm / Airtel Money / PhonePe / Google Pay ଆଦି ଜରିଆରେ ପଇଠ କରିପାରିବେ। ଯେଉଁମାନେ ବିଦ୍ୟୁତ୍ ବକେୟା ପଇଠ ନକରିବେ, ସେମାନଙ୍କ ବିଦ୍ୟୁତ ସଂଯୋଗ କାଟିବାକୁ ଆମେ ବାଧହେବୁ।

ଉପରୋକ୍ତ ସୂଚନାକୁ ଇଣ୍ଡିଆନ୍ ଇଲେକ୍ଟ୍ରିସିଟି ଆକ୍ଟର ଧାରା ୫୬ ଅନୁଯାୟୀ ନୋଟିସ୍ ବୋଲି ବିବେଚନା କରାଯିବ।

"ବକେୟା ବିଦ୍ୟୁତ୍ ବିଲ୍ ପଇଠ କରନ୍ତୁ, ବିଜୁଳି କାଟରୁ ରକ୍ଷା ପାଆନ୍ତୁ ।"

Government of Odisha
Office of the Executive Engineer, Rural Works Division, Nabarangpur
e-mail- eerwngp@rediffmail.com, Phone No.222023
Letter No.597 Date: 17.02.21

e-Procurement Notice

No.O-1106:- Name of the work: Building works. Total No. of works: 02 (Two) Nos. Approx. estimated cost : Rs.0.88 lakhs. Class of contractor: 'C' & 'D' Class of contractor. Period of completion: 15 (Fifteen) calendar days/till 31st March' 21 which ever is earlier.

| Procurement Officer | Bid Identification No. | No. of works | Availability of tender online for bidding | | Date & time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online- 12/2020-21 | 02 (Two) Nos. | 25.02.2021 at 10.00 A.M. | 08.03.2021 upto 03.00 P.M. | 09.03.2021 at 11.00 A.M. |

For details can be seen from the Government website: www.tendersorissa.gov.in.
OIPR-25092/11/0013/2021 Sd./- Executive Engineer, Rural Works Division, Nabarangpur

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୨ ଫେବୃୟାରୀ, ୨୦୨୧



## ମାର୍ଚ୍ଚ ୧ରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା

ସମ୍ବଲପୁର,(ବ୍ୟୁରୋ): ପଶ୍ଚିମ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଆସନ୍ତା ୧ ତାରିଖରେ ରାଜଭବନ ସମ୍ମୁଖରେ ଧାରଣା ଦେବାକୁ ସ୍ଥିର ହୋଇଛି। ରବିବାର ସମ୍ବଲପୁର ବୁଢ଼ାହିଲ ସ୍କୁଲ ପରିସରରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ ଯୋଗଦେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । ନୂତନ ଶିକ୍ଷାନୀତିରେ ଅଙ୍ଗନୱାଡି କର୍ମୀଙ୍କ ଦରମା ବିଷୟରେ ଉଲ୍ଲେଖ କରାଯାଇ ନାହିଁ । କରୋନା ସମୟରେ କର୍ମୀମାନେ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କ ସେବା କରିଥିଲେ ।

**ସଂକ୍ଷେପରେ**

## ବିଲରୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

ରାଜଗାଙ୍ଗପୁର, ୨୧।୨ (ଡି.ଏନ.ଏ): ରାଜଗାଙ୍ଗପୁର ଥାନା ଅଧିନସ୍ଥ ଘୋଘର ଗ୍ରାମ ହନୁମାନ ମନ୍ଦିର ପାଖ ବିଲରୁ ରବିବାର ସକାଳେ କ୍ଷତବିକ୍ଷତ ଅବସ୍ଥାରେ ଯୁବକଙ୍କ ମୃତଶରୀର ଉଦ୍ଧାର ହୋଇଛି। ମୃତକ ହେଲେ ଘୋଘର ଗ୍ରାମ ଦେହରିପଡା ନିବାସୀ ରାହୁଲ ନାଏକ (୨୬)। ଗତ ରାତିରେ ଖାଉଥିବା ସମୟରେ କାହାରି ମୋବାଇଲରୁ ଫୋନ ଆସିବା ପରେ ଆସୁଛି କହି ଖାଇବା ଛାଡି ବାହାରି ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ବ୍ୟତିବ୍ୟସ୍ତ ହୋଇଥିଲେ। ସକାଳୁ କ୍ଷତବିକ୍ଷତ ଅବସ୍ଥାରେ ମୃତଦେହ ତାଙ୍କ ଘରଠାରୁ ପ୍ରାୟ ୧୫୦ ମିଟର ଦୂର ହନୁମାନ ମୂର୍ତ୍ତି ନିକଟ ବିଲରେ ପଡିଥିବାର ଗାଁ ଲୋକ ଓ ପରିବାର ବର୍ଗ ଦେଖି ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ପରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଇଥିଲେ। ସାଇଣ୍ଟିଫିକ୍ ଟିମ ପହଞ୍ଚି ପୋଲିସ ସହ ମିଶି ଘଟଣାର ତଦନ୍ତ କରିଥିଲେ। ମୃତକଙ୍କ ମାମୁଁ କହିଛନ୍ତି ଯେ, ବହୁ ବର୍ଷ ପୂର୍ବରୁ ରାହୁଲଙ୍କ ଦାଦାଙ୍କୁ ହାଣି ଏଣେତେଣେ ଫିଙ୍ଗି ଦେଇଥିଲେ।

# ବୀରମିତ୍ରପୁର ବନାଞ୍ଚଳରେ ହାତୀ ଉପଦ୍ରବ

**■ହାତୀପଲ ଘର ଭାଙ୍ଗିଲେ**
**■ଦନ୍ତା ଆକ୍ରମଣରେ ମହିଳା ଗୁରୁତର**

କୁଆଁରମୁଣ୍ଡା,୨୧।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର ବନ ରେଞ୍ଜରେ ଗତ ୪ ଦିନ ହେଲା ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଉକ୍ତ ରେଞ୍ଜ ଅନ୍ତର୍ଗତ ଓଡ଼ିଶା-ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ମଝାପଡ଼ା, ସଲଙ୍ଗାବାହାଲ, ଅଣ୍ଡାଳି ଇତ୍ୟାଦି ପଞ୍ଚାୟତର ବିଭିନ୍ନ ଗାଁଗଣ୍ଡାରେ ପଶି ୮ଟିକିଆ ହାତୀପଲ ଉପଦ୍ରବ ଜାରି ରଖିଛନ୍ତି। ସନ୍ଧ୍ୟା ହେଲେ ସୀମାନ୍ତ ଗାଁ ଓ ବସ୍ତି ଲୋକେ ଭୟରେ ଘରୁ ବାହାରକୁ ବାହାରୁ ନ ଥିବା ବେଳେ ହାତୀପଲଙ୍କୁ ବନବିଭାଗ ଘଉଡାଇ ପାରୁନାହିଁ।

ମିଳିଥିବା ଖବର ଅନୁଯାୟୀ, ଶୁକ୍ରବାର ବଡ଼ି ଭୋରରୁ ହାତୀପଲ ସଲଙ୍ଗାବହାଲ ପଞ୍ଚାୟତର କୁନମେଣ୍ଡ୍ରା ଗ୍ରାମରେ ପଶି ସାଲମୀ କିଶାନ(୩୫)ଙ୍କ ଖପର ଘର ଭାଙ୍ଗୁଥିଲେ। ସେ ଭୟରେ ହଠାତ୍ ଘରୁ ବାହାରିବା ସମୟରେ ଏକ ଦନ୍ତାହାତୀ ହାବୁଡରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇଥିଲା। ଉକ୍ତ ବସ୍ତି ଲୋକେ ଉଠି ହାତୀକୁ ଘଉଡାଇବାରୁ ହାତୀପଲ ସେଠାରୁ ନିକଟସ୍ଥ ଜଙ୍ଗଲକୁ ପଳାଇଯାଇଥିଲେ। ଏହା ପରେ ଲୋକମାନେ ଗୁରୁତର ସାଲମୀଙ୍କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ସାଲମୀଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ରାଉରକେଲା ସରକାରୀ ଡାକ୍ତରଖାନା ତାଙ୍କୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଉକ୍ତ ହାତୀପଲ କୁନମେଣ୍ଡ୍ରା ଗ୍ରାମର ଗୀର୍ଜାପଡ଼ାର ହିଲୁ ମାଝି, ଟିପନ କିଷାନଙ୍କ ଘର ମଧ୍ୟ ଭାଙ୍ଗିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ଉକ୍ତ ରାତି ପ୍ରାୟ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ମଝାପଡ଼ା ପଞ୍ଚାୟତରେ ଉକ୍ତ ହାତୀପଲ ପଶି ବିରିଙ୍ଗାଟୋଲି ଗ୍ରାମର ମାର୍ଶାଲ ଡୁଙ୍ଗଡୁଙ୍ଗଙ୍କ ଘର ଭାଙ୍ଗିଥିବା ସେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ରବିବାର ମଧ୍ୟ ଉକ୍ତ ହାତୀପଲଙ୍କ ଉପଦ୍ରବ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ଜାରି ରହିଛି।



ବୀରମିତ୍ରପୁର ବନ ରେଞ୍ଜରେ ହାତୀ ଭାଙ୍ଗିଥିବା ଡାଳ।

## ସାନ ଟାଙ୍ଗିଆ ଚୋଟରେ ବଡ଼ଭାଇ ମୃତ

ଲହୁଣୀପଡ଼ା, ୨୧।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଫୁଲଝର ପଞ୍ଚାୟତର ଭଗବାନସାହିରେ ଶନିବାର ରାତିରେ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ କଥାକୁ କେନ୍ଦ୍ରକରି ସାନଭାଇ ଟାଙ୍ଗିଆରେ ହାଣି ବଡ଼ଭାଇଙ୍କୁ ହତ୍ୟା କରିଛି। ରାତିରେ ବଡ଼ଭାଇ ଶୁକ୍ରା ମୁଣ୍ଡା (୬୧) ଓ ସାନଭାଇ ଲଣ୍ଡା (୪୫) ଖାଇବା ପାଇଁ ବସିଥିଲେ। ଶୁକ୍ରାଙ୍କ ସ୍ତ୍ରୀ ଭାତ ଆଣି ଖାଇବାକୁ ଦେଇଥିଲେ। ଭାତ ଟାଣ ହୋଇଛି ବୋଲି ଲଣ୍ଡା ଅଭିଯୋଗ କରି ଭାଉଜଙ୍କୁ ଗାଳିଗୁଲଜ କରିଥିଲେ। ବଡ଼ଭାଇ ଶୁକ୍ରା ବିରୋଧ କରିବା ସହିତ ଲଣ୍ଡାଙ୍କୁ ଖାଇବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ରାଗିଯାଇ ଲଣ୍ଡା ଘରୁ ବାହାରକୁ ଚାଲିଆସି ଭାଇଭାଉଜଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଶୁକ୍ରା ଓ ତାଙ୍କ ସ୍ତ୍ରୀ ବିରୋଧ କରିବାରୁ ଲଣ୍ଡା ଅଧିକ ରାଗିଯାଇ ଏକ ଟାଙ୍ଗିଆରେ ବଡ଼ଭାଇ ଶୁକ୍ରାଙ୍କ ପିଠିରେ ମୁହଁରେ ଚୋଟ ପରେ ଚୋଟ ମାରିବାରୁ ସେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରାଙ୍କ ସ୍ତ୍ରୀଙ୍କୁ ମାରିଦେବା ପାଇଁ ଗୋଡାଇବାରୁ ସେ ଦୌଡି ପଳାଇ ଲୁଚି ଯାଇଥିଲେ। ରାତିତମାମ ମୃତଦେହ ପଡ଼ିରହିଥିଲା। ଖବରପାଇ ମହୁଲପଦା ପୋଲିସ ଓ ସାଇଣ୍ଟିଫିକ୍ ଦଳ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଜଙ୍ଗଲରେ ଲୁଚିଥିବା ଲଣ୍ଡା ମୁଣ୍ଡାଙ୍କୁ ଆଣି ଥାନାରେ ଅଟକରଖି ପଚରାଉଚୁରା କରୁଛି।

## ଚମ୍ପକେଶ୍ୱରଙ୍କ ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ



ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଦେବଗଡ଼,୨୧।୨(ଡ଼ି.ଏନ୍.ଏ.)

ପ୍ରଧାନପାଟସ୍ଥିତ ବାବା ଚମ୍ପକେଶ୍ୱର ଶିବ ମନ୍ଦିରରେ ରବିବାର ଅପରାହ୍ନରେ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ସୁଶିଲ କୁମାର କପରଦାରଙ୍କ ଅଧ୍ୟତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୧୧ରେ ହେବାକୁ ଥିବା ମହାଶିବରାତ୍ରି ପାଇଁ ଆଲୋଚନା ହୋଇଥିଲା। କୋଭିଡ଼-୧୯ ଗାଇଡ୍ ଲାଇନ୍‌ର ନୀତିନିୟମ ଅନୁସାରେ ପ୍ରତ୍ୟେକ ଦର୍ଶନାର୍ଥି ମାସ୍କ ଓ ସାମାଜିକ ଦୂରତ୍ୱକୁ ବାଧ୍ୟତାମୂଳକ ଭାବେ ଗ୍ରହଣ କରି ମନ୍ଦିରକୁ ପ୍ରବେଶ କରିବେ। ଉକ୍ତ ଦିନ ମନ୍ଦିର ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ଭୋଗର ବ୍ୟବସ୍ଥା କରାଯିବ। ସେହିପରି ମନ୍ଦିର ୟୁନିଟ୍ ୮, ଖାତା ନଂ.୩୦୬, ପ୍ଲଟ ନଂ.୭ରେ ଥିବା ଏ୦.୦୮ ଡ଼େସିମିଲ ଜମିର ଉନ୍ନତିକରଣ ନିମନ୍ତେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଟ୍ରଷ୍ଟ ସମ୍ପାଦକ ଈଶ୍ୱର ପ୍ରସାଦ ଦାଶ, ଆଇନପରାମର୍ଶ ଦାତା ପ୍ରଭାଶ ଚନ୍ଦ୍ର ମିଶ୍ର, ରାଧେଶ୍ୟାମ ବରାଇ, ଶଶାଙ୍କ ନାୟକ, ସଦାନନ୍ଦ ସାହୁ, ଭି.ସଂଜୟନ୍ ନାୟାର, ଶବଛ କୁମାର ନାୟକ, ବଣ୍ଟି, ଜିତୁ, ମଣ୍ଟୁ ତଥା ଟ୍ରଷ୍ଟର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ରଞ୍ଜନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୁତ୍ରା ହାଇସ୍କୁଲରେ ମାତୃଭାଷା ଦିବସ

କୁତ୍ରା, ୨୧।୨(ଡି.ଏନ.ଏ)

କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ରବିବାର ମାତୃଭାଷା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଶିକ୍ଷୟିତ୍ରୀ ବୈଜନ୍ତି ପଟେଲ, ଜସ୍ମିନ ମିଞ୍ଜ, ଲବଣୀଧର ଗରଡିଆ ପ୍ରମୁଖ ମାତୃଭାଷା ଉପରେ ବକ୍ତବ୍ୟ ରଖିଥିବା ବେଳେ ଦିପିକା କେରକେଟା, ଲକ୍ଷ୍ମୀ ମୁଣ୍ଡାରୀ, ମୀନତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ପ୍ରବୀଣ ଭାଷା ଶିକ୍ଷକ ବିଭୀଷଣ ବାରିକ ସଭା ସଂଯୋଜନା କରିବା ସହ ଓଡିଆ ଭାଷାର ମହିମା ମଣ୍ଡିତ ଇତିହାସର କିଛି ତଥ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ପିଲାମାନଙ୍କୁ ମାତୃଭାଷା ପ୍ରତି ନିଷ୍ଠା ରଖିବାକୁ ଉପଦେଶ ଦେଇଥିଲେ। ସୁନୀଲ ସେଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ସାମାଜିକ ଦୂରତା ମଧ୍ୟରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବାବୁଲାଲ ଟପ୍ପୋ, ଦିଲୀପ ବେହେରା, ଜାନକୀ ସିଂ ପ୍ରମୁଖ ସହଯୋଗ କରିଥିଲେ ।




ମାତୃଭାଷା ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର।

## ଗରିବ ଅସହାୟଙ୍କୁ ସହାୟତା ପାଇଁ ପରାମର୍ଶ



କର୍ମଶାଳା ଉଦ୍‌ଘାଟନ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ସ୍ୱେଚ୍ଛାସେବୀ।

**ତ୍ରି ଦିବସୀୟ ଯୁଥ ରେଡକ୍ରସ କର୍ମଶାଳା**

ବଣାଇ, ୨୧।୨(ସ୍ୱ.ପ୍ର)

ବଣାଇଗଡ଼ ମହାବିଦ୍ୟାଳୟ ପରିସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ତ୍ରିଦିବସୀୟ ଯୁଥ ରେଡକ୍ରସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଯୋଗଦେଇ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ଗ୍ରାମାଞ୍ଚଳରେ ପହଞ୍ଚି ଗରିବ ଅସହାୟ ଲୋକଙ୍କୁ ସହାୟତା କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଇତିହାସ ବିଭାଗର ପ୍ରାଧ୍ୟାପିକା ଦୋରଥିଆ ତିର୍କୀ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପତାକା ଉତ୍ତୋଳନ କରି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜଗାଙ୍ଗପୁର ଡାଲମିଆ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗ ଅଧ୍ୟାପକ ବିଷୟ ପ୍ରମୁଖ ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଏଥିରେ ଯୁଥ ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଣାଇ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ନେପୋଲିୟନ ମୁର୍ମୁ, ଡାକ୍ତର ଅନିରୁଦ୍ଧ ବେହେରା, ବଣାଇ ଅଗ୍ନିଶମ ବିଭାଗ ଅଧିକାରୀ ବିଜୟ କୁମାର ସାସମଲ ଉପସ୍ଥିତ ରହି ଦୁର୍ଘଟଣା ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯାଇ ପାରିବ ସେ ଉପରେ ସଚେତନ କରାଇଥିଲେ। ଏଥିରେ ୩ କଲେଜର ସମୁଦାୟ ୨୨ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ।

## ରାସ୍ତାରେ ପଡୁଛି ଆବର୍ଜନା ପାଣି

କୁତ୍ରା, ୨୧।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ବିଜୁ କମ୍ପ୍ଲେକ୍ସ ସମ୍ମୁଖରେ ଥିବା ଏକ ନଳକୂପର ସକପିଟ୍ ନଥିବା ଯୋଗୁ ଅଞ୍ଚଳଟି ଅଳିଆ ଆବର୍ଜନା ହେବା ସାଙ୍ଗକୁ ରାସ୍ତା ଉପରେ ଆବର୍ଜନା ପାଣି ପଡୁଛି। କୁତ୍ରାର ବିଜୁ କମ୍ପ୍ଲେକ୍ସ ଓ କୁତ୍ରା ତହସିଲ ସମ୍ମୁଖରେ ସର୍ବସାଧାରଣଙ୍କ ପିଇବା ପାଣି ପାଇଁ ଏକ ସରକାରୀ ନଳକୂପ ରହିଛି। ଉକ୍ତ ନଳକୂପର ପାଣି ନିଷ୍କାସନ ପାଇଁ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଲୋକେ ବ୍ୟବହାର କରୁଥିବା ପାଣି ଦ୍ୱାରା ଅଞ୍ଚଳ ଅପରିଷ୍କାର ହେବା ସହିତ ପାଣି ରାସ୍ତାକୁ ଗଡ଼ିଚାଲିଛି। ନଳକୂପ ଥିବା ସ୍ଥାନଟି ପଞ୍ଚରା, ତରକେରା, ଖତକୁରବାହାଲ ଓ ଝାଡ଼ଖଣ୍ଡ ଯିବା ପାଇଁ ବସଷ୍ଟାଣ୍ଡ ହୋଇଥିବା ବେଳେ ସମ୍ମୁଖରେ ତହସିଲ ଅଫିସ ରହିଥିବାରୁ ପ୍ରତିଦିନ ସେଠି ଶହ ଶହ ଲୋକଙ୍କ ସମାଗମ ହୋଇଥାଏ। ସେଠାରେ ନଳକୂପର ପାଣି ଜମି ପଚାଗନ୍ଧ ବାହାରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ। ଏଣୁ ସେଠାରେ ନଳକୂପର ଆବର୍ଜନା ପାଣି ପାଇଁ ଏକ ସକମିଟ୍ ନିର୍ମାଣ ପାଇଁ ସର୍ବସାଧାରଣରେ ଦାବି ହେଉଛି ।



ରାସ୍ତା ଉପରେ ଆବର୍ଜନା ପାଣି ବୋହିଯାଉଛି।

## ଅଙ୍ଗନୱାଡି କେନ୍ଦ୍ର ପାଲଟିଛି ପରିସ୍ରାଗାର

କୁତ୍ରା, ୨୧।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ଗ୍ରାମ ପଞ୍ଚାୟତର ଅଗ୍ରଣୀ ଗ୍ରାମ ପଞ୍ଚାୟତ କୁତ୍ରାର ଦୃଶ୍ୟ। ଏଠି ୨୦୧୪-୧୫ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା ଏକ ଅଙ୍ଗନୱାଡି କେନ୍ଦ୍ର ବ୍ୟବହାର ହେବା ପୂର୍ବରୁ ସର୍ବସାଧାରଣଙ୍କ ପାଇଁ ପରିସ୍ରାଗାର ପାଲଟି ଗଲାଣି । ପ୍ରାୟ ୫ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଏବଂ ପଞ୍ଚାୟତ ସମିତି ମାଧ୍ୟମରେ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ଖର୍ଚ୍ଚ ଅଟକଳରେ ନିର୍ମାଣ ହୋଇଥିବା ଗୃହକୁ ଶିଶୁ ପ୍ରକଳ୍ପ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି କି ନାହିଁ ସେ ଦିଗରେ କାହାରି ପାଖରେ ସନ୍ତୋଷଜନକ ଉତ୍ତର ନହିଁ। ମହିଳା ମିଶନ ଶକ୍ତି ପାଇଁ ନିର୍ମିତ ହୋଇଥିବା ଏକ କୋଠା ଅଙ୍ଗନୱାଡି କେନ୍ଦ୍ର ରୂପରେ ପରିଚାଳିତ ହେଉଛି । ଅଙ୍ଗନୱାଡି କେନ୍ଦ୍ର କାହିଁକି ନିର୍ମାଣ ହେଲା କେଉଁଥି ପାଇଁ ବ୍ୟବହାର କରାଗଲା ନାହିଁ। ଏନେଇ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି ସାଧାରଣ ଜନତା ।

## ଯୋଗମାୟା ମହିଳା ମହାବିଦ୍ୟାଳୟରେ ନବାଗତାଙ୍କୁ ସ୍ୱାଗତ

ଲହୁଣୀପଡା, ୨୧।୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ମିଶରପାଲି ସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନବାଗତା ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୋଲବମ ସେବା ସଂଘର ମୁଖ୍ୟ ପ୍ରଦ୍ୟୁତ କୁମାର ଜିତ, ସମ୍ମାନୀତ ଅତିଥି ଭାବେ ସୁଦାମ ଚରଣ ତ୍ରିପାଠୀ, ପ୍ରଶାନ୍ତ ପଣ୍ଡା, ସ୍ନେହଲତା ତ୍ରିପାଠୀ, ଦୀପକ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିବା ବେଳେ ଅଧ୍ୟକ୍ଷା ଝରଣା ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରାତନ ଛାତ୍ରୀମାନେ ନବାଗତା ଛାତ୍ରୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । କଲେଜର ପୁରାତନ ଛାତ୍ରୀ ନିରୁପମା ମୁଣ୍ଡାରୀ ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ସ୍ୱାଗତ ସଙ୍ଗୀତ ଗାଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ତସ୍କିନ ସାବା ମଞ୍ଚ ପରିଚାଳନା କରିଥିବା ଦେଖିବାକୁ ମିଳିଥିଲା। ସଭା ଶେଷରେ ଆଞ୍ଚଲ ମାହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଅଦାଲତ କୋଠା ଉଦ୍‌ଘାଟିତ

ବଣାଇ, ୨୧।୨(ସ୍ୱ.ପ୍ର.)

ବଣାଇ ଉପଖଣ୍ଡ ସଦର ମହକୁମାଠାରେ ନିର୍ମାଣ ହୋଇଥିବା ସିଭିଲ ଅଦାଲତ ନୂତନ କୋଠାକୁ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଦୀର୍ଘଦିନରୁ ନିର୍ମାଣ ସରିଥିବା ଏହି କୋଠାରେ ଏଣିକି ଗୋଟିଏ ପରିସରରେ ଉପଖଣ୍ଡ ନ୍ୟାୟାଳୟ, ସବ୍‌ଜଜ୍ କୋର୍ଟ ଏବଂ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତ କାର୍ଯ୍ୟକାରୀ ହେବ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡକ୍ଟର ଏସ.ମୁରଲିଧର ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସୁନ୍ଦରଗଡ଼ ଜିଲା ଦୌରାଜଜ ପ୍ରଦୀପ କୁମାର ମାହାନ୍ତ ସଭା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଦେବବ୍ରତ ଦାଶ ଯୋଗଦେଇଥିଲେ। ପ୍ରାରମ୍ଭରେ ବଣାଇ ଓକିଲ ସଂଘର ସଭାପତି ସନ୍ତୋଷ କୁମାର ଭୂୟାଁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ବଣାଇ ଓକିଲ ସଂଘର ସମ୍ପାଦକ ତୁଷାରକାନ୍ତ ସାହୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ, ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ। ବଣାଇ ଅତିରିକ୍ତ ଜିଲା ଦୌରାଜଜ ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ବଣାଇ ସବଜଜ୍ ପ୍ରଭୁରାମ ଦାସ ଅଧିକାରୀ, ବଣାଇ ଉପଖଣ୍ଡ ବିଚାରପତି ମାମି ବେହେରା, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗଙ୍କ ସମେତ ଉପଖଣ୍ଡର ସମସ୍ତ ଅଧିକାରୀ ବଣାଇ ଓକିଲ ସଂଘର ସଦସ୍ୟ ଉପସ୍ଥିତ ଥିଲେ।



ସିଭିଲ ଅଦାଲତ ନୂତନ କୋଠାକୁ ଉଦ୍‌ଘାଟନ କରାଯାଉଛି।

## ୨୨ରୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ସୁନ୍ଦରଗଡ଼,୨୧।୨ (ଡି.ଏନ୍.ଏ.)

ସେଲ୍ ତଥା ଆର୍‌ଏସ୍‌ପିରେ କାର୍ଯ୍ୟରତ ଶ୍ରମିକକର୍ମଚାରୀଙ୍କର ନୂତନ ବେତନ ଚୁକ୍ତିନାମା ଓ ସ୍ୱୀକୃତିପ୍ରାପ୍ତ ୟୁନିୟନର ନିର୍ବାଚନପାଇଁ ବିଜ୍ଞପ୍ତି ପ୍ରକାଶ ଦାବିନେଇ ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ୪ଦିନ ରାଉରକେଲାସ୍ଥିତ ଆଞ୍ଚଳିକ ଶ୍ରମ କମିଶନଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଉଭୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, ସେଲ୍ ତଥା ରାଉରକେଲା ଷ୍ଟିଲପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନଙ୍କର ଦୀର୍ଘ ୪ବର୍ଷରୁ ଊର୍ଦ୍ଧ୍ୱ ହେବ ନୂତନ (୧୦ମ) ବେତନ ଚୁକ୍ତିନାମା ହୋଇପାରିନାହିଁ । ପୂର୍ବରୁ ୯ମବେତନ ଚୁକ୍ତିନାମାର ଅବଧି ଗତ ୧।୧।୨୦୧୨ ରୁ ଆରମ୍ଭ ହୋଇ ୩୧।୧୨।୨୦୧୬ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଥିଲା। ଏହା ଶେଷ ହୋଇଥିବା ବେଳେ ଗତ ୧।୧।୨୦୧୭ରୁ ଆରମ୍ଭ ହେବାକୁ ଥିବା ଏହି ବେତନ ଚୁକ୍ତିନାମା ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ। ନାମକୁ ମାତ୍ର କେତୋଟି ବୈଠକ କରାଯାଇ ଚୁକ୍ତିନାମା ପାଇଁ ଅହେତୁକ ବିଳମ୍ବ କରାଯାଉଛି । ବର୍ତ୍ତମାନ ସେଲର ଉତ୍ପାଦନ ଓ ଲାଭ ବୃଦ୍ଧି ପାଇଛି । ସେହିପରି ଦୀର୍ଘ ୧୦ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆର୍‌ଏସ୍‌ପିରେ କେହି ସ୍ୱୀକୃତିପ୍ରାପ୍ତ ୟୁନିୟନ ନ ଥିବାରୁ ଏହାର ଫାଇଦା ଉଠାଇ କାରଖାନାର ପରିଚାଳନା କର୍ତ୍ତୃପକ୍ଷ ଶ୍ରମିକ, କର୍ମଚାରୀ ଓ ଠିକା ଶ୍ରମିକମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ବୋଲି ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଶ୍ରମିକ କର୍ମଚାରୀଙ୍କ ଏହି ନ୍ୟାର୍ଯ୍ୟଦାବି ନେଇ ଏହି ଶ୍ରମିକ ସଙ୍ଗଠନ ପକ୍ଷରୁ ରାଉରକେଲା ସେକ୍ଟର ୫ସ୍ଥିତ କେନ୍ଦ୍ରୀୟ ଆଞ୍ଚଳିକ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ସଙ୍ଗଠନ ନେତୃବୃନ୍ଦ ପ୍ରକାଶ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା।

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲ ସହର ସାଲେସିଂ ଗ୍ରାମର କୈଳାସ ବେହେରା ଓରଫ ହାତୀ ନାମକ ଜଣେ ଯୁବକଙ୍କୁ ଶନିବାର ରାତିରେ ଟାଙ୍ଗିଆରେ ଆକ୍ରମଣ ହୋଇଛି। କେଲାକଟା ଗ୍ରାମର କେତେଜଣ ଯୁବକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦଫା ୩୪୧,୩୦୭,୨୯୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଆକ୍ରମଣକାରୀମାନେ ଫେରାର ଥିବା ପୋଲିସ କହିଛି। ଅପରପକ୍ଷରେ ଗୁରୁତର ଅବସ୍ଥାରେ କୈଳାସଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରାତି ୯ଟା ବେଳେ ଶୁଣ୍ଢିମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ନିକଟରେ କୈଳାସଙ୍କୁ ଆକ୍ରମଣ କରାଯାଇଥିଲା। ପୋଲିସ ଏହି ଘଟଣାରେ ଟାଙ୍ଗିଆ ଓ ଏକ ମୋଟର ସାଇକେଲ ଜବତ କରିଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ମୁଦିପଡା, ସକାଳ ୮ଟା।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବୁଦ୍ଧିଜୀବୀ ସମାବେଶ, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୫ଟା।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

**ରେଢ଼ାଖୋଲ,୨୧।୨(ଡି.ଏନ.ଏ.):** ରେଢ଼ାଖୋଲ ଥାନା ଅଧୀନ ଏକ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚାରମାଳ ଥାନା ବଂଶାଜାଲ ଗ୍ରାମର ଫକୀର ପ୍ରଧାନ(୨୨)। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଯୁବତୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ , ସମ୍ପୃକ୍ତ ଯୁବକ ତାଙ୍କୁ ବିବାହ କରିବାକୁ କହି ସମ୍ପର୍କ ରଖିଥିଲେ। ମାତ୍ର ଗର୍ଭବତୀ ହେବା ଜାଣିବା ପରେ ଫେରାର ହୋଇ ଯାଇଥିଲେ। ଗତ ୨ ଦିନ ତଳେ ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୭୬ (୨) (ଏନ) କେସ ନଂ ୩୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ମାତୃଭାଷା ସୁରକ୍ଷା ନୈତିକ ଦାୟିତ୍ୱ

**ସମ୍ବଲପୁର, ୨୧।୨ (ବ୍ୟୁରୋ):** ମାତୃଭାଷା ମଣିଷ ଜୀବନରେ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ଓଡିଆଙ୍କ ଲାଗି ନିଜ ଭାଷାର ସୁରକ୍ଷା ନୈତିକ ଦାୟିତ୍ୱ। ରବିବାର ସମ୍ବଲପୁର ବୁଢ଼ାରଜା ସରକାରୀ ହାଇସ୍କୁଲ ସଭାକକ୍ଷରେ ଆୟୋଜିତ ମାତୃଭାଷା ଦିବସରେ ବକ୍ତାମାନେ ଏହା କହିଛନ୍ତି। ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଶିକ୍ଷାବିତ୍ ସେଫାଳୀ ରାଣୀ ଦାଶ ମୁଖ୍ୟବକ୍ତା, ଉଦିତ ଚନ୍ଦ୍ର ପାଇଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅନୁବିନ୍ଦା ଦାଶ, ପୁଷ୍ପାଞ୍ଜଳି ମିଶ୍ର, ଅର୍ପିତା ସାମନ୍ତରା, ନିବେଦିତା ସାହୁ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ବକ୍ତୃତା, ବୁଦ୍ଧି ପରୀକ୍ଷା ଆଦି ହୋଇଥିଲା। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସ୍ୱରଚିତ କବିତା ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଦିପାଳୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଧାମୟୀ ପ୍ରଧାନ, ପ୍ରଦୀପ କୁମାର ସାହୁ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

### କୁଚିଣ୍ଡା କଲେଜରେ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ଶିବିର

**କୁଚିଣ୍ଡା,୨୧।୨(ଡି.ଏନ.ଏ):** କୁଚିଣ୍ଡା କଲେଜରେ ତିନି ଦିନିଆ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଆରମ୍ଭ ହୋଇଛି। ଶିବିରରେ କୁଚିଣ୍ଡା ଜୁନିୟର ଓ ଡିଗ୍ରୀ କଲେଜ, କୁଚିଣ୍ଡା ଜୁନିୟର ମହିଳା ମହାବିଦ୍ୟାଳୟ ଓ ଅନ୍ୟ କଲେଜର ୨୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। କୁଚିଣ୍ଡା ଭାରପ୍ରାପ୍ତ ଉପଜିଲାପାଳ ପବିତ୍ର ବେହେରା ରେଡକ୍ରସ ପତାକା ଉତ୍ତୋଳନ କରି ଶିବିର ଉଦଘାଟନ କରିଥିଲେ। କୁଚିଣ୍ଡା କଲେଜର ଅଧକ୍ଷ ତଥା ସମ୍ବଲପୁର ଜିଲା ଯୁବ ରେଡକ୍ରସର ସଂଯୋଜକ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ଉପଜିଲାପାଳ ବେହେରା ମୁଖ୍ୟଅତିଥି ଏବଂ ପ୍ରାଧାପକ ଅଶୋକ ପରିଡା ଓ ଅମିୟ ପାତ୍ର ଅତିଥି ଭାବେ ଯୋଗଦେଇ ରେଡକ୍ରସ ପ୍ରତିଷ୍ଠାର ଇତିହାସ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

### ଦୁର୍ଗତୀନାଶିନୀ ଟ୍ରଷ୍ଟର ବାର୍ଷିକଉତ୍ସବ

**ସମ୍ବଲପୁର, ୨୧।୨ (ବ୍ୟୁରୋ):** ଦୁର୍ଗତୀନାଶିନୀ ଚାରିଟେବୁଲ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ରବିବାର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲୋଇ ଗ୍ରାମଠାରେ ପାଳିତ ହୋଇଯାଇଛି। ଅଜିତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ପାଦକ ଦେବାଶିଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ପରିଷଦ ସଭ୍ୟା ଉତ୍ପଳା ଧୁରୁଆ, ଯଜ୍ଞସେନୀ ଧୁରୁଆ, ସୁରେଖା ଭୋଇ, ଧର୍ମରାଜ ମରେଇ, ମୀନତି ପାତ୍ର, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ପ୍ରିୟଙ୍କା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶେଷ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପ୍ରକ୍ରିୟା

**ସମ୍ବଲପୁର,୨୧।୨(ବ୍ୟୁରୋ)**


ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ।

**ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାମ**
- ଆଲୋଚନା ଶେଷ, ଶୀଘ୍ର ଦିଆ ହେବ କ୍ଷତିପୂରଣ
- ଲୋକାର୍ପଣକୁ ନେଇ ଉତ୍କଣ୍ଠା
- ଦୂର ହେବ ଟ୍ରାଫିକ ସମସ୍ୟା

ସମ୍ବଲପୁର ସହରରେ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜ କାମ ଶୀଘ୍ର ସମ୍ପୂର୍ଣ୍ଣ ହେବାକୁ ବାଟ ଫିଟିଛି। ଜିଲାପାଳ ଅଫିସ ପଟରେ କାମ ଏହାମଧ୍ୟରେ ସରିଥିବା ବେଳେ ଧୁଁଟୁରାପଡା ପଟ କାମ ସରିବାକୁ ଯାଉଛି। ତେବେ ଫ୍ଲାଏଓଭର ସର୍ଭିସ ରାସ୍ତା ପାଇଁ କଣ୍ଟା ସାଜିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଧିଗ୍ରହଣ ହେଉଥିବା କେତେକ ଘର ଓ ଜମି ପରିମାଣକୁ ଆକଳନ କରାଯାଇଛି। ସେମାନଙ୍କ ସହ ତ୍ରିପାକ୍ଷିକ ଆଲୋଚନା କରାଯାଇଛି। ସରକାର କ୍ଷତିପୂରଣ ପାଇଁ ଅନୁଦାନ ମଧ୍ୟ ଦେଇ ସାରିଛନ୍ତି। ତେଣୁ ଶୀଘ୍ର କ୍ଷତିପୂରଣ ଦେଇ ସର୍ଭିସ ରାସ୍ତା କାମ ଆରମ୍ଭ କରାଯିବ। ସେହିପରି କେତେଜଣ ବ୍ୟକ୍ତି ପିଆଇଏଲ କରିଛନ୍ତି। ତାର ଉତ୍ତର ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବି.କେ. ମହାନ୍ତି କହିଛନ୍ତ। ଏହି ଖବର ପ୍ରଚାରିତ ହେବା ପରେ ଫ୍ଲାଏ ଓଭର ଲୋକାର୍ପଣକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି।

ବିଭିନ୍ନ କାରଣରୁ କାମ ଆରମ୍ଭରୁ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କାମରେ ବାଧା ସୃଷ୍ଟି ହେଉଛି। ଜିଲା ପ୍ରଶାସନ ପ୍ରଥମେ ଜମି ଓ ଘର ଅଧିଗ୍ରହଣ କରିବା ପରେ କାମ ଆରମ୍ଭ ହେବା କଥା। ହେଲେ ତରବରିଆ ଭାବେ କାମ ଆରମ୍ଭ କରାଯାଇଥିଲା। ସେଥିପାଇଁ ଆଜି ପର୍ଯ୍ୟନ୍ତ ଅଧିଗ୍ରହଣ କାମ ଶେଷ ହୋଇ ପାରିଲା ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି। ବିଶେଷ କରି ସର୍ଭିସ ରାସ୍ତା ପାଇଁ ଅଧିଗ୍ରହଣ କଣ୍ଟା ପରି ରହିଥିଲା। କେତେକ ଘରୋଇ ଜମି ଆଜି ପର୍ଯ୍ୟନ୍ତ ଅଧିଗ୍ରହଣ ହୋଇ ପାରି ନ ଥିଲା। ସୂଚନାଯୋଗ୍ୟ ଯେ, ୨୦୧୬ ଫେବୃୟାରୀ ୧୨ ତାରିଖରୁ ଫ୍ଲାଏ ଓଭର କାମ ଆରମ୍ଭ ହୋଇଥିଲା। ୨୦୧୭ ମେ ୧୧ ତାରିଖରେ କାର୍ଯ୍ୟ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଧୁଁଟୁରାପଡା ଛକରୁ କଚେରୀ ଛକ ପର୍ଯ୍ୟନ୍ତ ୧ହଜାର ୮୮୦ ମିଟର ଫ୍ଲାଏ ଓଭର ଲମ୍ବ ରହିଛି। ଏଥିରେ ୫୧ଟି ପିଲର୍ ରହିଛି। ବିଭିନ୍ନ ସ୍ଥାନରେ ପିଲର ଉଚ୍ଚତା ୫ ମିଟରରୁ ଆରମ୍ଭ କରି ୧୫ମିଟର ପର୍ଯ୍ୟନ୍ତ ରହିଛି। ପୂର୍ବରୁ ୬୬.୩୮ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବୃଦ୍ଧି କରାଯାଇଛି। ପ୍ରଥମରୁ ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନ ପକ୍ଷରୁ ବିଭିନ୍ନ ସମସ୍ୟା ହେବାରୁ କାମ ଆରମ୍ଭରେ ବିଳମ୍ବ ହୋଇଥିଲା। ତେବେ ଫ୍ଲାଏ ଓଭର କାମ ସରିଲେ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

# ତଦନ୍ତ ଆରମ୍ଭ କଲା ପୋଲିସ

**ମୋନିକା ଯୋଶୀ ମୃତ୍ୟୁ ମାମଲା**

**ବ୍ରଜରାଜନଗର, ୨୧।୨ (ଡି.ଏନ.ଏ)**

ବ୍ରଜରାଜନଗର ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ମୋନିକା ଯୋଶୀ ମୃତ୍ୟୁ ମାମଲା ଏବେ ସ୍ପଷ୍ଟ ହେବାରେ ଲାଗିଛି। ଜିଆର୍‌ପି ଓ ଲୋକାଲ ପୋଲିସର ମିଳିତ ଉଦ୍ୟମରେ ଶନିବାର ସାଇଣ୍ଟିଫିକ୍ ଦଳ ମୃତଦେହ ପଡିଥିବା ସ୍ଥାନକୁ ଯାଇ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ମୃତକଙ୍କ ସୁଇସାଇଡ୍ ନୋଟ୍ ଜବତ ପରେ ଘଟଣା ନୂଆ ମୋଡ ନେଇଛି। ରବିବାର ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ ମୃତକଙ୍କ ସାଙ୍ଗ ଘରକୁ ଯାଇ ତଦନ୍ତ କରିଛନ୍ତି। ଘଟଣା ଦିନ ମୋନିକା ଘରୁ ଦିନ ୧୨ଟାରେ ବାହାରି ତାଙ୍କ ସାଙ୍ଗ ଦୋକାନକୁ ଯାଇ ସେଠାରେ ଏକ ପଲିଥିନରେ କିଛି ସାମଗ୍ରୀ ରଖି ଷ୍ଟେଶନ ଅଭିମୁଖେ ବାହାରିଥିଲେ। ଯଦି ସେ ସୁଇସାଇଡ୍ କଲେ ତେବେ କାହିଁକି ଏବଂ କାହା ଚାପରେ କଲେ ବୋଲି ପ୍ରଶ୍ନ କରିଛନ୍ତି ସମାଜସେବୀ ରବି ସୋନି। ମୃତ୍ୟୁ ପଛର ରହସ୍ୟ ପୋଲିସ ଉନ୍ମୋଚନ କରୁ ବୋଲି ସେ ଦାବି କରିଛନ୍ତି। ଅନ୍ୟ ପଟରେ ତାଙ୍କ ଝିଅ ଆତ୍ମହତ୍ୟା କରି ନ ପାରେ କିଏ ତାଙ୍କୁ ଟ୍ରେନରୁ ଠେଲି ଦେଇଥିବା ପ୍ରକାଶ କରିଛନ୍ତି ମୋନିକାଙ୍କ ବାପା ସୁରେଶ ଯୋଶୀ। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ସାର୍ବଜନୀନ କରୁ ବୋଲି ମଧ୍ୟ ଅଞ୍ଚଳବାସୀ ଦାବି କରିଛନ୍ତି। ଖୁବ ଶୀଘ୍ର ଘଟଣା ଉପରୁ ପର୍ଦ୍ଦା ଉଠିବ ଓ ଜନସମାଜକୁ ଅବଗତ କରାଯିବ ବୋଲି ପ୍ରକାଶ କରିଛନ୍ତି ଏସଡିପିଓ ଦିଲୀପ ଦାସ ଓ ଜିଆର୍‌ପି ଆଇଆଇସି ସୌଦାମିନୀ ନାଗ।

# ଟାଟା କମ୍ପାନୀର ନୂତନ ସଫାରୀ ବଜାର ପ୍ରବେଶ



ରବିବାର ସମ୍ବଲପୁର ବରେଇପାଲି ଲଙ୍କେଶ୍ୱରୀ ମୋଟର୍ସ ପ୍ରାଇଭେଟଠାରେ ନୂତନ ସଫାରୀ ଗାଡିକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

**ସମ୍ବଲପୁର, ୨୧।୨ (ବ୍ୟୁରୋ)**

ଟାଟା କମ୍ପାନୀର ନୂତନ ଚାରିଚକିଆ ଯାନ ସଫାରୀ ଏଟି ଆଣ୍ଡ ଏଏମଟି ରବିବାର ସମ୍ବଲପୁର ବରେଇପାଲି ନିକଟସ୍ଥ ଲଙ୍କେଶ୍ୱରୀ ମୋଟର୍ସ ପ୍ରାଇଭେଟ ଲିମିଟେଡଠାରେ ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମ୍ପାନୀର ଜେନେରାଲ ମ୍ୟାନେଜର ଚନ୍ଦ୍ରକାନ୍ତ ପୌଦାର ସୂଚନା ଦେଇ କହିଥିଲେ ଯେ, ଏହି ସଫାରୀ ଗାଡିର ମୂଲ୍ୟ ୧୬ରୁ ୨୧ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହା ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ସହ ଯାତ୍ରାରେ ଆନନ୍ଦଦାୟକ ହେବ। ଟାଟା କମ୍ପାନୀ ସବୁବେଳେ ଗ୍ରାହକମାନଙ୍କ ମନମୁତାବକ ନୂତନ ଚାରିଚକିଆ ଯାନ ବଜାର ପ୍ରବେଶ କରିଥାଏ। ସେହିପରି ସର୍ଭିସକୁ ମଧ୍ୟ ଗୁରୁତ୍ୱ ଦେଇ ଆସୁଛି। ଲଙ୍କେଶ୍ୱରୀ ମୋଟର୍ସର ସୁନୀଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚଭୂତରେ ବିଲୀନ ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ


ରବିବାର ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦଙ୍କ ବାସଭବନ ସମ୍ମୁଖରେ ଗାର୍ଡ ଅଫ୍ ଅନର୍ ଦିଆଯାଉଛି।

**ସମ୍ବଲପୁର,୨୧।୨ (ବ୍ୟୁରୋ)**

- ଗାର୍ଡ ଅଫ୍ ଅନର ସହ ଶେଷକୃତ୍ୟ ସମ୍ପନ୍ନ
- ବିରୋଧୀ ଦଳ ନେତା, ଉପମୁଖ୍ୟ ସଚେତକଙ୍କ ଶୋକ
- ଶେଷଦର୍ଶନ କଲେ ରାଜନେତା, ଅଧିକାରୀ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ନୂଆଁଡିହୁରା ପଞ୍ଚାୟତ ମୁରା (କଲମି) ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତା (୯୫)ଙ୍କ ଶନିବାର ପରଲୋକ ଘଟିଥିଲା। ରବିବାର ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜିଲା ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ଉପସ୍ଥିତ ଥିଲେ। ରାଜନେତା, ସାମାଜିକ କର୍ମୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଓ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦ ମଧ୍ୟ ଶେଷଦର୍ଶନ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଏକ ଶୋକବାର୍ତ୍ତାରେ ରାଜ୍ୟ ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା ବୋଲି କହିଛନ୍ତି। ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଶୋକବାର୍ତ୍ତାରେ ଶୋକସନ୍ତପ୍ତ ପରବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ଦେବାନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇ ପଡିବାରୁ ବୁର୍ଲା ଭିମସାରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ।

## ଅଚେତ ଅବସ୍ଥାରେ ପଡ଼ିଥିବା ମହିଳାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କଲେ ସାମାଜିକ କର୍ମୀ

**ସୁନ୍ଦରଗଡ଼,୨୧।୨ (ଡି.ଏନ୍.ଏ.)**

ସ୍ଥାନୀୟ ଟାଉନ୍ ଥାନା ସମ୍ମୁଖରେ ଶନିବାର ରାତି ପ୍ରାୟ ସାଢେ ୧୧ଟା ବେଳେ ଅଚେତ ଅବସ୍ଥାରେ ପଡ଼ିରହିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ ମହିଳା ଜଣକ ଏଭଳି ଅବସ୍ଥାରେ ପଡିରହିଥିବା ଦେଖି ସେହି ରାସ୍ତା ଦେଇ ଘରକୁ ଫେରୁଥିବା ସହରର ଜଣାଶୁଣା ସାମାଜିକ କର୍ମୀ ସୁରୁ ମିଶ୍ର ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ମହିଳା ଜଣକ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟର ବୋଲି ଜଣାଯାଇଛି। ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ଗତ ୧୫ ତାରିଖରୁ ରାଉରକେଲାରେ ଚିକିତ୍ସିତ ହେଉଥିଲେ। ତାଙ୍କର ସ୍ୱାମୀ ଟଙ୍କା ପାଇଁ ଘରକୁ ଯାଇଥିବାବେଳେ ସମ୍ପର୍କୀୟ ଭାଇ ତାଙ୍କୁ ଅନ୍ୟତ୍ର ଚିକିତ୍ସା ପାଇଁ ମିଛରେ ଯିବାକୁ କହି ଝାରସୁଗୁଡାକୁ ଆଣି ତାଙ୍କ ସହିତ ଶାରୀରିକ ଅତ୍ୟାଚାର କରିବା ଓ ସ୍ୱାମୀ ଏହା ଫୋନ୍ ଯୋଗେ ଜାଣି ତାଙ୍କ ପାଖକୁ ଆସିବା ପୂର୍ବରୁ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ମହିଳା ଜଣକ ପ୍ରକାଶ କରିଛନ୍ତି। ପୀଡ଼ିତା ଏବଂ ତାଙ୍କ ସ୍ୱାମୀ ଏହି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇବା ପାଇଁ ସୁନ୍ଦରଗଡ ଟାଉନ ଥାନାକୁ ଆସିଥିବା ସମୟରେ ଥାନା ସମ୍ମୁଖରେ ମହିଳା ଜଣକ ଅଚେତ ହୋଇ ପଡ଼ିଯାଇଥିଲେ। ଏହି ଖବରପାଇ ସାମାଜିକ କର୍ମୀ ମିଶ୍ର ମହିଳାଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ବର୍ତ୍ତମାନ ମହିଳାଙ୍କର ଚିକିତ୍ସା ଚାଲିଥିବା ଡାକ୍ତରଖାନା ସୂତ୍ରରୁ ଜଣାଯାଇଛି।

# ପ୍ଲାଷ୍ଟିକ ମୁକ୍ତ ସମ୍ବଲପୁର କାର୍ଯ୍ୟକ୍ରମ


ଏନଏସଏସ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ ମୁକ୍ତ ଲାଗି ସଚେତନ କରୁଛନ୍ତି।

**ସମ୍ବଲପୁର, ୨୧।୨ (ବ୍ୟୁରୋ)**

ସମ୍ବଲପୁର ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ସବୁ ସ୍ତରରେ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ରବିବାର ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନଏସସିବି) ଏନଏସଏସ ୟୁନିଟ ଛାତ୍ରୀଛାତ୍ରମାନେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସେମାନେ ପିଲାକଣ୍ଢେଇପଡା ଅଞ୍ଚଳରେ ଜନସାଧାରଣଙ୍କୁ ପ୍ଲାଷ୍ଟିକ ବ୍ୟବହାର କରିବାକୁ ବାରଣ କରିଥିଲେ ଓ ଲିଫଲେଟ୍ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଓ ପ୍ରଧାନମନ୍ତ୍ରୀ ବୀମା ଯୋଜନା ବିଷୟରେ ବୁଝାଇଥିଲେ। ଜିଲା ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଡ. ବିଶ୍ୱମୋହନ ଜେନାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଖଗେଶ୍ୱର ପଟେଲ, ବିର୍ଜୁ ବାଗ, ଅଂଶୁମାନ ବାରିକ, ଭବାନୀଶଙ୍କର ସିଂ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ବାଇକ୍ ଧକ୍କାରେ ଜଣେ ମୃତ

**ଲହୁଣୀପଡ଼ା/ବଣାଇ, ୨୧।୨ (ଡ଼ି.ଏନ୍.ଏ/ସ୍ୱ.ପ୍ର.):** ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ ବାହାଡାପୋଷି ପୂର୍ତ୍ତ ବିଭାଗର ରାସ୍ତାର ବିଛଣାପଟି ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଧକ୍କାରେ ଚାଲିଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଣାଇ ଥାନା ଅନ୍ତର୍ଗତ ଜମକେଇ ଗ୍ରାମର ଚିତ୍ତରଞ୍ଜନ ଓରଫ କାହ୍ନୁ କୁଅଁର। ଓଡି୧୪ଇ ୪୦୧୬ ବାଇକ୍ ଯୋଗେ ଉମାକାନ୍ତ ମହାପାତ୍ର ଯାଉଥିବାବେଳେ ସମ୍ମୁଖ ଭାଗରେ ଚାଲିଚାଲି ଯାଉଥିବା ଚିତ୍ତରଞ୍ଜନଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକ ଆହତ ହୋଇ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

# ଫୁଟବଲ ଟୁର୍ନାମେଣ୍ଟ: କିରବା ଦଳ ଚାମ୍ପିୟାନ

**ସମ୍ବଲପୁର, ୨୧।୨ (ବ୍ୟୁରୋ)**

ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ତାଲବ ଖେଳ ପଡିଆଠାରେ ଉଦ୍‌ଯାପିତ ହୋଇଯାଇଛି। ବୁର୍ଲା କିରବା ଦଳ ଚାମ୍ପିୟାନ ଓ ସମ୍ବଲପୁର ଏସଏସ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ଫାଇନାଲ ମ୍ୟାଚ କିରବା ଓ ଏସଏସ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ କିରବା ୧-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ କାର୍ତ୍ତିକ ଓରାମ, ଲିଙ୍ଗ ପ୍ରଧାନ, ପରେଶ ଭୋଇ, ରାଜାରାମ ଓରାମ ପରିଚାଳନା କରିଥିଲେ। ଧନକଉଡା ବ୍ଲକ ଉପାଧକ୍ଷା ସୁଷମା ସାହୁ ମୁଖ୍ୟଅତିଥି, ବିଲାସିନୀ ଓରାମ, ଭାଜପା ଯୁବ ମୋର୍ଚ୍ଚାର ପ୍ରଭୁଦତ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁମିତ ସେଉଲ, ବୀରେନ କିଶାନ, କୈବର୍ତ୍ତ ମିର୍ଦ୍ଧା, ଅଜିତ କିଣ୍ଡୋ, ଦୁଃଖନାଶନ କିଣ୍ଡୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ହୋଇଥିଲା।


ରବିବାର ତାଲବ ଖେଳ ପଡିଆଠାରେ ଅତିଥିଙ୍କ ସହ ଖେଳାଳିମାନେ।

# ଅଧ୍ୟାପକଙ୍କ ଗିରଫ ପରେ ହାତବାନ୍ଧି ବସିଛି ବନ ବିଭାଗ

**ଲଖନପୁର,୧୯।୨(ଡି.ଏନ୍.ଏ)**

**ଇଞ୍ଜିନିୟରିଂ ସ୍କୁଲରୁ ବେଆଇନ ଗଛକଟା ପ୍ରସଙ୍ଗ**

ଝାରସୁଗୁଡା ବଢ଼େଇମୁଣ୍ଡା ସ୍ଥିତ ଇଞ୍ଜିନିୟରିଂ ସ୍କୁଲ ପରିସରରୁ ବେଆଇନ୍ ଭାବେ ଲକ୍ଷାଧିକ ଟଙ୍କା ମୂଲ୍ୟର ଶତାଧିକ ଗଛ କଟାଯାଇଛି। ଏହାକୁ ଚାପି ଦେବା ପାଇଁ ବିଭିନ୍ନ ମହଲରୁ ପ୍ରୟାସ ଆରମ୍ଭ ହୋଇଛି। ଏହି ବେଆଇନ୍ ଗଛକଟା ର୍‍ୟାକେଟ୍‌ର ପର୍ଦ୍ଦାଫାସ ପାଇଁ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ତରଫରୁ ଦାବି ହୋଇଛି। ଏ ନେଇ ସଂଘ ବନ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ବନ ବିଭାଗ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଫଳରେ ସ୍କୁଲ କର୍ତ୍ତୃପକ୍ଷ ଅଡୁଆରେ ପଡିଛନ୍ତି। ବନ ବିଭାଗ ନିର୍ଦ୍ଦେଶକ୍ରମେ ସ୍କୁଲ କର୍ତ୍ତୃପକ୍ଷ ପୋଲିସ୍‌ରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଝାରସୁଗୁଡା ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ବନ ବିଭାଗ ଅଧ୍ୟାପକ ଶିଶିର କୁମାର ନାଏକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଏଥିରେ ବ୍ୟବହୃତ ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଏଥିମଧ୍ୟରେ ସ୍କୁଲ ଅଧ୍ୟକ୍ଷା ସ୍କୁଲର ଅନ୍ୟ ଜଣେ ଅଧ୍ୟାପକ ସରୋଜ ସାହୁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ତୁରନ୍ତ ଏହାର ଜବାବ ତଲବ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ସ୍କୁଲ ପରିସରସ୍ଥ ଏକ ବନ୍ଦ କୋଠରିରୁ କିଛି ମୂଲ୍ୟବାନ କାଠ ଜବତ ହୋଇଛି। ଏହି ଜବତ କାଠକୁ ସ୍କୁଲର ଜଣେ ଅଧ୍ୟାପକ ଲୁଚାଇ ରଖିଥିବା ତଦନ୍ତ ପରେ ଜାଣିବାକୁ ମିଳିଛି। ବନ ବିଭାଗ ତରଫରୁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ସ୍କୁଲର ଏକାଧିକ ଅଧ୍ୟାପକ ସାମିଲ ଥିବା ସଂଘ ଅଭିଯୋଗ କରିଛି। ଏ ନେଇ ସ୍କୁଲ ଅଧ୍ୟକ୍ଷା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ବିଭାଗ ତରଫରୁ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆହୁରି ବହୁ କାଠର ସନ୍ଧାନ ଏବେ ମଧ୍ୟ ବନ ବିଭାଗ ପାଇପାରିନାହିଁ। ଏହି ଘଟଣାରେ ପୋଲିସ୍ ଏକ ମାମଲା ରୁଜୁକରି କୌଣସି ପଦକ୍ଷେପ ଗ୍ରହଣ ନ କରି ହାତବାନ୍ଧି ବସିଛି। ସ୍କୁଲ ପରିସରରୁ ବନ ବିଭାଗର ବିନାନୁମତିରେ କିପରି ଶତାଧିକ ମୂଲ୍ୟବାନ ଗଛ କଟାଗଲା ବୋଲି ସୁରକ୍ଷା ସଂଘ ପ୍ରଶ୍ନ କରିଛି। ଏ ଦିଗରେ ସରକାର ଦୃଷ୍ଟିଦେବାକୁ ସୁରକ୍ଷା ସଂଘର ପ୍ରମୁଖ ସତ୍ୟନାରାୟଣ ରାଓ ଦାବି କରିଛନ୍ତି। ଆଗାମୀ ଦିନରେ ଏହି ର୍‍ୟାକେଟର ପର୍ଦ୍ଦାଫାସ ନ ହେଲେ ସୁରକ୍ଷା ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଓ ଚେତାବନୀ ଦେଇଛନ୍ତି।


କୋଠରିରେ ଲୁଚାଯାଇଥିବା କାଠଖଣ୍ଡକୁ ବନ ବିଭାଗ ଜବତ କରିଛି।

## ସଂକ୍ଷେପରେ

### ଆର୍‌ବିଏସ୍‌କେ ଆୟୁଷ ଡାକ୍ତର ସଂଘର ରାଜ୍ୟସ୍ତରୀୟ ବୈଠକ

**କଟକ ଅଫିସ, ୨୧।୨:** ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ଆୟୁଷ ଡାକ୍ତର ସଂଘର ରାଜ୍ୟସ୍ତରୀୟ ବୈଠକ ସ୍ଥାନୀୟ ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଡା. ସୁଶୀଲ କୁମାର ମହାପାତ୍ର କହିଥିଲେ, ଡାକ୍ତରମାନେ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କର ପାଦବଙ୍କା, ଗ୍ରହଣ ଖଣ୍ଡିଆ, ହୃଦ୍‌ରୋଗ, ମୋତିଆ ବିନ୍ଦୁ ଆଦିର ଚିହ୍ନଟ ଓ ଚିକିତ୍ସା କରୁଛନ୍ତି। ସେହିପରି ପୋଷକ ତତ୍ତ୍ୱ ଅଭାବ, ବାଲ୍ୟାବସ୍ଥା ରୋଗ, ବିଳମ୍ବିତ ଅଭିବୃଦ୍ଧି ତଥା ଭିନ୍ନକ୍ଷମତା ଆଦିର ସରଳ ପରୀକ୍ଷା ଓ ଚିକିତ୍ସା ମାଗଣାରେ କରାଉଛନ୍ତି। କରୋନା ମହାମାରୀକୁ ଦମନ କରିବାରେ ଡାକ୍ତରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏହି ସମୟରେ ଆୟୁଷ ଡାକ୍ତର କରୋନାକୁ ପ୍ରତିହତ କରିବା ଯୁଦ୍ଧରେ ମଧ ଜୀବନ ହାରିଛନ୍ତି। ପ୍ରାୟ ୭ ବର୍ଷ ଧରି ସ୍ୱଳ୍ପ ବେତନରେ କାମ କରି ଆସୁଥିଲେ ମଧ ସେମାନଙ୍କୁ ସ୍ଥାୟୀ କରିବାରେ ସରକାରଙ୍କ ଉଦାସୀନତା ଡାକ୍ତରମାନଙ୍କୁ ହତୋତ୍ସାହ କରିଛି। ଏଣୁ ସରକାର ସେମାନଙ୍କୁ ସ୍ଥାୟୀ କରିବା ପାଇଁ ଶୀଘ୍ର ପଦକ୍ଷେପ ନ ନେଲେ ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସଂଘ ଉପସଭାପତି ଡା. ଲିଙ୍ଗରାଜ ଦାଶ, ସମ୍ପାଦକ ଡା. ରବୀନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଡା. କୈଳାସ ମାଝୀ, କୋଷାଧ୍ୟକ୍ଷ ଡା. ରାକେଶ ଜେନା ଓ ଡା. ଶୁଭେନ୍ଦୁ ଦାସ ଉପସ୍ଥିତ ଥିଲେ।

### କର୍କଟ ପୀଡିତଙ୍କୁ ସହାୟତା ପାଇଁ ହୁଣ୍ଡି ସ୍ଥାପନ

**କଟକ ଅଫିସ ୨୧।୨:** କର୍କଟ ପୀଡିତଙ୍କ ଉଦ୍ଦେଶ୍ୟରେ କଟକ ସମାଜ ମଙ୍ଗଳ ଯୁବ ମଞ୍ଚ ଆନୁକୂଲ୍ୟରେ ରବିବାର ଓଏମ୍‌ପି ଛକଠାରେ ଏକ ହୁଣ୍ଡି ପ୍ରତିଷ୍ଠା କରାଯାଇଛି। ରାଜ୍ୟ ସମାଜ ମଙ୍ଗଳ ହୁଣ୍ଡିର ମୁଖ୍ୟ ସଂଯୋଜକ ତନ୍ମୟ ସାମନ୍ତରାୟ ଯୋଗଦେଇ କହିଥିଲେ, ମିଳିତ ଭାବେ ସମାଜସେବା କରିବା ପାଇଁ ଏହି ହୁଣ୍ଡି ଏକ ଅଭିନବ ଉପାୟ। ନିଜ ବଦ୍‌ଖର୍ଚ୍ଚରୁ କିଛି ଅର୍ଥ ଏହି ହୁଣ୍ଡିରେ ପକାଗଲେ ନିଶ୍ଚିତଭାବେ ଏହା ଜଣେ କର୍କଟ ପୀଡ଼ିତଙ୍କ କାମରେ ଲାଗିପାରିବ। ଏକ ଛୋଟିଆ ସାହାଯ୍ୟ କାହାର ମୂଲ୍ୟବାନ ଜୀବନ ବଞ୍ଚାଇଦେଇପାରେ ବୋଲି ସେ କହିଥିଲେ। ଓଡ଼ିଶା ସମାଜସେବୀ ମହାସଂଘ ରାଜ୍ୟ ସଭାପତି ତଥା ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଧୀରେନ ରାଉତରାୟ, ରାଧାନାଥ ରାୟ, ଚିତ୍ତରଞ୍ଜନ ଦାସ, ସୁକାନ୍ତ ଚନ୍ଦ୍ର ସାହାଣୀ ପ୍ରମୁଖ ଯୋଗଦେଇଥିଲେ।

### ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ବାଙ୍କୀ,୨୧।୨(ସ୍ୱ.ପ୍ର.):** ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ଚେକଗେଟ ଛକରେ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଥାନା ଅନ୍ତର୍ଗତ ଦୋଳଣପୁର ପଞ୍ଚାୟତ ଇନ୍ଦିରାଶବର ସାହିର ଗଙ୍ଗାଧର ଦେହୁରୀ। ସେ ତାଳବସ୍ତ ବଜାରରୁ ସଉଦା ଆଣି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ପାଣି ଟ୍ୟାଙ୍କର ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଡମପଡ଼ା ଦମକଳ ବାହିନୀ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ବାଙ୍କୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଦେହୁରୀଙ୍କୁ ମୃତ ଘୋଷଣା କରିଥିଲେ। ତାଳବସ୍ତ ଫାଣ୍ଡି ପୋଲିସ ତଦନ୍ତ କରୁଛି।

### ଷଣ୍ଢ ଆକ୍ରମଣରେ ୧୨ ଆହତ

**ନିମାପଡ଼ା, ୨୧।୨(ଡି.ଏନ୍.ଏ.):** ନିମାପଡ଼ା ବ୍ଲକ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତର ଚାଉଳବସ୍ତ ଗ୍ରାମରେ ରବିବାର ଷଣ୍ଢ ଆକ୍ରମଣରେ ୧୨ଜଣ ଆହତ ହୋଇଛନ୍ତି। ଶରତ ପାଳ, ଧନେଶ୍ୱର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ବିପିନ ମଲ୍ଲିକ, ଧରଣୀଧର ପାଳ, ଜଗନ୍ନାଥ ପରିଡ଼ା, ଚନ୍ଦ୍ରମଣୀ ମୁଦୁଲି, ଗୋରାଙ୍ଗ ସ୍ୱାଇଁ, ବିଶ୍ୱଜିତ ସାହୁ, ମିଟୁ ନାୟକଙ୍କ ସମେତ ୧୨ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧରୁ ଧରଣୀଧର ଓ ଜଗନ୍ନାଥଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଅନ୍ୟ ଆହତମାନେ ନିମାପଡ଼ା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଷଣ୍ଢର ଆତଙ୍କ ଯୋଗୁ ଚାଉଳବସ୍ତ ଗ୍ରାମରେ ତାଟି କବାଟ ପଡ଼ିଯାଇଛି।

# ଡକାୟତି ଯୋଜନା ବେଳେ ୪ ଧରାପଡ଼ିଲେ

**ଜେଲରୁ ଜାମିନରେ ଆସି ଗ୍ୟାଙ୍ଗ ଗଢ଼ିଥିଲେ**

- ସଦର ଓ ଜଙ୍କିଆ ଥାନାରେ ରହିଛି ଏକାଧିକ ମାମଲା
- ୪ ବାଇକ, ମାରଣାସ୍ତ୍ର, ବୋମା, ଚିଲି ପାଉଡର, ଟଙ୍କା ଜବତ

**ଖୋର୍ଦ୍ଧା ଅଫିସ, ୨୧।୨**





ଦୁଇଦିନ ତଳେ ଖୋର୍ଦ୍ଧା ସବ୍‌ଜେଲରୁ ଜାମିନରେ ଆସି ୪ ଅଭିଯୁକ୍ତ ଧଉଳିମୁହଁ ରେଲୱେ କ୍ରସିଂ ନିକଟରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଉଳିଟାଙ୍ଗୀର ସୁନୀଲ କୁମାର ପ୍ରଧାନ(୨୭), ପିଙ୍କୁ ଓରଫ ଶୁଭେନ୍ଦୁସାମନ୍ତରାୟ, ବାରଘରାପାଟଣାର ଶିବ ଓରଫ ଶିବସୁନ୍ଦର ଦାସ(୧୯) ଏବଂ ଜଟଣୀ ଥାନା ଅରଗୁଳର ଆଦିତ୍ୟ ସାହୁ ଓରଫ ପପୁ (୨୧)। ଏମାନଙ୍କଠାରୁ ୪ଟି ବାଇକ, ଖଣ୍ଡା, କଟୁରି, ୨ପ୍ୟାକେଟ ଚିଲି ପାଉଡର, ବ୍ୟାଗରେ ଥିବା ୮ଟି ବୋମା, ୨ଟି ଲାଠି ଏବଂ ୫ଟି ମୋବାଇଲ ଫୋନ୍ ସମେତ ନଗଦ ୨୧ ହଜାର ୩୫୦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ପେସାଦାର ଅପରାଧୀ। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ସଙ୍ଗିନ ମାମଲା ରହିଛି ବୋଲି ରବିବାର ଖୋର୍ଦ୍ଧା ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ, ଶନିବାର ବିଳମ୍ବିତ ରାତିରେ ସଦର ଥାନା ଏସ୍‌ଆଇ ମୁକେଶ କୁମାର ବେହେରା ଟିମ୍ ସହ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲେ। ରାତି ପ୍ରାୟ ୧ଟାରେ ତାପଙ୍ଗ ଛକ ନିକଟରେ ସେମାନେ ଖବର ପାଇଲେ ଯେ, ଧଉଳିମୁହଁ ରେଲୱେ କ୍ରସିଂ ନିକଟରେ ଏକ ଗ୍ୟାଙ୍ଗ ବଡଧରଣର ଡକାୟତି ଯୋଜନା କରୁଛନ୍ତି। ସଦର ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ସଦର ଥାନାଧିକାରୀ ଅନିତା ସାହୁ, ଜଙ୍କିଆ ଥାନାଧିକାରୀ ସତ୍ୟବ୍ରତ ଲେଙ୍କା ଏବଂ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲେ। ତେବେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିବାବେଳେ ୪ଜଣଙ୍କୁ ପୋଲିସ ମାଡ଼ିବସିଥିଲା। ଅଭିଯୁକ୍ତମାନଙ୍କୁ ଜେରାବେଳେ ସେମାନେ ଅନ୍ୟ ମାମଲାରେ ଜଡ଼ିତ ଥିବା ଜଣାପଡ଼ିଛି। ଏସ୍‌ଆଇ ପ୍ରଧାନଙ୍କ ଅଭିଯୋଗ କ୍ରମେ ଥାନାରେ ଆଇପିସି ଦଫା ୩୯୯, ୪୦୨, ଆର୍‌ଡବ୍ଲ୍ୟୁ ଆର୍ମ ଆକ୍ଟ ୩, ୪ ଇଏସ୍ ଆକ୍ଟରେ କେସ୍ ନଂ. ୨୦/୨୧ ରୁଜୁ କରାଯାଇଛି। ସୁନୀଲଙ୍କ ନାମରେ ସଦର ଥାନାରେ ୧୪ ଓ ଜଙ୍କିଆ ଥାନାରେ ଗୋଟିଏ ମାମଲା ରହିଛି। ଆଦିତ୍ୟଙ୍କ ନାମରେ ସଦର ଥାନାରେ ୪ ଓ ଜଙ୍କିଆରେ ଗୋଟିଏ ମାମଲା ରହିଛି। ପିଙ୍କୁଙ୍କ ନାମରେ ସଦର ଥାନାରେ ୩ ଓ ଜଙ୍କିଆ ଥାନାରେ ଗୋଟିଏ ମାମଲା ଥିବାବେଳେ ଶିବଙ୍କ ନାମରେ ସଦର ଓ ଜଙ୍କିଆ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ଏମାନେ ଲୋକଙ୍କ ଆଖିରେ ଚିଲି ପାଉଡର ପକାଇ ଆକ୍ରମଣ, ଲୁଟପାଟ କରି ଫେରାର ହୋଇଯାଉଥିଲେ।

ଗତ ୧୬ ତାରିଖରେ ଗିରଫ ୪ ଅଭିଯୁକ୍ତଙ୍କ ସମେତ ଭାଲିଆବାଡ଼ିର ସୁଶୀଲ ବଳିୟାରସିଂ ମଲିପଡାରେ ରସାନନ୍ଦ କଳାସଙ୍କ ଘରେ ପଶି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨ଟି ବାଇକ, ୨ଟି ମୋବାଇଲଫୋନ୍ ଏବଂ ୧୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ରସାନନ୍ଦଙ୍କ ଅଭିଯୋଗ କ୍ରମେ ଥାନାରେ କେସ୍ ନଂ. ୩୨/୨୧ ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଲୁଟ ବାଇକ ଓ ୧୫ ହଜାର ଟଙ୍କା ଜବତ ହୋଇଥିଲା। ଏହି ଦୁଇଜଣ ଦୁଇଦିନ ତଳେ ଜେଲରୁ ଜାମିନରେ ଆସିଥିଲେ। ଏହାପରେ ପୁଣି ଡକାୟତି ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ହାଇୱେରେ ଲୁଟପାଟ ସହ ବିଭିନ୍ନ ଅଞ୍ଚଳରେ ଡକାୟତି ଯୋଜନା କରିଥିଲେ। ତେବେ ଯୋଜନାକୁ ସଦର ପୋଲିସ ପଣ୍ଡ କରିଦେଇଛି।

ସେହିପରି ୧୯ ତାରିଖରେ ସଦର ଥାନା ଜଗନ୍ନାଥପୁର ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ନରଣଗଡ଼ ଛକରେ ସୁନୀଲ, ଆଦିତ୍ୟ, ପିଙ୍କୁ ଏବଂ ଶିବ ପ୍ରମୁଖ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏକ ଖାଲି କାଚବୋତଲରେ ତାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଏଥିସହ ସେଠାରେ ବୋମାମାଡ କରି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ଲୁଟପାଟ କରିଥିଲେ।

### ପଛକୁ ପଛ ୪ ଗାଡ଼ି ଧକ୍କା: ୫ ଗୁରୁତର

**ସାଲେପୁର,୨୧।୨(ଡି.ଏନ୍.ଏ.)**

ସାଲେପୁର ଥାନା କଟକ– ଚାନ୍ଦବାଲି ରାସ୍ତାର ଭାତପଡା ଛକ ନିକଟରେ ଅପରାହ୍ନରେ ପଛକୁପଛ ୪ଟିଗାଡ଼ି ଧକ୍କା ହୋଇଛି। ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ରହିଛନ୍ତି। ସେମାନେ ହେଲେ ଏମ.ଡି ଆଫାର (୪) ଓ ଏମ୍. ଡି ଆଫିକ୍ (୮)। ଅନ୍ୟମାନଙ୍କ ପରିଚୟ ମିଳିପାରି ନାହିଁ। ଶିଶୁଦ୍ୱୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅନ୍ୟମାନଙ୍କୁ ମଧ୍ୟ କଟକ ପଠାଯାଇଥିବା ଜଣାପଡ଼ିଛି। ଏହି ଛକ ନିକଟରେ ଏକ ପାସେଞ୍ଜର ଗାଡି ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ କଟକ ଅଭିମୁଖେ ଆସୁଥିବା ଏକ କାର ବ୍ରେକ ମାରି ଅଟକିଯାଇଥିଲା। ମାତ୍ର ତାପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ କାର୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୩ ଗାଡିକୁ ଜବତ କରିଛି।

## ପି ସି ବେହେରା ଆନ୍ତଃରାଜ୍ୟ ସିନିୟର ମହିଳା ଫୁଟ୍‌ବଲ

# ଭୁବନେଶ୍ୱର (ଏ)ଚାମ୍ପିୟନ

**ଲଖନପୁର,୨୧।୨(ଡି.ଏନ୍.ଏ)**

ଝାରସୁଗୁଡା ଜିଲା କ୍ରୀଡା ସଂଘ ଓ ଓଡିଶା ଫୁଟ୍‌ବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଝାରସୁଗୁଡା ମିନି ଷ୍ଟାଡିୟମ ପରେଡ୍ ପଡିଆରେ ଗତ ୧୫ତାରିଖରୁ ଆରମ୍ଭ ହୋଇଥିବା ପି.ସି ବେହେରା ସିନିୟର ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ୍ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ଭୁବନେଶ୍ୱର(ଏ) ଓ କଟକ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇପାରି ନ ପାରିବାରୁ ଟାଇବ୍ରେକର ଜରିଆରେ ଭୁବନେଶ୍ୱର(ଏ) ଦଳ କଟକ ଦଳକୁ ୬–୫ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ଓମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋଚନା ମୁଣ୍ଡା, ବେଷ୍ଟ ପ୍ଲେୟାର ଭାବେ ଭୁବନେଶ୍ୱର ଦଳର ସୁଭଦ୍ରା ସାହୁ, ବେଷ୍ଟ ଗୋଲ୍‌କିପର ଭାବେ କଟକ ଦଳର ସସ୍ମିତା ପରିଡା, ବେଷ୍ଟ ଡିଫେଣ୍ଡର ଭାବେ ଭୁବନେଶ୍ୱର ଦଳର ମନିସା ପାନା, ବେଷ୍ଟ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ସତ୍ୟବତୀ ଖଡିଆ ମନୋନିତ ହୋଇଥିଲେ । ଏହି ଅବସରରେ ବିଜୟୀ ଭୁବନେଶ୍ୱର ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ଭୁବନେଶ୍ୱର ଦଳର ଖେଳାଳି ସୁଭଦ୍ରା ସାହୁଙ୍କୁ ଗୋଲ୍ଡେନ ବୁଟ୍ ପ୍ରଦାନ କରିବା ସହ ଅନ୍ୟତମ କୃତି ଖେଳାଳୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟଅତିଥି ଜିଲାପାଳ ସରୋଜ କୁମାର ସାମଲ, ଓଡିଶା ଫୁଟ୍‌ବଲ ଆସୋସିଏଶନର କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ସହ ସମ୍ପାଦକ ବିଶ୍ୱ ରଞ୍ଜନ ଘଡାଇ, ଡା. ଅନଙ୍ଗ ମୋହନ ଦ୍ୱିବେଦୀ, ଝାରସୁଗୁଡା ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଓଏସ୍‌ଏପି ଦୁର୍ଗପତି ମନୋଜ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ପି. ରାଜେଶ୍ୱର ରାଓ, ଅମିରା ପ୍ରଧାନ, ବିଚିତ୍ରା ପ୍ରଧାନ, ଶଶୀକାନ୍ତ ଦୋଶରିଆ, କାପୁରା ମୁର୍ମୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ରାଜ୍ୟ ମହିଳା ଫୁଟ୍‌ବଲ ଚୟନକର୍ତ୍ତା କଳ୍ପନା ବେହେରା, ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ଫୁଟ୍‌ବଲ ଆସୋସିଏଶନର ରବି ମହାପାତ୍ର ରହିଥିଲେ। ଏଥିରେ ଆୟୋଜକ ଜିଲା କ୍ରୀଡା ସଂଘ କର୍ମକର୍ତ୍ତା ସୁଶୀଲ ମିଶ୍ର, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, କୋଷାଧ୍ୟକ୍ଷ ଗଣେଶ ନାୟକ, ସହ ସମ୍ପାଦକ ପ୍ରଜ୍ୱଳ ପଟେଲ, ତାପସ ରାୟ ଚୌଧରୀ, ସୁଶାନ୍ତ ମହାନ୍ତି, କ୍ଲେମେଟ୍ ରୋନାଲ୍ଡ, ମନୋଜ ଦାସ, ବିଜୟ ଦାସ, ପ୍ରଶାନ୍ତ ଜେନା, ଶରତ ତ୍ରିପାଠୀ, ସତ୍‌ପାଲ୍ ସିଂହ, ଜଗନ୍ନାଥ ରାଓ, ମଙ୍ଗଳ ଓରାମ, ମେହେତାବ ଖାନ୍ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ ।




ଚାମ୍ପିୟନ ଦଳ ଓ ରନର୍ସ ଦଳର ଖେଳାଳିଙ୍କ ସହ ଅତିଥିମାନେ ।

# ୩୦ ଏକର ଜଙ୍ଗଲ ପୋଡ଼ିଗଲା

**ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ**

**କୋଣାର୍କ, ୨୧।୨(ଡି.ଏନ୍.ଏ)**

କୋଣାର୍କ ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଗତ କରମଙ୍ଗା ଇଡିସିରେ ରବିବାର ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୩୦ ଏକର ଜଙ୍ଗଲରେ ଥିବା ବହୁ ଝାଉଁ, ଆକାଶିଆ, କାଜୁଗଛ ପୋଡ଼ିଯାଇଛି। ତେବେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇପାରିନାହିଁ।

ସୂଚନା ଅନୁଯାୟୀ, ଅପରାହ୍ନରେ କରମଙ୍ଗା ଇଡିସିରେ ନିଆଁ ଲାଗିଯାଇଥିଲା। ଗଛଲତାଗୁଡ଼ିକ ହୁହୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଖବର ପାଇ ଗୋପ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିଲେ ମଧ ସିଗାରେଟ କିମ୍ବା ପର୍ଯ୍ୟଟକଙ୍କ ଭୋଜିରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଏ ନେଇ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା କହିଛନ୍ତି, କୌଣସି କାରଣରୁ ଜଙ୍ଗଲର କିଛିଅଂଶରେ ନିଆଁ ଲାଗିଯାଇଥିଲା। ତେବେ ବିଶେଷ କିଛି କ୍ଷୟକ୍ଷତି ହୋଇନାହିଁ।



ବାଲୁଖଣ୍ଡ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଲିଭାଯାଉଛି।

### ଫିରିଙ୍ଗିଆରୁ ୧୧ କୁଇଣ୍ଟାଲ ଗଞ୍ଜେଇ ଜବତ

**ଫୁଲବାଣୀ ଅଫିସ,୨୧।୨**

କନ୍ଧମାଳ ଜିଲା ଫିରିଙ୍ଗିଆ ପୋଲିସ ରବିବାର ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। କୌଣସି ସୂତ୍ରରୁ ଖବର ପାଇ ଫିରିଙ୍ଗିଆ ପୋଲିସ ମେଲୁପଡା ଗ୍ରାମରେ ଚଢ଼ାଉ କରିଥିଲା। ଗ୍ରାମର ବିଭିନ୍ନ ଲୋକଙ୍କ ଘରେ ବିପୁଳ ପରିମାଣର ଗଞ୍ଜେଇ ମହଜୁଦ ଥିବା ଦେଖି ସେସବୁ ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଗ୍ରାମର ବିଶ୍ୱମ୍ଭର କହଁର, ଶ୍ରୀମନ୍ତ କହଁର, ଦୀପକ କହଁର ଓ ରତ୍ନାକର କହଁରଙ୍କୁ ଗିରଫ କରିଛି। ଅନ୍ୟ ୩ଜଣ ଫେରାର ହୋଇଯାଇଥିବା ପୋଲିସ କହିଛି। ଜବତ ଗଞ୍ଜେଇ ଓଜନ ପରେ ୧୧ କୁଇଣ୍ଟାଲ ୬ କେଜି ୯ଶହ ଗ୍ରାମ ଥିବା ଜଣାପଡିଥିଲା। ଏହା ରାଜ୍ୟ ବାହାରକୁ ଚାଲାଣ ପାଇଁ ଥିବା ପୋଲିସ ସୂଚନା ଦେଇଛି। ନଂ.୨୩/୨୧ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

### ଦୋକାନ ଶଟର ତାଡ଼ି ଚୋରି

**କଟକ ଅଫିସ, ୨୧।୨:** ବାଦାମବାଡି ଥାନା ଅଧୀନ ସୁମିତ୍ରାପ୍ଲାଜା ଗଡାରେ ଥିବା ଏକ ଦୋକାନରୁ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ସୋମନାଥ ନାୟକ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଉକ୍ତ ଦୋକାନରେ ଡେଜରାଟି ସାମଗ୍ରୀ ସମେତ ଷ୍ଟେଶ ନାରି ସାମଗ୍ରୀ ବିକ୍ରି ହୋଇଥାଏ। ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଦୋକାନର ଶଟର ତାଡ଼ି କ୍ୟାସ୍‌ବାକ୍ସରେ ଥିବା ୧୦,୦୦୦ ଟଙ୍କା ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସୂର୍ଯ୍ୟମନ୍ଦିର ବୁଲିଲେ ସୁପ୍ରିମକୋର୍ଟ ବିଚାରପତି

**କୋଣାର୍କ,୨୧।୨(ଡି.ଏନ୍.ଏ)**

ସୁପ୍ରିମକୋର୍ଟର ୩ଜଣ ବିଚାରପତି ରବିବାର ସୂର୍ଯ୍ୟମନ୍ଦିର ଏବଂ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୂର୍ବାହ୍ନରେ ସୁପ୍ରିମକୋର୍ଟ ବିଚାରପତି ଭି.ଆର୍. ସୁବ୍ରମଣ୍ୟନ୍, ବି.ଆର୍. ଗଭାଇ, ଉଦୟ ଉମେଶ ଲଲିତ ଏଠାରେ ପହଞ୍ଚି ମନ୍ଦିର ବୁଲି ଦେଖିଥିଲେ। ଏଏସ୍‌ଆଇର ସ୍ୱୀକୃତିପ୍ରାପ୍ତ ଗାଇଡ୍ ସେମାନଙ୍କୁ ସୂର୍ଯ୍ୟମନ୍ଦିର ବୁଲାଇବା ସହ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ବିଚାରପତିମାନଙ୍କ ଏହି ଗସ୍ତ ବେଳେ ପୁରୀ ଜିଲାପାଳ ସମର୍ଥ ବର୍ମା, ଜିଲା ଜଜ୍ ବିଦ୍ୟୁତ କୁମାର ମିଶ୍ର, କୋଣାର୍କ ଜେଏମ୍‌ଏଫ୍‌ସି ଇପ୍‌ସିତା ମହାନ୍ତି, ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ କୁମାର ଦଳାଇ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଏଏସ୍‌ଆଇ ସଂରକ୍ଷଣ ଅଧିକାରୀ ନିରଜ ସିଂ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ମେରାଇନ ଥାନା ଆଇଆଇସି ନୀଳିମା ପଟ୍ଟନାୟକ, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କ ସହ ଅନ୍ୟମାନେ।

# ଯାହା ହୃଦୟରୁ ବାହାରେ ତାହା ମାତୃଭାଷା

**ବିଶ୍ୱ ମାତୃଭାଷା ଦିବସ**

**ଭୁବନେଶ୍ୱର, ୨୧।୨(ବ୍ୟୁରୋ)**

ନିଜର ଭାବ ପ୍ରକାଶ କରିବା ପାଇଁ ମଣିଷ ଅନେକ ଭାଷାର ପ୍ରୟୋଗ କରିଥାଏ। ମାତ୍ର ଯାହା ହୃଦୟରୁ ବାହାରେ ଓ ହୃଦୟକୁ ସ୍ପର୍ଶ କରେ ତାହା ହିଁ ମାତୃଭାଷା। ମାତୃଭାଷାକୁ ଭଲ ପାଇଲେ, ବ୍ୟବହାର କଲେ ହିଁ ଏହାର ବିକାଶ ହୋଇ ପାରିବ ବୋଲି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ରବିବାର ସଂସ୍କୃତି ଭବନଠାରେ ବିଶ୍ୱ ମାତୃଭାଷା ଦିବସକୁ ଉଦ୍‌ଘାଟନ କରି ଦେବୀପ୍ରସନ୍ନ ଭାଷା ଓ ମାତୃଭାଷା ଭିତରେ ଥିବା ପ୍ରଭେଦ ସମ୍ପର୍କରେ ଆଲୋଚନା କରିଥିଲେ।

ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ ଶକ୍ତି ଓ ଶିଳ୍ପ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷା ଉଚ୍ଚ ହେଲେ ଗୋଟିଏ ଜାତି ଉଚ୍ଚ ହୋଇଥାଏ ବୋଲି କହିଥିଲେ।



ପୁସ୍ତକ 'ଭୋକାବଲାରୀ ଓଡ଼ିଆ ଆଣ୍ଡ୍ ଇଂଲିଶ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ମାତୃଭାଷାକୁ କିପରି ଆହୁରି ଋଦ୍ଧିମନ୍ତ କରିହେବ ସେ ନେଇ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ, ପ୍ରାବନ୍ଧିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କହିଲେ, ମାତୃଭାଷା ଆମକୁ ଏକ ପରିଚୟ ପ୍ରଦାନ କରିଥାଏ। କେବଳ ସାଇନବୋର୍ଡରେ ଓଡ଼ିଆ ଭାଷାରେ ଲେଖିଦେଲେ ତାହାର ବିକାଶ ହେବ ନାହିଁ। ଏହାକୁ ଅଧିକରୁ ଅଧିକ ବ୍ୟବହାର କରିବାକୁ ହେବ। ନିଜେ ଓଡ଼ିଆ ବୋଲି ଗର୍ବ କରି ଅନ୍ୟମାନଙ୍କ ଆଗରେ ପରିଚୟ ଦେବାକୁ ପଡିବ। ସାହିତ୍ୟ ସାଂସ୍କୃତିକ ପରିବେଶର ନୈତିକ ପରିଧି ପ୍ରଦାନ କରିଥାଏ। ମାତ୍ର ଭାଷା ଆମକୁ ପରିଚୟ ଦେଇଥାଏ। ହୃଦୟ, ପ୍ରେମ ଏବଂ ମାନବିକତା ଜାଗ୍ରତ କରିବା ପାଇଁ ମାତୃଭାଷାର ଆବଶ୍ୟକତା ରହିଛି। ମାତୃଭାଷାକୁ ଏକ ସ୍ୱତନ୍ତ୍ର ଆସନ ଦେବାକୁ ଆମ ଭିତରେ ସ୍ୱତନ୍ତ୍ର ଭାବ ରହିବା ଦରକାର ବୋଲି ସେ ମତ ଦେଇଥିଲେ। ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡ. ପ୍ରତିଭା ରାୟ କହିଲେ, ଭାଷା ବିଶ୍ୱର ସବୁଠାରୁ ବିସ୍ମୟକର ସୃଷ୍ଟି। ଭାଷା ଆକସ୍ମିକ ନୁହେଁ, ଏହାର ଉଦ୍‌ଭାବନ ମାନସ ମନ୍ଥନରୁ ହୋଇଛି ବୋଲି ସେ କହିଥିଲେ।

ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଥମ ମୁଦ୍ରିତ ପୁସ୍ତକ 'ଭୋକାବଲାରୀ ଓଡ଼ିଆ ଆଣ୍ଡ୍ ଇଂଲିଶ' ଲୋକାର୍ପିତ ହୋଇଥିଲା। ଏଥିସହ ଡକ୍ଟରେଟ ଉପାଧି ପାଇଥିବାରୁ ବିଭାଗର ପ୍ରମୁଖ ଶାସନ ସଚିବ ଡ. ବିଷ୍ଣୁପଦ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଭାଗ୍ୟଲିପି ମଲ୍ଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୨୪,୯୬୫ କୋଟି ନିବେଶ କଲେଣି ବିଦେଶୀ ନିବେଶକ

ନୂଆଦିଲ୍ଲୀ,୨୧ା୨: ଭାରତୀୟ ପୁଞ୍ଜି ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ନିବେଶ ବଢ଼ିଚାଲିଛି। ଏହି ବର୍ଗର ନିବେଶକ ଚଳିତ ମାସ ଅଦ୍ୟାବଧି ସୁଦ୍ଧା ପୁଞ୍ଜି ବଜାରରେ ୨୪,୯୬୫ କୋଟି ଟଙ୍କା ନିବେଶ କଲେଣି। ସାଧାରଣ ବଜେଟରେ ରହିଥିବା ପ୍ରସ୍ତାବ ଏବଂ ଘରୋଇ ବଜାର ଉଚ୍ଚ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଥିବାରୁ ଏହାର ଉତ୍ତମ ପ୍ରଭାବ ବିଦେଶୀ ନିବେଶକଙ୍କ ଉପରେ ପଡ଼ିଛି। ଷ୍ଟକ ବଜାର ଡିପୋଜିଟୋରି ଡାଟା ମୁତାବକ, ଏହି ନିବେଶକମାନେ ଇକ୍ୱିଟିରେ ୨୪,୨୦୪ କୋଟି ଟଙ୍କା ନିବେଶ କରିଛନ୍ତି। ସେହିଭଳି ଡେଟ୍ ସେଗମେଣ୍ଟରେ ନିବେଶକ ୭୬୧ କୋଟି ଲଗାଇଛନ୍ତି। ମୋଟ ଉପରେ ନିବେଶ ୨୪,୯୬୫ କୋଟି ଟଙ୍କା ଛୁଇଁଛି। ଏହା ପୂର୍ବ ମାସରେ ଏଫ୍‌ପିଆଇ ନିବେଶ ୧୪,୬୪୯ କୋଟି ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ ଗ୍ରୋ କମ୍ପାନୀର ସିଓଓ ହର୍ଷ ଜୈନ କହିଛନ୍ତି, ଘରୋଇ ବଜାରର ଅଭିବୃଦ୍ଧି ଆସନ୍ତା ଆର୍ଥିକ ବର୍ଷରେ ଉନ୍ନତ ରହିବ ବୋଲି ନିବେଶକ ଆଶା କରୁଛନ୍ତି। ଅନ୍ତର୍ଜାତୀୟ ବଜାରକୁ ନେଇ ମଧ ନିବେଶକ ବେଶ ଆଶାବାଦୀ ରହିଛନ୍ତି। ସେହିଭଳି ଏଲ୍‌କେପି ସିକ୍ୟୁରିଟିଜର ରିସର୍ଚ୍ଚ ମୁଖ୍ୟ ଏସ୍.ରଙ୍ଗନାଥନ କହିଛନ୍ତି, ଭାରତୀୟ ବଜାରରେ ନିବେଶ ନେଇ ଏଫ୍‌ପିଆଇ ବେଶ ଆଶାବାଦି। ୨୦୨୧ରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ହୋଇପାରିବ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଆକଳନ କରିଛି। ମୋଟାମୋଟି ଭାବେ କହିବାକୁ ଗଲେ ବିଦେଶୀ ନିବେଶକ ବଜାର ଉପରେ ଆଶା ଉନ୍ନତ ରହିଥିବାରୁ ନିବେଶ ବଢ଼ାଉଛନ୍ତି।

### ଏଏସ୍‌ବିଏମ୍ ଆଡଭାଇଜରି କାଉନସିଲରେ ଜଷ୍ଟିସ ଅନଙ୍ଗ ପଟ୍ଟନାୟକ



ଭୁବନେଶ୍ୱର,୨୧ା୨: ସୁପ୍ରିମ୍‌କୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଆଡ୍‌ଭାଇଜରି କାଉନ୍‌ସିଲର ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ବିଶ୍ୱବିଦ୍ୟାଳୟର ବିକାଶ ଓ ଅଗ୍ରଗତି ପାଇଁ ପରାମର୍ଶଦାତା କାଉନ୍‌ସିଲ ମଧ ଗଠନ କରାଯାଇଛି । ଏହି କାଉନ୍‌ସିଲ ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟକରିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଏହି କାଉନ୍‌ସିଲର ଅଧକ୍ଷ ପଦବୀରେ ରହିଥିବା ବେଳେ ୧୩ ଜଣ ଖ୍ୟାତନାମା ବ୍ୟକ୍ତିବିଶେଷ ଏହି କାଉନ୍‌ସିଲରେ ସଦସ୍ୟ ରହିଛନ୍ତି । ଆମ୍ବାସାଡର ଲଳିତ ମାନସିଂହ, ୟୁପିଏସ୍‌ସିର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡି.ପି. ଅଗ୍ରୱାଲ, ଏଆଇସିଟିଇର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଏସ୍‌ଏସ୍ ମନ୍ଥା, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ ପ୍ରଶାସକ ବିବେକ ପଟ୍ଟନାୟକ, ମିନେସୋଟା ବିଶ୍ୱବିଦ୍ୟାଳୟ ସଂଗଠନର କୁଳାଧିପତି ପ୍ରଫେସର ଦେବିନ୍ଦର ମାଲହୋତ୍ରା ପ୍ରମୁଖ ଏହି ପରାମର୍ଶଦାତା କାଉନ୍‌ସିଲରେ ସ୍ଥାନ ପାଇଛନ୍ତି। ବିଶ୍ୱବିଦ୍ୟାଳୟର ଉନ୍ନତି ଦିଗରେ ଏହି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପରାମର୍ଶ ବେଶ୍ ସହାୟକ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

### ୬ ମାସରେ ଉଡ଼ିପାରେ ଜେଟ୍ ଏୟାରୱେଜ

ନୂଆଦିଲ୍ଲୀ,୨୧ା୨: ଜେଟ୍ ଏୟାରୱେଜ ଲାଗି ଜଲାନ କାଲରକ୍ କନସୋର୍ଟିୟମ ବିଡ୍ ହାସଲ କରିଛି। ବର୍ତ୍ତମାନ ବନ୍ଦ ହୋଇ ପଡ଼ିଥିବା ଜେଟ୍ ଏୟାରୱେଜକୁ ୬ ମାସ ମଧ୍ୟରେ ପୁଣି ଥରେ କାର୍ଯ୍ୟକ୍ଷମ କରାଇବାକୁ କମ୍ପାନୀ ଯୋଜନା ରଖିଛି। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କଠାରୁ ମଞ୍ଜୁରୀ ପାଇବା ପରେ କମ୍ପାନୀ ଶୀଘ୍ର ଏହି ଯୋଜନାକୁ ରୂପରେଖ ପ୍ରଦାନ କରିବ। ପୂର୍ଣ୍ଣକାଳୀନ ବିମାନ ସେବା ଯୋଗାଣ କରୁଥିବା ଏହି କମ୍ପାନୀ ନଗଦ ସମସ୍ୟା ଯୋଗୁ ୨୦୧୯ରେ ସେବା ଯୋଗାଣକୁ ବନ୍ଦ କରିଥିଲା।

# ରାଜ୍ୟଗୁଡ଼ିକର ଜିଏସ୍‌ଟି କ୍ଷତି କମିବ

ନୂଆଦିଲ୍ଲୀ,୨୧ା୨




- ଟିକସ ସଂଗ୍ରହରେ ଉନ୍ନତି ଆସୁଛି
- ଲଗାତର ୪ ମାସ ଜିଏସ୍‌ଟି ଆଦାୟ ବଢ଼ିଛି
- ମୋଟ କ୍ଷତି ୪୦ ହଜାର କୋଟି କମ୍ ରହିପାରେ

ରାଜ୍ୟଗୁଡ଼ିକର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଜନିତ ରାଜସ୍ୱ କ୍ଷତି ଚଳିତ ଆର୍ଥିକ ବର୍ଷରେ ୪୦ ହଜାର କୋଟି କମିପାରେ। ଗତ ୪ ମାସରେ ଜିଏସ୍‌ଟି ସଂଗ୍ରହ ଉନ୍ନତ ହେଉଥିବାରୁ କ୍ଷତି ପରିମାଣ ହ୍ରାସ ପାଇବ ବୋଲି ଜଣେ ସରକାରୀ ଅଧିକାରୀ ରବିବାର ସୂଚନା ଦେଇଛନ୍ତି। ରାଜ୍ୟଗୁଡିକ ୧.୮୦ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ରାଜସ୍ୱ କ୍ଷତି ସହିବେ ବୋଲି ପୂର୍ବରୁ ଆକଳନ କରାଯାଇଥିଲା। ଜିଏସ୍‌ଟି କାର୍ଯ୍ୟକାରୀ କରାଯିବା ଯୋଗୁ ୧.୧୦ ଲକ୍ଷ କୋଟି ଏବଂ କୋଭିଡ୍-୧୯ ମହାମାରୀ ଯୋଗୁ ପ୍ରାୟ ୭୦ ହଜାର କୋଟି କ୍ଷତି ରାଜ୍ୟ ସହିବେ ବୋଲି ରିପୋର୍ଟରେ କୁହାଯାଇଥିଲା। ରାଜସ୍ୱ କ୍ଷତିକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ୱିଣ୍ଡୋରୁ ଋଣ କରୁଛନ୍ତି। ଏହି ବାବଦକୁ ମୋଟ ୧.୧୦ ଲକ୍ଷ କୋଟି ଟଙ୍କା ଯୋଗାଇ ଦେବା ଲାଗି ବ୍ୟବସ୍ଥା କରାଯାଇଛି।

ରାଜସ୍ୱ ସଂଗ୍ରହରେ ଉନ୍ନତି ହୋଇଥିବାରୁ ରାଜ୍ୟଗୁଡ଼ିକର ମୋଟ କ୍ଷତି ୧.୪୦ ଲକ୍ଷ କୋଟି ଟଙ୍କାକୁ ଖସିପାରେ। ବର୍ତ୍ତମାନ ଏ ନେଇ ହିସାବ କରାଯାଉଛି। କ୍ଷତି ୩୦ରୁ ୪୦ ହଜାର କୋଟି ଟଙ୍କା କମ୍ ରହିପାରେ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ସେହିଭଳି ଜିଏସ୍‌ଟି ଆଦାୟ ଉନ୍ନତ ହେଉଥିବାରୁ କୋଭିଡ୍‌ଜନିତ ରାଜସ୍ୱ ହ୍ରାସ ଭରଣା କରିବା ଲାଗି ରାଜ୍ୟଗୁଡିକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଏହି ଅର୍ଥକୁ ବ୍ୟବହାର କରାଯାଇପାରେ। ସ୍ପେଶାଲ ୱିଣ୍ଡୋରୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ କୋଟି ଋଣ କରାଯାଇଥିବା ବେଳେ ଏହି ଅର୍ଥକୁ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ରାଜସ୍ୱ କ୍ଷତି ଆହୁରି କମିବ। ହେଲେ ୧୪% ରାଜସ୍ୱ କ୍ଷତି ଭରଣା କରିବା କଷ୍ଟକର ବୋଲି ଅଧିକାରୀ ଜଣକ ମତ ଦେଇଛନ୍ତି।

ଜିଏସ୍‌ଟି କ୍ଷତିପୂରଣ ଅର୍ଥ ପ୍ରତି ୨ ମାସରେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଉଛି। କୋଭିଡ୍ ଯୋଗୁ ଏପ୍ରିଲ ୨୦୨୦ରେ ଜିଏସ୍‌ଟି ସଂଗ୍ରହ ରେକର୍ଡ ନିମ୍ନ ସ୍ତର ୩୧,୧୭୨ କୋଟି ଟଙ୍କାକୁ ଖସି ଆସିଥିଲା। କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସରକାର ସାରା ଦେଶକୁ ଲକ୍‌ଡାଉନ୍ କରିବା ପରେ ଏପରି ହୋଇଥିଲା। ଟିକସ ସଂଗ୍ରହ ଧୀରେ ଧୀରେ ଉନ୍ନତ ହେଉଛି। ୨୦୨୦ ଅକ୍ଟୋବରଠାରୁ ୨୦୨୧ ଜାନୁୟାରୀ ଯାଏ ୪ ମାସ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଟପୁଛି। ଜାନୁୟାରୀ ମାସରେ ରାଜସ୍ୱ ୧.୨୦ ଲକ୍ଷ କୋଟି ଟଙ୍କା ରହିଛି।

# କ୍ୟାପ୍ଟିଭ୍ ବ୍ଲକରୁ ୫୦% କୋଇଲା ବିକ୍ରିକୁ ମିଳିପାରେ ଅନୁମତି

ନୂଆଦିଲ୍ଲୀ,୨୧ା୨

ଦେଶ ମଧ୍ୟରେ ରହିଥିବା ବିଭିନ୍ନ କ୍ୟାପ୍ଟିଭ ବ୍ଲକଗୁଡ଼ିକରୁ ୫୦% କୋଇଲା ବିକ୍ରିକୁ କେନ୍ଦ୍ର ସରକାର ଅନୁମତି ଦେଇପାରନ୍ତି। ଏ ନେଇ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଘରୋଇ ବଜାରରେ କୋଇଲାର ଉପଲବ୍ଧତା ବୃଦ୍ଧି ଏବଂ ଉତ୍ପାଦନକୁ ବଢ଼ାଇବା ଲାଗି କେନ୍ଦ୍ର ଏଭଳି ଏକ ପଦକ୍ଷେପ ନେଇପାରେ ବୋଲି କୁହାଯାଉଛି। ଏ ପ୍ରସ୍ତାବ ସମ୍ପର୍କରେ କୋଇଲା ଗଚ୍ଛିତ ହୋଇ ରହିଥିବା ରାଜ୍ୟ ଏବଂ ସାଧାରଣ ଜନତାଙ୍କ ମତାମତ ଲୋଡାଯାଇଛି। ସେହିଭଳି ଖଣି ମନ୍ତ୍ରଣାଳୟ ପକ୍ଷରୁ ମଧ ରାଜ୍ୟଗୁଡିକର ମତାମତ ନିଆଯାଉଥିବା ଜଣାପଡିଛି। ଯୋଜନାକୁ ରୂପରେଖ ପ୍ରଦାନ କରିବା ଲାଗି ଏମ୍ଏମ୍‌ଡିଆର୍ ଆଇନରେ ପରିବର୍ତ୍ତନ ଆଣିବା ଲାଗି ଯୋଜନା ରଖାଯାଇଛି।

ସୂଚନାଯୋଗ୍ୟ, ବର୍ଷକୁ ବର୍ଷ

### ଯୋଜନା କରୁଛି କେନ୍ଦ୍ର



ଭାରତରେ କୋଇଲା ଆମଦାନୀ ବୃଦ୍ଧି ପାଉଛି। ୨୦୧୫-୧୬ରେ ଆମଦାନୀ ୨୦୩.୯୫ ନିୟୁତ ଟନ୍ ରହିଥିବା ବେଳେ ୨୦୧୯-୨୦ରେ ଏହା ୨୪୮.୫୪ ନିୟୁତ ଟନ୍ ଛୁଇଁଛି। ଏଥି ଲାଗି ଭାରତକୁ ୧.୫୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ ଦେଶର କୋର୍ ସେକ୍ଟର ଶିଳ୍ପ ଲାଗି କୋଇଲା ଏକ ପ୍ରମୁଖ ଇନ୍‌ପୁଟ ଭାବେ କାର୍ଯ୍ୟ କରୁଛି। କୋଇଲା ଉତ୍ତୋଳନ ବଢିଲେ ଆମଦାନୀ କମ୍ ହେବ ବୋଲି ଆଶା କରାଯାଉଛି।

# ବଜାରରେ ନୂଆ ଟାଟା ସଫାରି




ଭୁବନେଶ୍ୱର,୨୧ା୨

ଟାଟା ସଫାରି-୨୦୨୧ର ନୂଆ ମଡେଲଟିକୁ ବଜାର ପ୍ରବେଶ କରାଯାଇଛି। ରବିବାର ଦିଆନ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହି ନୂତନ ମଡେଲର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ମଡେଲକୁ ଲୋକାର୍ପଣ କରିଥିଲେ। ସଫାରି ସାଙ୍ଗରେ ଥିଲେ ଦୂର ଯାତ୍ରାର ମଜା ଟିକେ ନିଆରା ବୋଲି ଅର୍ଚ୍ଚିତା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ସିଇଓ ଶଶାଙ୍କ ଭେଗାଡ ଏବଂ ଜିଏମ୍ ବିଶ୍ୱନାଥ ବେଗୋରେଇ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟାଟା ସଫାରି ମଡେଲ ଗ୍ରାହକଙ୍କୁ ଅନେକ ମଜାଦାର ଅନୁଭୂତି ପ୍ରଦାନ କରିଛି। ଏହି ଗାଡି ସାଧାରଣତଃ ଦୂର ଯାତ୍ରା ପାଇଁ ବେଶ୍ ଆରାମଦାୟକ ହୋଇଥାଏ ବୋଲି ଟାଟା ମୋଟର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଟାଟା ସଫାରି ଯାନଟିକୁ କମ୍ପାନୀ ନୂଆ ଲୁକ୍ ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସହ ଅନେକ ଫିଚର ପରିବର୍ତ୍ତନ ସହିତ ବଜାରକୁ ଛାଡିଛି। ଏହି ନୂତନ ସଫାରି-୨୧ରେ ପ୍ରମୁଖ ଆକର୍ଷଣ ହେଉଛି ଏହାର ପରିବହନ କ୍ଷମତା ୬-୭ ସିଟର ହୋଇଥିବା ବେଳେ ତୈଳ କ୍ଷମତା ୫୦ଲିଟର ସହିତ ଡିଇଏଫ୍ ଲୋଡ ୧୫ ଲିଟର ରହିଛି। ସେହିଭଳି ଓମେଗା ଡିଜାଇନିଂ ସହିତ ମ୍ୟାକ୍ସ ପାୱାର କେଡକ୍ଲ ବିଶିଷ୍ଟ ୧୨୫ କିଲୋୱାଟ, ମ୍ୟାକ୍ସ ଟର୍କ ଏନ୍‌ଏମ୍ କ୍ଷମତା ୩୫୦ ଏନ୍‌ଏମ୍ ରହିଛି ବୋଲି ସିଇଓ ସୂଚନା ଦେଇଥିଲେ। ଟାଟା ଦୀର୍ଘ ୨୩ ବର୍ଷ ହେବ ବିଭିନ୍ନ ବର୍ଗ ଓ ମଡେଲର ଗାଡି ଗ୍ରାହକଙ୍କ ଚାହିଦା ଓ ବର୍ତ୍ତମାନର ସମୟକୁ ଆଖି ଆଗରେ ବିଭିନ୍ନ ପ୍ରଡକ୍ଟ ଗ୍ରାହକଙ୍କୁ ଯୋଗାଇ ଦେଇଆସୁଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଜିଇଏମ୍ ଦ୍ୱାରା କିଣାହେବ ଲକ୍ଷେ କୋଟିର ସାମଗ୍ରୀ

ନୂଆଦିଲ୍ଲୀ,୨୧ା୨

ରାଷ୍ଟ୍ରାୟତ୍ତ ପ୍ରୋକ୍ୟୁଅରମେଣ୍ଟ ପୋର୍ଟାଲ ଗଭର୍ନମେଣ୍ଟ ଇ-ମାର୍କେଟ(ଜିଇଏମ୍) ଦ୍ୱାରା ଆର୍ଥିକବର୍ଷ ୨୦୨୧-୨୨ରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ସାମଗ୍ରୀ କିଣାଯିବ। ପ୍ରତିରକ୍ଷା ଏବଂ ପିଏସ୍‌ୟୁଗୁଡିକରୁ କ୍ରୟ ବଢ଼ିବାରୁ ଏଭଳି ହେବା ନେଇ ଆକଳନ କରାଯାଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସରକାର ଜିଇଏମ୍‌କୁ ୨୦୧୬ ଅଗଷ୍ଟରେ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟ ଲାଗି ଏଥିରୁ ସାମଗ୍ରୀ କ୍ରୟ କରିବା ବ୍ୟବସ୍ଥା କରାଯାଇଥିଲା। ଜିଇଏମ୍ ସିଇଓ ତଲୀନ କୁମାର ଶୁକ୍ରବାର କହିଛନ୍ତି, ୨୦୨୦-୨୧ରେ ଅର୍ଡର ମୂଲ୍ୟ ୩୭ ହଜାର କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ଏହାର ପୂର୍ବ ଆର୍ଥିକ ବର୍ଷରେ ୨୨,୮୯୬ କୋଟି ଟଙ୍କା ରହିଥିଲା। ଆସନ୍ତା ଆର୍ଥିକ ବର୍ଷରେ ଅର୍ଡର ଭାଲ୍ୟୁ ୩ ଗୁଣ ହେବା ନେଇ ଆକଳନ କରାଯାଇଥିବା କୁମାର କହିଛନ୍ତି।

ଚଳିତବର୍ଷ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ୩୩୭୨ କୋଟି ଟଙ୍କାର ସାମଗ୍ରୀ କ୍ରୟ କରିଛନ୍ତି। ସେହିଭଳି ପ୍ରତିରକ୍ଷା ମନ୍ତ୍ରଣାଳୟ ୩୪୦୬ କୋଟି ଟଙ୍କାର ସାମଗ୍ରୀ ଅଦ୍ୟାବଧି କିଣି ସାରିଛି। ସରକାରଙ୍କ ସାମଗ୍ରୀ ସଂଗ୍ରହ ପ୍ରକ୍ରିୟାକୁ ଏକୀକରଣ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ସେହିଭଳି ଭାରତରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡିକୁ ପ୍ରୋତ୍ସାହିତ ଉପରେ ବର୍ତ୍ତମାନ ନଜର ରଖାଯାଉଛି। ସେହିଭଳି ଜିଇଏମ୍ ୫.୦ରେ ନୂଆ ଟେକ୍ନୋଲୋଜିକୁ ଗୁରୁତ୍ୱ ଦିଆଯାଉଛି। ଏ କ୍ଷେତ୍ରରେ ମେଶିନ ଲର୍ନିଂ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଟେକ୍ନୋଲୋଜି ବ୍ୟବହାର କରାଯାଉଛି ବୋଲି କୁମାର ମତପ୍ରକାଶ କରିଛନ୍ତି।

# ଏଲ୍‌ଆଇସିର ନୂଆ ପଲିସି 'ବୀମା ଜ୍ୟୋତି'

ଭୁବନେଶ୍ୱର,୨୧ା୨




ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ପକ୍ଷରୁ ନୂତନ ପଲିସି 'ବୀମା ଜ୍ୟୋତି' ର ଶୁଭାରମ୍ଭ ଚଳିତ ମାସ ୨୨ ତାରିଖ (ସୋମବାର)ଦିନ କରାଯିବ ବୋଲି ସୂଚନା ମିଳିଛି। ଚାରି ଆଡେ ସୁଧହାର ଅହେତୁକଭାବେ ହ୍ରାସ ପାଉଥିବା ବେଳେ ଏଲଆଇସି ବାର୍ଷିକ ୫% ହାରରେ ପଲିସିର ଅବଧି ଶେଷଯାଏ ସୁନିଶ୍ଚିତ ଆୟର ବ୍ୟବସ୍ଥା ହେଉଛି ଏହି ପଲିସିର ମୁଖ୍ୟ ବିଶେଷତ୍ୱ। ଏହା ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଙ୍ଗ ଓ ସୀମିତଅବଧି ପ୍ରିମିୟର ପଲିସି ଅଟେ। ଏହା ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଉପଲବ୍ଧ। ଏହାର ଅନ୍ୟ ଏକ ବିଶେଷତ୍ୱ ହେଉଛି ମାତ୍ର ୨ ବର୍ଷ ପ୍ରିମିୟମ ହେବାପରେ ଲୋନ ଓ ସରେଣ୍ଡରର ସୁବିଧା ରହିଛି। ଏହି ପଲିସିର ସର୍ବନିମ୍ନ ବୀମାରାଶି ୧ଲକ୍ଷ ଟଙ୍କା ରହିଥିବା ବେଳେ ସର୍ବୋଚ୍ଚସୀମା କିଛି ନାହିଁ ବୋଲି ଜଣାପଡିଛି। ଏହା ୧୫ରୁ ୨୦ ବର୍ଷ ଅବଧି ବିଶିଷ୍ଟ ପଲିସି ହୋଇଥିବା ବେଳେ ପ୍ରିମିୟମ ଦେୟ ପଲିସି ଶେଷ ହେବାର ୫ବର୍ଷ ପୂର୍ବରୁ ବନ୍ଦ ହୋଇଥାଏ। ୩ମାସର ଶିଶୁଠାରୁ ଆରମ୍ଭ କରି ୬୦ବର୍ଷର ବୟସ୍କ ବ୍ୟକ୍ତି ଏହି ବୀମାଭୁକ୍ତ ହୋଇପାରିବେ। ମ୍ୟାଚୁରିଟି ହେବା ବେଳକୁ ବୀମାଧାରୀଙ୍କ ବୟସ ସର୍ବନିମ୍ନ ୧୮ ବର୍ଷ ହୋଇଥିବା ବେଳେ ସର୍ବାଧିକ ୭୫ ବର୍ଷ ରହିଛି। ପଲିସି କରିବାର ୨ବର୍ଷ ପରେ ବା ୮ବର୍ଷ ହୋଇଗଲେ ଏହାର ରିସ୍କ କଭର କରିବ। ଏହି ଯୋଜନାରେ ଅତିରିକ୍ତ ଦେୟ ଜରିଆରେ ଇଚ୍ଛାଧୀନ ମୃତ୍ୟୁ ଓ ଅକ୍ଷମ ବୀମାରାଶି ପ୍ରାପ୍ତି ରାଇଡର, ଦୁର୍ଘଟଣା ରାଇଡର,ନୂତନ ଟର୍ମ ଆସୁରାନ୍ସ ରାଇଡର,ଦୁରାରୋଗ୍ୟ ଅସୁସ୍ଥତା ରାଇଡର ଓ ପ୍ରିମିୟମ ଛାଡ ରାଇଡର ଭଳି ସୁବିଧା ମାନ ଉପଲବ୍ଧ ରହିଛି ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

# 'ଘରୋଇ କ୍ଷେତ୍ର ଅଭିବୃଦ୍ଧିର ବାହକ'

ନୂଆଦିଲ୍ଲୀ,୨୧ା୨

ଦେଶର ଘରୋଇ କ୍ଷେତ୍ର ଅଭିବୃଦ୍ଧିର ବାହକ। ସରକାର ଫାସିଲିଟେଟର ବା ସୁବିଧା ଯୋଗାଣକାରୀ ଭାବେ କାର୍ଯ୍ୟ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କହିଛନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଦିଗରେ ଘରୋଇ କ୍ଷେତ୍ରର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହି କ୍ଷେତ୍ର ଉତ୍ସାହିତ ନ ହେଲେ ଭାରତ ଏକ ବଡ ସୁଯୋଗ ହାତଛଡା କରିବ ବୋଲି ଅର୍ଥମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ଘରୋଇ କ୍ଷେତ୍ରର ଅଂଶ ଗ୍ରହଣ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏହି କ୍ଷେତ୍ର ଠିକ୍ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଉକ୍ତ କ୍ଷେତ୍ର ଉତ୍ସାହିତ ମଧ ରହିବାର ଗୁରୁତ୍ୱକୁ ବୁଝିବାକୁ ହେବ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ସରକାର ଫାସିଲିଟେଟର ଭାବେ କାର୍ଯ୍ୟ କରୁଛନ୍ତି। ଏହା ନ ହେଲେ ଭାରତ ବଡ ସୁଯୋଗ ହରାଇବ ବୋଲି ବାଙ୍ଗାଲୋର ଚାମ୍ବର ଅଫ କମର୍ସର ଏକ କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ସୀତାରାମନ ମତବ୍ୟକ୍ତ କରିଛନ୍ତି। ଦେଶର ଆଶା ଆକାଂକ୍ଷା ଏବଂ ଚାହିଦାକୁ ପୂରଣ କରିବା ଦିଗରେ କେବଳ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକ ସକ୍ଷମ ହେବେ ନାହିଁ। କରୋନା ଭ୍ୟାକ୍‌ସିନ ସରକାରୀ ଏବଂ ବେସରକାରୀ ସହଭାଗିତାର ଏକ ଭଲ ଉଦାହରଣ ବୋଲି ସେ କହିଛନ୍ତି।

# ମୋଦିଙ୍କୁ ବ୍ୟବସାୟୀ ସଂଘର ଚିଠି

ନୂଆଦିଲ୍ଲୀ,୨୧ା୨

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛି। ଫେବୃୟାରୀ ୨୬ର ଭାରତ ବନ୍ଦ କାର୍ଯ୍ୟକ୍ରମ ଅବ୍ୟବହିତ ଆଗରୁ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡାଯାଇଛି। ସେହିଭଳି ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀଗୁଡିକ ବିଭିନ୍ନ ନିୟମ ଉଲ୍ଲଂଘନ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ କହିଛି ଯେ, ଜିଏସ୍‌ଟି ଢାଞ୍ଚାରେ ତର୍ଜମା କରିବା ଲାଗି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରନ୍ତୁ। ଜିଲା ସ୍ତରରେ ଜିଏସ୍‌ଟି ୱାର୍କିଂ ଗ୍ରୁପ ଦ୍ୱାରା ଏହି ବ୍ୟବସ୍ଥା ଠିକ୍ ଭାବେ ଚାଲୁଛି କି ନାହିଁ ତା'ର ମଧ ସମୀକ୍ଷା ସରକାର କରନ୍ତୁ ବୋଲି ଚିଠିରେ ନିବେଦନ କରାଯାଇଛି। ନିକଟରେ ଜିଏସ୍‌ଟିରେ ହୋଇଥିବା କେତେକ ସଂଶୋଧନ ଯୋଗୁ ଏହା ଏକଚ୍ଛତ୍ରବାଦୀ ହୋଇପଡିଛି। ସରକାରୀ ଅଧିକାରୀ ଏହାର ଫାଇଦା ନେଉଛନ୍ତି। ସରକାର ଗଭର୍ନାନ୍ସକୁ ଗୁରୁତ୍ୱ ଦେଉଥିବାରୁ ଏଭଳି ପ୍ରସଙ୍ଗକୁ ନଜରରେ ରଖନ୍ତୁ ବୋଲି ଚିଠିରେ ନିବେଦନ କରାଯାଇଛି।

# କାନାରା ବ୍ୟାଙ୍କର ବିତ୍ତୀୟ ସାକ୍ଷରତା ଶିବିର

ଭୁବନେଶ୍ୱର,୨୧ା୨

କାନାରା ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବିତ୍ତୀୟ ସାକ୍ଷରତା ଶିବିର ସ୍ଥାନୀୟ ରୁଡସେଟୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଣ୍ଡଳ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ସୂର୍ଯ୍ୟନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଡସେଟୀର ନିର୍ଦ୍ଦେଶକ ଏନ.କେ.ଦୋରା ଉପସ୍ଥିତ ରହିଥିଲେ। ଏହି ଶିବିରରେ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ୩୫ ଜଣ ବ୍ୟାଙ୍କ ମିତ୍ର ଅଂଶ ଗ୍ରହଣ କରିଥିଲେ। ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର କୃଷି ଏବଂ ଅଗ୍ରାଧିକାର କ୍ଷେତ୍ର ବିଭାଗର ପ୍ରବନ୍ଧକ ସତ୍ୟସାରଥି ସାମନ୍ତରାୟ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିରରେ ସାଧାରଣ ବ୍ୟକ୍ତିଟିକୁ କିପରି ବିତ୍ତୀୟ ସାକ୍ଷର କରାଯିବ ସେ ସମ୍ପର୍କରେ ପଣ୍ଡା ଏବଂ ଦୋରା ବିଶେଷ ଆଲୋଚନା ସହ ବିଭିନ୍ନ ପ୍ରକାର ଉପାୟ ଏବଂ ଏହାର ଗୁରୁତ୍ୱ ବିଷୟରେ ବ୍ୟାଙ୍କ ମିତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମକୁ ସମସ୍ତ ବ୍ୟାଙ୍କ ମିତ୍ର ପ୍ରଶଂସା କରିଥିଲେ।




# ନଜରରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ ଇଣ୍ଡିଆ

ନୂଆଦିଲ୍ଲୀ,୨୧ା୨



- ସରକାରଙ୍କ ଘରୋଇକରଣ ଯୋଜନା
- କମ୍ପାନୀଗୁଡ଼ିକୁ ପୁଞ୍ଜି ଯୋଗାଣ
- ଆର୍ଥିକସ୍ଥିତି ଦୃଢ଼ୀକରଣ ଦ୍ୱାରା ନିବେଶକଙ୍କୁ ଆକୃଷ୍ଟ କରାଯିବ

ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ କିମ୍ବା ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀର ଘରୋଇକରଣକୁ ସରକାର ବିଚାର କରିପାରନ୍ତି। ଏହି କମ୍ପାନୀଗୁଡ଼ିକୁ ପୁଞ୍ଜି ଯୋଗାଣ କରାଯାଇଛି। ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିରେ ପୂର୍ବାପେକ୍ଷା ଉନ୍ନତି ଆସିଛି। କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ଲାଗି ସରକାର ପୁଣିଥରେ ୩ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ କରିପାରନ୍ତି। ଆର୍ଥିକ ସ୍ଥିତି ସୁଧୁରୁଥିବାରୁ ଘରୋଇକ୍ଷେତ୍ରର ଦୃଷ୍ଟି ଆକର୍ଷଣ କରିବା ଲାଗି କମ୍ପାନୀଗୁଡ଼ିକ ସକ୍ଷମ ହେବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଏକ ଯୋଗ୍ୟ କମ୍ପାନୀ ଖୋଜିବା ପ୍ରକ୍ରିୟା ସରକାର ଆରମ୍ଭ କରିଛନ୍ତି। ଏଥିଲାଗି କିଛି ସମୟ ଲାଗିପାରେ।

ସେହିଭଳି ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀକୁ ପୁଞ୍ଜି ବଜାରରେ ପଞ୍ଜୀକୃତ କରିବାର ମଧ ସମ୍ଭାବନା ରହିଛି। ଏଥିରେ ସରକାରଙ୍କ ୮୫.୪୪% ଅଂଶଧନ ରହିଛି। ଘରୋଇକରଣ ପଦକ୍ଷେପ ଉପରେ ନୀତି ଆୟୋଗ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେବ। ଅର୍ଥ ମନ୍ତ୍ରଣାଳୟ ଅଧୀନ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ) ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବ। ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨ ରାଷ୍ଟ୍ରାୟତ୍ତ ଏବଂ ଗୋଟିଏ ବୀମା କମ୍ପାନୀର ଘରୋଇକରଣ ସମ୍ପର୍କରେ ଘୋଷଣା କରିଥିଲେ। ଅଂଶଧନ ବିକ୍ରିରୁ ୧.୭୫ ଲକ୍ଷକୋଟି ଟଙ୍କା ସଂଗ୍ରହ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ ଏବଂ ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସକୁ ପୁଞ୍ଜି ଯୋଗାଣ ନେଇ ନିଷ୍ପତ୍ତି ନିଆଯାଇଥିଲା। ସେହିଭଳି ଏହି କମ୍ପାନୀଗୁଡ଼ିକରେ ଅଧିକୃତ ଶେୟାର କ୍ୟାପିଟାଲ ବଢ଼ାଇବା ଦିଗରେ ମଧ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଘରୋଇକରଣ କାର୍ଯ୍ୟକ୍ରମକୁ ସରକାର ବର୍ତ୍ତମାନ ବଢ଼ାଇଥିବା ଜଣାପଡିଛି।

## ସଂକ୍ଷେପରେ

### ବିରଳ ପ୍ରଜାପତିର ପୂଜାର୍ଚ୍ଚନା



**ନବରଙ୍ଗପୁର/ତେନ୍ତୁଲିଖୁଣ୍ଟି,୨୧।୨ (ବି.ପ୍ର./ଡି.ଏନ୍.ଏ.)**- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଝରିଗୁମା ପଞ୍ଚାୟତର ଡେଙ୍ଗପଦର ଗ୍ରାମର ଭୀଷ୍ମସେନ ବିଷୋୟୀଙ୍କ ଅଗଣାରେ ଏକ ବିରଳ ପ୍ରଜାପତି ଦେଖିବାକୁ ମିଳିଛି। ପ୍ରଜାପତିଟିର ଚଉଡ଼ା ପ୍ରାୟ ୨ ଇଞ୍ଚ ରହିଥିବାବେଳେ ଲମ୍ବ ପ୍ରାୟ ୪ଇଞ୍ଚ ରହିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହା ମୁଣ୍ଡରେ ଜଗନ୍ନାଥଙ୍କ ଚକା ଆଖି ଭଳି ଦୃଶ୍ୟମାନ ହେଉଛି। ପ୍ରଜାପତିଟି ଘର ମଧ୍ୟକୁ ଆସିବା ପରେ ଭୀଷ୍ମସେନଙ୍କ ପରିବାର ଲୋକେ ଜଗନ୍ନାଥଙ୍କ ରୂପ ବୋଲି ବିଶ୍ୱାସ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ଏହା ଗାଁରେ ପ୍ରଚାର ହେବା ପରେ ଭୀଷ୍ମସେନଙ୍କ ଘରେ ଲୋକଙ୍କ ଭିଡ଼ ଜମିବା ଦେଖିବାକୁ ମିଳିଥିଲା। ଏଭଳି ବିରଳ ପ୍ରଜାପତି କେବେ ଦେଖି ନ ଥିଲୁ। ତେଣୁ ଭଗବାନଙ୍କ ରୂପଭାବେ ବିଶ୍ୱାସ କରି ପୂଜା କରୁଛୁ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି।

### ମହାରାଷ୍ଟ୍ର ଫେରନ୍ତା କରୋନା ଆକ୍ରାନ୍ତ

**ଭଦ୍ରକ ଅଫିସ/ବନ୍ତ,୨୧।୨(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳରେ ରବିବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତାଙ୍କ ଘର ସୋର ଅଞ୍ଚଳରେ ହୋଇଥିବା ବେଳେ ସେ ମହାରାଷ୍ଟ୍ରରୁ ଦୁଇଦିନ ପୂର୍ବେ ଫେରିଥିଲେ। ଘରକୁ ଫେରିବା ପରେ ଆଗରପଡ଼ାର ତାଙ୍କ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଆସିଥିଲେ। ସେ ଅସୁସ୍ଥ ଅନୁଭବ କରିବାରୁ ଆଗରପଡ଼ା ମେଡିକାଲକୁ ଯାଇଥିଲେ। ସେଠାରେ ତାଙ୍କର କୋଭିଡ୍ ପରୀକ୍ଷା କରାଯିବାରୁ ସେ ପଜିଟିଭ୍ ଥିବା ଆଗରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ବିଳାସିନୀ ବେହେରା ସୂଚନା ଦେଇଛନ୍ତି। ତାଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇଛି।

# ସୀମାରେ ବଢ଼ୁଛି ଭାଷାଗତ ସଙ୍କଟ

**ସୁନ୍ଦରଗଡ଼, ୨୧।୨ (ଡି.ଏନ୍.ଏ.)**

ଓଡ଼ିଶାର ଅନ୍ୟତମ ଉପାନ୍ତ ଜିଲା ସୁନ୍ଦରଗଡ଼ର ସୀମାକୁ ଲାଗିରହିଛି ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ। ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲାର ଗ୍ରାମଗୁଡିକରେ ପଡୋଶୀ ରାଜ୍ୟ ସହିତ ସୀମାବିବାଦ ରହି ନ ଥିଲେ ହେଁ ଏଠାରେ ଓଡ଼ିଆ ଭାଷା ପାଇଁ ସଙ୍କଟ ଦେଖାଦେଇଛି। ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକ ଯଦିଓ ଆଦିବାସୀ ବହୁଳ ହେଲେ ଏଗୁଡିକରେ ଓଡ଼ିଆ ଭାଷା ଅପେକ୍ଷା ସାଦ୍ରୀ, ହିନ୍ଦୀ, ଛତିଶଗଡର କଥିତ ଭାଷା ଲରିଆ ପ୍ରଚଳନ ଅଧିକମାତ୍ରାରେ ଦେଖିବାକୁ ମିଳୁଛି । ଏହି ଜିଲାର ହେମଗିର, ଲେଫ୍ରିପଡା, ବାଲିଶଙ୍କରା ବ୍ଲକ ଛତିଶଗଡ ସୀମାକୁ ଲାଗିଥିବାବେଳେ ସବ୍‌ଡ଼େଗା, ବଡ଼ଗାଁ, କୁତ୍ରା, କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ବ୍ଲକ ପଡୋଶୀ ଝାଡ଼ଖଣ୍ଡ ସୀମାରେ ଅବସ୍ଥିତ। ହେମଗିର ବ୍ଲକର ଟପରିଆ, ଚନ୍ଦ୍ରପୁର, ଜୁଲୁମବାହାଲ, ବେହେରାମୁଣ୍ଡା, ଲିପସପାଲି, ଝାରପଲମ, କୁଚେଡେଗା ଆଦି ଗ୍ରାମଗୁଡିକ ସୀମାନ୍ତକୁ ଲାଗି ଥିବାରୁ ଲୋକେ ଓଡ଼ିଆ ଅପେକ୍ଷା ଛତିଶଗଡୀ ଭାଷା ବ୍ୟବହାର କରୁଛନ୍ତି।

କିଛିମାସ ପୂର୍ବରୁ ଓଡ଼ିଶାରେ ଥିବା ଚନ୍ଦ୍ରପୁର ଗ୍ରାମର ଜଙ୍ଗଲ ଜମି ଉପରେ ପଡୋଶୀ ଛତିଶଗଡ଼ ରାଜ୍ୟର ଲୋକେ ଜବରଦଖଲ ଉଦ୍ୟମ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଶାସନ ହସ୍ତକ୍ଷେପ ଯୋଗୁ ଏହା ସମାଧାନ ହୋଇଥିଲା। ହେଲେ ଜିଲାରେ ଥିବା ଜଙ୍ଗଲ ଓ ଖଣିଜ ସମ୍ପଦ ପଡ଼ୋଶୀ ରାଜ୍ୟ ଲୋକେ ଲୁଟି ନେଉଥିବା ଅଭିଯୋଗ ହେଉଛି। ସୀମାବର୍ତ୍ତୀ ଅଞ୍ଚଳରେ କେନ୍ଦୁପତ୍ରକୁ ପଡୋଶୀ ଛତିଶଗଡ ଲୋକେ ତୋଳି ନେଉଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ସମୟରେ ବିରୋଧ କରି ଆସିଥାଆନ୍ତି। ମାତ୍ର ଓଡ଼ିଶା ସରକାର ସେହି ଅଞ୍ଚଳରୁ କେନ୍ଦୁପତ୍ର ଉତ୍ପାଦନ ପାଇଁ ଠିକ୍ ଭାବେ ଧ୍ୟାନ ଦେଉନାହାନ୍ତି ବୋଲି ହେମଗିର ଅଞ୍ଚଳର ସାମାଜିକ କର୍ମୀ ରାଜେନ୍ଦ୍ର ନାଏକ ପ୍ରକାଶ କରିଛନ୍ତି। କିନ୍ତୁ ହେମଗିର ବ୍ଲକର ଛତିଶଗଡ ସୀମାନ୍ତବର୍ତ୍ତୀ ଗ୍ରାମଗୁଡିକରେ ସେମିତି କୌଣସି ସୀମାବିବାଦ ନାହିଁ ବୋଲି ତହସିଲଦାର ଭିକ୍ଟୋରିଆ ଏକ୍କା ପ୍ରକାଶ କରିଛନ୍ତି। ଏହି ବ୍ଲକର ସୀମାନ୍ତବର୍ତ୍ତୀ ଚନ୍ଦ୍ରପୁରରେ ପଡୋଶୀ ଛତିଶଗଡ ରାଜ୍ୟର ଜଣେ ବ୍ୟକ୍ତି ଜମିକିଣି ଫାର୍ମହାଉସ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏହାକୁ ଜଙ୍ଗଲ ଜମି ଜବରଦଖଲ କରିଥିବା ନେଇ ଅଭିଯୋଗ କରିଥିଲେ। ମାତ୍ର ତଦନ୍ତ ପରେ ଜଙ୍ଗଲ ଜମି ଜବରଦଖଲ ହୋଇ ନ ଥିବା ଜଣାଯାଇଛି। ସେହିପରି ବିଶ୍ରା ବ୍ଲକର ଝାଡ଼ଖଣ୍ଡ ସୀମାକୁ ଲାଗି ଥିବା ଭାଲୁଲତା ପଞ୍ଚାୟତର ଶାଗଜଡି ଗ୍ରାମ ରହିଛି। ଏହି ଗ୍ରାମର ଅଧାଲୋକ ଝାଡଖଣ୍ଡ ସୀମାନ୍ତରେ ରହିଥିବା ବେଳେ ସେମାନେ ଓଡ଼ିଶାର ପିଡିଏସ୍ ସାମଗ୍ରୀ ଉଠାଉଛନ୍ତି। ଏହି ବ୍ଲକର ଜରେଇକେଲା, ଝାରବେଡା, ଏର୍ଲା, ସୁକୁଡା, ମୁଚିକଛା ଆଦି ଗ୍ରାମ ପଞ୍ଚାୟତ ରହିଥିବାବେଳେ ନୂଆଁଗାଁ ବ୍ଲକର ସୀମାବର୍ତ୍ତୀ ଗ୍ରାମ ସାନକୁଲାଗଜ, ଖଟଙ୍ଗଟୋଲି, ଲୋଆରାମ, କଦଲକା, ଟାଇନ୍ଦା, ଖରିଯୋର, ଲୁକୁମବେଡା, କରକଟନାଶା, କରଡେଗା, ପୁରୁଣାପାଣି, ଖଇରଟୋଲା, ଗାଇନଯୋର, କୋକେରମା, ସବଡେଗା ବ୍ଲକର ଟାଙ୍ଗରଗାଁ, ବନଡେଗା, ଲୁଲକିଡିହି, ସବଡେଗା ବ୍ଲକର ଟାଙ୍ଗରଗାଁ ପଞ୍ଚାୟତ, ବଡ଼ଗାଁ ବ୍ଲକର ବନସିକା, ବାଦୁଲପାନି, ହାତୀବନ୍ଧା, ରାଜଛପଲା ଗ୍ରାମ ରହିଛି। ଏଥିସହିତ ବାଲିଶଙ୍କରା ବ୍ଲକର ବନଡେଗା, ଲୁଲୁକିଡିହି, ତେଲିଯୋର ଗ୍ରାମଗୁଡିକ ଉଭୟ ଛତିଶଗଡ଼ ଓ ଝାଡଖଣ୍ଡ ସୀମାରେ ରହିଛି। ଝାଡ଼ଖଣ୍ଡର ଲୋକେ ଓଡ଼ିଶାର ସାପ୍ତାହିକ ହାଟ ବଜାର ଓ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାଆନ୍ତି।

ସେହିପରି ବାଲିଶଙ୍କରା, ହେମଗିର ବ୍ଲକର ଲୋକେ ଜିଣାବିକା ପାଇଁ ଓଡ଼ିଶା ଅପେକ୍ଷା ପଡ଼ୋଶୀ ରାୟଗଡ ଜିଲା ଉପରେ ନିର୍ଭର କରୁଛନ୍ତି। ହେଲେ ଝାଡ଼ଖଣ୍ଡ ସୀମାବର୍ତ୍ତୀ ଗ୍ରାମଗୁଡିକରେ ଅଧିକାଂଶ ସମୟରେ ଆପରାଧିକ କାର୍ଯ୍ୟକଳାପ ଯୋଗୁ ଲୋକେ ଅସୁରକ୍ଷିତ ମନେକରିଥାଆନ୍ତି। ପଡୋଶୀ ଝାଡଖଣ୍ଡର ବିଭିନ୍ନ ଅପରାଧୀ ଗୋଷ୍ଠୀଗୁଡିକ ସକ୍ରିୟ ହୋଇ ଓଡିଶାର ଗ୍ରାମଗୁଡିକରେ ହତ୍ୟା, ଲୁଟ୍, ଡକାୟତି ଆଦି ଘଟାଇ ଆତଙ୍କ ସୃଷ୍ଟି କରିଥାଆନ୍ତି। ଅତୀତରେ ଓଡିଶା ପୋଲିସର ଏନକାଉଣ୍ଟର ଓ ତତ୍ପରତା ଯୋଗୁ ବର୍ତ୍ତମାନ ଅନେକ ଆପରାଧିକ କାର୍ଯ୍ୟକଳାପ ହ୍ରାସପାଇଥିବା କୁହାଯାଉଥିଲେ ହେଁ ଉଭୟ ଝାଡଖଣ୍ଡ ଓ ଛତିଶଗଡ ରାଜ୍ୟ ସୀମାନ୍ତ ଗ୍ରାମଗୁଡିକରେ ପୋଲିସ ପାଟ୍ରୋଲିଂକୁ ଅଧିକ କଡାକଡି କରାଯିବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।



ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକର ଝାଡ଼ଖଣ୍ଡ ସୀମାନ୍ତ ଗ୍ରାମ।




କଟକ ସିଡିଏସ୍ଥିତ ନେତାଜୀ ସେତୁ ପାର୍ଶ୍ୱରେ ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କୃତି।

# ଆନ୍ଧ୍ର ଚାଲାଣବେଳେ ୨୦ ଶିଶୁଶ୍ରମିକ ଉଦ୍ଧାର

**ରାମନାଗୁଡ଼ା,୨୧।୨(ଡି.ଏନ୍.ଏ.)**

ଆନ୍ଧ୍ର ଚାଲାଣବେଳେ ରାୟଗଡ଼ା ଜିଲା ରାମନାଗୁଡ଼ା ପୋଲିସ ବଙ୍ଗାଳିଗୁଡ଼ା ନିକଟରୁ ୨୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଜଣେ ଦଲାଲ୍ ୨ଟି ମିନି ଭ୍ୟାନ୍ ଯୋଗେ ଶିଶୁମାନଙ୍କୁ ଆନ୍ଧ୍ରର ଏକ କୁକୁଡ଼ା ଫାର୍ମରେ କାମ ଯୋଗାଇବାକୁ କହି ନେଉଥିଲେ।

ଖବର ପାଇ ଠିକଣା ସମୟରେ ପୋଲିସ ଏବଂ ଚାଇଲ୍ଡଲାଇନ୍ ଟିମ୍ ସେଠାରେ ପହଞ୍ଚିଥିଲା। ଏହା ଜାଣି ଦଲାଲ୍ ଜଣକ ସେଠାରୁ ଚମ୍ପଟ ମାରିଥିଲା। ତେବେ ଶିଶୁମାନଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ଶିଶୁମାନେ ବ୍ଲକ୍ ଅନ୍ତର୍ଗତ ବଙ୍ଗାଳିଗୁଡା, ପୁରଟିଗୁଡ଼ା ଏବଂ ପାରିଖିଡି ଗ୍ରାମର ବୋଲି ଜଣାପଡ଼ିଛି। ଏମାନଙ୍କ ବୟସ ୧୦ରୁ ୧୨ ବର୍ଷ ମଧ୍ୟରେ ହେବ। ଉଦ୍ଧାର ଶିଶୁମାନଙ୍କୁ ସୁରକ୍ଷିତଭାବେ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ଚାଇଲ୍ଡଲାଇନ ସଦସ୍ୟ ସୂଚନା ଦେଇଛନ୍ତି।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା



ପୋଲିସ ଘଟଣାର ତଦନ୍ତ କରୁଛି।

**ଜୟପୁର, ୨୧।୨ (ନି.ପ୍ର.)**

ଜୟପୁର ସହରରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଖବରପାଇ ଜୟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ଘଟଣା ଅନୁଧ୍ୟାନ କରୁଛି। ମୃତକ ହେଲେ ଜୟପୁର ଗୌଡସାହି ନିକଟସ୍ଥ ମାଳିସାହିର ଚନ୍ଦ୍ର ପରଜା । ଏହି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

ଖବରରୁ ଜଣାପଡିଛି, ଶନିବାର ରାତିରେ ଚନ୍ଦ୍ର ତାଙ୍କର ଜଣେ ସାଙ୍ଗଙ୍କ ସହ ମିଶି କୁମ୍ଭାରସାହିକୁ ଆସିଥିଲେ । ରବିବାର ସକାଳୁ ଗାଇ ଫାର୍ମ ସମ୍ମୁଖରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ଟାଉନଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚନ୍ଦ୍ରଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣା ସ୍ଥଳରୁ ତାଙ୍କ ସାଙ୍ଗ ଫେରାର ହୋଇଯାଇଛନ୍ତି। ମୃତଦେହ ନିକଟରେ ଚପଲ, ବିସ୍କୁଟ ପଡିଥିଲା । ରାତି ୧୧ଟା ଯାଏ ଏପରି କୌଣସି ଘଟଣା ଉକ୍ତ ଅଞ୍ଚଳରେ ଘଟି ନ ଥିଲା। ବିଳମ୍ବିତ ରାତିରେ ଏପରି ଘଟିଥାଇପାରେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଚନ୍ଦ୍ର ଏକ ହୋଟେଲରେ କାମ କରୁଥିଲେ। ୨ ବର୍ଷ ହେଲା ସେ ଘରକୁ ଆସୁ ନ ଥିଲେ। ତାଙ୍କର ୩ ସନ୍ତାନ ଅଛନ୍ତି। ତାଙ୍କ ସ୍ତ୍ରୀ ସାନପୁଅକୁ ଧରି ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଚାଲିଯାଇଛନ୍ତି। ପୁଅର ମୃତ୍ୟୁ ଖବର ପାଇ ସେ ଘଟଣା ସ୍ଥଳକୁ ଆସିଛନ୍ତି ବୋଲି ଚନ୍ଦ୍ରଙ୍କ ବାପା ଭଗବାନ ପରଜା କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ଥାନାରେ ୫୧/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଚନ୍ଦ୍ର ଶନିବାର ରାତିରେ କୁମ୍ଭାରସାହିକୁ ଆସିଥିଲେ। ଏହି ହତ୍ୟାକାଣ୍ଡ ପଛରେ କିଛି ଷଡ଼ଯନ୍ତ୍ର ଥିବା ପରି ମନେ ହେଉନାହିଁ। ହଠାତ୍ କିଛି ବଚସାରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଖେଳ ଖବର

# ସୌମ୍ୟଙ୍କୁ ୬୩ତମ ରାଜ୍ୟ ଚେସ୍ ଟାଇଟଲ

**ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ପଟିଆ ପ୍ରଶାନ୍ତିବିହାରସ୍ଥିତ ଶୋଭନୀୟ ଶିକ୍ଷାଶ୍ରମଠାରେ ୨ୟ ମୃତ୍ୟୁଞ୍ଜୟ ପାତ୍ର ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪ ଜଣ ଫିଡେ ରେଟିଂପ୍ରାପ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ଫିଡେମାଷ୍ଟର ସୌମ୍ୟରଞ୍ଜନ ମିଶ୍ର (୨୧୯୭ ରେଟିଂ) ଚାମ୍ପିୟନ ହୋଇଛନ୍ତି। ଏହାକୁ ମିଶାଇ ସୌମ୍ୟ ୬୩ତମ ରାଜ୍ୟ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି। ସେ ୬ ପଏଣ୍ଟ ପାଇଥିବାବେଳେ ହର୍ଷିତ ରଞ୍ଜନ ସାହୁ, ପ୍ରୀୟାଂଶ ଦାସ ଓ ମାନସ ରଞ୍ଜନ ପରିଡ଼ା ୫.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାହୁ, ବିକାଶ କୁମାର ଲେଙ୍କା, ଧୀରେନ୍ଦ୍ର କୁମାର ଦାସ, ରବୀନ୍ଦ୍ର କୁମାର ଓଝା, ଶ୍ରୀୟାଂଶ ଦାସ (ସମସ୍ତେ ୫ ପଏଣ୍ଟ), ସ୍ୱପ୍ନିଳ ପ୍ରିୟଦର୍ଶୀ, ଲରେନ୍ସ ପ୍ରଧାନ ଓ ମାନସ ରଞ୍ଜନ ମହାରଣା (ସମସ୍ତେ ୪.୫) ଟପ୍-୧୨ରେ ରହିଛନ୍ତି। ମନମୋହନ ଖିଲାର, ଡ. ଅରୁନ୍ଧତୀ ଦେବୀ, ପ୍ରିୟଦର୍ଶିନୀ ନାୟକ, ଦେବାଶିଷ ପାଣିଗ୍ରାହୀ, ଦୟାନିଧି ରାଉତ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।



ଚାମ୍ପିୟନ ସୌମ୍ୟରଞ୍ଜନ ମିଶ୍ର।

# ଭୁବନେଶ୍ୱର ଏ- କଟକ ଏ ଫାଇନାଲ

**ଭୁବନେଶ୍ୱର, ୨୧।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଆସନ୍ତା ୨୩ ତାରିଖରେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଭୁବନେଶ୍ୱର ଏ ଓ କଟକ ଏ ଟାଇଟଲ ପାଇଁ ମୁହାଁମୁହିଁ ହେବେ। ରବିବାର କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଝାରସୁଗୁଡା, ଭୁବନେଶ୍ୱର ଏ, କଟକ ଏ ଓ ରାଉରକେଲା ବିଜୟୀ ହୋଇଛନ୍ତି।



ଅଂଶୁମାନ ବେଜ



ସୁଶୀଲ ବାରିକ

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ସୁପରଲିଗ୍

**ଭଦ୍ରକ ୭ ଉଇକେଟରେ ପରାସ୍ତ**

ଟାଉନକ୍ଲବ ଗ୍ରାଉଣ୍ଡରେ ଝାରସୁଗୁଡା ୭ ଉଇକେଟରେ ଭଦ୍ରକକୁ ପରାସ୍ତ କରିଛି। ଟସ୍‌ଜିତି ଭଦ୍ରକ ପ୍ରଥମେ ବ୍ୟାଟିଂକରି ୩୫.୪ ଓଭରରେ ୧୫୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଝାରସୁଗୁଡା ୩୧.୨ ଓଭରରେ ୩ ଉଇକେଟ ହରାଇ ୧୫୩ ରନକରି ବିଜୟୀ ହୋଇଥିଲା।

**ସମ୍ବଲପୁରର ବୃହତ୍ ପରାଜୟ**

କଟକର ବୋଷ ଗ୍ରାଉଣ୍ଡରେ ଖେଳାଯାଇଥିବା ଭୁବନେଶ୍ୱର ଏ ୭୭ ରନରେ ସମ୍ବଲପୁରକୁ ହରାଇଛି। ଭୁବନେଶ୍ୱର ଏ ୫୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଜବାବରେ ସମ୍ବଲପୁର ୩୩.୨ ଓଭରରେ ୧୦୭ ରନକରି ଅଲଆଉଟ ହୋଇଥିଲା। ଭୁବନେଶ୍ୱର ଏ'ର ଅଂଶୁମାନ ବେଜ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ।

**କଟକ ଏ' ୭୭ ରନରେ ହାରିଲା**

କଟକର ବିଡାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର ବି ୭୭ ରନରେ କଟକ ଏ'କୁ ହରାଇଛି। ଭୁବନେଶ୍ୱର ବି ୪୭.୫ ଓଭରରେ ୧୭୨ ରନକରି ଅଲଆଉଟ ହୋଇଥିଲା। ଜବାବରେ କଟକ ଏ' ୩୫ ଓଭରରେ ୯୫ ରନକରି ଅଲଆଉଟ ହୋଇଥିଲା। ଭୁବନେଶ୍ୱର ବି'ର ସୁସୀଲ ବାରିକ ୬ ଉଇକେଟ ନେଇଥିଲେ।

**କିଟ୍ ୯ ଉଇକେଟରେ ପରାସ୍ତ**

ଇଷ୍ଟକୋଷ୍ଟ ରେଲୱେ ଗ୍ରାଉଣ୍ଡରେ ରାଉରକେଲା ୯ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କିଟ୍ ୪୯.୧ ଓଭରରେ ୨୦୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ରାଉରକେଲା ୪୬ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

# ଜାତୀୟ ସବ୍‌ଜୁନିୟର ଭଲିବଲ୍‌ରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର, ୨୧।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ତାମିଲନାଡୁର ଭେଲୋରସ୍ଥିତ ନେତାଜୀ ଷ୍ଟାଡିୟମରେ ୪୩ତମ ଜାତୀୟ ସବ୍ ଜୁନିୟର ଭଲିବଲ୍ (ବାଳକ ଓ ବାଳିକା) ଚାମ୍ପିୟନଶିପ୍ ଆୟୋଜନ ହେବ। ଏହା ଚଳିତ ମାସ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ସବ୍‌ଜୁନିୟର ଭଲିବଲ (ବାଳକ ଓ ବାଳିକା) ଦଳ ମନୋନୟନ କରାଯାଇଛି। ଚାମ୍ପିୟନଶିପ୍ ଲାଗି ସ୍ଥାନୀୟ କିଟ୍ ୟୁନିଭର୍ସିଟି ପରିସରରେ ଏକ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଜାତୀୟ ଚାମ୍ପିୟନଶିପ୍‌ରେ ଭାଗନେବା ଲାଗି ଓଡ଼ିଶା ଦଳ ଚଳିତମାସ ୨୨ ତାରିଖରେ ଭେଲୋର ଗସ୍ତ କରିବ।

ଓଡ଼ିଶା ସବ୍‌ଜୁନିୟର ବାଳକ ଭଲିବଲ ଦଳ: ଦୀପକ ବିଲୁଙ୍ଗ, ଚନ୍ଦନ ସେଠୀ, ରମେଶ ଦାସ, ନବୀନ କାନ୍ଦୁଲନା, ପିଣ୍ଟୁ ଦଣ୍ଡସେନ, ପ୍ରୀତମ ଭୂତିଆ, ଅର୍ଜୁନ ସେଠୀ, ହରି କାଣ୍ଡି, ପ୍ରବୀର ଦାସ, ଆଶିଷ ସ୍ୱାଇଁ, ଅଜୟ କୁମାର ସାହାଣୀ, ଅର୍ଜୁନ ମାଡକାମି। କୋଚ: ରାଜକିଶୋର ମଣ୍ଡଳ। ସବ୍‌ଜୁନିୟର ବାଳିକା ଦଳ: ଲାସ୍ୟମୟୀ ମହନ୍ତ, ଆଲିଶା ଲିମା, ଗଙ୍ଗା ନାୟକ, ରସ୍ମିତା ଦୀପ, ସିବନ୍ତୀ ଟିଗା, ରୋଜାଲିନ୍ ମାଝି, ସ୍ଥିତପ୍ରଜ୍ଞା ଜେନା, ରୋଜାଲିନ୍ ଆଣ୍ଡିଆ, ସୁଚିସ୍ମିତା ଦିଣ୍ଡା, ଅନିମା ଜୋଜୋ, ରୋଜାଲିନ୍ ପୃଷ୍ଟି, ରଜନୀ ହନ୍ତାଳ। କୋଚ୍: ହରେକୃଷ୍ଣ ସ୍ୱାଇଁ। ମ୍ୟାନେଜର: ସବିତା ଦାସ। ଏହି ଅବସରରେ କନ୍ଧମାଳ ଏମ୍‌ପି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଓଡ଼ିଶାର ଉଭୟ ବାଳକ ଓ ବାଳିକା ସବ୍‌ଜୁନିୟର ଭଲିବଲ ଦଳର ଶୁଭକାମନା କରିଛି। ଓଡ଼ିଶା ଭଲିବଲ ଆସୋସିଏଶନର ସାଧାରଣ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ମଧ୍ୟ ଦଳର ସଫଳତା କାମନା କରିଛନ୍ତି।



ଜାତୀୟ ସବ୍‌ଜୁନିୟର ଭଲିବଲ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

# ଜୋକୋଭିଚ୍‌ଙ୍କୁ ରେକର୍ଡ ନବମ ଟାଇଟଲ

**ଅଷ୍ଟ୍ରେଲିଆନ ଓପନ୍**

ମେଲବୋର୍ନ,୨୧।୨

ଟପ୍ ସିଡ୍ ସର୍ବିୟ ଅଭିଜ୍ଞ ଖେଳାଳି ନୋଭାକ ଜୋକୋଭିଚ୍ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ରେ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି। ସ୍ଥାନୀୟ ରଡ୍ ଲାଭେର ଏରିନାରେ ୭,୪୨୬ ଦର୍ଶକଙ୍କ ଉପସ୍ଥିତିରେ ରବିବାର ଅନୁଷ୍ଠିତ ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଜୋକୋଭିଚ୍ ୭-୫, ୬-୨, ୬-୨ ସେଟ୍‌ରେ ଚତୁର୍ଥ ସିଡ୍ ଖେଳାଳି ରୁଷିଆର ଡାନିଲ ମେଡ୍‌ଭେଡେଭଙ୍କୁ ପରାସ୍ତ କରି ରେକର୍ଡ ନବମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ସେଟ୍‌ରେ ମେଡ୍‌ଭେଡେଭଙ୍କଠାରୁ ସାମାନ୍ୟ ଚ୍ୟାଲେଞ୍ଜ ପାଇଥିଲେ ମଧ୍ୟ ବାକି ଦୁଇଟି ସେଟ୍‌କୁ ଅତି ସହଜରେ ସେ ହାତେଇ ନେଇଥିଲେ। ଟୁର୍ନାମେଣ୍ଟରେ ୯ଥର ଫାଇନାଲରେ ପ୍ରବେଶ କରିଥିବା ଜୋକୋଭିଚ୍ ସବୁଥର ବିଜୟୀ ହୋଇ ବାଜି ମାରିଛନ୍ତି। ଏଥିସହ ସେ ମୋଟ ଉପରେ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସୁଇଜରଲାଣ୍ଡର ରୋଜର ଫେଡ୍‌ରର ଓ ସ୍ପେନର ରାଫାଲ ନାଡାଲଙ୍କଠାରୁ ସେ ଆଉ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଦୂରରେ ରହିଛନ୍ତି। ଏଥିସହ ମେଲବୋର୍ନ ପାର୍କରେ ସେ କ୍ରମାଗତ ତୃତୀୟ ଟ୍ରଫି ଜିତିଛନ୍ତି।

୩୩ ବର୍ଷୀୟ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲ ଓ ଫାଇନାଲରେ ୧୮ଥର ଯାକ ବିଜୟୀ ହୋଇ ରେକର୍ଡକୁ ଆହୁରି ଦୃଢ଼ କରିଛନ୍ତି। ମୋଟ ଉପରେ ଦେଖିବାକୁ ଗଲେ ଜୋକୋଭିଚ୍ ଗତ ୧୦ଟି ମେଜର ଟୁର୍ନାମେଣ୍ଟରୁ ୬ଟିରେ ଚାମ୍ପିୟନ ହୋଇଛନ୍ତି। ଜୋକୋଭିଚ୍ ଏଥିସହ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଏଟିପି ର୍ୟାଙ୍କିଙ୍ଗ୍‌ରେ ତାଙ୍କର ଶୀର୍ଷ ସ୍ଥାନକୁ ନିଶ୍ଚିତ କରିଛନ୍ତି। ଏହା ହେଲେ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନରେ ୩୧୧ ସପ୍ତାହ ରହିବେ। ଫଳରେ ସ ଫେଡ୍‌ରରଙ୍କ ରେକର୍ଡକୁ ଭାଙ୍ଗିବେ।

ଅନ୍ୟପଟେ ମେଡ୍‌ଭେଡେଭ ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ ଓ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୧୯ ୟୁଏସ୍ ଓପନ୍ ଫାଇନାଲରେ ନାଡାଲଙ୍କଠାରୁ ପରାସ୍ତ ହୋଇ ରନର୍ସ ଅପ୍ ହୋଇଥିଲେ। ଫଳରେ ତାଙ୍କର ଗ୍ରାଣ୍ଡସ୍ଲାମ ଟାଇଟଲ ଆଶା ଅପୂରଣୀୟ ରହିଛି। ଏଥିସହିତ ମେଡ୍‌ଭେଡେଙ୍କ ବିଜୟ ରଥକୁ ଜୋକୋଭିଚ୍ ଅଟକାଇଛନ୍ତି। ଏହା ପୂର୍ବରୁ ମେଡ୍‌ଭେଡେଭ କ୍ରମାଗତ ୨୦ଟି ମ୍ୟାଚରେ ବିଜୟୀ ହୋଇଥିଲେ। ଏଥିରେ ଟପ୍ ଟେନ୍‌ରେ ସ୍ଥାନିତ ହୋଇଥିବା ଖେଳାଳିଙ୍କୁ ୧୨ଟି ମ୍ୟାଚ୍‌ରେ ପରାସ୍ତ କରିଥିଲେ। କିନ୍ତୁ ଜୋକୋଭିଚ୍‌ଙ୍କ ଫାଇନାଲ ମ୍ୟାଚ୍ ସମ୍ପୂର୍ଣ୍ଣ ପ୍ରକାର ଅଲଗା ରହିଥିଲା। ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲ କିମ୍ବା ଫାଇନାଲରେ ସେ ଫେଡ୍‌ରର, ନାଡାଲ, ଆଣ୍ଡି ମରେ, ଷ୍ଟାନିସ୍ଲାସ ୱାୱରିଙ୍କା, ଡେମିନିକ ଥିମ୍‌ଙ୍କୁ ପୂର୍ବରୁ ହରାଇଛନ୍ତି। ଏମାନେ ସମସ୍ତେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି।

ଏଥିସହ ଜୋକୋଭିଚ୍ ୫ଟି ୱିମ୍ବଲେଡନ, ୩ ୟୁଏସ୍ ଓପନ୍, ଗୋଟିଏ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଛନ୍ତି। ସେ ନାଡାଲଙ୍କଠାରୁ ଗୋଟିଏ ବର୍ଷ ଓ ଫେଡ୍‌ରରଙ୍କଠାରୁ ସାଢେ ୬ ବର୍ଷ ସାନ। ଅଗଷ୍ଟରେ ଫେଡ୍‌ରର ୪୦ ବର୍ଷରେ ପଦାର୍ପଣ କରିବେ। ଆଣ୍ଠୁରେ ୨ଟି ଅସ୍ତ୍ରୋପଚାର କରାଇଥିବାରୁ ଜୋକୋଭିଚ୍ ଟେନିସରୁ ଗୋଟିଏ ବର୍ଷରୁ ଅଧିକ ସମୟ ଦୂରେଇ ରହିଥିଲେ। ସେ କ୍ୟାରିୟରର ୨୮ତମ ମେଜର ଫାଇନାଲ ଖେଳିଥିଲେ। ତେବେ ଫେଡ୍‌ରର ୩୧ଟି ଫାଇନାଲ ଖେଳିଛନ୍ତି। ୩୦ ବର୍ଷ ପରେ ସେ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ନାଡାଲଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଚାମ୍ପିୟନ ହେବା ସହ ଜୋକୋଭିଚ୍ ୨.୭୫ ମିଲିୟନ ଆମେରିକୀୟ ଡଲାର ଅର୍ଥାତ୍ ପାଖାପାଖି ୨୦ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଜିତିଛନ୍ତି। ଉଲ୍ଲେଖଥାଉ କି, ଜୋକୋଭିଚ୍ ଏହା ପୂର୍ବରୁ ସେମିରେ ରୁଷିଆର ଅସଲାନ କାରାଶେଭ, କ୍ୱାର୍ଟର ଫାଇନାଲରେ ଜର୍ମାନୀର ଆଲେକଜାଣ୍ଡର ଜେଭରଭ, ଚତୁର୍ଥ ରାଉଣ୍ଡରେ ୧୪ତମ ସିଡ୍ କାନାଡାର ମିଲୋନ ରାଓନିକଙ୍କୁ ପରାସ୍ତ କରିଥିଲେ।



ଟ୍ରଫି ସହ ନୋଭାକ ଜୋକୋଭିଚ୍।

# ସହିଦ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜର୍ସି ଉନ୍ମୋଚିତ




ବିଭିନ୍ନ ଦଳର ଅଧିନାୟକମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୨୮ ତାରିଖରେ ଜୟଦେବ ବିହାର ଏନ୍-୬ ପଡିଆରେ 'ସହିଦ କପ୍' କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ମିଡିଆ, ଅଭିନେତା, ରାଜନେତା ଏବଂ ସଚିବାଳୟ ଅଧିକାରୀ ଟିମ୍ ଅଂଶଗ୍ରହଣ କରିବେ। ଭାଇଚାରାର ବାର୍ତ୍ତା ନେଇ ଏହି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକ ଶହୀଦ ଭଗତ ସିଂ ଯୁବ ପରିଷଦ ସଭାପତି ରଶ୍ମିରଞ୍ଜନ କାନୁନଗୋ ଓ ସମ୍ପାଦକ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି । କରୋନା ମହାମାରୀ ସମୟରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଆଗାମୀ ପ୍ରତିଯୋଗିତା ପାଇଁ ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ଅଧିନାୟକ ରମେଶ ବାରିକ, ମିଡିଆ ଟିମ୍‌ର ଦେବାଶିଷ ସୁନ୍ଦରାୟ, ରାଜନେତା ଦଳର ବାସୁଦେବ ଭଞ୍ଜ ଓ ସଚିବାଳୟ ଟିମ୍‌ର ଅମରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଜର୍ସି ଉନ୍ମୋଚନ କରିଥିଲେ। ପରିଷଦର ଅନ୍ୟାନ୍ୟ ସଦସ୍ୟ ଆଲୋକ ନନ୍ଦ, ଦିବ୍ୟଜ୍ୟୋତି କର, ସିଦ୍ଧିକ ଖାନ୍, ଯଯାତି ମିଶ୍ର, ଶ୍ରୀକାନ୍ତ ଦାଶ, ପୁଣ୍ୟଶ୍ଳୋକ ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ବଟକୃଷ୍ଣ ରାଉତ, ପ୍ରଣୟ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଜରଙ୍ଗୀ ପାୱାର୍ସ ଚାମ୍ପିୟନ



ଚାମ୍ପିୟନ ବଜରଙ୍ଗୀ ପାୱାର୍ସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

ପୁରୁଣା ଭୁବନେଶ୍ୱର, ୨୧।୨ (ଡି.ଏନ.ଏ.)

ଇଟିପୁର ଖେଳପଡ଼ିଆରେ ଚାଲିଥିବା ଇଟିପୁର ପ୍ରିମିୟର ଲିଗ୍‌ର ଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମେଶ୍ୱର ଫାଇଟର୍ସଙ୍କୁ ୧୪ରନରେ ହରାଇ ବଜରଙ୍ଗୀ ପାୱାର୍ସ ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବଜରଙ୍ଗୀ ଦଳ ୭ ଓଭରରେ ୫ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ ପଶ୍ଚିମେଶ୍ୱର ଦଳ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୭୨ରନ କରି ପରାଜିତ ହୋଇଥିଲା। ବିଜୟୀ ଦଳର ସୁଶାନ୍ତ ବରାଳ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହିପରି ମଳୟ ସାହୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଅକ୍ଷୟ ସ୍ୱାଇଁ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଛାତ୍ରନେତା ରଣଜିତ ମହାପାତ୍ର, ଅଜିତ ବେହେରା ଓ ସିନେ କଳାକାର ନୂପୁର ମହାପାତ୍ର, ହାସ୍ୟାଭିନେତା ପୂର୍ଣ୍ଣଚନ୍ଦ୍ର ହିଷ୍ଟ୍ରିୟା, ରୁଦ୍ର ସାମନ୍ତରାୟ ଓ ସାମାଜିକ କର୍ମୀ ଅକ୍ଷୟ ବରାଳ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଡୋଡିଗ୍-ପୋଲାସେକ ବିଜେତା

ମେଲବୋର୍ନ,୨୧।୨(ଏପି)

ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ଡବଲ୍ସ ମୁକାବିଲାରେ କ୍ରୋଏସିଆର ଇଭାନ ଡୋଡିଗ ଓ ସ୍ଲୋଭାକିଆର ଫିଲିପ୍ ପୋଲାସେକ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ନବମ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୬-୩, ୬-୪ ସେଟ୍‌ରେ ପଞ୍ଚମ ସିଡ୍ ମାନ୍ୟତା ପାଇଥିବା ଆମେରିକାର ରାଜୀବ ରାମ ଓ ୟୁନାଇଟେଡ କିଙ୍ଗଡମ୍‌ର ଜୋଏ ସାଲିସ୍‌ବୁରୀଙ୍କୁ ଅତି ସହଜରେ ହରାଇ ଟାଇଟଲ ଜିତିଛନ୍ତି।

ଏକ କନ୍ୟା ସନ୍ତାନର ପିତା ହେବାର ଠିକ୍ ଗୋଟିଏ ଦିନ ପରେ ୩୫ ବର୍ଷୀୟ ପୋଲସେକ ଏହି ସଫଳତା ପାଇଛନ୍ତି। ବାମ ଗୋଡରେ ଇଞ୍ଜୁରି କାରଣରୁ ପୋଲସେକ ୨୦୧୩ରେ ଅବସର ଗ୍ରହଣ କରିଥିଲେ ଓ ୫ବର୍ଷ ଖେଳରୁ ଦୂରେଇ ରହିବା ପରେ ଜୁନିୟର ଖେଳାଳିଙ୍କୁ କୋଚିଂ ଦେଇଥିଲେ। ତେବେ ସେ ୨୦୧୮ରେ ପ୍ରତ୍ୟାବର୍ତ୍ତନ କରିଥିଲେ।

# ପିଙ୍କ୍ ବଲ୍‌ରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

ଅହମଦାବାଦ,୨୧।୨(ପି.ଟି.)



ଅଭ୍ୟାସ ଅବସରରେ ଭାରତୀୟ ଦଳର ଖେଳାଳିମାନେ।

ସୁସଜ୍ଜିତ ମୋଟେରା ଷ୍ଟାଡିୟମରେ ବୁଧବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବା ଦିବାରାତ୍ରି ଭିତ୍ତିକ ଏହି ଟେଷ୍ଟ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିବ। ରବିବାର ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ନେଟ୍ ସେସନରେ ବେଶ୍ ଝାଳ ବୁହାଇଛନ୍ତି। ପିଙ୍କ୍ ବଲ୍ ସହିତ ଅଭ୍ୟସ୍ତ ହେବା ପାଇଁ ଖେଳାଳିମାନେ ନେଟ୍ସରେ ପରିଶ୍ରମ କରିଛନ୍ତି। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ଏବେ ୧-୧ ସମାନସ୍ତରରେ ରହିଛି। ଚେନ୍ନାଇରେ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ୨୨୭ ରନରେ ବିଜୟୀ ହୋଇଥିବା ବେଳେ ଭାରତ ସମାନ ଭେନ୍ୟୁରେ ଦ୍ୱିତୀୟ ଟେଷ୍ଟରେ ବୃହତ୍ ୩୧୭ ରନରେ ବିଜୟୀ ହୋଇଥିଲା। ସେହିପରି ତୃତୀୟ ଟେଷ୍ଟରେ ବିଜୟୀ ହେବା ପାଇଁ ଭାରତୀୟ ଖେଳାଳିମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଖେଳାଳିମାନେ ଷ୍ଟ୍ରେଚିଂ ଏକ୍ସରସାଇଜ୍, ଫିଲ୍ଡିଂ ଡ୍ରିଲ୍ସ କରିବାପରେ ନେଟ୍ସରେ ବ୍ୟାଟିଂ କରିଥିଲେ। ବିଶ୍ୱର ଏହି ସର୍ବବୃହତ ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ଏକ ଲକ୍ଷ ୧୦ ହଜାର ଦର୍ଶକ ମ୍ୟାଚ୍ ଉପଭୋଗ କରିପାରିବେ।

କୋହଲିଙ୍କ ସମେତ ଉପଅଧିନାୟକ ଅଜିଙ୍କ୍ୟ ରାହାନେ, ଓପନର ରୋହିତ ଶର୍ମା, ତାରକା ୱିକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ନେଟ୍ସରେ ବ୍ୟାଟିଂ କରିଥିଲେ ଓ ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଏମାନଙ୍କୁ ପ୍ରଖର ସୂର୍ଯ୍ୟାଲୋକରେ ବୋଲିଂ କରିଥିଲେ। ବୁମରା ଦ୍ୱିତୀୟ ଟେଷ୍ଟ ଖେଳିପାରି ନ ଥିଲେ। ଫଳରେ ସେ ଏହି ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିବେ। ସେହିପରି ଅଭିଜ୍ଞ ଈଶାନ୍ତ ଶର୍ମା ୧୦୦ତମ ଟେଷ୍ଟ ଖେଳିବାର ନିକଟବର୍ତ୍ତୀ ହୋଇଛନ୍ତି। ସେ ମଧ୍ୟ ଅଭ୍ୟାସ କରୁଥିବାର ଦେଖାଯାଇଥିଲା।

ପ୍ରଥମ ଦୁଇଟି ଟେଷ୍ଟରେ ସ୍ପିନରମାନେ ବେଶ୍ ସଫଳ ହୋଇଥିଲେ। ତେବେ କୋଲକାତାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପିଙ୍କବଲ୍ ଟେଷ୍ଟରେ ଭାରତୀୟ ଦ୍ରୁତ ବୋଲରମାନେ ସବୁ ୨୦ଟି ଯାକ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇଥିଲେ। ସେହିପରି ଓପନର ଶୁବମନ ଗିଲ୍ ଓ ମୟଙ୍କ ଅଗ୍ରୱାଲ ମଧ୍ୟ ନେଟ୍ସରେ ବ୍ୟାଟିଂ କରିଥିଲେ। ସେହିପରି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ ଓ କୁଲଦୀପ ଯାଦବ ମଧ୍ୟ ବୋଲିଂ କରିଥିଲେ। ଭାରତ ଓ ଇଂଲଣ୍ଡ ଉଭୟ ପୂରାଦମ୍‌ରେ ଅଭ୍ୟାସ ଆରମ୍ଭ କରିଛନ୍ତି। ଦୁଇ ଦଳର ଖେଳାଳିମାନେ ଷ୍ଟାଡିୟମ ବୁଲି ଦେଖିଥିଲେ ଓ ଡ୍ରେସିଂ ରୁମ୍ ସହିତ ଜିମ୍ ମଧ୍ୟ ଜଡିତ ହୋଇ ରହିଛି। ଷ୍ଟାଡିୟମ ଉଦ୍‌ଘାଟନ କରିବା ପରେ ଅଧ୍ୟକ୍ଷ ରାମନାଥ କୋଭିନ୍ଦ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମ୍ୟାଚ୍ ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହି ଷ୍ଟାଡିୟମରେ ଉପଲବ୍ଧ ସୁବିଧା ସୁଯୋଗ ତଥା ଭିତ୍ତିଭୂମିକୁ ସବୁ କ୍ରିକେଟରମାନେ ପ୍ରଶଂସା କରିଛନ୍ତି। କ୍ରିକେଟରମାନଙ୍କ ଏହି ଟ୍ରେନିଂ ଭିଡିଓକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଭିନ୍ନ ସୋସିଆଲ ମିଡିଆରେ ସେୟାର କରିଛି।

# ଭାରତକୁ ଆଉ ୨ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୧।୨ (ପି.ଟି.)

ମଣ୍ଟେନେଗ୍ରୋର ବୁଦ୍‌ଭାଠାରେ ଚାଲିଥିବା ୩୦ତମ ଆଡ୍ରିଆଟିକ୍ ପର୍ଲ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ବକ୍ସରମାନେ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ବିନ୍‌କା (୬୦କେଜି) ଓ ଟି. ସାନାମାଚା ଚାନୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଦୁଇ ସ୍ୱର୍ଣ୍ଣ ବ୍ୟତୀତ ସେମାନେ ୨ ରୌପ୍ୟ ଓ ଆହୁରି ୩ ବ୍ରୋଞ୍ଜ ଜିତିଛନ୍ତି। ପୂର୍ବରୁ ଅଲ୍‌ଫିୟା ପଠାନ (୮୧କେଜି+) ବର୍ଗରେ ଏକ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ରୋହତକର ବିନ୍‌କା ମଲ୍‌ଡୋଭାର କ୍ରିଷ୍ଟିନା କିପରଙ୍କୁ ୫-୦ରେ ହରାଇ ଦେଇଛନ୍ତି। ସେହିପରି ୭୫କେଜି କାଟେଗୋରିରେ ଦୁଇ ଭାରତୀୟଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ମଣିପୁର ବାଳିକା ସାନାମାଚା ୫-୦ରେ ରାଜ ସାହିବାଙ୍କୁ ପରାସ୍ତ କରିଥିଲେ। ମହିଳା ଇଭେଣ୍ଟର ଆଉ ଏକ ରୌପ୍ୟ ଗୀତିକା ଜିତିଥିଲେ। ୪୮କେଜି ଶ୍ରେଣୀ ଫାଇନାଲରେ ସେ ଉଜ୍‌ବେକିସ୍ତାନର ଫାର୍ଜୋନା ଫୋଜିଲୋଭାଙ୍କଠାରୁ ୧-୪ରେ ପରାଜିତ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳର ପ୍ରିୟାଂଶୁ ଦାବାସ (୪୯କେଜି) ଓ ଜୁଗ୍‌ନୁ ଗୋଟିଏ ଲେଖାଏ ବ୍ରୋଞ୍ଜ ପାଇଥିଲେ। ଉଭୟ ବକ୍ସର ସେମାନଙ୍କ ସେମିଫାଇନାଲ ବାଉଟ୍ ହାରିଯାଇଥିଲେ। ପ୍ରିୟାଂଶୁ ଉଜ୍‌ବେକିସ୍ତାନର ଇସ୍‌ଜୋନୋଭ ଇବ୍ରୋକ୍‌ହିମ୍‌ଙ୍କଠାରୁ ୨-୩ରେ ପରାସ୍ତ ହୋଇଥିବାବେଳେ ୯୧+ କେଜି ଶ୍ରେଣୀରେ ଜୁଗ୍‌ନୁ ୟୁକ୍ରେନର ଭାସିଲ ଟିକାଚୁକ୍‌ଙ୍କଠାରୁ ୦-୫ରେ ପରାଜିତ ହୋଇଯାଇଥିଲେ। ୬୪କେଜି ମହିଳା ସେମିଫାଇନାଲରେ ଲକି ରାଣା ଉଜ୍‌ବେକିସ୍ତାନର ଗୁଲ୍‌ସୋଦା ଇସ୍ତାମୋଭାଙ୍କ ବିପକ୍ଷ ବାଉଟ ୩-୦ରେ ବିଜୟୀ ହୋଇଛନ୍ତି।

# ଦେବେନ୍ଦ୍ର, ସମ୍‌ସାଦ ପ୍ରଥମ

ଭୁବନେଶ୍ୱର,୨୧।୨(ସ୍ପୋର୍ଟ୍ସ ବ୍ୟୁରୋ)

ରବିବାର ସକାଳେ ଶିଖରଚଣ୍ଡୀ ଛକଠାରେ କଳିଙ୍ଗ ରନର୍ସ ଆନୁକୂଲ୍ୟରେ କ୍ଲବ ରନ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା କରାଯିବା ସହ ଏହି ମାରାଥନ ସଫଳତାର ସହ ଆୟୋଜିତ ହୋଇଛି। ଏଥିରେ ୨୧, ୧୦ ଓ ୫ କିଲୋମିଟର ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ଜଣରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୭ରୁ ୭୦ ବର୍ଷ ପର୍ଯ୍ୟନ୍ତ ସମାଜର ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ୨୧ କି.ମି. ପୁରୁଷ ବର୍ଗରେ ଦେବେନ୍ଦ୍ର ହୋତା ପ୍ରଥମ, ତାରିଣୀ ସେଠୀ ଦ୍ୱିତୀୟ ଓ ପ୍ରିୟରଞ୍ଜନ ପାଲ୍‌ଟା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ।

୨୧ କି.ମି. ମହିଳା ବର୍ଗରେ ସମ୍‌ସାଦ ଆରା ବେଗମ ପ୍ରଥମ ହୋଇଥିଲେ। ୧୦ କି.ମି. ପୁରୁଷ ବର୍ଗରେ ଶୁଭମ ବେହେରା ପ୍ରଥମ, ସୌରଭ କୁମାର ବଡୁ ଦ୍ୱିତୀୟ, ବିଶାଲ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୫ କି.ମି. ବର୍ଗରେ ୭ ବର୍ଷୀୟା ବାଳିକା ଓସିନ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୭ ବର୍ଷର ବାଳକ ଆୟୁଷ୍ମାନ ପାଲ୍‌ଟା ସିଂ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଦୌଡ଼ ଶେଷ କରିଥିବା ରନରଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମସ୍ତଙ୍କ ମନବଳ ବଢାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। କଳିଙ୍ଗ ରନର୍ସର ଆର୍ଥିକ ଅନଗ୍ରସର ଖେଳାଳିଙ୍କୁ ଯୋତା ପ୍ରଦାନ କରାଯାଇଥିଲା।




କ୍ଲବ ରନ ମାରାଥନରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ।

# ସଂଘର୍ଷ କ୍ଲବ ଭୁବନେଶ୍ୱର ଚାମ୍ପିୟନ

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ସଜନାଗଡ, ୨୧।୨ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ସ୍ୱର୍ଣ୍ଣଚୂଡ଼ ଫୁଟବଲ ଆସୋସିଏଶନ ପକ୍ଷରୁ ନୀଳଗିରି ମିନି ଷ୍ଟାଡ଼ିୟମ୍ ପରିସରରେ ୮ଟି ଟିମ୍‌କୁ ନେଇ ରାଜ୍ୟସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ଓ ଭୁବନେଶ୍ୱର ସଂଘର୍ଷ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଫାଇନାଲକୁ ଭୁବନେଶ୍ୱର ଯାଇଥିଲା। ଦ୍ୱିତୀୟ ସେମିରେ କୋନକର ରେଲୱେ ବାଲେଶ୍ୱର ଓ ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର କୋନକର ରେଲୱେ ଫାଇନାଲକୁ ଯାଇଥିଲା। ଫାଇନାଲ ମ୍ୟାଚ ସଂଘର୍ଷ କ୍ଲବ ଭୁବନେଶ୍ୱର ଓ କୋନକର ରେଲୱେ, ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ କ୍ଲବ ଭୁବନେଶ୍ୱର ଟିମ୍ ୧-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି।

ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଚାମ୍ପିୟନ ଟିମ୍‌କୁ ୩୦ହଜାର ଟଙ୍କା ଓ ରନର୍ସଅପ ଟିମ୍‌କୁ ୨୦ହଜାର ଟଙ୍କା ସହ କପ୍ ପ୍ରଦାନ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ପଡ଼ିଆକୁ ଯାଇ ଖେଳାଳୀଙ୍କ ସହ କରମର୍ଦ୍ଦନ କରି ଖେଳୁଆଡ଼ ମନୋବୃତ୍ତି ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ରାଧାଗୋବିନ୍ଦ ଖଟୁଆ, ସବ୍ୟସାଚୀ ମହାପାତ୍ର, ଯୁବ ବିଜୁ ଜନତା ଦଳର ଜିଲା ସଭାପତି ତାପସ କୁମାର ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଟୁର୍ନାମେଣ୍ଟକୁ ଜ୍ୟୋତିରଞ୍ଜନ ସ୍ୱାଇଁ, ଆନ୍ଦ୍ରୀୟ ଆସ କଣ୍ଡୁଲନା, ତୋଫାନ ସିଂ, ପ୍ରୀତମ କୁମାର ମାଝି ଓ ସୀରୁ ସରେନ ପରିଚାଳନା କରିଥିଲେ । ସ୍ୱର୍ଣ୍ଣଚୂଡ଼ ଫୁଟବଲ ଆସୋସିଏଶନ ସଭାପତି ନଟୁ ସରକାର, ସମ୍ପାଦକ କାବୁଲି ବିଶ୍ୱାଳ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପାତ୍ରଙ୍କ ସମେତ ସଭ୍ୟ ଜଟିଆ ସିଂ, ଅଚ୍ୟୁତ ପ୍ରଧାନ, ରବୀନ୍ଦ୍ର ମହଲ, ମଙ୍ଗଳ ବେହେରା, କାର୍ତ୍ତିକ ବିଶ୍ୱାଳ, ଟିଟୁ ନନ୍ଦ, ଛୁଟା ପୋଇ, କାହ୍ନୁ ପରିଡ଼ା, ପିଣ୍ଟୁ ପରିଚ୍ଛା, କୁଲୁ ପରିଡ଼ା, ନୀଲୁ ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବଲ୍ ମାରି ଫାଇନାଲ ମ୍ୟାଚ୍‌ର ଶୁଭାରମ୍ଭ କରୁଛନ୍ତି।



ବଲିଉଡ ନାୟିକା କିୟାରା ଆଡଭାନୀ ସୋସିଆଲ ମିଡିଆରେ ଖୁବ ଆକ୍ଟିଭ । ନିକଟରେ ସେ ତାଙ୍କ ଅଫିସିୟାଲ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଫଟୋଶୁଟ୍‌ର ଭିଡିଓ ଅପ୍‌ଲୋଡ କରିଛନ୍ତ, ଯେଉଁଥିରେ ତାଙ୍କ ଅନ୍ଦାଜ ଦେଖିବା ଭଳି ହୋଇଛି । ବ୍ଲାକ ଡ୍ରେସରେ ସେ ଯେଉଁ ଫଟୋ ଶୁଟ୍ କରିଛନ୍ତି ତାହା ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି । କେବଳ ସେତିକି ନୁହେଁ କ୍ୟାମେରା ସାମ୍ନାରେ ତାଙ୍କର ଏକ୍ସପ୍ରେଶନ ବି ଦେଖିବା ଭଳି ଲାଗୁଛି । କିୟାରା ଶେୟାର କରିଥିବା ଭିଡିଓକୁ ୨୧ ଲକ୍ଷରୁ ଅଧିକ ଭ୍ୟୁଜ୍ ମିଳିଲାଣି । କିୟାରାଙ୍କ ଅଗାମୀ ଫିଲ୍ମ ଶେରସାହା ହୋଇଥିବା ବେଳେ ଏଥିରେ ତାଙ୍କ ଅପୋଜିଟରେ ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଦେଖିବାକୁ ମିଳିବ ।

# ଚାଇନାରେ କନ୍ୟା ଚିନ୍ତା

**ଜନସଂଖ୍ୟାରେ ସର୍ବବୃହତ୍। ବୈଷୟିକ ଜ୍ଞାନ କୌଶଳରେ ଆଗୁଆ। ଆର୍ଥିକସ୍ତରରେ ସମୃଦ୍ଧ। ଏହା ସତ୍ତ୍ୱେ ଚାଇନାର ଯୁବକମାନଙ୍କୁ ମିଳୁନାହାନ୍ତି ମନଲାଖି କନ୍ୟା। ଏହା ପଛରେ ରହିଛି ଲିଙ୍ଗଗତ ଅସମାନତା। ବିବାହଯୋଗ୍ୟ ଯୁବକଙ୍କ ବୟସ ଗଡ଼ିଯାଉଥିବାବେଳେ ସେମାନଙ୍କୁ ଘାରିଛି ଅବାଡୁଅ ରହିଯିବାର ଭୟ। ଏଥିଲାଗି କାମ୍ବୋଡିଆ ଏବଂ ପାକ୍ ଯୁବତୀଙ୍କ ଉପରେ ଆଖି ପକାଇଛି ଏହି କମ୍ୟୁନିଷ୍ଟ ଦେଶ। କେବଳ ଏତିକି ନୁହେଁ, ବେଲୋଚ୍ ଦଲାଲଙ୍କ ସହାୟତାରେ କମ୍ ବୟସର ଯୁବତୀଙ୍କ ତସ୍କରୀ କରାଯାଉଛି, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶ୍ୱ ସମୁଦାୟ।**



## ଟାର୍ଗେଟ୍‌ରେ କାମ୍ବୋଡ଼ିଆ, ପାକ୍ ଯୁବତୀ

**ନୂଆଦିଲ୍ଲୀ:** କରୋନା ମହାମାରୀରେ ପ୍ରାୟ ସବୁ ଦେଶ ପ୍ରଭାବିତ ହୋଇଥିବାବେଳେ ଏଥିରୁ ବାଦ୍ ପଡ଼ିନି ଚାଇନା। ଆର୍ଥିକ ମାନ୍ଦାବସ୍ଥା ଭିତରେ ମାନବ ତସ୍କରୀ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। କାମ୍ବୋଡିଆ ଭଳି ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭରଶୀଳ ଦେଶଗୁଡ଼ିକର ସମସ୍ୟା ବଢ଼ିଯାଇଛି। ସମସ୍ୟାରୁ ମୁକୁଳିବାକୁ ସେମାନେ ନିଜ ଦେଶର ଯୁବତୀଙ୍କୁ ପଣ୍ୟଦ୍ରବ୍ୟ ଭାବେ ବିକ୍ରି କରୁଛନ୍ତି, ଯାହାର ଫାଇଦା ନେଉଛି ଚାଇନା। ସାମ୍ରାଜ୍ୟବାଦୀ ବିସ୍ତାର ନୀତିକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ଏହି ଦେଶ ନିଜ ଦେଶର ଯୁବକଙ୍କୁ ଖୁସି କରିବା ପାଇଁ ଏବେ ଏଭଳି ଯୁବତୀ ଚାଲାଣକୁ ପ୍ରୋତ୍ସାହିତ କରିବା ଆରମ୍ଭ କରିଦେଇଛି।

'ଏକ ସନ୍ତାନ ନୀତି'ର ଫାଇଦା ଯଦିଓ ଚାଇନାକୁ ମିଳିଛି, ତଥାପି ଏହାଦ୍ୱାରା ବିଗିଡ଼ି ଯାଇଛି ଲିଙ୍ଗଭିତ୍ତିକ ସନ୍ତୁଳନ। ଚାଇନାରେ ମଧ ଭାରତ ଭଳି ପୁରୁଣା ମାନସିକତାର ଲକ୍ଷାଧିକ ପରିବାର ଅଛନ୍ତି। ସେମାନେ ପୁତ୍ର ସନ୍ତାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ୨୦୧୬ରେ ଏଭଳି ନୀତିରେ କୋହଳ କରାଯାଇଥିଲା। ହେଲେ ସେତେବେଳକୁ ଅସ୍ୱାଭାବିକ ଭାବେ ବଢ଼ିଯାଇଥିଲା ଝିଅ–ପୁଅଙ୍କ ସଂଖ୍ୟାଗତ ତାରତମ୍ୟ। ଏବେ ଚାଇନାର ବିବାହଯୋଗ୍ୟ ପୁଅ ମନପସନ୍ଦର କନ୍ୟା ଖୋଜିବାକୁ ଯାଇ ନୟାନ୍ତ ହେଉଛନ୍ତି। ଫୁଡାନ୍ ବିଶ୍ୱବିଦ୍ୟାଳୟର ଚାଇନିଜ୍ ଅର୍ଥନୀତିଜ୍ଞ ୟୀ କ୍ୱାଙ୍ଗ୍ ଏନ୍‌ଜି କହିଛନ୍ତି, ଏବେ ଚାଇନାରେ ଲିଙ୍ଗଗତ ଅସମାନତା ଅତିମାତ୍ରାରେ ବୃଦ୍ଧି ପାଇଛି। ୧୧୭ ପୁଅରେ ଝିଅ ସଂଖ୍ୟା ମାତ୍ର ୧୦୦। ଏଭଳିସ୍ଥିତିରେ ବିବାହଯୋଗ୍ୟ ପୁଅଙ୍କୁ ଝିଅ ମିଳୁନାହାନ୍ତି। ତେଣୁ ଇଚ୍ଛା ଥାଇ ବି ସେମାନେ ବିବାହ କରିପାରୁନାହାନ୍ତି। ଏବେ ଆର୍ଥିକସ୍ତରରେ ଦୁର୍ବଳ ଦେଶଗୁଡ଼ିକରୁ ଚାଇନାକୁ ଯୁବତୀ ଚାଲାଣ ବଢ଼ିବାରେ ଲାଗିଛି। ଏଥିରେ କାମ୍ବୋଡ଼ିଆର ନାମ ସବୁଠୁ ଆଗରେ ରହିଛି।

## ସ୍ତ୍ରୀ ନୁହେଁ, ଯୌନଦାସୀ

ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତଦଶନ୍ଧି ମଧ୍ୟରେ ଚାଇନାକୁ ହଜାର ହଜାର ସଂଖ୍ୟାରେ କମ ବୟସର ଯୁବତୀ ଚାଲାଣ ହୋଇଛନ୍ତି। ମାନବଚାଲାଣ ରୋକିବା ଦିଗରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା 'ଟାବ୍ ଦାଇ'ର ପ୍ରୋଗ୍ରାମ ମ୍ୟାନେଜର ଚେନ୍ ସରାନ୍ କୁହନ୍ତି, କରୋନା ମହାମାରୀରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ପର୍ଯ୍ୟଟନ ଏବଂ ଗାର୍ମେଣ୍ଟ ଉଦ୍ୟୋଗ। ଏହା ଉପରେ ନିର୍ଭର କରି ଚଳୁଥିବା ଦେଶର ଲୋକେ ନିଯୁକ୍ତି ହରାଇଛନ୍ତି। ମୁଖ୍ୟତଃ ଏହି ଦୁଇ କ୍ଷେତ୍ରରେ ସଂଖ୍ୟାଧିକ ଯୁବତୀ କାମ କରୁଥିବାବେଳେ ସେମାନେ ଅତିମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଜୀବନ ବଞ୍ଚାଇବା ଲାଗି ଟଙ୍କା ନିହାତି ଆବଶ୍ୟକ ଥିବାବେଳେ ବେଲୋଚ୍ ଦଲାଲମାନେ ସେମାନଙ୍କୁ ପ୍ରଲୋଭିତ କରି ଚାଇନା ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। କାମ୍ବୋଡିଆରୁ ଚାଇନା ଚାଲାଣ କରାଯାଉଥିବା ଯୁବତୀଙ୍କ ବୟସ ୧୪ରୁ ୨୦ ବର୍ଷ ଭିତରେ। ତେବେ ଚାଇନା ମାଟିରେ ପାଦ ରଖିବା ପରେ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡୁଛି। ସେମାନଙ୍କୁ ବିବାହ କରୁଥିବା ବ୍ୟକ୍ତି ସ୍ତ୍ରୀ ମର୍ଯ୍ୟାଦା ଦେବା ପରିବର୍ତ୍ତେ ଯୌନଦାସୀ କରି ରଖୁଛନ୍ତି। ପେଟ ପୂରା ଖାଇବାକୁ ମିଳେନି। ଅସୁସ୍ଥ ହେଲେ ମରଣମୁହଁରେ ଛାଡ଼ି ଦିଆଯାଏ। ଚାଇନାରୁ ଖସି ପଳାଇ ଆସିଥିବା ଅନେକ ଯୁବତୀ ଏଭଳି ଯନ୍ତ୍ରଣାମୟ କାହାଣୀ ବଖାଣିବାପରେ ଏହାକୁ ନେଇ ଉଠିଛି ବିରୋଧାଭାସ।

## କରୋନା ସମୟରେ ଦୁଇଗୁଣା ଚାଲାଣ

କାମ୍ବୋଡ଼ିଆରୁ ହେଉଥିବା ଯୁବତୀ ଚାଲାଣ ସମ୍ପର୍କରେ ଥମ୍‌ସନ ରୟଟର୍ସ ଫାଉଣ୍ଡେଶନ ପକ୍ଷରୁ ଯେଉଁ ତଥ୍ୟ ଦିଆଯାଉଛି, ତାହା ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟ କରିବା ଭଳି। ସଂସ୍ଥା ପକ୍ଷରୁ କୁହାଯାଇଛି, ଯୁବତୀ ଚାଲାଣ ରୋକିବା କଷ୍ଟକର ହୋଇଗଲାଣି। କାରଣ ଝିଅମାନଙ୍କ ରକ୍ତ ସମ୍ପର୍କୀୟ ହିଁ ଟଙ୍କା ବଦଳରେ ଏଭଳି ବେଆଇନ କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିରେ ବେଲୋଚଙ୍କ ପ୍ରଚ୍ଛନ୍ନ ହାତ ରହିଛି। ଉଭୟ ଚାଇନା ଏବଂ କାମ୍ବୋଡ଼ିଆର ଜୀବନଶୈଳୀ ସହିତ ଅଭ୍ୟସ୍ତ ବେଲୋଚ୍ ଦଲାଲମାନେ ଗରିବ ଶ୍ରେଣୀର ଯୁବତୀଙ୍କୁ ଟାର୍ଗେଟ୍ କରୁଛନ୍ତି। କାମ୍ବୋଡ଼ିଆରୁ ଚାଇନାକୁ ଯୁବତୀ ଚାଲାଣ ଭିନ୍ନ ଭିନ୍ନ ରାସ୍ତାରେ ହୋଇଥାଏ। ଫଳରେ ଏହା ସରକାର କିମ୍ବା ସ୍ୱେଚ୍ଛାସେବୀ ସଙ୍ଗଠନ ନଜରକୁ ଆସୁନାହିଁ। ଭିଏତନାମ ଦେଇ ଏବେ ଚାଇନାକୁ ଯୁବତୀ ଚାଲାଣ ର୍‍ୟାକେଟ ସକ୍ରିୟ ହୋଇଛି। କରୋନାରେ ସୀମା ବନ୍ଦ ପରେ ଏହି ସଂଖ୍ୟା କମିବା ପରିବର୍ତ୍ତେ ଦୁଇଗୁଣା ବଢ଼ିଛି। କେବଳ କାମ୍ବୋଡ଼ିଆ ନୁହେଁ, ପାକିସ୍ତାନରୁ ମଧ ସଂଖ୍ୟାଲଘୁ ଦଳିତ ସମ୍ପ୍ରଦାୟର ଯୁବତୀଙ୍କୁ ଚାଇନାରେ ବିକ୍ରି କରିଦିଆଯାଉଛି। ଅଙ୍ଗ ଚାଲାଣ ମଧ ହେଉଛି। ୨୦୧୯ରେ ଏହି ଘଟଣା ପଦାକୁ ଆସିଥିଲା। ବିଶେଷ କରି ହିଂସାଗ୍ରସ୍ତ ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ଏଭଳି ଅମାନବୀୟ ଘଟଣା ବଢ଼ିବାରେ ଲାଗିଛି।

## ଥ୍ରୀ ଇଡିଏଟ୍‌ସ ଚିନ୍ତାଧାରାରେ ସେନା ଟେଣ୍ଟ

**ନୂଆଦିଲ୍ଲୀ:** ଲଦାଖର ଗଲୱାନ ଭ୍ୟାଲିରୁ କିଛି ଭଲ ଫଟୋ ଏବେ ସ୍ୱାକୁ ଆସିଛି। ଏଥିରେ ସମାଜସେବୀ ସୋନମ ୱାଂଗଚୁକ୍ ସେନା ଯବାନଙ୍କ ପାଇଁ ଏମିତି ଏକ ଟେଣ୍ଟ ତିଆରି କରିଛନ୍ତି ଯେଉଁଥିରେ ସବୁବେଳେ ତାପମାତ୍ରା ୧୫–୨୦ ଡିଗ୍ରୀ ମଧ୍ୟରେ ରହିବ । ବାହାରେ ତାପମାତ୍ରା ମାଇନ୍‌ସ ୨୦ ଥିଲେ ମଧ ଏହି ଟେଣ୍ଟ ଭିତରେ ଏହା ୧୫–୨୦ ଡିଗ୍ରୀ ମଧ୍ୟରେ ରହିବ ବୋଲି ସେ କହିଛନ୍ତି । ୧୨ ହଜାର ଫୁଟ ଉପରେ ଗଲୱାନ ଭ୍ୟାଲି ସେହି ସ୍ଥାନ ଯେଉଁଠି ଗତବର୍ଷ ଜୁନରେ ଭାରତ–ଚାଇନା ସେନାଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ଏହା ଲଦାଖର ଏପରି ଏକ ସ୍ଥାନ ଯେଉଁଠି ଶୀତ ସମୟରେ ତାପମାତ୍ରା ଏତେ କମ୍ ଥାଏ ଯେ ରକ୍ତ ଜମାଟ ବାନ୍ଧିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ଏହାରି ଭିତରେ ବି ଜୀବନକୁ ବାଜି ଲଗାଇ ଦେଶ ମାତୃକାର ସେବାରେ ନିୟମିତ ନିଜକୁ ନିୟୋଜିତ କରିଥାଆନ୍ତି ଦେଶର ବୀର ଯବାନ। ଏବେ ଏମାନଙ୍କ ସମସ୍ୟାର ସମାଧାନ କରିବାକୁ ସମାଜସେବୀ ସୋନମ ୱାଂଗଚୁକଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ ନିଶ୍ଚିତ। ବଲିଉଡ୍‌ର ବହୁଚର୍ଚ୍ଚିତ ଫିଲ୍ମ 'ଥ୍ରୀ ଇଡିଏଟ୍‌ସ' ବି ସୋନମଙ୍କ ଆଇଡିଆରୁ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ଏବେ ତିଆରି କରିଥିବା ଟେଣ୍ଟର ନାଁ 'ସୋଲାର ହିଟେଡ ମିଲିଟ୍ରି ଟେଣ୍ଟ' ନାମ ଦେଇଛନ୍ତି ସୋନମ । ସେ ତାଙ୍କ ଟୁଇଟର ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସୋନମ ୱାଂଗଚୁକ ନିଜ କ୍ରିଏଟିଭିଟି ପାଇଁ ବେଶ୍ ଜଣାଶୁଣା । ଏବେ ତାଙ୍କର ଏହି ମିଲିଟ୍ରି ଟେଣ୍ଟ ମଧ ଆସିଛି ଚର୍ଚ୍ଚାକୁ। ଏହାକୁ ଦେଖିବା ପରେ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ଖୁବ୍ ପ୍ରଶଂସା କରିଛନ୍ତି ।



## ଆସିବ ଆମୀରଙ୍କ 'ପିକେ' ସିକ୍ୱେଲ



**ମୁମ୍ବାଇ:** ୨୦୧୪ର ବଲିଉଡ୍ ବ୍ଲକବଷ୍ଟର 'ପିକେ'ର ସିକ୍ୱେଲ ଦେଖିବାକୁ ପାଇବେ ଦର୍ଶକ। ଏହି ଖବର ଉପରେ ଫିଲ୍ମ ନିର୍ମାତା ବିଧୁ ବିନୋଦ ଚୋପ୍ରା ମୋହର ଲଗାଇଛନ୍ତି। ଆମୀର ଖାନ ଓ ରାଜକୁମାର ହିରାନୀଙ୍କ ଏହି ମୁଭିର ଶେଷଆଡ଼କୁ ଆମୀର ଖାନ ପୃଥିବୀକୁ ଫେରୁଥିବାବେଳେ ତାଙ୍କ ସାଙ୍ଗରେ ରଣବୀର କପୁର ଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ହିଁ ଦେଖିବା ପରେ ଫିଲ୍ମର ଦ୍ୱିତୀୟ ଭାଗ ଆସବାକୁ ନେଇ ଦର୍ଶକମାନେ ଉତ୍ସାହିତ ଥିଲେ। ଏବେ ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ମିଡ୍ ଡେ' ରିପୋର୍ଟ ମୁତାବକ, ମୁଭିର ଦ୍ୱିତୀୟ ପାର୍ଟ ଆଣିବା ଲକ୍ଷ୍ୟରେ ଶେଷ ଆଡ଼କୁ ରଣବୀର କପୁରଙ୍କୁ ଦେଖାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଲେଖକ ଅଭିଜିତ ଯୋଶୀ ଏହାର କାହାଣୀ ଲେଖି ନ ଥିବା ସେ କହିଛନ୍ତି।



## ଚର୍ଚ୍ଚାରେ ଦିଶା

**ମୁମ୍ବାଇ:** ବଲିଉଡ ନାୟିକା ଦିଶା ପଟାନି ତାଙ୍କ ଅଭିନୟକୁ ନେଇ ଯେତିକି ଚର୍ଚ୍ଚିତ ତା'ଠାରୁ ଅଧିକ ଚର୍ଚ୍ଚିତ ତାଙ୍କ ବୋଲ୍ଡ ଫଟୋ ଶୁଟ୍‌କୁ ନେଇ। ହେଲେ ଏଥର ସେ ଚର୍ଚ୍ଚାକୁ ଆସିଛନ୍ତି ନିଜ ପୁରୁଷ ବନ୍ଧୁ ଟାଇଗର ଶ୍ରଫଙ୍କ ପାଇଁ। ବଲିଉଡ ଅଭିନେତା ଭାବେ ଟାଇଗରଙ୍କର ରହିଛନ୍ତି ବହୁ ପ୍ରଶଂସକ। ଇନ୍‌ଷ୍ଟାଗ୍ରାମରେ ଟାଇଗରଙ୍କର ପ୍ରାୟ ୨ କୋଟି ୮୦ ଲକ୍ଷ ଫଲୋୟର୍ସ ରହିଥିବା ବେଳେ ଟାଇଗର ବି ସବୁବେଳେ କିଛି ନା କିଛି ଫଟୋ ଓ ଭିଡିଓ ଶେୟାର କରି ନିଜ ପ୍ରଶଂସକଙ୍କ ସହ ଯୋଡି ହୋଇ ରହିବାକୁ ପସନ୍ଦ କରନ୍ତି । ନିକଟରେ ସେ ଏକ ପିଙ୍କ୍ ସର୍ଟସ ପିନ୍ଧିଥିବାର ଫଟୋ ଶେୟାର କରିଥିଲେ। ଯାହାକୁ ତାଙ୍କ ଫ୍ୟାନ୍‌ମାନେ ବହୁତ ପସନ୍ଦ କରିଥିଲେ। କାରଣ ଏଥିରେ ତାଙ୍କ ବଡି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ହେଲେ ଏହି ଫଟୋକୁ ଦେଖି ଦିଶା ଏହାକୁ ବ୍ରୋ ଜୋନରେ ପକାଇ ଦେଇଥିଲେ। ଅର୍ଥାତ୍ ଏହି ଫଟୋରେ କମେଣ୍ଟ ଦେବାକୁ ଯାଇ ଦିଶା ଲେଖିଥିଲେ ୟୋ ବ୍ରୋ ୟେ କୁଛ୍ କ୍ୟୁଟ ସର୍ଟସ। ଏହାକୁ ଦେଖିବା ପରେ ୟୁଜର୍ସ ଦିଶାଙ୍କ ଟିପ୍ପଣି ଉପରେ ମଜାଦାର କମେଣ୍ଟ ଦେଇଛନ୍ତି। ଜଣେ ଲେଖିଛନ୍ତି, ଦିଶା ପଟାନୀ ଭାଇଙ୍କୁ ଭାଇ ଡାକ । ଅନ୍ୟ ଜଣେ କାନ୍ଦୁଥିବା ଇମୋଜି ଶେୟାର କରିଛନ୍ତି ଆଉ ଲେଖିଛନ୍ତି ଦୁଃଖ ଭି ଜିନ୍ଦେଗୀ ହେ ଭାଇ। ସୂଚନାଯୋଗ୍ୟ, ଟାଇଗର–ଦିଶା ସେମାନଙ୍କ ରିଲେଶନସିପକୁ ନେଇ ସବୁବେଳେ ଚର୍ଚ୍ଚାକୁ ଆସୁଥିବା ବେଳେ ଏପର୍ଯ୍ୟନ୍ତ କିନ୍ତୁ ଏମାନେ ରିଲେସନଶିପରେ ଅଛନ୍ତି କି ନା ସେମାନେ ତାହା ସ୍ପଷ୍ଟ କରୁ ନାହାନ୍ତି । ତେବେ ଟାଇଗରଙ୍କ ଏହି ଫଟୋକୁ ୧୭ ଘଣ୍ଟାରେ ପାଖାପାଖି ୧୨ ଲକ୍ଷ ଲାଇକ୍ସ ମିଳିସାରିଛି ।

## ସ୍କୁଲ କାନ୍ଥ ପାଲଟିଛି ସେଲ୍‌ଫି ସ୍ପଟ୍

**ପେରାମ୍ବାଲୁର୍(ତାମିଲନାଡୁ):** ଲକ୍‌ଡାଉନ୍ ପରେ ଖୋଲିଛି ସ୍କୁଲ। ହେଲେ ଲମ୍ବା ଛୁଟି ପରେ ପିଲାମାନେ ସ୍କୁଲରେ ପହଞ୍ଚିବା ପରେ ଏହା ପରିସରର ଦୃଶ୍ୟ ସେମାନଙ୍କୁ ଚକିତ କରିଛି। ଶ୍ରେଣୀଗୃହ କାନ୍ଥ, ପାହାଚ ଏବଂ ପାଚେରି କାନ୍ଥଗୁଡ଼ିକରେ ମହାପୁରୁଷଙ୍କ ଫଟୋଚିତ୍ର ସମେତ ପକ୍ଷୀ, ପଶୁ, କାର୍ଟୁନ୍ ଚରିତ୍ର ଏବଂ ବିଶ୍ୱ ମାନଚିତ୍ର ଅଙ୍କାଯାଇଥିବା ଦେଖିବାକୁ ମିଳିଛି। ଏଭଳି ସୁନ୍ଦର ଦୃଶ୍ୟ ନିକଟରେ ତାମିଲ୍‌ନାଡୁର ପେରାମ୍ବାଲୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହା ଛାତ୍ରୀଛାତ୍ରଙ୍କ ମନରେ ମଧ ସକାରାତ୍ମକ ପ୍ରଭାବ ପକାଇଛି। କେବଳ ଫଟୋ ଚିତ୍ର ନୁହେଁ ଶ୍ରେଣୀଗୃହଠାରୁ ଶୌଚାଳୟ ପର୍ଯ୍ୟନ୍ତ କାନ୍ଥଗୁଡ଼ିକରେ କୃଷି ସମ୍ପର୍କିତ ସ୍ଲୋଗାନ, ସଡ଼କ ସୁରକ୍ଷା ବାର୍ତ୍ତା, ବୀଜଗଣିତ ଉପରେ ଟିପ୍ସ୍, ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ନେଇ ସତର୍କତା ବାର୍ତ୍ତା ଦେଖିବାକୁ ମିଳିଛି। ଏହା ପିଲାମାନଙ୍କ ଜ୍ଞାନ ବଢ଼ାଇବା ସହ ଅନେକ ଶିକ୍ଷା ମଧ ଦେଉଛି। ଏମିତି କି ଏହି ସ୍କୁଲ କାନ୍ଥ ଏବେ ସେଲ୍‌ଫି ପଏଣ୍ଟ ପାଲଟିଛି। ଏଭଳି ପ୍ରୟାସକୁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମଧ ପ୍ରଶଂସା କରିଛନ୍ତି।




## ପକ୍ଷୀ ପରି ବୋବାଉଛି ବାଘ

ଲୁଧିଆନା ଚିଡ଼ିଆଖାନାରେ ବିଟାସ ନାମକ ବାଘ ହିରୋ ହୋଇଯାଇଛି। ୮ ମାସର ଏହି ବାଘ ଅମୁର ପ୍ରଜାତିର। ସବୁଠୁ ଚର୍ଚ୍ଚାର ବିଷୟ ହେଲା ବିଟାସର ସ୍ୱର। ସେ ଯେତେବେଳେ ମା'କୁ ଖୋଜେ ଗୀତ ଗାଇବା ଆରମ୍ଭ କରିଦିଏ। ଏମିତି ଶବ୍ଦ ବାହାର କରେ ଯେମିତି ଏକ ଚଢ଼େଇ ବୋବେଇବା ପରି ଶୁଣାଯାଏ। ସର୍ବିୟାର ବରନାଲ ଚିଡ଼ିଆଖାନାରେ ଏହାର ଜନ୍ମ। ଖାଲି ପକ୍ଷୀ ପରି ନୁହଁ, ବେଳେବେଳେ ମାଙ୍କଡ଼ ପରି ବି ଶବ୍ଦ କରେ। ଏବେ ବିଟାସର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେତେବେଳେ ବିଟାସ ଏମିତି ପାଟି କରେ ମା' ବାଘୁଣୀ ସବୁ ଛାଡ଼ି ତା ନିକଟକୁ ଆସିଥାଏ।

## କୁଲ୍ଫି ବିକୁଛନ୍ତି ଗୋଲ୍ଡେନ ମ୍ୟାନ୍

୫୦ ଭରି ଓଜନର ସୁନା ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି ଜଣେ ସାଧାରଣ କୁଲ୍ଫି ବିକାଳି। ତାଙ୍କ ନାଁ ନଟବର ନେମା। ବର୍ତ୍ତମାନ ସେ ସବୁ ଆଙ୍ଗୁଠିରେ ମୁଦି, ବେକରେ ୪/୫ଟା ହାର, ହାତରେ ସୁନାର ବଳା ଏବଂ ବ୍ରେସ୍‌ଲେଟ ପିନ୍ଧିଛନ୍ତି। ସୁନା ପ୍ରତି ତାଙ୍କର ବହୁତ ରୁଚି। ଖାଲି ଏତିକି ନୁହେଁ, ସେ ସୁନାର ଦାନ୍ତ ମଧ ଲଗାଇଥାନ୍ତି। ମଧ୍ୟପ୍ରଦେଶର ଇନ୍ଦୋରକୁ ଆସୁଥିବା ଲୋକେ ଯେମିତି ହେଲେ ଥରେ ସରାଫା ଚୌପାଟୀ ଯାଇଥାନ୍ତି। ସେଠାରେ ବଜାରରେ ନଟବର ଏକ କୁଲ୍ଫି ଦୋକାନ କରିଛନ୍ତି। ଏଠାକୁ ଯିଏ ଆସନ୍ତି ସେ କୁଲ୍ଫି ନେବା ସହ ଗୋଲ୍ଡେନ ମ୍ୟାନ ନଟବରଙ୍କ ସହ ସେଲ୍ଫି ନେବାକୁ ଆଦୌ ଭୁଲନ୍ତି ନାହିଁ। କାରଣ ସେ ଏତେ ସୁନା ପିନ୍ଧିଥାନ୍ତି ଯେ ଲୋକଙ୍କୁ ଦେଖିବା ପାଇଁ ଖୁସି ଲାଗେ। ଯିଏ ବି ଦେଖିବ ସେ ପ୍ରଥମେ ଭାବିବ ସାଧାରଣ କୁଲ୍ଫି ବିକୁଥିବା ଏହି ମଣିଷ ଜଣକ କ'ଣ ସତରେ ଏତେ ସୁନା ପିନ୍ଧିଛନ୍ତି। ଆଜ୍ଞା ହଁ ନଟବର ଯାହା ବି ପିନ୍ଧିଥାନ୍ତି ସବୁ ସୁନା। ସେ ରୋଜଗାର କରୁଥିବା ଟଙ୍କାରେ କେବଳ ସୁନା କିଣିଥାନ୍ତି।



## ବିଳମ୍ବିତ ହେବ ଚନ୍ଦ୍ରୟାନ–୩

**ନୂଆଦିଲ୍ଲୀ:** ଭାରତର ତୃତୀୟ ଚନ୍ଦ୍ର ଅଭିଯାନ 'ଚନ୍ଦ୍ରୟାନ–୩' ଆହୁରି ବିଳମ୍ବିତ ହେବ ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଅଧ୍ୟକ୍ଷ କେ. ଶିବନ କହିଛନ୍ତି। ଏହା ୨୦୨୨ରେ ଲଞ୍ଚ୍ ହୋଇପାରେ। ୨୦୨୦ ଶେଷଭାଗରେ ଚନ୍ଦ୍ରୟାନ–୩ ଏବଂ ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ଅଭିଯାନ 'ଗଗନୟାନ' ଲଞ୍ଚ ହେବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇଥିଲା। ତେବେ କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ଉପରୋକ୍ତ ଦୁଇଟି ମିଶନ ସମେତ ଇସ୍ରୋର ବିଭିନ୍ନ ପ୍ରକଳ୍ପ ବାଧାପ୍ରାପ୍ତ ହୋଇଥିଲା। ଚନ୍ଦ୍ରୟାନ–୨ ଭଳି ଚନ୍ଦ୍ରୟାନ–୩ରେ ଅର୍ବିଟର ରହିବ ନାହିଁ। ଚନ୍ଦ୍ରୟାନ–୨ରେ ଥିବା ଅର୍ବିଟରକୁ ଚନ୍ଦ୍ରୟାନ–୩ ବ୍ୟବହାର କରିବ। ଆସନ୍ତା ବର୍ଷ ଏହାକୁ ଲଞ୍ଚ୍ କରାଯିବ ବୋଲି ଶିବନ କହିଛନ୍ତି।



# ହିମାଳୟର ନାଗପୁଷ୍ପ



ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ





"ଉଦ୍ଭିଦ ବିଜ୍ଞାନରେ ନାଗପୁଷ୍ପ ଏକ ଚିରଶ୍ୟାମଳ ବୃକ୍ଷର ନାମ; ଯାହାର ଇଂଲିଶ୍ ନାମ ସିଲନ ଆଇରନ ଉଡ, ଅନ୍ୟ ନାମ କୋବ୍ରା ସାଫରନ ଓ ବୈଜ୍ଞାନିକ ନାମ ହେଉଛି ମେସୁଆ ଫେରିଏ । ଏହାର ଫୁଲ ପ୍ରତିବର୍ଷ ଶୁଖିଲା ମାସରେ ଭୋର ତିନିରୁ ଚାରିଟା ପାଖାପାଖି ଫୁଟିଥାଏ ।"

କିଛିଦିନ ପୂର୍ବରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଗୋଟିଏ ଆଲୋକଚିତ୍ର ବିଦ୍ୟୁତ ବେଗରେ ପ୍ରସାରିତ କରାଯାଇ ଦାବି କରାଯାଉଥିଲା ଯେ ସେହି ଚିତ୍ରଟି ହିମାଳୟର ମାନସ ସରୋବରରେ ପ୍ରତି ୩୬ ବର୍ଷରେ ଫୁଟୁଥିବା ବିରଳ ନାଗପୁଷ୍ପ ଅଟେ। ଚିତ୍ରଟି ଶେୟାର କରିବା ସଙ୍ଗେ ସଙ୍ଗେ ବାର୍ତ୍ତାରେ ଲେଖାଥିଲା ଯେ ଯେଉଁମାନେ ଏହାକୁ ଅଧିକରୁ ଅଧିକ ଫରୱାର୍ଡ ମାରିବେ, ସେମାନେ ଶେଷନାଗଙ୍କର ଆଶୀର୍ବାଦ ଓ ପୁଣ୍ୟଲାଭ କରିବେ। ପ୍ରଥମେ ଜାନୁୟାରୀ ୨୦୧୬, ପରେ ଜୁଲାଇ ୨୦୧୯ ଓ ୨୦୨୦ ଶେଷ ଆଡକୁ ଏହା ପୁନଃ ପ୍ରସାରିତ ହୋଇଥିଲା ଓ ଲକ୍ଷାଧିକ ଲୋକ ଏହାକୁ ଦେଖି ଫରୱାର୍ଡ ମାରିଥିଲେ। ୨୫ ଜାନୁୟାରୀ ୨୦୧୬ ମସିହାରେ ପ୍ରସାରିତ ଏହି ଜନରବକୁ ଆନ୍ତର୍ଜାତିକ ତଥ୍ୟ ସନ୍ଧାନକାରୀ ସଂସ୍ଥା 'ସ୍ନୋପସ' ନକଲି ଓ ଅତିରଞ୍ଜିତ ବୋଲି କହିଥିଲା। ସେହିପରି ଜୁଲାଇ ୨୦୧୯ ମସିହାରେ ଇଣ୍ଡିଆ ଟୁଡେ ପକ୍ଷରୁ ଏହି ଗୁଜବକୁ ମିଥ୍ୟା ପ୍ରମାଣ କରାଯାଇଥିଲା। ବାସ୍ତବରେ ସେହି ଆଲୋକଚିତ୍ରଟି ବିରଳ ନାଗପୁଷ୍ପର ନୁହେଁ ବରଂ ଏକ ସାମୁଦ୍ରିକ ମେରୁଦଣ୍ଡ ବିହୀନ ପ୍ରାଣୀ; ଯାହାର ନାମ 'ସମୁଦ୍ର କଲମ'। ଏହି ଫଟୋଟିକୁ ୨୦୧୩ ମସିହାରେ ଫଟୋଗ୍ରାଫର ଗୋର୍ଡନ ଜେ ବୋବୃକ ଉଠାଇଥିଲେ। ଉଦ୍ଭିଦ ବିଜ୍ଞାନରେ ନାଗପୁଷ୍ପ ଏକ ଚିରଶ୍ୟାମଳ ବୃକ୍ଷର ନାମ; ଯାହାର ଇଂଲିଶ ନାମ ସିଲନ ଆଇରନ ଉଡ, ଅନ୍ୟ ନାମ କୋବ୍ରା ସାଫରନ ଓ ବୈଜ୍ଞାନିକ ନାମ ହେଉଛି ମେସୁଆ ଫେରିଏ। ଏହାର ଫୁଲ ପ୍ରତିବର୍ଷ ଶୁଖିଲା ମାସରେ ଭୋର ତିନିରୁ ଚାରିଟା ପାଖାପାଖି ଫୁଟିଥାଏ। ଏହି ଗଛର କାଠ ଲୁହା ଭଳି ବହୁତ ଶକ୍ତ ଓ ଦୀର୍ଘସ୍ଥାୟୀ। ମେସୁଆ ଫେରିଏ ଗଛକୁ ହିନ୍ଦୀ ଓ ବେଙ୍ଗଲୀ ଭାଷାରେ ନାଗେସର, ଶ୍ରୀଲଙ୍କାର ସିଂହଳ ଭାଷାରେ 'ନା', କଙ୍କଣୀ ଭାଷାରେ ନାଗଚମ୍ପୋ, ଓଡ଼ିଆ, କନ୍ନଡ଼, ଗୁଜରାଟୀ, ମରାଠୀ, ନେପାଳୀ ଓ ସଂସ୍କୃତ ଭାଷାରେ ନାଗକେଶର, ମାଲୟାଲମରେ ନାଗକେଶରମ ଓ ଇଣ୍ଡୋନେସିଆ ଦେଶର ଭାଷାରେ ନାଗସାରୀ ମଧ୍ୟ କୁହନ୍ତି। ଏହି ବୃକ୍ଷ ଶ୍ରୀଲଙ୍କା ଦେଶର ରାଷ୍ଟ୍ରୀୟ ବୃକ୍ଷ, ମିଜୋରାମ ରାଜ୍ୟର ପ୍ରାଦେଶିକ ବୃକ୍ଷ ଓ ଏହାର ପୁଷ୍ପ ତ୍ରିପୁରା ରାଜ୍ୟର ପ୍ରାଦେଶିକ ପୁଷ୍ପ ମଧ୍ୟ। ପ୍ରାୟ ୧୫ ମିଟର ଲମ୍ବା ନାଗକେଶର ବୃକ୍ଷ ଏକ ଔଷଧୀୟ ବୃକ୍ଷ ଓ ଏହାର ଚେରକୁ ସାପ କାମୁଡ଼ିଲେ ବ୍ୟବହାର କରାଯାଏ। ଆଉ ଏକ ପ୍ରକାର ଗଛ ଅଛି, ଯାହାର ପତ୍ର ନାଗସାପର ଫଣା ଭଳି ଦେଖାଯାଏ। ସେହି ଗଛର ନାମ ହେଲା ଡାର୍ଲିଂଗଟୋନିଆ କାଲିଫୋରନିକା। ଏହି ଗଛକୁ ୧୮୪୧ ମସିହାରେ ଉଇଲିୟମ ଡି' ବ୍ରାକେନରିଜ ଯୁକ୍ତରାଷ୍ଟ୍ର ଆମେରିକା ଦେଶର କାଲିଫର୍ନିଆ ରାଜ୍ୟର ଶାସ୍ତା ପାର୍ବତ୍ୟାଞ୍ଚଳରେ ଖୋଜି ପାଇଥିଲେ। ଏହି ଗଛ ସାରାସେନିଆସିଏ ପରିବାରର ଓ ଏରିକାଲେସ କ୍ରମର ଏକ ମାଂସାଶୀ ଉଦ୍ଭିଦ। ଏହାକୁ କାଲିଫର୍ନିଆ କମଣ୍ଡଳୁ ବୃକ୍ଷ ମଧ୍ୟ କୁହାଯାଏ। ଏହି ଗଛ ଉତ୍ତର କାଲିଫର୍ନିଆ ଓ ଦକ୍ଷିଣ ଓରେଗନ ରାଜ୍ୟର ସନ୍ତସନ୍ତିଆ ଅଞ୍ଚଳରେ ମିଳିଥାଏ। ଏହି ଗଛର ନଳାକାର ଓ କଣ୍ଢା ପରି ଶାଖା ଥିବା ପତ୍ରକୁ ଦେଖିଲେ ଲାଗିବ ଯେପରି ଏକ ନାଗସାପ ନିଜ ପ୍ରସାରିତ ଫଣା ଟେକି ଛିଡ଼ା ହୋଇଛି। ସେହିପରି ଆଉ ଏକ ଗଛ ଅଛି; ଯାହାର ପତ୍ର ନାଗଫଣା ପରି ତାହାର ନାମ ହେଉଛି ଗ୍ରିଫିଥ୍‌ଙ୍କ ନାଗ କଇଁ। ଏହି ଗଛର ବୈଜ୍ଞାନିକ ନାମ ହେଉଛି ଆରିସାଏମା ଗ୍ରିଫିଥି। ଏହା ଏକ କିମ୍ଭୂତ ଓ ବିସ୍ମୟକର ଗଛ। ଏହାର ଦୁଇଟି ବଡ଼ ବଡ଼ ସବୁଜ ପତ୍ର ଥାଏ, ଯାହା ତିନିଅଂଶଯୁକ୍ତ ଓ ତଳ ପାଖରେ ଗାଢ଼ ଶିରାଯୁକ୍ତ ହୋଇଥାଏ। ଏହି ଗଛ କେନ୍ଦ୍ରୀୟ ନେପାଳ, ଭୁଟାନ, ସିକିମ , ନୀଳଗିରି ପାର୍ବତ୍ୟାଞ୍ଚଳରେ ମିଳିଥାଏ ଓ ଯାହାର ଫୁଲ ମେ ଓ ଜୁନ ମାସରେ ଫୁଟିଥାଏ। କୋବ୍ରା ଲିଲି ପ୍ରଥମେ ୧୯୩୨ ମସିହାରେ ନୀଳଗିରି ପର୍ବତରେ ଫୁଟିଥିଲା ଓ ପରେ ଦୀର୍ଘ ୮୪ ବର୍ଷ ପରେ ପୁଣି ସେହି ଅଞ୍ଚଳରେ ଦେଖିବାକୁ ମିଳିଲା। ବିବିଧତାପୂର୍ଣ୍ଣ ବିଶ୍ୱରେ ଲକ୍ଷ ଲକ୍ଷ ପ୍ରକାର ଜୀବଜନ୍ତୁ ଓ ଗଛଲତା ଅଛନ୍ତି। ସେଥିମଧ୍ୟରୁ ନାଗପୁଷ୍ପ ଭଳି ଦେଖାଯାଉଥିବା ସାମୁଦ୍ରିକ ପରକଲମ ପ୍ରାଣୀ ହେଉଛି ସୃଜକଙ୍କ ଅନୁପମ ସର୍ଜନା। ଗଭୀର ସମୁଦ୍ର ତଳେ ଦେଖାଯାଉଥିବା ରାତ୍ରିକାଳୀନ ଅମେରୁଦଣ୍ଡୀ ପ୍ରାଣୀ ହେଉଛନ୍ତି ସମୁଦ୍ର କଲମ। ପରକଲମ। ସେମାନେ ଆନିମଲିଆ ପ୍ରାକୃତିକ ଜଗତର, ନୀଡ଼ରିଆ ଫାଇଲମର, ଆନ୍ଥୋଜୋଆ ଶ୍ରେଣୀର, ଅକ୍ଟୋକୋରାଲ ଉପଶ୍ରେଣୀର ଓ ପେନାଟୁଲାସିଏ କ୍ରମର ରାତିରେ ସକ୍ରିୟ ଥିବା ପ୍ରାଣୀ। ସେମାନଙ୍କର ୨୦୦ରୁ ଅଧିକ ପ୍ରଜାତି ରହିଥାନ୍ତି। ସମସ୍ତେ ପରକଲମ ଭଳି ନ ହୋଇ କିଏ ଛତା ଭଳିଆ ତ, କିଏ ହୃଦୟ ଭଳି, କିଏ ଚାବୁକ ଭଳି ହୋଇପାରନ୍ତି। ସେମାନେ ଉପନିବେଶ କରି ଏକାଠି ରୁହନ୍ତି। ସେମାନେ ବିଶ୍ୱର ପ୍ରାୟ ସମସ୍ତ ସମୁଦ୍ର ତଳି ଅଞ୍ଚଳରେ ମିଳନ୍ତି। ଗ୍ରୀଷ୍ମ ମଣ୍ଡଳୀୟ ସମୁଦ୍ର ହେଉ କିମ୍ବା ନାତିଶୀତୋଷ୍ଣ ସମୁଦ୍ର, କିମ୍ବା ଧ୍ରୁବୀୟ ସମୁଦ୍ର ତଳି ଅଞ୍ଚଳ, ସବୁ ଜାଗାରେ ସେମାନେ ମିଳନ୍ତି। ଆଲାସ୍କା ଉପସାଗରୀୟ ଅଞ୍ଚଳ, ଦକ୍ଷିଣ କାଲିଫର୍ନିଆ ଓ ବ୍ରିଟେନ ସମୁଦ୍ର ତଳ ଇତ୍ୟାଦି ବିଶ୍ୱର ଅନେକ ସମୁଦ୍ର ତଳି ଅଞ୍ଚଳରେ ରହିଥାଏ, ସେମାନଙ୍କ ଚାରୁତା ଭରା କମନୀୟ ସଂସାର। କେତେକ ଅଳ୍ପ ଗଭୀର ସମୁଦ୍ର ତଳେ ମିଳନ୍ତି ତ କେତେକ ୬୧୦୦ ମିଟର ଗଭୀରତମ ସମୁଦ୍ରତଳେ ମିଳନ୍ତି। ସେମାନଙ୍କ ଶରୀରର ମୁଖ୍ୟ କେନ୍ଦ୍ରୀୟ ଅକ୍ଷ ପତ୍ରର ଡେମ୍ଫ ଭଳି ଦେଖିବାକୁ ହୋଇଥାଏ, ଯାହାର ତଳ ଦୋଳକ ଭଳି ହୋଇଥାଏ ଓ ଉପରୁ ବହୁବିଧ ମୁଖଥିବା ପୋଲା ଶାଖାବୃନ୍ତସବୁ (ପଲିପ )ବାହାରିଥାଏ। ତଳ ଦୋଳକ ସମୁଦ୍ରର ବାଲିଆ କିମ୍ବା କାଦୁଆ ଅଞ୍ଚଳରେ ଲଙ୍ଗର ପକାଇ ତିଷ୍ଠି ରହିଥାଏ। ପ୍ରତ୍ୟେକ ପଲିପରୁ ଆଠଟି ପତଳା ନମନୀୟ ଅଙ୍ଗ। ଟେଣ୍ଟାକଲ ବାହାରିଥାଏ, ସେଥିପାଇଁ ସେମାନଙ୍କୁ ଅକ୍ଟୋକୋରାଲ ମଧ୍ୟ କୁହାଯାଏ। ସେମାନଙ୍କ ଉଚ୍ଚତା ୫ ସେଣ୍ଟିମିଟରରୁ ୨ ମିଟର ଲମ୍ବା ପର୍ଯ୍ୟନ୍ତ ହୋଇ ପାରେ। ସେମାନଙ୍କର ରଙ୍ଗ ଗାଢ଼ କମଳା ରଙ୍ଗ, ହଳଦିଆ କିମ୍ବା ଧଳା ରଙ୍ଗର ମଧ୍ୟ ହୋଇପାରେ। ସେମାନଙ୍କୁ ଛୁଇଁଲେ ସେମାନେ ଅଗ୍ନି ଶିଖା ନ ଥାଇ ଉଜ୍ଜ୍ୱଳ ସବୁଜ ସ୍ଥିର ଆଲୋକ ପ୍ରଦାନ କରନ୍ତି। ସେମାନେ ସେମାନଙ୍କର ପତଳା ନମନୀୟ ଟେଣ୍ଟାକଲ ଅଙ୍ଗ ବ୍ୟବହାର କରି ଜଳରେ ଭାସମାନ କ୍ଷୁଦ୍ର ଜୀବ ଖାଇଥାନ୍ତି। ସେମାନେ ରାତିରେ ଟେଣ୍ଟାକଲ ସାହାଯ୍ୟରେ ଜଳ ପାନ କରି ସିଧା ଓ ସକ୍ରିୟ ରୁହନ୍ତି ତ ଦିନରେ ଫୁ ଫୁ କରି ସେହି ଜଳକୁ ବାହାର କରନ୍ତି। ସାମୁଦ୍ରିକ ପରକଲମମାନଙ୍କର ଶତ୍ରୁ ହେଉଛନ୍ତି ରେଡ଼ ଷ୍ଟାର, ଲେଦର ଷ୍ଟାର, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ଜଳର ଅମ୍ଳୀକରଣ ଓ ବିଶ୍ୱ ଉଷ୍ମତା। ରସୁଣ ଓ ଗନ୍ଧକ ଭଳି ଗନ୍ଧାଉଥିବା ଲେଦର ଷ୍ଟାର ସମୁଦ୍ର କଲମ ଜୀବକୁ ଖାଇଥାନ୍ତି। ଜଳବାୟୁ ପରିବର୍ତ୍ତନ ହେଲେ ସମୁଦ୍ର ଜଳର ରାସାୟନିକ ଗୁଣବତ୍ତାରେ ମଧ୍ୟ ପରିବର୍ତ୍ତନ ଆସିବ, ଯାହା ପରକଲମ ଜୀବମାନଙ୍କ ଜୀବନରେ ସଙ୍କଟ ଆଣିବ। ବିଶ୍ୱର ହାରାହାରି ତାପମାତ୍ରାରେ ପରିବର୍ତ୍ତନ ଆସିଲେ ସମୁଦ୍ର ଜଳର ତାପମାତ୍ରାରେ ପରିବର୍ତ୍ତନ ଆସି ସେମାନଙ୍କ ଜୀବନ ପ୍ରତି ବିପଦ ଆସିବ। ସେହିପରି ସମୁଦ୍ରଜଳରେ ଅମ୍ଳ ଭାଗ ବୃଦ୍ଧି ହେଲେ ସାମୁଦ୍ରିକ ପରକଲମ ଜୀବମାନେ ଖାପ ଖୁଆଇ ପରିସଂସ୍ଥାରେ ଚଳିପାରିବେ ନାହିଁ। କେବଳ ପରକଲମ ସାମୁଦ୍ରିକ ଜୀବ ନୁହନ୍ତି ସମଗ୍ର ଜୈବବିବିଧତା ଆଜି ସ୍ୱାର୍ଥାନ୍ଧ ମଣିଷ ପାଇଁ ବିପଦରେ। ପରିବେଶର ସୁରକ୍ଷା ଓ ସାମାଜିକ ଗଣମାଧ୍ୟମ ବ୍ୟବହାରରେ ସାବଧାନତା ଅବଲମ୍ବନ କରିବା ଆମର ରାଷ୍ଟ୍ରୀୟ କର୍ତ୍ତବ୍ୟ ହେବା ଉଚିତ। ବର୍ତ୍ତମାନର ସ୍ମାର୍ଟ ଫୋନ ଯୁଗରେ ଇଣ୍ଟରନେଟ ଡାଟାର ବ୍ୟବହାର ବୃଦ୍ଧି ସଙ୍ଗେ ସଙ୍ଗେ ନକଲି ଜନରବ ଦ୍ରୁତ ଗତିରେ ବଢୁଛି, ତେଣୁ ସବୁ ଖବରକୁ ସତର୍କତା ଓ ସଂଯମତାର ସହିତ ତନଖିବା ପରେ ଆଗକୁ ବଢାଇବା ଉଚିତ।

*-ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ, ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୁନ୍ଦରଗଡ଼*
*ମୋ : ୯୯୩୮୭୮୩୦୫୧*

# ମୁଣ୍ଡ ବିନ୍ଧୁଥିଲେ...



ମୁଣ୍ଡ ବିନ୍ଧିବା ପଛରେ କେତେକ କାରଣ ରହିଛି। ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ ମୁଣ୍ଡ ବିନ୍ଧିଥାଏ। ଶରୀରରେ ଜଳୀୟ ଅଂଶ କମିଗଲେ ମୁଣ୍ଡ ବିନ୍ଧେ। ଥଣ୍ଡାଜନିତ ସମସ୍ୟା ଏହାର ଅନ୍ୟତମ କାରଣ। ଏହି ସମସ୍ୟା ଅଧିକ ଦିନ ଲାଗି ରହିଲେ ତାହାକୁ ମାଇଗ୍ରେନ୍ କୁହାଯାଏ। ଏଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ପଡେ। ହେଲେ ଏପରି କେତେକ ଉପାୟ ରହିଛି, ଯାହାକୁ ଆପଣେଇ ପାରିଲେ ଆପଣ ମୁଣ୍ଡବିନ୍ଧା ସମସ୍ୟାଠାରୁ ନିଜକୁ ଦୂରେଇ ରଖିପାରିବେ। ସବୁଠାରୁ ଖାସ୍ କଥା ହେଲା ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖନ୍ତୁ। ତେଣୁ ପ୍ରଚୁର ପାଣି ପିଅନ୍ତୁ। ଯଦି ନିଶା ଦ୍ରବ୍ୟ ସେବନ କରୁଛନ୍ତି ତେବେ ଏପରି ଅଭ୍ୟାସ ଛାଡିବାକୁ ଚେଷ୍ଟା କରନ୍ତୁ। ମୁଣ୍ଡ ବିନ୍ଧିବାର ଆଉ ଏକ କାରଣ ହେଲା ଠିକ ଭାବରେ ନିଦ ନ ହେବା। ତେଣୁ ପ୍ରତିଦିନ ଆବଶ୍ୟକ ମୁତାବକ ନିଦ୍ରା ଯାଆନ୍ତୁ। ଆଉ ଏକ କଥା ହେଲା ଖାଦ୍ୟପେୟ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିବ।

# ବ୍ୟାକ୍ଟେରିଆ ରୋକିବାର ସହଜ ଉପାୟ

ଆମ ଶରୀର ଭିତରେ କେତେକ କାରଣରୁ ବ୍ୟାକ୍ଟେରିଆ ବସା ବାନ୍ଧିଥାଆନ୍ତି। ବେଳେବେଳେ ଏଗୁଡିକ କିଛି ରୋଗର କାରଣ ମଧ୍ୟ ସାଜିଥାଆନ୍ତି। ତେବେ ଏପରି ଏକ ସରଳ ଉପାୟ ରହିଛି, ଯାହାଦ୍ୱାରା ବ୍ୟାକ୍ଟେରିଆକୁ ରୋକାଯାଇପାରିବ। ଆମେ ତ ଜାଣିଛୁ ଯେ ଆମ ପାଟି ଭିତରେ ଲାଳ କ୍ଷରଣ ହୋଇଥାଏ। ଏହି ଲାଳ ଦ୍ୱାରା ବ୍ୟାକ୍ଟେରିଆକୁ ପ୍ରତିରୋଧ କରାଯାଇପାରିବ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ବ୍ୟାକ୍ଟେରିଆ ଓ ଲାଳ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ପାଟି ଭିତରେ ସୃଷ୍ଟି ହେଉଥବା ଲାଳ ସଂସ୍ପର୍ଶରେ ଆସିବା ଦ୍ୱାରା କେତେକ ବ୍ୟାକ୍ଟେରିଆ ମୃତ୍ୟୁମୁଖରେ ପଡିଥାଆନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ମିନି ପ୍ରିଣ୍ଟର

ଏଣିକି ଆପଣ ଯୁଆଡ଼େ ଗଲେ ସାଙ୍ଗରେ ପ୍ରିଣ୍ଟର ନେଇ ଯାଇପାରିବେ। କାରଣ କୌଣସି ଜିନିଷର ପ୍ରିଣ୍ଟ ବାହାର କରିବାକୁ ଆମକୁ ଜେରକ୍ସ କିମ୍ବା ପ୍ରିଣ୍ଟର ଥିବା ଦୋକାନକୁ ଯିବାକୁ ପଡିଥାଏ। ହେଲେ ଏଣିକି ଆପଣ ଯେତେବେଳେ ଚାହିଁବେ ସାଙ୍ଗେ ସାଙ୍ଗେ ପ୍ରିଣ୍ଟ ବାହାର କରିପାରିବେ। ହଁ, ଏପରି ଏକ ମିନି ପ୍ରିଣ୍ଟର ନିକଟରେ ପ୍ରସ୍ତୁତ ହୋଇଛି। ଜାପାନର ବୈଜ୍ଞାନିକମାନେ ଦୀର୍ଘ ପାଞ୍ଚବର୍ଷ ଚେଷ୍ଟା କରି ଏଥିରେ ସଫଳ ହୋଇଛନ୍ତି। ଉକ୍ତ ମୋବାଇଲ୍ ରୋବୋଟିକ୍ ପ୍ରିଣ୍ଟରର ନାମ ରଖାଯାଇଛି 'ଜୁଟା'। ତାରବିହୀନ ଏହି ପ୍ରିଣ୍ଟରର ଓଜନ ହେଉଛି ମାତ୍ର ୩୫୦ ଗ୍ରାମ। ଏହାକୁ ସ୍ମାର୍ଟଫୋନ୍, ଲାପ୍‌ଟପ୍ ଏପରି କି କମ୍ପ୍ୟୁଟରରେ ସଂଯୋଗ କରି ପ୍ରିଣ୍ଟ ବାହାର କରିହେବ। ଏଥିରେ ପ୍ରିଣ୍ଟ ବାହାର କରିବାକୁ ଏକ ମିନିଟ୍‌ରୁ କମ୍ ସମୟ ଲାଗିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ଜୁଟା ଲାବ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଆଲୁମିନିୟମ ଫୋଏଲ୍

ଆଜିକାଲି ଖାଦ୍ୟପଦାର୍ଥକୁ ପ୍ୟାକ୍ କରିବା ପାଇଁ ଆଲୁମିନିୟମ ଫୋଏଲ୍ ବ୍ୟବହାର କରାଯାଉଛି। କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ। ଏହି ଆଲୁମିନିୟମ ଫୋଏଲ୍‌ରେ ମେଟାଲ ତତ୍ତ୍ୱ ରହିଛି। ପ୍ୟାକ୍ ପରେ ଖାଦ୍ୟ ପଦାର୍ଥ ସହ ଆଲୁମିନିୟମ ଫୋଏଲ୍ ଲାଗି ରହିଥାଏ। ଫଳରେ ଏହି ମେଟାଲ ତତ୍ତ୍ୱ ଖାଦ୍ୟ ମଧ୍ୟକୁ ପ୍ରବେଶ କରିଥାଏ, ଯାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଜଣାପଡିଛି। ଏହି ଗବେଷଣା ସମୟରେ ସେମାନେ ଆଲୁମିନିୟମ ଫୋଏଲ୍‌ରେ ଥିବା ମେଟାଲ ତତ୍ତ୍ୱର ଗୁଣାବଳୀକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ତତ୍ତ୍ୱ ଖାଦ୍ୟପଦାର୍ଥ ଦ୍ୱାରା ପେଟ ଭିତରକୁ ଯିବା ଦ୍ୱାରା ପେଟଜନିତ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି।



# ସ୍ୱାସ୍ଥ୍ୟ ସୂଚନା

- ବ୍ୟାୟାମ କରିବା ପୂର୍ବରୁ ସ୍ଥାନ ଚୟନ ବଡ କଥା। ସବୁବେଳେ ପ୍ରଦୂଷଣମୁକ୍ତ ସ୍ଥାନରେ ହିଁ ବ୍ୟାୟାମ କରନ୍ତୁ।
- ଏକାଥରେ ପୁଳାଏ ଖାଇବା ଅଭ୍ୟାସ ତ୍ୟାଗ କଲେ ଭଲ। କାରଣ ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଇବା ଅଭ୍ୟାସ କରନ୍ତୁ।
- ବୟସ ୪୦ ଟପିଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ରକ୍ତଚାପ, ଡାଇବେଟିସ୍ ପ୍ରତି ସତର୍କ ରୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ରକ୍ତଚାପ ଏବଂ ରକ୍ତରେ ସୁଗାର କେତେ ପରିମାଣ ରହିଛି ତାହା ମାପି ନିଅନ୍ତୁ।
- କେତେକ ରୋଗର ଚିକିତ୍ସା କରିବା ସମୟରେ ଡାକ୍ତର ଦୀର୍ଘ ଦିନ ପାଇଁ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଯଦି କିଛି ଦିନ ଔଷଧ ଖାଇବା ପରେ ଆପଣ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ତେବେ ଔଷଧ ଖାଇବା ବନ୍ଦ କରିବା ପୂର୍ବରୁ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ।
- ବ୍ରେକଫାଷ୍ଟରେ ତଟକା ଫଳମୂଳ, ଜୁସ୍ ସାମିଲ କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ।
- ବିଳମ୍ବିତ ରାତିରେ ଖାଇବା ଅଭ୍ୟାସ ଥିଲେ ତାହା ତ୍ୟାଗ କରିବାକୁ ଚେଷ୍ଟା କରନ୍ତୁ। ରାତିରେ କେତେବେଳେ ଖାଇବେ ଏବଂ ଶୋଇବେ ତାହାର ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ହେଲେ ମନେ ରଖନ୍ତୁ, ରାତ୍ର ଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଭଲ।



# ଫାଇଲେରିଆ: କିଛି କଥା



ଡା. ଦ୍ୱିଜେଶ କୁମାର ପଣ୍ଡା

ଫାଇଲେରିଆ ସବୁ ରୋଗ ତୁଳନାରେ ଯନ୍ତ୍ରଣାଦାୟକ, ବିକୃତ ଓ ଦୁର୍ବଳ କରୁଥିବା ରୋଗ। ଏହା ବିଶ୍ୱର ଦ୍ୱିତୀୟ ରୋଗ, ଯାହା ରୋଗୀକୁ ଅସାମର୍ଥ୍ୟ କରିଦିଏ। ପୃଥିବୀର ୮୩ଟି ଦେଶରେ ୧୨୦ ନିୟୁତ ଫାଇଲେରିଆ ରୋଗୀ ଅଛନ୍ତି। ଦକ୍ଷିଣ ପୂର୍ବ ଏସିଆର ଏହା ଗୋଟିଏ ଜନସ୍ୱାସ୍ଥ୍ୟ ସମସ୍ୟା। ୧୧ଟି ଦେଶ ମଧ୍ୟରୁ ୯ଟି ଦେଶର ଲୋକମାନଙ୍କ ମଧ୍ୟରେ ପରିଦୃଷ୍ଟ। ଏହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମତ।

ଭାରତରେ ଦେଖାଯାଉଥିବା ଫାଇଲେରିଆ ରୋଗର ପରଜୀବୀ ନାମ 'ଭଚେରିଆ ବ୍ୟାଙ୍କ୍ରପ୍ଟି'। ବୟସ୍କ ପରଜୀବୀ ୫-୭ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ। ଏହା ନିୟୁତ ସଂଖ୍ୟାରେ ଶିଶୁ ପରଜୀବୀକୁ ଜନ୍ମଦିଏ। ଏହି ରୋଗ ଶିଶୁ ବୟସରେ ଆରମ୍ଭ ହୁଏ। ଫାଇଲେରିଆ ରୋଗ ଗୋଟିଏ ସାମାଜିକ କଳଙ୍କ। କ୍ୟୁଲେକ୍ସ ମଶା ଦ୍ୱାରା ଏହି ସଂକ୍ରମଣ ହୋଇଥାଏ। ରୋଗର ନିଦାନଗୁଡ଼ିକ ହେଉଛି- ହାତଗୋଡ ଓ ଅଣ୍ଡକୋଷ ଫୁଲିବା, ମହିଳାମାନଙ୍କର ସ୍ତନ ବୃଦ୍ଧି, ଦୁଗ୍ଧ ପରି ଧଳା ପରିସ୍ରା କିମ୍ବା ରକ୍ତ ପରିସ୍ରା, ଶୁଖିଲା କାଶ ଲାଗି ରହିବା (ପରଜୀବୀ ଫୁସଫୁସରେ ଅବସ୍ଥାନ କଲେ), ଲିଙ୍ଗର ଆକାର ବୃଦ୍ଧି, ପାଦ ଓ ଆଙ୍ଗୁଠି ଫୁଲି ସନ୍ଧିରେ ଜୀବାଣୁ ଓ ଫଙ୍ଗସ ସଂକ୍ରମଣ ଲାଗି ରହିବା ଇତ୍ୟାଦି। ଅବିବାହିତ ଝିଅର ଗୋଦର ଗୋଡ ସମାଜରେ ଅପବାଦ।

ଭାରତକୁ ଫାଇଲେରିଆ ନିରାକରଣ ୨୦୨୦ ବର୍ଷ ସୁଦ୍ଧା କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମୟ ଧାର୍ଯ୍ୟ କରିଥିଲେ। କିନ୍ତୁ ଏହା ସମ୍ଭବ ହେଲା ନାହିଁ। ବର୍ତ୍ତମାନ ସାର୍ବଜନୀନ ଫାଇଲେରିଆ ଔଷଧ ସେବନ ପ୍ରକ୍ରିୟା ଜାରି ରହିଛି। ଫଳରେ ରୋଗର ପ୍ରସାର କମି ଗଲାଣି। କିନ୍ତୁ ରୋଗୀ ଆରୋଗ୍ୟ ହେଉନାହିଁ। ଆମ ଦେଶରେ ଆଜି ସୁଦ୍ଧା ୧୫ ନିୟୁତ ମୁମୂର୍ଷୁ ଗୋଦର ଫାଇଲେରିଆ ରୋଗୀ ଚିକିତ୍ସା ଅଭାବରୁ ଅବହେଳିତ ଓ ସେମାନେ କଷ୍ଟକର ଜୀବନଯାପନ କରୁଛନ୍ତି। ଆର୍ଥିକ, ପାରିବାରିକ, ସାମାଜିକ ଓ ମାନସିକ ଦୁର୍ଦ୍ଦଶା ଭୋଗ କରୁଛନ୍ତି। କେତେକେ ଭିକ୍ଷା ବୃତ୍ତିକୁ ଆପଣେଇ ନେଇଛନ୍ତି।

ଫାଇଲେରିଆ ରୋଗରେ ମୃତ୍ୟୁହାର ନଗଣ୍ୟ। ରୋଗୀ ସାରା ଜୀବନ ଯନ୍ତ୍ରଣା ଭୋଗ କରେ। ଗୋଦର ଗୋଡ ଓ ହାତ ନିକର୍ମା କରିଦିଏ। ମୃତ୍ୟୁ ପର୍ଯ୍ୟନ୍ତ ପରଜୀବୀ ଜୀବନ ବିତାଇବାକୁ ପଡେ। ଏହି ପରିସ୍ଥିତିକୁ ବିଚାର କରି ପ୍ରଶାସନ ଫାଇଲେରିଆ ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା ପ୍ରତିଷ୍ଠା କରନ୍ତୁ। ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସେମାନଙ୍କର ଚିକିତ୍ସା ହେଉ। ଫାଇଲେରିଆ ରୋଗ ନିରାକରଣ ସହିତ ଅସୁସ୍ଥ ରୋଗୀର ସୁଚିକିତ୍ସା ବାଞ୍ଛନୀୟ। ନଚେତ୍ 'ନିରାଶ୍ରୟ ମାଂ ଜଗଦୀଶ ରକ୍ଷ'।



*-ବରିଷ୍ଠ ଫାଇଲେରିଆ ବିଶେଷଜ୍ଞ, ଭୁବନେଶ୍ୱର, ମୋ: ୯୪୩୮୪୭୦୭୭୭*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଫେବୃୟାରୀ ୨୨/୨୦୨୧ Sambalpur, Monday, February 22/ 2021

# ଗୁରୁ, ମା, ବାପାଙ୍କ ଆଶୀର୍ବାଦରୁ ସଫଳତା ଅନିବାର୍ଯ୍ୟ


ପୁରସ୍କୃତ ତରାନ୍ନା ପ୍ରଧାନ ଓ ଦୁର୍ଗାଦତ୍ତ ଦାସ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି)**

ଗୁରୁ, ମା' ଓ ବାପା କେବେହେଲେ କ୍ଷତି ଚାହିଁ ନ ଥାନ୍ତି। ଏହି ତିନିଜଣଙ୍କୁ ବିଶ୍ୱାସକୁ ନେବାକୁ ପଡ଼ିବ। ଏମାନଙ୍କ ଆଶୀର୍ବାଦ ରହିଲେ ଜଣେ ଖେଳାଳି ନିଶ୍ଚିତ ସଫଳତା ପାଇପାରିବ ବୋଲି ରବିବାର ଟାଉନ୍ କ୍ଲବ ପଡ଼ିଆରେ ସରୋଜ ମହାସୁଆର ସ୍ମୃତି ପୁରସ୍କାର ଗ୍ରହଣ ଅବସରରେ ମହିଳା କ୍ରିକେଟ ପ୍ରତିଭା ତରାନ୍ନା ପ୍ରଧାନ ପ୍ରକାଶ କରିଛନ୍ତି। ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ତରାନ୍ନାଙ୍କୁ ଶ୍ରେଷ୍ଠ ଯୁବ କ୍ରିକେଟର ଏବଂ ଦୁର୍ଗାଦତ୍ତ ଦାସଙ୍କୁ ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜ୍ଞାନ ଓ କାରିଗରି କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବରିଷ୍ଠ କ୍ରିକେଟ କୋଚ୍ କିଶୋର ମାଣିଆ, ସାଇ (ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର, ଭୁବନେଶ୍ୱର ସାଂଗଠନିକ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ମହାସୁପକାର, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ଟାଉନ୍ କ୍ଲବର ସାଧାରଣ ସମ୍ପାଦକ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ଖେଳାଳି, କୋଚ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଘମିତ୍ରା ଶତପଥୀ ସଂଯୋଜନା କରିଥିଲେ।

"ଜୀବନରେ ମୋ ପାଇଁ ଏହା ପ୍ରଥମ ପୁରସ୍କାର। ତେଣୁ ସବୁଦିନ ନିଶ୍ଚିତ ମନେରହିବ। ଏହା ମୋତେ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଉତ୍ସାହିତ କରିବ। ସିନିୟର ଦଳରେ ସ୍ଥାନ ପାଇବା ମୋର ପ୍ରଥମ ଲକ୍ଷ୍ୟ। ଏହା ବ୍ୟତୀତ ଅନ୍ୟ ସମସ୍ତ ଖେଳାଳିଙ୍କ ପରି ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋର ଅଭିଳାଷ ଅଛି ବୋଲି ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କୁ ଆଦର୍ଶ ମାନୁଥିବା ତରାନ୍ନା ପ୍ରକାଶ କରିଛନ୍ତି। ତରାନ୍ନା ନୟାପଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଭାରତୀୟ

## ତରାନ୍ନା ଓ ଦୁର୍ଗାଦତ୍ତଙ୍କୁ ସରୋଜ ମହାସୁଆର ସ୍ମୃତି ପୁରସ୍କାର

କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ୟାନେଲ ଅମ୍ପାୟର ଦୁର୍ଗାଦତ୍ତ ଦାସ ମଧ୍ୟ ଏହି ପୁରସ୍କାର ପାଇ ଖୁସି ଜାହିର କରିଛନ୍ତି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା କ୍ରିକେଟକୁ ଫାଇଦା ମିଳୁଛି। ଅନେକ ସମୟରେ ଅମ୍ପାୟରଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଛି ସତ, ମାତ୍ର ଡିଆରଏସ୍ ଆଦି ଆଧୁନିକ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ତ୍ରୁଟିରେ ସୁଧାର ଆସି ପାରୁଛି। ଖେଳାଳିଙ୍କୁ ଉଚିତ ନ୍ୟାୟ ମିଳିପାରୁଛି। ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସରୋଜ ମହାସୁଆର ସ୍ମୃତି କମିଟିଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦୁର୍ଗାଦତ୍ତ।

# ହୁଇଲ୍ ଚେୟାର ଟେନିସ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର, ୨୧।୨(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ହୁଇଲ୍ ଚେୟାର ଟେନିସ ଟୁର୍ (IWTT) ସହଯୋଗରେ ଚକଲେଟ୍ ଗ୍ରୁପ୍ ଦ୍ୱାରା ଗୁରୁକୁଳ ଟେନିସ୍ ରିସୋର୍ଟରେ ୩ ଦିନିଆ ରାଜ୍ୟରେ ପ୍ରଥମ ହୁଇଲ୍ ଚେୟାର ଟେନିସ କର୍ମଶାଳା କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ବର୍ଗର ମୋଟ୍ ୧୫ ଜଣ ଖେଳାଳି ସାମିଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। ଇଣ୍ଡିଆନ ହୁଇଲ୍ ଚେୟାର ଟେନିସ ଟୁର୍ ପକ୍ଷରୁ ଏହି କର୍ମଶାଳାରେ ଭଲ ପ୍ରଦର୍ଶନ କରିଥିବା ୮ ଜଣ ହୁଇଲ୍ ଚେୟାର ଖେଳାଳିଙ୍କୁ ପ୍ରଦର୍ଶନ ଅନୁସାରେ ଚୟନ କରାଯାଇଛି। ଏହା ମଧ୍ୟରେ ୭ ପୁରୁଷ ଓ ଜଣେ ମହିଳା ଖେଳାଳି ଅଛନ୍ତି। ଆଗମୀ ଅଗଷ୍ଟରେ ବେଙ୍ଗାଲୁରରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଏମାନେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଦ୍‌ଯାପନୀ ସମାରୋହରେ 'ସମ୍ଭାବନା'ର ସିଇଓ ଡ. ଶ୍ରୁତୀ ମହାପାତ୍ର ଅତିଥି ଭାବେ ଯୋଗଦେଇ ଏହି କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ର୍‍ୟାକେଟ୍ ଦେବା ସହ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଚକଲେଟ୍ ଗ୍ରୁପ୍‌ର ଚିନ୍ମୟ ପ୍ରଧାନ ଉପସ୍ଥିତ ଥିଲେ।


ଉଦ୍‌ଯାପନୀ ଅବସରରେ ପ୍ରତିଯୋଗୀଙ୍କୁ ର୍‍ୟାକେଟ୍ ପ୍ରଦାନ କରାଯାଉଛି।







E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

**LEGEND CARS**
JEYPORE: 7894442901.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019.

**Offer includes consumer offer, exchange bonus and corporate offer (wherever applicable) on Dzire (all variants). *As per SIAM. #As certified by Test Agency under Rule 115 of CMVR, 1989. ^Auto Gear Shift. Above mentioned mileage is for AMT variant. Terms and Conditions apply. The terms and conditions are subject to change without any prior notice. Accessories and features shown in the pictures may not be a part of the standard equipment and may vary according to the variant. Colours shown may vary from actual body colours due to printing on paper. Images used are for illustration purposes only. Above offer is valid till 28th February 2021.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ବେଆଇନ ଇଟାଭାଟି, ଧ୍ୱଂସ ହେଉଛି ଜଙ୍ଗଲ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ବାଦିବାହାଲଠାରୁ ରେଙ୍ଗାଲି ପଞ୍ଚାୟତ ପର୍ଯ୍ୟନ୍ତ ବେଆଇନଭାବେ ଗଢି ଉଠିଛି କେତେକ ଇଟାଭାଟି। ଏହି ସବୁ ଭାଟିରେ ଇଟା ପୋଡିବା ଲାଗି କାଠ ବ୍ୟବହାର କରାଯାଉଛି । ଭାଟି ମାଲିକମାନେ ସ୍ଥାନୀୟ ଜଙ୍ଗଲ ଓ ରାସ୍ତାକଡରେ ଥିବା ଗଛକୁ କଟରରେ କାଟି ଆଣି ଇଟା ପୋଡୁଛନ୍ତି। ଏଥିଯୋଗୁ ଜଙ୍ଗଲ ଧ୍ୱଂସ ହେବା ସହ ପରିବେଶ ଦୂଷିତ ହେଉଛି । ବନ ଓ ରାଜସ୍ୱ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ସଂକ୍ଷେପରେ

### 'ଉଚ୍ଛେଦ ପୂର୍ବରୁ ଥଇଥାନ କର'

ବଲାଙ୍ଗୀର ଅଫିସ, ୨୧।୨: ବଲାଙ୍ଗୀର ସହର ବ୍ରାହ୍ମଣପଡା ଓ ଗାନ୍ଧୀନଗରପଡା ମଝିରେ ଥିବା ମାରୱାଡି ବନ୍ଧଆଡିରେ ଜବରଦଖଲ କରି ଅନେକ ପରିବାର ଦୀର୍ଘବର୍ଷ ହେଲା ରହୁଛନ୍ତି। ସେଠାରୁ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନୋଟିସ୍ କରିଛି । ଏହାର ପ୍ରତିବାଦରେ ସେମାନେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉଚ୍ଛେଦ କରିବା ପୂର୍ବରୁ ସମସ୍ତ ପଡାବାସୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ କରିବାକୁ ସେମାନେ ଦାବି କରିଥିଲେ । ଥଇଥାନ ନକରି ଉଚ୍ଛେଦ କଲେ ସେମାନେ ପରିବାର ନେଇ କୁଆଡେ ଯିବେ ବୋଲି ପ୍ରଶ୍ନ କରିଥିଲେ। ପ୍ରଶାସନ ଉଚିତ୍ ଥଇଥାନ କରିବା ପରେ ଯାଇ ଉଚ୍ଛେଦ କରିବାକୁ ଦାବି କରିଥିଲେ । ମ୍ୟୁନିସିପାଲିଟି ପକ୍ଷରୁ ସୋମବାର ଉଚ୍ଛେଦ କରାଯିବ ବୋଲି ଏହି ପଡାବାସୀଙ୍କୁ ନୋଟିସ୍ ଦିଆଯାଇଥିବାରୁ ପଡାବାସୀ ଭୟଭୀତ ହୋଇପଡିଛନ୍ତି। ଜିଲାପାଳ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଅନୁରୋଧ କରିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

ବିନିକା,୨୧।୨(ଡି.ଏନ୍.ଏ.):ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଗୁଲୁଣ୍ଡା ମାହେଶ୍ୱରୀ ଯୁବକ ସଂଘ ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡରାପାଲିର ମିଳିତ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଇନ୍ଦିରା କଲୋନୀ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଯୁବକ ସଂଘ ସଭାପତି ମଧୁସୂଦନ ଖେତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ତହସିଲଦାର ଅଲେଖ ଘୁଟା, ବିଡିଓ ବ୍ୟାସଦେବ ବେହେରା, ଏବିଡିଓ ନିରଞ୍ଜନ ନାଏକ, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ ଧୃରେନ୍ଦ୍ର ନାୟକ, ସିଦ୍ଧାର୍ଥ କଲେଜ ଅଧକ୍ଷା ରେଖା ପଧାନ, ମାହେଶ୍ୱରୀ କଲେଜ ଅଧକ୍ଷ ଚିତ୍ତରଞ୍ଜନ ସେଠ୍, ଭୀମ ଆର୍ମି ପାର୍ଟି ସଭାପତି ମହେନ୍ଦ୍ର ସୁନା, ବିନିକା ପ୍ୟାକ୍ସ ସମ୍ପାଦକ ପ୍ରଶାନ୍ତ ନାୟକ, ସ୍କୁଲ କମିଟି ସଭାପତି ରାଜେନ୍ଦ୍ର ହୋତା ଯୋଗଦେଇଥିଲେ। ଶିବିରରେ ୬୬ଜଣ ପଞ୍ଜୀକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠାଯାଇଛି। ନେତ୍ର ଚିକିତ୍ସାଳୟ ଚକ୍ଷୁ ସହାୟକ ସୁଜିତ କୁମାର ଥାପା, ଟେକ୍ନିସିଆନ ଦେବାଶିଷ ମେହେର, ଭିଜନ ରେକର୍ଡିଂ ବିକାଶ ଦୀପ, ନିମାଇଁ ଚରଣ ଦଳବେହେରା ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଯୁବକ ସଂଘ ଉପସଭାପତି ଭାଗିରଥୀ ଉର୍ମା, ସମ୍ପାଦକ ସାରଥି ହରିପାଲ, ନରେଶ ଡାଙ୍ଗ, ମହାଦେବ ପାତ୍ର, ଅଶୋକ ମିର୍ଦ୍ଧା, ବିଶ୍ୱ ମହାକୁରୁଙ୍କ ସମେତ ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ।

### ଜଗନ୍ନାଥପାଲିରେ ଅଷ୍ଟାଦଶ ପୁରାଣ

ଉଲୁଣ୍ଡା, ୨୧।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ପଞ୍ଚାୟତର ଜଗନ୍ନାଥପାଲିଠାରେ ଚାରିଗ୍ରନ୍ଥ ଅଷ୍ଟାଦଶ ମହାପୁରାଣ ସାମୂହିକ ପାରାୟଣ କାର୍ଯ୍ୟକ୍ରମ ଶନିବାର ସମ୍ପନ୍ନ ହୋଇଛି । ସ୍ଥାନୀୟ ଆଚାର୍ଯ୍ୟ ପରିବାରର ପୃଷ୍ଠପୋଷକତା ଏବଂ ପୁରୀ ରାମଜୀ ମଠର ମଠାଧୀଶ ବଂଶୀଧରଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ପୂଜାରୀ, ଧ୍ରୁବଚରଣ ପାଣିଗ୍ରାହୀ, ଶିରିଷ ପୁରୋହିତ, ସୀତାରାମ ପାଣିଗ୍ରାହୀ ଏବଂ ଗୌର ମିଶ୍ରଙ୍କ ପରିଚାଳନାକ୍ରମେ ୪୬୦ ବ୍ରାହ୍ମଣଙ୍କୁ ଆସନ ଓ ପୁସ୍ତକ ପ୍ରଦାନ ସହ ସାମୂହିକ ଗ୍ରନ୍ଥ ପଠନ କରାଯାଇଥିଲା। କର୍ତ୍ତାଭାବେ ଗୋବର୍ଦ୍ଧନ ଆଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। କୈଳାସ ଚନ୍ଦ୍ର ପୁରୋହିତ, ଲକ୍ଷ୍ମଣ ପାଣ୍ଡିଆ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଗୁପ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

ସଇଁତଲା, ୨୧।୨ (ଡ଼ି.ଏନ.ଏ.): ସଇଁତଲା ବ୍ଲକ ତାଲବାହାଲ ପଞ୍ଚାୟତର ଲମକାନୀଠାରେ ରବିବାର ଗୁପ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ମନ୍ଦିର ବେଢ଼ାରେ ଅଷ୍ଟ ପ୍ରହର ନାମଯଜ୍ଞ ହୋଇଥିଲା। ଶନିବାର ସକାଳେ ଅଧିବାସ କାର୍ଯ୍ୟ ସମାପନ କରାଯାଇଥିଲା । କୋଭିଡ଼ ଗାଇଡ଼ଲାଇନକୁ ଆଖି ଆଗରେ ରଖି ଭକ୍ତ ବୃନ୍ଦ ତଥା ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠାର ସମସ୍ତ କାର୍ଯ୍ୟ କରିଥିଲେ । ମନ୍ଦିର ପ୍ରତିଷ୍ଠା ସମୟରେ ଗଉନ୍ତିଆ ପ୍ରବୀର କୁମାର ନାୟକ ଉପସ୍ଥିତ ଥିଲେ। କର୍ତ୍ତାଭାବେ ଲୀନା ନାୟକ, ଯଜ୍ଞ ପୂଜକ ଯୁଧିଷ୍ଠିର ହୋତା, ପ୍ରହର ପୂଜକ ଯୋଗେନ୍ଦ୍ର ମିଶ୍ର, ଜପକ ଅକ୍ଷୟ ହୋତା ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍ୟୋଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ହର ଡ଼ାଙ୍ଗ ।

# ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆବାସ ସ୍ୱପ୍ନ

କର୍ଲାମୁଣ୍ଡା, ୨୧।୨ (ଡି.ଏନ.ଏ.)



ନିଜ ମାଟିଘର ସାମ୍ନାରେ ମଦନା ନାଏକ।



ପଲିଥିନ ଘର ସାମ୍ନାରେ ସତ୍ୟବତୀ ପାତ୍ର।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

- ଯୋଜନାରୁ ବଞ୍ଚିତ ବୁଢ଼ୀପଦର ଗ୍ରାମବାସୀ
- ସରକାରୀ ଅଧିକାରୀଙ୍କ ଅପାରଗତା

ସରକାର ବାସହୀନମାନଙ୍କ ପାଇଁ ଗ୍ରାମୀଣ ଆବାସ ଯୋଜନା ଜରିଆରେ ଗୃହ ଯୋଗାଇ ଦେଉଛନ୍ତି। ଏଥିପାଇଁ ୨୦୧୧ରେ ଏସଇସିସି (ସାମାଜିକ ଅର୍ଥ ନୈତିକ ଜାତିଗତ ଗଣନା) ତାଲିକା ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ଘର ଯୋଗାଇବା ପାଇଁ ବାଧ୍ୟତା ମୂଳକ ନିୟମ କରିଥିଲେ। ହେଲେ ସରକାରୀ ଅଧିକାରୀଙ୍କ ଅପାରଗତା ଯୋଗୁ ମାଟି ଘରେ ରହୁଥିଲେ ହେଁ ଏସଇସିସି ତାଲିକାରେ ନାମ ନ ଥିବାରୁ ଯୋଗ୍ୟ ହିତାଧିକାରୀମାନେ ଆବାସ ଯୋଜନାରେ ସାମିଲ ହୋଇପାରି ନାହାନ୍ତି । ଏପରି ଅଭିଯୋଗ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୁଢ଼ୀପଦର ଗାଁରୁ ଆସିଛି। କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ବୁଢ଼ୀପଦର ଗାଁ ବ୍ଲକ ସଦରଠାରୁ ପ୍ରାୟ ୧୬ କି.ମି. ଦୂରରେ ଅବସ୍ଥିତ। ୨ୱାର୍ଡ ବିଶିଷ୍ଟ ଏହି ଗାଁରେ ୨୩୫ ପରିବାର ଓ ୮୫୭ ଜନସଂଖ୍ୟା ଆଦିବାସୀ, ହରିଜନ, ପଛୁଆବର୍ଗର ଲୋକେ ବାସ କରନ୍ତି। ଗାଁରେ ୬୦ରୁ ଅଧିକ ମାଟିଘର ରହିଥିଲେ ହେଁ ଗାଁ ଏସଇସିସି ସର୍ଭେରୁ ବାଦ ପଡିବାରୁ ଗରିବ ବାସହୀନ ଲୋକମାନଙ୍କ ପାଇଁ ଘର ଖଣ୍ଡିଏ ପାଇବା ସ୍ୱପ୍ନ ପାଲଟିଛି। ସତ୍ୟବତୀ ପାତ୍ର, କୁଞ୍ଜବନ ପାତ୍ର, ଘନଶ୍ୟାମ ପାତ୍ର, ଟଙ୍କଧର ଭୋଇ, ରାଜକିଶୋର ପାତ୍ର, ରୁପାଧର ଦଣ୍ଡସେନା, ମଦନା ନାଏକ, ଯଦବୁ ଭୋଇ, ଟିକେଶ୍ୱର ପାତ୍ର, ଶୁକ୍ରୁ ଭୋଇ, ଅରୁଣା ପାତ୍ର, କୁନ୍ତଳା ରଣା, ସୂର୍ଯ୍ୟମଣୀ ରଣା, କୁନୁ ଧରୁଆ, ନିଳାମ୍ବର ରଣା, ଯଦବୁ ପାତ୍ର ଭଳି ଅନେକ ଯୋଗ୍ୟ ହିତାଧିକାରୀ ଝାଟିମାଟି ଘରେ ରହି ଆସୁଥିଲେ ହେଁ ଘର ପାଇପାରୁ ନ ଥିବା ବୁଢ଼ୀପଦର ଗ୍ରାମ ବିକାଶ କମିଟି ସମ୍ପାଦକ ରାଜ କିଶୋର ପାତ୍ର, ସଭ୍ୟ ପଦ୍ମାବତୀ ମଲ୍ଲିକ ଅଭିଯୋଗ କରିଛନ୍ତି। ଏ ନେଇ ପୌରକେଲା କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷିରସିନ୍ଧୁ ରଣାଙ୍କୁ ପଚାରିବାରୁ ପୂର୍ବରୁ ବୁଢ଼ୀପଦର ଗାଁ ଏସଇସିସି ତାଲିକାରୁ ଭୂଲ କ୍ରମେ ବାଦ ପଡିଥିଲା। ବର୍ତ୍ତମାନ ଯୋଗ୍ୟ ହିତାଧିକାରୀଙ୍କ ନାମ ଏସଇସିସି ତାଲିକାର ଏଡିସିନାଲ ଲିଷ୍ଟରେ ରହିଛି। ସରକାରୀ ଆଦେଶ ପାଇଲେ ଆମେ ହିତାଧିକାରୀଙ୍କୁ ଗୃହ ଯୋଗେଇ ଦେବୁ ବୋଲି କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମହିଳାଙ୍କୁ ପଥର ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଅତାବିରା, ୨୧।୨ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ଦେଶଭଟିଲି ଗ୍ରାମରେ ମହିଳାଙ୍କୁ ପଥର ମାଡ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଣଜିତ ସେଣ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ରାମଜୀ ମନ୍ଦିର ପ୍ରାଙ୍ଗଣରେ କୁମ୍ଭ ସଂକ୍ରାନ୍ତି ପାଳନ ଅବସରରେ ରଣଜିତ ମହିଳାମାନଙ୍କୁ ଗାଳିଗୁଲଜ ସହ ପଥର ମାଡ କରିଥିଲେ। ଏଥିରେ ଜଣେ ମହିଳା ଗୁରୁତର ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅନ୍ୟପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ମହିଳା ବରଗଡ ଏସ୍‌ପିଙ୍କ ଠାରେ ଫେରାଦ ହୋଇ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପୋଲିସ ରବିବାର ରଣଜିତଙ୍କୁ ବରଗଡ ଚକରକେନ୍ଦ ଝାଙ୍କରପାଲି ସ୍ଥିତ ତାଙ୍କ ଭିଣୋଇ ଘରୁ ଗିରଫ କରିଛି ।

## ଦେଓଗାଁ: ଗାଡି ଚୋରି ର୍‍ୟାକେଟ ସକ୍ରିୟ

ଦେଓଗାଁ, ୨୧।୨ (ଡି.ଏନ.ଏ.)



ଜବତ ଚୋରି ମ୍ୟାକ୍ସ ପିକଅପ ସହ ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତମାନେ।

**୨ ଚୋରି ମ୍ୟାକ୍ସ ପିକଅପ୍ ଜବତ୍, ୩ଗିରଫ**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଦୁଇଚକିଆ ଓ ଚାରିଚକିଆ ଗାଡି ଚୋରି ର୍‍ୟାକେଟ ସକ୍ରିୟ ହୋଇ ଉଠିଛନ୍ତି। ରବିବାର ଦୁଇଟି ମ୍ୟାକ୍ସ ପିକଅପ୍ ଗାଡି ଚୋରିର ପର୍ଦାଫାଶ କରିଛି ଦେଓଗାଁ ପୋଲିସ । ଉକ୍ତ ଘଟଣାରେ ଦେଓଗାଁ ଥାନାରେ ଏକ ମାମଲା(ନଂ.୪୬/୨୧)ରୁଜୁ କରି ପୋଲିସ ଗାଡି ଜବତ କରିଛି। ଏଥି ସହିତ ଉକ୍ତ ଗାଡିରେ ଚୋରା ଚାଲାଣ ହେଉଥିବା କାଠକୁ ଜବତ କରାଯାଇଥିବାବେଳେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ରବିବାର ଅପରାହ୍ନରେ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଓ ଦେଓଗାଁ ଥାନାଧିକାରୀ ରଞ୍ଜନ କୁମାର ବରିହା ଏ ନେଇ ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ବଲାଙ୍ଗୀରର ରଙ୍କ ଦେବ, ରିତେଶ ବିଶି ଓ ପୋଢପରାର ନେପାଲ ପୋଢ । ସୂଚନାନୁସାରେ, ଗତ ୨୦ତାରିଖରେ ପୋଲିସ ଏସଆଇ ଜଗଜୀବନ ସା ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍‌ଅପ୍‌ରେ କାଠ ଚାଲାଣ ହେଉଥିବା ଖବର ପାଇ ଦେଓଗାଁ ନିକଟରେ ଜଗି ରହିଥିଲେ। ଦ୍ରୁତଗତିରେ ଖସି ପଳାଉଥିବା ଉକ୍ତ ଗାଡିକୁ ପିଛା କରି ପୋଲିସ ଅର୍ଡା ଓ ସିକୁଆଁ ମଝିରେ ଅଟକାଇଥିଲା। ଉକ୍ତ ଗାଡିର ନମ୍ବର ପ୍ଲେଟରେ(ଓଆର ୧୮- ୮୯୪୩) ଲେଖାଯାଇଥିବା ବେଳେ ତନଖି ବେଳେ ଏହା ଜାଲ ବୋଲି ଜଣାପଡିଥିଲା। ଏଥିପୂର୍ବରୁ ଗତ ନଭେମ୍ବର ମାସରେ ବରଗଡ ଜିଲା ଭେଡେନରୁ ଚୋରି ହୋଇଥିବା ପିକଅପ୍(ନଂ. ଓଡି ୦୨ ଏଆର ୭୫୫୮ ଯାହାକି ଫେକ ନମ୍ବର) ଦେଓଗାଁ ମହଲେଇ ପଞ୍ଚାୟତ କୁନ୍ଦେଇମାଲ ପୋଢପରା ନିକଟସ୍ଥ ଜଙ୍ଗଲରୁ ପୋଲିସ ଜବତ କରିଥିଲା। ଏହି ଚୋରି ଘଟଣାରେ ଗିରଫ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି।

## ଆନ୍ତଃ ଜିଲା ଜୁନିୟର କ୍ରିକେଟ ଉଦ୍‌ଘାଟିତ

ଭବାନୀପାଟଣା, ୨୧।୨ (ଡି.ଏନ.ଏ.)

ଭବାନୀପାଟଣା, ୨୧।୨ (ଡି.ଏନ.ଏ.) ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଭିଜନ ୨୪ ଆନ୍ତଃ ଜିଲା ଜୁନିୟର କ୍ରିକେଟ ମ୍ୟାଚ ପୂର୍ବତନ ଓଡିଶା କ୍ରିକେଟ ଆସୋସିଏଶନ ସଭାପତି ତଥା ପୂର୍ବତନମନ୍ତ୍ରୀ ରାସବିହାରୀ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ରାଜ୍ୟ ଅଲମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ଜିଲା କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସୁନୀଲ ବେହେରା, ଶ୍ରୀକାଳୀ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ସନ୍ତ ସିଂହ, କ୍ରୀଡା ସମ୍ପାଦକ ଚକ୍ରଧର ସେଠୀ, ଫୁଟବଲ ସମ୍ପାଦକ ଅବଦୁଲ କାଦରଙ୍କ ସମେତ ଶମ୍ଭୁ ପ୍ରସାଦ ରାଉତ, ସୁବାଷ ପଣ୍ଡା (ଝୁନୁ), ଅଶୋକ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ସବୁ ବାଲାନ, ଅସିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ରଣଜୀ କ୍ରିକେଟ ଖେଳାଳି ତଥା ଆଇନଜୀବୀ ସୁବ୍ରତ ବହିଦାରଙ୍କୁ ଉପଢ଼ୋକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଅବାଧରେ ଚାଲିଛି ଗୋରୁ ଚାଲାଣ

ଡୁଙ୍ଗୁରିପାଲି, ୨୧।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରୁ ଅବାଧରେ ଚାଲିଛି ଗୋରୁ ଚାଲାଣ। ଜାତୀୟ ରାଜପଥ ଦେଇ ନିୟମିତଭାବେ ଗୋରୁଙ୍କୁ ଚାଲାଣ କରାଯାଉଛି। ସ୍ଥାନୀୟ ପୋଲିସ ଏହାକୁ ରୋକିବା ଦିଗରେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ଗତ ୩ ମାସ ହେଲା ଚାଲାଣ ପ୍ରକ୍ରିୟା ଜୋରଦାର ଚାଲିଛି। ୧୦ ଚକିଆ କଣ୍ଟେନରରେ ଗୋରୁଙ୍କୁ ସପ୍ତାହର ଶୁକ୍ରବାର, ଶନିବାର ଓ ରବିବାର ରାତିରେ ବାହାରକୁ ପଠାଯାଉଛି। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋଡ ଶୁକ୍ରବାର ସାପ୍ତାହିକ ବଜାର, ନୂଆପଡା, ଖରିଆର ଆଦି ସ୍ଥାନରୁ ବେପାରୀମାନେ ଗୋରୁ ଆଣିଥାନ୍ତି। ପରେ ସେହି ଗୋରୁଙ୍କୁ ସାଲେଭଟା ନିକଟ ଗାଇଖାଇ ଡ୍ୟାମ ଜଙ୍ଗଲରେ ରଖାଯାଇଥାଏ। ଦୁଇ ତିନି ଦିନ ସେଠାରେ ରଖିବା ପରେ ମଧ୍ୟସ୍ଥମାନେ କଣ୍ଟେନରରେ କଲିକତା ଚାଲଣା କରିଥାନ୍ତି। ନିୟମିତଭାବେ ଏପରି ଚାଲିଥିଲେ ହେଁ ପୋଲିସ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଡୁଙ୍ଗୁରିପାଲି ଭାରପ୍ରାପ୍ତ ଥାନାଧିକାରୀ ଭାନୁଶଙ୍କର ଯାଦବଙ୍କୁ ପଚାରିବାରୁ ବେଆଇନଭାବେ ଗୋଚାଲାଣ କରାଯାଉଥିବା ନେଇ ମୋ ପାଖରେ କୌଣସି ଖବର ନାହିଁ। ଯଦି ଏପରି ହେଉଥାଏ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଅବିଳମ୍ବେ ଗୋରୁ ଚାଲାଣ ବନ୍ଦ କରା ନ ଗଲେ ବଜରଙ୍ଗ ଦଳ ଆନ୍ଦୋଳନାତ୍ମକପନ୍ଥା ଆପଣାଇ ବୋଲି ଚେତାବନୀ ଦେଇଛି।

## ଗାଁ କଲ୍ୟାଣ ସମିତି ଉପରେ ତାଲିମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବିନିକା, ୨୧।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଅଙ୍ଗନୱାଡି କେନ୍ଦ୍ରରେ ଦୁଇଦିନ ଧରି ଚାଲିଥିବା ଗାଁ କଲ୍ୟାଣ ସମିତି ଓ ବିଶ୍ୱାସ ଉପରେ ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଯୋଜନାର ସବିତାରାଣୀ ହାତୀ, ସ୍ୱାସ୍ଥ୍ୟକର୍ମୀ ରୀତା ମିଶ୍ର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ତାଲିମଦାତାମାନେ ଋତୁଜନିତ ରୋଗ କିପରି ଗୋଷ୍ଠୀ ଓ ପରିବାରସ୍ତରରେ ପ୍ରଭାବ ପକାଏ ଏବଂ ବାହ୍ୟ ମଳମୁକ୍ତ ଗାଁର ଗୁରୁତ୍ୱ ବିଷୟରେ କହିଥିଲେ। ଫାଲେରିଆ ସୁପରଭାଇଜର ଗୁରୁରାଜ ବାଗ କାର୍ଯ୍ୟକ୍ରମରେ ଯୋଗଦେଇ ଫାଲେରିଆ ରୋଗକୁ କିପରି ନିୟନ୍ତ୍ରଣ କରାଯିବ ସେ ବିଷୟରେ କହିଥିଲେ। ତାଲିମ ଶିବିରରେ ଅଙ୍ଗନୱାଡି କର୍ମୀ ଦୀପା ପଣ୍ଡା, ରୀନା ତ୍ରିପାଠୀ, ସମାଜିକ କର୍ମୀ ଅଭୟ ପଧାନ, ଗାଁ କଲ୍ୟାଣ ସମିତି ସଭ୍ୟ ଅଶୋକ କୁମାର ପଣ୍ଡା, ୱାର୍ଡସଭ୍ୟ ତ୍ରିପୁରାରୀ ତରିଆ, ଆଶାକର୍ମୀ ସୁଦେଷ୍ଣା ସାହୁ, ଦିଲେଶ୍ୱରୀ ପୋଢ଼ଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

## ଗଣପତି ବଚ୍ଛା ହତ୍ୟାକାଣ୍ଡ: ତଦନ୍ତ ଦାବି କଲେ ପରିବାର ଲୋକେ

ବଲାଙ୍ଗୀର ଅଫିସ, ୨୧।୨

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଲ ଗ୍ରାମର ଗଣପତି ବଚ୍ଛା (୨୬) ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ । ଏସପି ଅଫିସକୁ ଆସି ସେମାନେ ଏ ନେଇ ଜଣାଇଛନ୍ତି। ସ୍ଥାନୀୟ ପୋଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ଗତ ୭ତାରିଖ ଦିନ ଗଣପତି ବଚ୍ଛାଙ୍କ ମୃତଦେହ ଭାଲୁମୁଣ୍ଡା-ବେଲପଡା ରାସ୍ତାରେ ପଡିଥିଲା । ମୃତଦେହ ନିକଟରେ ଏକ ବାଇକ ପଡିଥିଲା। ଏନେଇ ପୋଲିସ ପାଖରୁ ପରିବାର ଲୋକେ ଖବର ପାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ମୁତାବକ ଗଣପତିଙ୍କୁ ଯୋଜନାବଦ୍ଧ ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେବାକୁ ପାଖରେ ଏକ ବାଇକ ପକାଇ ଦିଆଯାଇଛି । ସେମାନେ କହିଛନ୍ତି ଯେ, ମୃତ ଗଣପତି ବାଇକ ଚଲାଇ ଜାଣନ୍ତି ନାହିଁ । ଘଟଣା ପୂର୍ବଦିନ ସେ ନିଜ ସାଇକେଲରେ ଘରୁ ବାହାରିଥିଲେ। ପରଦିନ ଗଞ୍ଜାବାହାଲ ଛକରେ ତାଙ୍କ ମୃତଦେହ ମିଳିଥିଲା । ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ ମଧ ବଙ୍ଗୋମୁଣ୍ଡା ପୋଲିସ ଉଚିତ୍ ତଦନ୍ତ ନ କରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ଶନିବାର ଏସପି ଅଫିସକୁ ଆସି ଆଡିସନାଲ ଏସପିଙ୍କୁ ଭେଟି ଉଚିତ୍ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ସଟ୍ଟା ଖେଳ ସହ ଏହି ହତ୍ୟାକାଣ୍ଡ ଘଟଣାର ସମ୍ପୃକ୍ତି ରହିଛି ବୋଲି ସୁରାକ୍ ଦେଇ ଏନେଇ ଅଧିକ ତଦନ୍ତ କରାଗଲେ ହତ୍ୟାକାଣ୍ଡର ଦୋଷୀ ଧରାପଡିଯିବେ ବୋଲି ଦାବି କରିଥିଲେ । ଘଟଣାର ଉଚିତ୍ ତଦନ୍ତ କରାଯିବ ବୋଲି ଆଡିସନାଲ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ମୃତ ଗଣପତିଙ୍କ ଭାଇ ନରେନ୍ଦ୍ର ବଚ୍ଛା ସୂଚନା ଦେଇଛନ୍ତି।

## ଝିଲିମିଣ୍ଡାରେ ଗୀତାଯଜ୍ଞ

କାମଟିକ୍ରା, ୨୧।୨ (ଡି.ଏନ.ଏ)

ଅତାବିରା ବ୍ଲକ ଝିଲିମିଣ୍ଡା ନିକଟସ୍ଥ ରଙ୍ଗିଆଟିକ୍ରାଠାରେ ରବିବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମୁନା ବାବୁ ଓ ସନମତ ମେହେର ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କୈଳାସ ବାଗ, ଯୋଗେଶ୍ୱର ପଧାନ, ଅଧିକାରୀ ସେଟ, ସତ୍ୟନାରାୟଣ ପୁରୋହିତ, ନିଧି ପୋଢ଼ ଓ ପଞ୍ଚାନନ କର୍ଣ୍ଣ ପ୍ରମୁଖ ଗୀତାପାଠ କରିଥିଲେ। ପଣ୍ଡିତ ମାନଭଞ୍ଜନ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ।

## କ୍ଲଷ୍ଟରସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ

ତରବୋଡ/ନୂଆପଡା ଅଫିସ, ୨୧।୨ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତ୍ରିଦିବସୀୟ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ ସିଦ୍ଧେଶ୍ୱର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷ କୋମନା ମନୋଜ କୁମାର ମିଶ୍ର, ସମ୍ମାନିତ ଅତିଥି ମାୟାଧର ସରାଫ, ଯୁଧିଷ୍ଠିର ପଟେଲ, ଶେଷଦେବ ନାୟକ, ଲାଲ ଆଶୁତୋଷ ଦାସ, ସଂକିର୍ତ୍ତନ୍ୟ ମିଶ୍ର, ବଚନ ଭୋଇ, ଡ. ବିନୋଦ ବିହାରୀ ରଥ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ । ରେଡକ୍ରସ କାଉନସିଲର ଅଶ୍ୱିନୀ ଓତା ସଂଯୋଜନା କରିଥିଲେ। ଦୀପକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ତୁମେଶ୍ୱର କର୍ମୀ, ତିଳ ଭୋଇ ସହଯୋଗ କରିଥିଲେ ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଉଛି।

## ବୃଦ୍ଧି ପାଉଛି କିରୋସିନ କଳାବଜାର

ସୋନପୁର,୨୧।୨(ନି.ପ୍ର.)



ଏସ୍ ପତ୍ରାପାଲିରୁ ଜବତ ହୋଇଥିବା ବ୍ୟାରେଲ ଭର୍ତ୍ତି ପିଡିଏସ୍ କିରୋସିନ ।

**ପେଟ୍ରୋଲ, ଡିଜେଲ ଦର ବୃଦ୍ଧିର ପ୍ରଭାବ**

ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ଏବେ ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଏହାର ଗଭୀର ପ୍ରଭାବ ଜନସାଧାରଣଙ୍କ ଉପରେ ପଡିଛି। ଏହି ସୁଯୋଗରେ ଗତକିଛି ମାସ ହେଲା ପିଡିଏସ୍ କିରୋସିନ କଳାବଜାର ବୃଦ୍ଧି ପାଇଛି। ଖାଉଟିଙ୍କ ପାଇଁ ଉଦ୍ଦିଷ୍ଟ ନୀଳରଙ୍ଗର ସବ୍‌ସିଡିଯୁକ୍ତ ପିଡିଏସ୍ କିରୋସିନ ଖାଉଟିଙ୍କ ପାଖରେ ପହଞ୍ଚୁନି। ଅଥଚ ପେଟ୍ରୋଲ ପମ୍ପ ମାଲିକ ଅପମିଶ୍ରଣ କରି ମୁନାଫା କମାଉଛନ୍ତି। ଟ୍ରକ୍, ଟ୍ରାକ୍ଟର ଓ ପାଣି ମୋଟର ସବୁ ପିଡିଏସ୍ କିରୋସିନରେ ଚାଲୁଛି। କିନ୍ତୁ ଯୋଗାଣ ବିଭାଗ, ପୋଲିସ ଏ ସବୁ ଯାଞ୍ଚ କରୁନି। ଏବେ ପେଟ୍ରୋଲ ଲିଟର ପିଛା ୯୨.୫୮ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୮୯.୪୯ ଟଙ୍କାରେ ବିକ୍ରି ହେଉଛି । ପ୍ରତିମାସ ସୁବର୍ଣ୍ଣପୁର ଜିଲାକୁ ୨ଲକ୍ଷ ୬୪ ହଜାର ଲିଟର କିରୋସିନ ଆସୁଛି। ୩୪ ଟଙ୍କାରେ ଖାଉଟିଙ୍କୁ ମିଳୁଥିବା ପିଡିଏସ୍ କିରୋସିନ୍ ଉପରେ ବ୍ୟବସାୟୀଙ୍କ ଦୃଷ୍ଟି ପଡିଛି। ଅନ୍ୟପକ୍ଷେ ଇନ୍ଧନ ଗ୍ୟାସର ବ୍ୟବହାର ବଢିଥିବାରୁ ରାଶନ କାର୍ଡ ଧାରୀମାନେ କିରୋସିନ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । କାଁ ଭାଁ ଗରୀବ ଲୋକେ ହିଁ ନେଉଛନ୍ତି। ଗତ ୧୯ ତାରିଖରେ ସୁବର୍ଣ୍ଣପୁର ଜିଲାର ସୀମାନ୍ତ ଏସ. ପତ୍ରାପାଲିସ୍ଥିତ ଶିବ ଚରଣ ସାହୁଙ୍କ ଗୋଦାମରୁ ସମ୍ବଲପୁର ଭିଜିଲାନ୍ସ ବିଭାଗ ଚଢାଉ କରି ବିପୁଳ ପରିମାଣର ପିଡିଏସ୍ କିରୋସିନ(୯୪୭୦ ଲିଟର) ଜବତ କରିଛି। ସମ୍ବଲପୁର ଅଞ୍ଚଳର ମହମ୍ମଦ ଅସବ ଖାନ(୪୫) ଗୋଦାମକୁ ଭଡାରେ ନେଇ କିରୋସିନ କଳାବଜାର କରୁଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର କରିବା ଅଭିଯୋଗରେ ଅସବଙ୍କୁ ଗିରଫ କରି ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଛି। ତେବେ କିରୋସିନ ବିକ୍ରି କରିଥିବା ଟ୍ୟାଙ୍କରକୁ ଭିଜିଲାନ୍ସ ବିଭାଗ ଜବତ କରି ପାରିନି। ପ୍ରକାଶ ଯେ, ଝାରସୁଗୁଡାସ୍ଥିତ ଇଣ୍ଡିଆନ ଅଏଲ ଡିପୋରୁ ପଶ୍ଚିମ ଓଡିଶାର ସମସ୍ତ ଜିଲାକୁ ଟ୍ୟାଙ୍କର ଯୋଗେ କିରୋସିନ ପରିବହନ ହୋଇଥାଏ। ଏହି କିରୋସିନ ହୋଲସେଲର ଓ ରିଟେଲରଙ୍କ ଜରିଆରେ ରାସନ କାର୍ଡଧାରୀଙ୍କୁ ୧.୭୦୦ଲିଟର ଲେଖାଏ ପ୍ରଦାନ କରାଯାଉଛି। କିନ୍ତୁ ଝାରସୁଗୁଡାରୁ ବିଭିନ୍ନ ଜିଲାକୁ ଯିବା ସମୟରେ ନିଛାଟିଆ ସ୍ଥାନ ଓ ଢାବା ମାନଙ୍କରେ କିରୋସିନ ବିକ୍ରି କରାଯାଉଛି । ଏହି କିରୋସିନକୁ ପେଟ୍ରୋଲ ପମ୍ପ ମାଲିକ, ଟ୍ରକ୍ ଓ ଟ୍ରାକ୍ଟର ମାଲିକ ଚଢାଦରରେ କିଣୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୨ ଫେବୃୟାରୀ, ୨୦୨୧



## ଦୁର୍ଘଟଣାରେ ଯୁବକ ମୃତ

**ବରଗଡ଼ ଅଫିସ୍:** ବରଗଡ଼ ଭଟଲି ଛକରେ ରବିବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତୋରା ଗ୍ରାମର ପିଣ୍ଟୁ ଧରେଇ(୨୩)। ସେ ଏକ ବାଇକ୍‌ରୁ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଯାଇଥିଲା। ସନ୍ଧ୍ୟାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ପିଣ୍ଟୁଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ମୃତଦେହକୁ ଡାକ୍ତରଖାନା ଫ୍ରିଜରରେ ରଖାଯାଇଛି । ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

# ମିଳୁନି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେବା

**ବେହେରା, ୨୧।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳବାସୀ ରଷ୍ଟ୍ରାୟତ୍ତ ବ୍ୟାଙ୍କ ସେବାରୁ ବଞ୍ଚିତ ହୋଇଛନ୍ତି। ଅଞ୍ଚଳରେ କୌଣସି ରଷ୍ଟ୍ରାୟତ ବ୍ୟାଙ୍କ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ଦଣ୍ଡପାଟ ଅଞ୍ଚଳର ବେହେରା ଗ୍ରାମ ଏକମାତ୍ର ବ୍ୟବସାୟିକ ପେଣ୍ଠସ୍ଥଳୀ ଓ ଜିଲାର ସର୍ବବୃହତ ପଞ୍ଚାୟତ। ଛତିଶଗଡ ସୀମାନ୍ତରେ ଥିବା ଏହି ଗ୍ରାମ ଉପରେ ପାଖାପାଖି ୧୪ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଦୈନନ୍ଦିନ ଜୀବନର ଆବଶ୍ୟକତା ପାଇଁ ନିର୍ଭର କରିଥାନ୍ତି। ୧୯୮୧ରୁ ୨୦୦୬ ପର୍ଯ୍ୟନ୍ତ ଏଠାରେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ରହିଥିଲା। କିନ୍ତୁ ବ୍ୟାଙ୍କ କର୍ମଚାରୀମାନେ ରାତାରାତି ଧର୍ମଗଡକୁ ସ୍ଥାନାନ୍ତର କରିଥିଲେ। ସେହି ଦିନଠାରୁ ବେହେରାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବ୍ୟାଙ୍କ ସ୍ଥାପନ ହୋଇପାରି ନାହିଁ। ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଚାଷୀ, କର୍ମଚାରୀ, ଛାତ୍ରୀଛାତ୍ର, ହିତାଧିକାରୀ, ଗର୍ଭବତୀମାନେ ଦୀର୍ଘ ୨୦ କି.ମି. ଦୂର ଧର୍ମଗଡ ବ୍ୟାଙ୍କ ଉପରେ ନିର୍ଭର କରନ୍ତି। ଏଥିପାଇଁ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ସେହିପରି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ସମେତ ଆରବିଆଇଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରି ନାହିଁ। ଦଣ୍ଡପାଟର ଏହି ଯଥାର୍ଥ ଦାବିକୁ ସରକାର ଗୁରୁତ୍ୱ ଦେଇ ଶୀଘ୍ର ବେହେରାଠାରେ ଏକ ରଷ୍ଟ୍ରାୟତ ବ୍ୟାଙ୍କ ଶାଖା ଖୋଲିବାକୁ ଅଞ୍ଚଳବାସୀ ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ସେମାନେ ଯାହା କୁହନ୍ତି...



“ବ୍ୟାଙ୍କ ସେବା ପାଇଁ ଅନେକ ପେନସନ୍‌ଜୀବୀ, ଛାତ୍ରୀଛାତ୍ର ତଥା ଗର୍ଭବତୀ ମହିଳାମାନେ ଦୀର୍ଘ ୨୦ କି.ମି. ଯାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

**ତୁଳସୀରାମ ବାରିକ, ଶିକ୍ଷାବିତ୍, ବେହେରା**



“ଦଣ୍ଡପାଟର ଏହି ଯଥାର୍ଥ ଦାବିକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ବେହେରାଠାରେ ଏସବିଆଇର ଏକ ଶାଖା ଖୋଲିବାକୁ ଅନୁରୋଧ। ଅନ୍ୟଥା ସରକାର ଆଗାମୀ ଦିନରେ ଜନ ଆକ୍ରୋଶର ଶିକାର ହେବେ ।

**ଦିଗାମ୍ବର ଦୁରିଆ, ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ।**



“ଏ ସମ୍ପର୍କରେ ରାଷ୍ଟ୍ରପତି, ପ୍ରାଧାନମନ୍ତ୍ରୀ, ଆରବିଆଇଙ୍କୁ ଲିଖିତ ଆବେଦନ କରିଥିଲୁଁ, କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ ।

**ରଜତ ବଂଶଲ, ଯୁବ ବ୍ୟବସାୟୀ, ବେହେରା।**



“ଅନେକ ହିତାଧିକାରୀ ଓ ଗରିବ ଚାଷୀମାନେ ଦୀର୍ଘ ୨୦ କି.ମି ଦୂରରେ ଥିବା ଶାଖାରୁ ଟଙ୍କା ଉଠାଇ ଆସୁଛନ୍ତି। ଏଥିପାଇଁ ବେବେଳେ ରାସ୍ତାରେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡୁଛନ୍ତି ଏବଂ ଡିକିଭାଙ୍ଗି ଚୋରି କରୁଥିବା ନଜରକୁ ଆସୁଛି ।

**ଭୂପେଶ କୁମାର ତିୱାରୀ, ବେହେରା**

**ଦଣ୍ଡପାଟ ଅଞ୍ଚଳ**

■ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ

# ଯୌତୁକ ନିର୍ଯାତନା: କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

**ଲାଠୋର, ୨୧।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଝାଲବାହାଲ ଗ୍ରାମର ଜଣେ ମହିଳାଙ୍କୁ ଯୌତୁକ ପାଇଁ ତାଙ୍କ ସ୍ୱାମୀ, ଶଶୁ ଓ ଶଶୁର ନିର୍ଯାତନା ଦେଉଥିବ ନେଇ ୨୦୨୦ ଡିସେମ୍ବର ୧୪ତାରିଖରେ ଅଭିଯୋଗ ହୋଇଥିଲା। ନିର୍ଯାତନାର ଶିକାର ମଦନି ତାଣ୍ଡି ଏତଲା ଦେବା ଇତିମଧ୍ୟରେ ୨ମାସ ବିତିଗଲାଣି। ହେଲେ ଲାଠୋର ଥାନା ପୋଲିସ ତାଙ୍କୁ ନ୍ୟାୟ ପ୍ରଦାନ କରି ନ ଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ ନୂଆପଡା ଜିଲା ଲଖନା ଥାନା ଅଧିନ ମୁଣ୍ଡାପଲା ଗ୍ରାମର ଯୁବରାଜ ସୁନାଙ୍କ ଝିଅ ମଦନି ଲାଠୋର ଥାନା ଝାଲବାହାଲ ଗ୍ରାମର ଧନିରାମ ତାଣ୍ଡିଙ୍କ ପୁଅ ବିଷ୍ଣୁଙ୍କ ୭ବର୍ଷ ତଳେ ବିବାହ କରିଥିଲେ। ବିବାହର ୧୫ ଦିନ ପରେ ସ୍ୱାମୀଙ୍କ ସହ ସେ ଆନ୍ଧ୍ରପ୍ରଦେଶକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ସେଠାରେ କିଛି ଦିନ କାମ କଲା ପରେ ବିଷ୍ଣୁ ତାଙ୍କୁ ଘର ଲୋକଙ୍କୁ କହି ଏକ ବାଇକ ଆଣିବାକୁ କହି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଖାଲି ସେତିକି ନୁହେଁ ସେଠାରେ ତାଙ୍କୁ ଏକୁଟିଆ ଛାଡି ଦେଇ ବିଷ୍ଣୁ ଘରକୁ ଚାଲି ଆସିଥିଲେ। ମଦନି ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇ ମୁଣ୍ଡାପଲା ଚାଲି ଆସିଥିଲେ। ୫ବର୍ଷ କାଳ ବାପଘରେ ରହିଲା ପରେ ମଧ ତାଙ୍କୁ ଶ୍ୱଶୁର ଘର ଲୋକେ ନେବାକୁ ନ ଆସିବାରୁ ମଦନି ଜାତି ସମାଜର ସହାୟତା ଲୋଡିଥିଲେ। ସମାଜ ହସ୍ତକ୍ଷେପ ପରେ ଶ୍ୱଶୁର ଘର ଲୋକ ଲେଖାପଢ଼ା କରି ତାଙ୍କୁ ଘରକୁ ନେଇଥିଲେ। ସବୁ କିଛି ଠିକ୍‌ଠାକ ଚାଲିଲା। ମଦନୀ ଜନ୍ମଦେଲେ ଏକ କନ୍ୟା ସନ୍ତାନ। ଝିଅ ଜନ୍ମ ପରେ ପୁଣି ଥରେ ଆରମ୍ଭ ହେଲା ନିର୍ଯାତନା। ୨୦୨୦ ଡିସେମ୍ବର ୧୩ତାରିଖ ସନ୍ଧ୍ୟାରେ ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ମାଡ ମାରି ଘରୁ ତଡି ଦେଇଥିଲେ। ଅନ୍ୟୋନୋପାୟ ହୋଇ ମଦନି ୧୪ତାରିଖରେ ଶିଶୁକନ୍ୟାକୁ ସାଙ୍ଗରେ ନେଇ ଲାଠୋର ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଦଫା ୪୯୮(ଏ), ୩୫୪, ୨୯୪, ୩୨୩, ୩୪ ଏବଂ ଯୌତୁକ ନିଷେଧ ଆଇନ ୧୯୬୧ର ଧାରା ୪ ଅନୁସାରେ ଏକ ମାମଲା(ନଂ. ୧୫୯/୨୦)ରୁଜୁ ହୋଇଥିଲା। ତଦନ୍ତ ଚାଲିଛି କହି ପୋଲିସ ଚୁପ୍ ହୋଇ ବସିଛି। ନିର୍ଯାତନା ଦେଇଥିବା ସ୍ୱାମୀ ଓ ଅନ୍ୟମାନଙ୍କୁ ଗିରଫ କରାଯାଇ ନାହିଁ ବୋଲି ମଦନି ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଅଧିକାରୀ ଏସଆଇ ପ୍ରଣୟ ମୁର୍ମୁଙ୍କୁ ଯୋଗାଯୋଗ କରିବାର ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ।

# ଖଡ଼ିଆଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଖଡ଼ିଆଳ, ୨୧।୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖଡିଆଳ ସହରରେ ସ୍ୱଚ୍ଛ ସର୍ବେକ୍ଷଣ ଯୋଜନା କେବଳ କାଗଜ କଲମରେ ଓ ସଚେତନତା ମିଟିଂରେ ହିଁ ସିମିତ ହୋଇ ରହିଯାଇଛି । ଏହା ପ୍ରତ୍ୟେକ୍ଷରେ କାର୍ଯ୍ୟକାରୀ ହେଉ ନ ଥିବାରୁ ସହରରେ ବିଭିନ୍ନ ୱାର୍ଡରେ କୁଢ଼ କୁଢ଼ ମଇଳା, ଆବର୍ଜନା ଓ ପଲିଥିନ ସଫା ନ ହୋଇ ପଡିରହିଛି। ୱାର୍ଡ ନଂ. ୧୨କୁ ଯାଇଥିବା ଡ୍ରେନ ବର୍ଷ ବର୍ଷ ଧରି ସଫା ହେଉ ନ ଥିବାରୁ ଡ୍ରେନରେ ଅନାବନା ଗଛ ଉଠି ସାରିଲାଣି । ଡ୍ରେନ କାଦୁଅରେ ପରିପୂର୍ଣ୍ଣ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସେହିପରି ପାଖରେ ଥିବା ବଡଦଧିବାମନ ମନ୍ଦିର ଓ ବିଦ୍ୟାଳୟ ନିକଟରେ କୁଢ଼ କୁଢ଼ ମଇଳା ଜମା ରହୁଛି। ଏହାଦ୍ୱାରା ଭକ୍ତମାନେ ମନ୍ଦିର ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଏହି ଦୁର୍ଗନ୍ଧ ପରିବେଶ ଦେଇ ଯିବାକୁ ପଡୁଛି । ଡ୍ରେନ ସଫା କରିବା ପାଇଁ ସ୍ଥାନୀୟ ଲୋକମାନେ ଖଡିଆଳ ଏନଏସି କର୍ତ୍ତୃପକ୍ଷ ତଥା ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଏ ଯାଏଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢ଼ିବାରେ ଲାଗିଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ସହରରେ ବିଭିନ୍ନ ୱାର୍ଡରେ ମଇଳା, ଆବର୍ଜନା ସଫା ନ ହୋଇ ପଡିରହିଛି ।

# ବିଜେଡିର ମହିଳା ସମାବେଶ

**ତରବୋଡ/ନୂଆପଡା ଅଫିସ, ୨୧।୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରୀଠାରେ ଜିଲା ମହିଳା ବିଜୁ ଜନତା ଦଳର ମହିଳା ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ମନୋଜ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦୁ ସିଂଦେଓ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ, ସୌଭାଗ୍ୟରଞ୍ଜନ ନାଏକ, ପୁଷ୍ପାଞ୍ଜଳି ପାଣ୍ଡେ, ନମିତା ପ୍ରଧାନ, ଯଶୋବନ୍ତି ମେହେର, ସରସ୍ୱତୀ ବାଗ, ଭୂଗଲୀ ସୁନାନୀ, ହେମନ୍ତ କର, କାର୍ତ୍ତିକ ଦୀପ, ସୁଧିର ମିଶ୍ର, ଗଦାଧର ଗହିର, ବ୍ରହ୍ମାନନ୍ଦ ସୁନାନୀ, ରାଜେଶ ନିଗମ ପ୍ରମୁଖ ଯୋଗଦାନ କରିଥିଲେ। ମହିଳା ସମାବେଶରେ କୋମନା ବ୍ଲକ ଦୁଇ ନମ୍ବର ଜିଲା ପରିଷଦ ଜୋନର ବାର ଗୋଟି ଗ୍ରାମପଞ୍ଚାୟତର ଶତାଧିକ ମହିଳା ଯୋଗଦାନ କରିଥିଲେ। ଆସନ୍ତା ୨୪ ତାରିଖରେ ହେବାକୁ ଥିବା ୨ନଂ. ଜୋନର ଜିଲା ପରିଷଦ ଉପନିର୍ବାଚନ ପାଇଁ ବିଜେଡି ଭୋଟ ଭିକ୍ଷା ମାଗିଥିଲା ।




ମହିଳା ସମାବେଶରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ।

# ଯମୁନାବାହାଲ ମାଇନର କେନାଲରେ ଘାଇ

**କୁନାଗଡ, ୨୧।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଯମୁନାବାହାଲ ମାଇନର କେନାଲର ନୂଆଗୁଡା ମଣ୍ଡି ନିକଟରେ ଏହି କିଛି ଦିନ ହେଲା ଏକ ଘାଇ ସୃଷ୍ଟି ହୋଇଛି। ଏପରିସ୍ଥଳେ ବର୍ତ୍ତମାନ ସୁଦ୍ଧା ବିଭାଗ ପାଖରେ ଘଟଣା ସମ୍ପର୍କରେ ଖବର ନ ଥିବାରୁ ଏ ଯାଏଁ ଘାଇର ମରାମତି ହୋଇପାରିନାହିଁ। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘାଇ ହେବାରୁ ସେଠାରେ ଥିବା ପୋଲ କଡର ମାଟି ଧୋଇ ହୋଇ ଭୁଶୁଡିବା ଆଶାଙ୍କା ରହିଛି। ପ୍ରକାଶ ଯେ, ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ଡିଭିଜନ ଅଧୀନ ଛୋରିଆଗଡ ଡ୍ରିଷ୍ଟିବୁଟାରୀରେ ଯମୁନାବାହାଲ ମାଇନର କେନାଲ ରହିଛି। ଏହି କେନାଲ ମହିଭର ମୁଖ୍ୟ କେନାଲରୁ ବାହାରି ନୂଆଗୁଡା, ଚିଚୈଗୁଡା, ଯମୁନାବାହାଲ, ଭେଜିପଦରକୁ ପ୍ରବାହିତ ହେଉଛି। ଗତ କିଛି ଦିନ ହେଲା ମାଇନର କେନାଲର ନୂଆଗୁଡା ମଣ୍ଡି ନିକଟରେ ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ପାଣି କେନାଲରେ ଭିତରେ ନ ଯାଇ ବାହାରକୁ ଯାଉଛି। କେନାଲ ଉପରେ ନିର୍ମିତ ପୋଲରେ ପଥର, ପାଳ ଭର୍ତ୍ତି ହୋଇଯାଇଥିବାରୁ ପାଣି ଯାଇ ନ ପାରି ହୁଡ କାଟି ପାଣି ଘାଇ ସୃଷ୍ଟି ହୋଇଥିବା ଜଣାପଡିଛି। ଶୀଘ୍ର ଘାଇ ମରାମତି କରା ନ ଗଲେ ମାଟି ଅତଡା ଖାଇ କେନାଲ ଉପରେ ଥିବା ପୋଲ ଭୁଶୁଡିବା ଆଶାଙ୍କା ରହିଛି। ଏ ନେଇ ବିଭାଗୀୟ ଏସ୍‌ଡିଓ ସ୍ନେହାଶିଷ ବେହେରାଙ୍କୁ ପଚାରିବାରୁ ମୁଁ ଜାଣି ନ ଥିଲି କିମ୍ବା ଏ ବିଷୟରେ କୌଣସି ଚାଷୀ କହି ନ ଥିଲେ । ଏବେ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଥିଲେ।



ନୂଆଗୁଡା ମଣ୍ଡି ନିକଟରେ କେନାଲରେ ଘାଇ ସୃଷ୍ଟି ହୋଇଛି।

**ମରାମତି ନ ହେଲେ ପୋଲ ଭୁଶିଡିବା ଆଶଙ୍କା**

## ସଂକ୍ଷେପରେ

### ଡିଭାଇଡରକୁ ପିଟିଲା ବାଇକ୍: ୧ ମୃତ, ଜଣେ ଗୁରୁତର

**ଖଡିଆଳ, ୨୧।୨ (ଡି.ଏନ.ଏ.):** ରବିବାର ନୂଆପଡା ଜିଲା ଖଡିଆଳ ସହର ୩୫୩ ନଂ. ଜାତୀୟ ରାଜପଥସ୍ଥିତ ଷ୍ଟେଟ ବ୍ୟାଙ୍କ ସାମନାରେ ଥିବା ଡିଭାଇଡରରେ ବାଇକ୍ ପିଟି ହେବାରୁ ଘଟଣାସ୍ଥଳରେ ଜଣେ ମୃତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖଡିଆଳ ବ୍ଲକ ସୁନାରୀସିକୁଆଁ ଗ୍ରାମର ବୈକୁଣ୍ଠ ଖରସେଲ (୪୦) ଓ ଗୁରୁତର ଆହତ ରୋହିତ ଶବର (୩୫)। ଆହତଙ୍କୁ ଖଡିଆଳ ଅଗ୍ନିଶମ ବିଭାଗ ଓ ପୋଲିସ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ କରି ପୋଲିସ ପରିବାରଙ୍କୁ ହସ୍ତାନ୍ତର କରିଥିଲେ । ଏ ନେଇ ଖଡିଆଳ ଥାନାରେ ଏକ ମାମଲା (ନଂ. ୭୧/୨୧) ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଖଡିଆଳ ଆଇଆଇସି କୈଳଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

### ଇଷ୍ଟକୋଷ୍ଟ ରେଲ୍‌ୱେ ଶ୍ରମିକ ୟୁନିୟନ୍ ସଭା

**ବଲାଙ୍ଗୀର ଅଫିସ, ୨୧।୨:** ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକ ସାଧାରଣ ସଭା ୟୁନିୟନ ସଭାପତି ମଧୁ ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ୟୁନିୟନ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି । ୟୁନିୟନ ଜୋନାଲ ମହାସଚିବ ପି.କେ. ପାଟଶାଣୀ ମୁଖ୍ୟଅତିଥି, ସମ୍ବଲପୁର ମଣ୍ଡଳ ସଂଯୋଜକ ସୁନୀଲ କୁମାର, ସନ୍ତୋଷ କୁମାର ମିଶ୍ର, କେ.ସି.ଜେନା ଓ ଜୋନାଲ ଯୁବ ସଂଯୋଜକ ଅମିତ କୁମାର ମିଶ୍ର ଅତିଥିଭାବେ ମଞ୍ଚାସୀନ ଥିଲେ । ଆୟୋଜିତ ସଭାରେ ୟୁନିୟନ ସମ୍ପାଦକ ମହେଶ୍ୱର ନାୟକ ବାର୍ଷିକ ବିବରଣୀ ଓ ହରିବନ୍ଧୁ ହାତୀ ଆର୍ଥିକ ବିବରଣୀ ଉପସ୍ଥାପନ କରିଥିଲେ। ଜୋନାଲ ମହାସଚିବ ପାଟଶାଣୀ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ସମୟରେ କେନ୍ଦ୍ର ସରକାର ରେଳ ସଂସ୍ଥାନର ଘରୋଇକରଣ ଓ କର୍ମଚାରୀମାନଙ୍କ ଶୋଷଣ ବିଷୟରେ ଆଲୋକପାତ କରିଥିଲେ। ଏହାର ମୁକାବିଲା ପାଇଁ କର୍ମଚାରୀଙ୍କ ଏକତା ଓ ସଂଗ୍ରାମ ଜରୁରୀ ବୋଲି ସେ କହିଥିଲେ। ପରେ ଦୁଇବର୍ଷ ପାଇଁ ୟୁନିୟନ କର୍ମକର୍ତ୍ତାମାନଙ୍କ ନାମ ତାଲିକାକୁ ମଣ୍ଡଳ ସଂଯୋଜକ ସୁନିଲ କୁମାର ଘୋଷଣା କରିଥିଲେ । ସଭାପତିଭାବେ ମଧୁ ସାହୁ, ସମ୍ପାଦକ ମହେଶ୍ୱର ନାୟକ, କାର୍ଯ୍ୟକାରୀ ସଭାପତି ସୌମ୍ୟ ରଞ୍ଜନ ରଥ, ଉପସଭାପତି ଲବ ସ୍ୱାଇଁ, ସହ-ସମ୍ପାଦକ ଶିବ କୁମାର ଗଡତ, ସୁବାସ ସାହୁ, ରାଣା ପ୍ରତାପ କୁମାର ଓ ଉଜଳ ସାହୁ, ସାଙ୍ଗଠନିକ ସମ୍ପାଦକ ଉତ୍କଳ କୁମାର ସାହୁ ଓ ଅମର ସେନାପତି, କୋଷାଧକ୍ଷ ହରିବନ୍ଧୁ ହାତୀ ଓ ଯୁଗ୍ମ କୋଷାଧକ୍ଷ ଭାବେ ମୀନାକ୍ଷୀ ସାଗର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏହା ସହିତ ୧୦ଜଣିଆ ଯୁବ ସଙ୍ଗଠନ ଓ ୧୫ ଜଣିଆ ମହିଳା ଶାଖା ଗଠିତ ହୋଇଥିଲା ।

### ଲଳିତ ନାୟକଙ୍କ ସ୍ମୃତିରେ ରକ୍ତଦାନ ଶିବିର




**ବଲାଙ୍ଗୀର ଅଫିସ, ୨୧।୨:** ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ସ୍ମୃତିରେ ମାହେଶ୍ୱରୀ ସଙ୍ଗଠନ ତରଫରୁ ଏକ ରକ୍ତଦାନ ଶିବିର ରବିବାର ରକ୍ତଭଣ୍ଡାରଠାରେ ଅନୁଷ୍ଠିତ ହୋଇଥିଲା। ଶିବିରକୁ ଭୀମଭୋଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ । ହସ୍ପିଟାଲ ମ୍ୟାନେଜର ଡା. ସୁଦୀପ ଦତ୍ତ ଏବଂ ରକ୍ତଭଣ୍ଡାର ଅଧିକାରୀ ଡା. ଆରତି ପଣ୍ଡା ଉପସ୍ଥିତ ଥିଲେ । ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ରିଲୁ ରଥ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ବିବେକା ପଟେଲ, ବିଡିଜିଏ କ୍ଲବର ସଂଗ୍ରାମ ବହିଦାର, ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଘାସିରାମ ବେହେରା, ଭବାନୀ ଶତପଥୀ, ଅଜୟ ନାଗ, ମାହେଶ୍ୱରୀ ଉପଦେଷ୍ଟା ଦିନେଶ ଶର୍ମା, ଲୋଟସ ଷଡଙ୍ଗୀ, ବ୍ୟାସଦେବ ନନ୍ଦ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ମାହେଶ୍ୱରୀ ସଙ୍ଗଠନ ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ, ସୋନିଆ ବେଜ, ସହସଂଯୋଜିକା ପ୍ରିୟଙ୍କା ପଟ୍ଟନାୟକ, କୋଷାଧକ୍ଷ ସୁଶ୍ରିତା ଠାକୁର ପ୍ରମୁଖ ଉକ୍ତ ରକ୍ତଦାନ କରିଥିଲେ ।

# ଡିଜିଟାଲ ପାଠାଗାର ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାର ସ୍ଥିତ ଇମ୍ପେରିଆଲ କଲେଜରେ ରବିବାର ଅତ୍ୟାଧୁନିକ ଡିଜିଟାଲ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ । ପୂର୍ବରୁ କଲେଜରେ ଥିବା ପାଠାଗାରକୁ ନୂତନ ରୂପ ଦିଆଯାଇ ଏଥିରେ କମ୍ପ୍ୟୁଟର, ସୂଚନା ଉପକରଣ ରଖାଯାଇଛି। ଏହି ପାଠାଗାରରେ ପୁରାତନ ଛାତ୍ରୀଛାତ୍ରମାନେ ମଧ୍ୟ ବିଭିନ୍ନ ପରୀକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି କଲେଜର ଚେୟାରମ୍ୟାନ ଦୀପକ ଗୋୟଲ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ କବି ମନୋରଞ୍ଜନ ସାହୁ, ରବି ପଣ୍ଡା, ଜୟପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ଉକ୍ତ ପାଠାଗାରର ସୁବିଧା ନେଇ ପାରିବେ ବୋଲି କଲେଜ ଚେୟାରମ୍ୟାନ ଗୋୟଲ କହିଛନ୍ତି ।

# ଶ୍ରୀକର ସଭାପତି, ହରିନାରାୟଣ ସମ୍ପାଦକ




ବଲାଙ୍ଗୀର ଜିଲା କ୍ରୀଡା ସଂସଦ ନିର୍ବାଚନରେ ପୁନଃ ନିର୍ବାଚିତ ହୋଇଥିବା କାର୍ଯ୍ୟକର୍ତ୍ତା ।

**ବଲାଙ୍ଗୀର ଜିଲା କ୍ରୀଡା ସଂସଦର ବାର୍ଷିକ ବୈଠକ, ନିର୍ବାଚନ**

**ବଲାଙ୍ଗୀର ଅଫିସ, ୨୧।୨**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଜିଲା କ୍ରୀଡା ସଂସଦର ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତା ତଥା ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ପୂଜାରୀ ବାର୍ଷିକ ବିବରଣୀ ଉପସ୍ଥାପନ ପୂର୍ବକ ଆଗାମୀ ଦିନରେ ବଲାଙ୍ଗୀର କ୍ରୀଡାକ୍ଷେତ୍ରକୁ ଶକ୍ତିଶାଳୀ କରି ଗଢି ତୋଳିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ କ୍ରୀଡା ସଂସଦ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ଦାୟିତ୍ୱ ତୁଲାଇଥିଲେ । କୌଣସି ପଦବୀ ସକାଶେ କେହି ପ୍ରତିଦ୍ୱନ୍ଦୀ ନ ଥିବାରୁ ଶୃଙ୍ଖଳାର ସହ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ସମାପନ ହୋଇଥିଲା । ବୈଠକରେ ନବନିର୍ବାଚିତ ସଭ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧକ୍ଷ ପ୍ରଭାତ ମିଶ୍ର, ଭଲିବଲ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଗ୍ରାମ୍ୟ କ୍ରୀଡା ଓ ଓମେନ୍ ଫେଷ୍ଟିଭାଲ ସମ୍ପାଦକ ସଂଗ୍ରାମ ବହିଦାର, କ୍ରୀଡା, ଖୋଖୋ, କବାଡି ସମ୍ପାଦକ ବିଭୂତି ପଣ୍ଡା, କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ, ଫୁଟବଲ, ଟେବୁଲ ଟେନିସ, ସନ୍ତରଣ ସମ୍ପାଦକଭାବେ ହେମନ୍ତ ବେହେରା ନିର୍ବାଚିତ ହୋଇଥିଲେ। ପରିଷଦ ସଭ୍ୟ ପଦବୀରେ ଦ୍ୱାରିକା ପଣ୍ଡା, ରାଜେନ୍ଦ୍ର ପୁରୋହିତ, ଶିଶିର ବହିଦାର, ବିଜୟ ବନସାଲ ଓ ଜୟରାମ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ରାମାୟଣ ପାରାୟଣ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ ଖଜୁରଟିକ୍ରାର ଶ୍ରୀ ଶ୍ରୀ ସୀତାରାମ ସତ୍‌ସଙ୍ଗ ସମିତି ପକ୍ଷରୁ ଚାଲିଥିବା ନବାହ୍ନ ତୁଳସୀ ରାମାୟଣ ପାରାୟଣ ଶନିବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର (ଘନଶ୍ୟାମ ମଣ୍ଡପ)ରେ ଗତ ୧୭ତାରିଖରୁ ଏହା ଆରମ୍ଭ ହୋଇଥିଲା। ୧୭ତାରିଖ ସନ୍ଧ୍ୟା ୫ଟାରେ କଳସ ଯାତ୍ରା ହୋଇଥିଲା। ସେହିପରି ୨୦ତାରିଖରେ ବରାନୁଗମନ ଏବଂ ଶ୍ରୀରାମ, ସୀତାଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରମିଳା ସାହୁ ଓ ସ୍ୱାମୀ ବଳରାମ ସାହୁ ବର ମାତାପିତା ଏବଂ ଶଚିଳା ମିଶ୍ର ଓ ସ୍ୱାମୀ ଅଶୋକ ମିଶ୍ର କନ୍ୟା ମାତାପିତା ଦାୟିତ୍ୱ ନିର୍ବାହ କରିଥିଲେ।

# ସାମ୍ବାଦିକତା ପ୍ରଶିକ୍ଷଣ କର୍ମଶାଳା

**ବରଗଡ଼ ଅଫିସ୍,୨୧।୨**

ବରଗଡ଼ ଇମ୍ପେରିଆଲ କଲେଜ ପରିସରେ ରବିବାର ସାମ୍ବାଦିକତା ଉପରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜାବ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ସୁଜିତ କୁମାର ପୃଷେଠ ଏବଂ ଜୟପ୍ରକାଶ ଶତପଥୀ ପ୍ରଶିକ୍ଷକ ଭାବେ ଯୋଗଦେଇ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜାବ୍‌ର ସଭାପତି ରବି ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଏବଂ ଇମ୍ପେରିଆଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତି, ସମ୍ପାଦକ ମନୋରଞ୍ଜନ ସାହୁ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନିଯୁକ୍ତି ଦିଅ, ନଚେତ୍ ଶିକ୍ଷାଗତ ଡିଗ୍ରୀ ନିଅ



ଜ୍ଞାପନ ପତ୍ର ଉନ୍ମୋଚନ କରାଯାଉଛି।

**ବିନିକା, ୨୧।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଛାତ୍ର କଂଗ୍ରେସ ତରଫରୁ କେନ୍ଦ୍ର ସରକାରଙ୍କ ବିରୋଧରେ ନିଯୁକ୍ତି ଦିଅ, ନଚେତ୍ ଡିଗ୍ରୀ ନିଅ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବରେ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସ୍‌ୟୁଆଇ ରାଜ୍ୟ ସହପ୍ରଭାରୀ ରାହୁଲ ରାୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନିଯୁକ୍ତି ଦିଅ ନଚେତ୍ ଡିଗ୍ରୀ ନିଅ ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ପ୍ରଭାରୀ ଏବଂ ବିନିକା ଛାତ୍ର କଂଗ୍ରେସ ନେତାମାନେ ଏକ ଜ୍ଞାପନ ପତ୍ର ଉନ୍ମୋଚିତ କରିଥିଲେ। ପରେ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସହପ୍ରଭାରୀ ରାୟ କହିଥିଲେ ଯେ, ସମଗ୍ର ଦେଶରେ ବେକାରୀ ଯୁବକଙ୍କ ଠିକ୍ ପରିସଂଖ୍ୟାନ ଲୁଚାଉଥିବା କେନ୍ଦ୍ରର ମୋଦି ସରକାରଙ୍କର ଅସଲ ମୁଖା ଖୋଲିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଜିଲା ଛାତ୍ର କଂଗ୍ରେସ ସଭାପତି ଗୋବିନ୍ଦା ଝାଙ୍କର ବକ୍ତବ୍ୟ ରଖି କହିଥିଲେ ଯେ, କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଶିକ୍ଷିତ ଯୁବକଙ୍କର ରୋଜଗାର ଓ ନିଯୁକ୍ତି ନେଇ ଚିନ୍ତା କରୁନାହାନ୍ତି। ବିନିକା ଭଳି କୃଷି ପ୍ରଧାନ ଅଞ୍ଚଳର କୃଷକମାନେ ବହୁକଷ୍ଟରେ ନିଜ ପିଲାଙ୍କୁ ପାଠ ପଢାଉଛନ୍ତି। ମାତ୍ର ଡିଗ୍ରୀ ହାସଲ ପରେ ନିଯୁକ୍ତି ନ ପାଇ ବେକାର ହୋଇ ଯୁବବର୍ଗ ଘୁରି ବୁଲୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ପ୍ରତ୍ୟେକ ବର୍ଷ ଦେଶର ୨କୋଟି ଲୋକଙ୍କୁ ରୋଜଗାରକ୍ଷମ କରିବାକୁ କହିଥିଲା। ମାତ୍ର ଏହା ଆଜି ଧୂଆଁବାଣରେ ପରିଣତ ହୋଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଥିଲା।